ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା



The Official Journal of
Prachee Centre for
Cultural Relations

Prachee Patrika

ଫେବୃଆରୀ ୨୦୨୫
ମୂଲ୍ୟ : ୨୫ ଟଙ୍କା

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

ଖୁସିର ସହିତ ଜଣାଉଛୁ ଯେ,
ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।







## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# Prachee Centre for Cultural Relations(PCCR)
Niladri Vihar
Naya Bazar, Cuttack-753004


Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

## Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



**ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବବ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

# ପ୍ରାଚୀର ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

Vol.- 10, February 2025, Issue No. XI
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ଅଳଙ୍କରଣ :
**ବିଭୁପ୍ରସାଦ ନାୟକ**

ୱେବ ଡ଼ିଜାଇନର୍ :
ଶୁଭ୍ରାଂସୁ ଶତପଥି

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...


୧. ବିପ୍ଲବୀସନ୍ଥ ମତ୍ତକବି ବଳରାମଙ୍କ ସାର୍ବଭୌମିକ ଚେତନାର ଚିନ୍ମୟ 'ଚିତ୍ରୋତ୍ତର' ଲକ୍ଷ୍ମୀପୁରାଣ : ରଚନା, ବିରଚନା ଓ ବିବେଚନା
ସନ୍ତୋଷ କୁମାର ନାୟକ ୦୯

୨. ଏକବିଂଶ ଶତାବ୍ଦୀର ଜୀବନଗାଥା : 'ନଷ୍ଟନୀଡ଼ର ଉପକଥା'
ସୁବ୍ରତ ମାଝୀ ୨୬

୩. ଚିତ୍ରାର୍ପିତ ନୈବେଦ୍ୟ ଚନ୍ଦ୍ରଶେଖର ନନ୍ଦଙ୍କ ଚିତ୍ର
ସୁମନ୍ତ କୁମାର ଭୋଇ ୩୦

୪. "ଐତିହାସିକ ପ୍ରମାଣିକତାରୁ ଡ଼ଃ ମହତାବଙ୍କ 'ଦଶବର୍ଷର ଓଡ଼ିଶା', 'ଗାନ୍ଧିଜୀ ଓ ଓଡ଼ିଶା'"
ଅଜୟ କୁମାର ସାହୁ ୩୪

୫. ଗାଳ୍ପିକ ଚନ୍ଦ୍ରଶେଖର ରଥ ଏବଂ ପାରାମନସ୍ତ୍ୱ
ସ୍ୱପ୍ନାରଣୀ ସିଂ ୪୦

୬. ପରମ୍ପରା ଓ ଆଧୁନିକତା: ଏକ ଦୃଷ୍ଟିପାତ
ମନୋରଞ୍ଜନ ବିଷୋୟୀ ୪୫

୭. 'ବୁଲାଦାସ' – ସାମାଜିକ ଚରିତ୍ରର ଅନନ୍ୟ ରୂପକାର
ଜ୍ୟୋତିରଞ୍ଜନ ମହାନ୍ତି ୫୧

୮. ପ୍ରାକୃତିକ ବିପର୍ଯ୍ୟୟ ମୂଳକ ଚର୍ଚ୍ଚିତ ଉପନ୍ୟାସ : ବଢ଼ିପାଣିର ଦାନ୍ତ
ସିମ୍ରନ୍ ରାଉତ୍ ୫୬

୯. ସନ୍ଥକବି ଭୀମଭୋଇଙ୍କ ଭଜନମାଳା ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ
ବାପିନା ସ୍ୱାଇଁ ଏବଂ ଆଲୋକ ବରାଳ ୬୦

୧୦. ସାମାଜିକ ପ୍ରେକ୍ଷାପଟ୍ଟରେ ସାମ୍ପ୍ରଦାୟ ଓ ଓଡ଼ିଆ କ୍ଷୁଦ୍ରଗଳ୍ପ
ଶୁଭଶ୍ରୀ ଜେନା ୬୬

# ଜାତୀୟ ଶିକ୍ଷାନୀତି ୨୦୨୦ ଓ ଗାନ୍ଧିଜୀଙ୍କ ଭାଷାସ୍ୱପ୍ନ



"ସେ ଜୀବନ କାହିଁ ଆମେ ହଜି ଯାଇଛୁ ବଂଚି ରହିବା ଭିତରେ
ପ୍ରଜ୍ଞା କାହିଁ ଆମେ ଭୁଲି ଯାଇଛୁ ତାକୁ ଜ୍ଞାନର ଆହରଣରେ ?
ଜ୍ଞାନ କାହିଁ ଆମେ ହରାଇ ଦେଇଛୁ ତାକୁ ତଥ୍ୟ ସଂଗ୍ରହ ଭିତରେ ?"
(ପୋଡ଼ାଭୂଇଁ ଓ ଅନ୍ୟାନ୍ୟ କବିତା – ଜ୍ଞାନୀନ୍ଦ୍ର ବର୍ମା)

ଟି.ଏସ୍. ଇଲିଅଟ୍‌ଙ୍କ ଅନ୍ୟତମ ପ୍ରସିଦ୍ଧ କବିତା 'The Rock' ରୁ ଉଦ୍ଧୃତ ଅନୂଦିତ ଅଂଶଟି ଆଜି ସତ୍ୟ ବିବେଚିତ ହୋଇଛି। ସୂଚନାର ଗହଳି ଭିତରେ ଜ୍ଞାନ ଓ ପ୍ରଜ୍ଞା ହଜିଯାଇଛନ୍ତି। ସୂଚନା ତଥା ପ୍ରଯୁକ୍ତିବିଦ୍ୟା ଓ ଇଣ୍ଟରନେଟ୍‌ର ଦ୍ରୁତ ପ୍ରସାରଣମୟ ଯୁଗରେ ଶିକ୍ଷାର ମାଧ୍ୟମ ରୂପେ ମାତୃଭାଷାର ସ୍ଥାନ ଧୀରେ ଧୀରେ ସଂକୁଚିତ ହେବା ପାଇଁ ଆରମ୍ଭ କରିଛି। ସମଗ୍ର ବିଶ୍ୱର ଚିନ୍ତାନାୟକ, ମନୀଷୀ ଓ ଶିକ୍ଷାବିତ୍‌ମାନେ ମାତୃଭାଷାରେ ପ୍ରାଥମିକ ସ୍ତରର ଶିକ୍ଷାଦାନ ସଂପର୍କରେ ପୁନଃପୁନଃ ମତାମତ ପ୍ରଦାନ କରିଥିଲେ ହେଁ ସେସବୁ ଧୀରେ ଧୀରେ ପୋଥିବାଇଗଣରେ ପରିଣତ ହେବାକୁ ଲାଗିଛି। ଭାରତବର୍ଷର ଶିକ୍ଷାକ୍ଷେତ୍ରରେ ମାତୃଭାଷା ବା ଆଞ୍ଚଳିକ ଭାଷାର ଗୁରୁତ୍ୱ ବିଚାର ପଶ୍ଚାତରେ ଜାତିର ପିତା ମହାତ୍ମାଗାନ୍ଧିଙ୍କର ମହନୀୟ ଚିନ୍ତା କ୍ରିୟାଶୀଳ। ଯେଉଁ ବିଚାର ସଂପର୍କରେ ଉଲ୍ଲେଖ କରି ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଶ୍ରୀଯୁକ୍ତ ଗୋଲକ ବିହାରୀ ଧଳ କୁହନ୍ତି, "x x x ଆଞ୍ଚଳିକ ଭାଷା ହେଉଛି ଜନତାର ପ୍ରଥମ ପ୍ରୟୋଜନ। ଅନ୍ନବସ୍ତ୍ର ପରି ତାର ଦରକାର ନିଜର ଭାଷା। ସେଥିପାଇଁ ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବା ପାଇଁ ଯେମିତି ଡାକ ଦେଲେ, ଭାଷା କ୍ଷେତ୍ରରେ ସେମିତି ଇଂରେଜି ଛାଡି ମାତୃଭାଷାକୁ ସମୃଦ୍ଧ କରିବା ପାଇଁ ଘୋଷଣା କଲେ। ତାଙ୍କର ଡାକ ହେଲା କେନ୍ଦ୍ରଭାଷା ହେବ ହିନ୍ଦୀ ଓ ଭିନ୍ନ ଭିନ୍ନ ରାଜ୍ୟଗୁଡିକରେ ରାଜ୍ୟଭାଷା ହେବ ଆଞ୍ଚଳିକ ଭାଷା; ଅର୍ଥାତ୍ ରାଜ୍ୟ ଲୋକମାନଙ୍କର ମାତୃଭାଷା।" (ଓଡିଆ କେବେ – ପୃ.୧୧୬) କିନ୍ତୁ ଗାନ୍ଧିଜୀଙ୍କର ଭାଷାନୀତିକୁ ଆମେ ଉପଯୁକ୍ତ ରୂପରେଖ ଦେବାରେ ବିଫଳ ହେଲୁ। ଫଳତଃ ଆମ ସାଂସ୍କୃତିକ ଜୀବନଧାରାରେ ମଧ୍ୟ ଇଂରାଜୀ ଭାଷାକୁ ସାମିଲ୍ କରି ନେଲୁ। ଜାତୀୟ ଶିକ୍ଷାନୀତି – ୨୦୨୦ରେ ପ୍ରାଥମିକ ସ୍ତରରେ ଶିକ୍ଷାଦାନ କ୍ଷେତ୍ରରେ ମାତୃଭାଷାକୁ ଗୁରୁତ୍ୱ ପ୍ରଦାନ କରାଗଲା। ଅବଶ୍ୟ ଏହା ପୂର୍ବରୁ ମଧ୍ୟ ଏତାଦୃଶ ଉଦ୍ୟମ ଆରମ୍ଭ ହୋଇଥିଲା। ଆମ ସମ୍ବିଧାନର ଧାରା ୩୫୦(କ) ଅନୁଯାୟୀ ପ୍ରତ୍ୟେକ ରାଜ୍ୟର ଶିଶୁମାନଙ୍କୁ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଦେବା ନିମନ୍ତେ ଯତ୍ନଶୀଳ ଉଦ୍ୟମ କରିବା ନିମନ୍ତେ କୁହାଯାଇଛି। କୋଠାରୀ କମିଶନ୍ (୧୯୬୪–୬୬)ଙ୍କ ରିପୋର୍ଟରେ ଆଦିବାସୀ ବହୁଳ ଅଞ୍ଚଳଗୁଡିକରେ ପ୍ରାଥମିକ ଶିକ୍ଷାର ପ୍ରଥମ ଦୁଇଟି ବର୍ଷ ସେମାନଙ୍କର ଆଦିବାସୀୟ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ରହିଛି। ତୃତୀୟ ବର୍ଷରୁ ଆଞ୍ଚଳିକ ଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ଗ୍ରହଣ କରିବା ନିମନ୍ତେ କୁହାଯାଇଛି।

ଶିକ୍ଷା ଅଧିକାର ଆଇନ–୨୦୦୯ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଦାନର ମାଧ୍ୟମ ବିଦ୍ୟାଳୟ ସ୍ତରରେ ଆଞ୍ଚଳିକ ଭାଷା ରଖାଯିବା ବିଧେୟ ବୋଲି କୁହାଯାଇଛି। ତ୍ରିଭାଷା ସୂତ୍ର ସମ୍ପର୍କରେ ସର୍ବପ୍ରଥମେ କୋଠାରୀ କମିଶନ୍ କହିଥିଲେ ଏବଂ ୧୯୬୮ ମସିହାରେ ଭାରତ ସରକାର ଏହାର ପ୍ରୟୋଗ କରିଥିଲେ। ତଦନୁଯାୟୀ ମାତୃଭାଷା ବା ଆଞ୍ଚଳିକ ଭାଷା ହେଉଛି ପ୍ରଥମ ଭାଷା।

ହିନ୍ଦୀ ଭାଷାଭାଷୀ ଅଞ୍ଚଳଗୁଡିକରେ ଯେ କୌଣସି ଗୋଟିଏ ଆଧୁନିକ ଭାରତୀୟ ଭାଷା କିମ୍ବା ଇଂରାଜୀକୁ ଦ୍ୱିତୀୟ ଭାଷା ରୂପେ ଗ୍ରହଣ କରାଯିବ ଏବଂ ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଏହା ହିନ୍ଦୀ କିମ୍ବା ଇଂରାଜୀ ଭାଷା ହୋଇପାରିବ।

ଏହି କମିଶନ୍ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କରାଯିବା ଦ୍ୱାରା ପିଲାଟିର ବୋଧଶକ୍ତିର ସର୍ବୋତ୍ତମ ବିକାଶ ଘଟିଥାଏ ଏହା ଅନୁଭବ କରିଥିଲେ।

୧୯୮୬ ମସିହାର ଜାତୀୟ ଶିକ୍ଷାନୀତି ମଧ୍ୟ ତ୍ରିଭାଷା ସୂତ୍ରର ବାସ୍ତବ ରୂପାୟନ ନିମନ୍ତେ ପ୍ରଚେଷ୍ଟା କରିଥିଲେ। 'ଜାତୀୟ ପାଠ୍ୟକ୍ରମ ରୂପରେଖ' (୨୦୦୫) ବା 'National curriculum Frame Work' ମଧ୍ୟ ଏହି ବିଚାରଧାରାକୁ ଗ୍ରହଣ କରିଥିଲା। ଏ ସବୁ ସତ୍ତ୍ୱେ ପ୍ରାଥମିକ ସ୍ତରରୁ +୨ ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକର ବ୍ୟାପ୍ତି ଆମ ରାଜ୍ୟ କେବଳ ନୁହେଁ ସମଗ୍ର ଭାରତବର୍ଷକୁ ଇଂରାଜୀ ମାଧ୍ୟମ ଓ ଆଞ୍ଚଳିକ ମାଧ୍ୟମ ନାମକ ଦୁଇଟି ଭାଗରେ ବିଭକ୍ତ କରି ଦେଲା। କେବଳ ସେତିକି ନୁହେଁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଯେ ଧନୀକ ଗୋଷ୍ଠୀର ବିଦ୍ୟାର୍ଥୀମାନଙ୍କର ଅଧ୍ୟୟନର କ୍ଷେତ୍ର ଓ ଆଞ୍ଚଳିକ ମାଧ୍ୟମ ତଥା ସରକାରୀ ବିଦ୍ୟାଳୟ ଯେ ନିର୍ଦ୍ଧନ ଗୋଷ୍ଠୀର ଆଶ୍ରୟସ୍ଥଳ ଏପରି ଏକ କ୍ଷତିକାରକ ପ୍ରଭେଦ ମଧ୍ୟ ସୃଷ୍ଟି ହୋଇଗଲା। ବିଭିନ୍ନ ସରକାରୀ  ଯୋଜନା ମାଧ୍ୟମରେ ଖାଦ୍ୟ, ବସ୍ତ୍ର, ଆସବାବପତ୍ର ତଥା ସୌଧାଦିର ନିର୍ମାଣ ସାହାଯ୍ୟରେ ସେହି ଫଟାକାନ୍ଥରେ ପଲସ୍ତରା ବୋଳିବାର ସମସ୍ତ ପ୍ରୟାସ ମଧ୍ୟ ହାସ୍ୟାସ୍ପଦ ପ୍ରମାଣିତ ହେଲା କାରଣ ସମସ୍ୟାର ମୂଳ ସେସବୁ ଯୋଗାଣ ମଧ୍ୟରେ ନଥିଲା। ମୂଳକଥା ହେଉଛି ଆମ ସମାଜରେ ବିଭାଜନ ରହିବ ନାହିଁ। ପ୍ରତ୍ୟେକ ପିଲା ଏକ ରକମର ବିଦ୍ୟାଳୟକୁ ନ ଯାଆନ୍ତୁ ପଛକେ ଏକ ରକମର ଶୈକ୍ଷିକ ପ୍ରକ୍ରିୟା ମଧ୍ୟରେ ଶିକ୍ଷା ଆହରଣ କରିବେ। 'ଜାତୀୟ ଶିକ୍ଷାନୀତି-୨୦୨୦' - ଏହି ବିଭାଜନର ମୂଳୋତ୍ପାଟନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ 'ଜାତୀୟ ଶିକ୍ଷାନୀତି-୨୦୨୦' ମାର୍ଗଦର୍ଶିକାର ତୃତୀୟଭାଗ ସ୍ଥିତ ବାଇଶତମ ଅଧ୍ୟାୟର ଶୀର୍ଷକ ଭାରତୀୟ ଭାଷା, କଳା ଓ ସଂସ୍କୃତିର ପ୍ରୋତ୍ସାହନ। ଏଥିରେ କୁହାଯାଇଛି ଯେ ୫୦ ବର୍ଷ ମଧ୍ୟରେ ଆମ ଦେଶରୁ ୨୨୦ଟି ଭାଷା ଲୋପ ପାଇବା ପରେ ମଧ୍ୟ ଭାରତୀୟ ଭାଷାଗୁଡ଼ିକ ଉପରେ ଉପଯୁକ୍ତ ଧ୍ୟାନ ବା ଯତ୍ନ ଗ୍ରହଣ କରାଯାଇ ନାହିଁ। UNESCO ୧୯୭ ଗୋଟି ଭାରତୀୟ ଭାଷାକୁ ବିପଦାପନ୍ନ ଭାଷା ରୂପେ ଘୋଷଣା କରି ସାରିଛି। ଏତଦ୍‌ବ୍ୟତୀତ ଭାରତର ଅଷ୍ଟମ ସୂଚୀରେ ଥିବା ୨୨ ଗୋଟି ଭାଷା, ବିପଦାପନ୍ନ ଭାଷାସୂଚୀରେ ତାଲିକାଭୁକ୍ତ ନ ହୋଇଥିଲେ ମଧ୍ୟ ଗମ୍ଭୀର ସମସ୍ୟା ଦେଇ ଗତି କରୁଛନ୍ତି। ତେଣୁ ଭାରତୀୟ ଭାଷାରେ ଶିକ୍ଷାଦାନ ଓ ଶିକ୍ଷଣକୁ ବିଦ୍ୟାଳୟ ତଥା ଉଚ୍ଚଶିକ୍ଷାର ପ୍ରତ୍ୟେକ ପର୍ଯ୍ୟାୟରେ ସମନ୍ୱିତ କରାଯିବା ଆବଶ୍ୟକ। 'ଜାତୀୟ ଶିକ୍ଷାନୀତି - ୨୦୨୦' ଭାରତୀୟ ଆଧ୍ୟାତ୍ମିକ ପରମ୍ପରା, ଧର୍ମ, ଦର୍ଶନ, ଐତିହ୍ୟ, ଜ୍ଞାନ-କୌଶଳ ସର୍ବୋପରି ସାଂସ୍କୃତିକ ଜୀବନର ଅପରିହାର୍ଯ୍ୟତ୍ୱ ଅନୁଭବ କରି ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ସର୍ବନିମ୍ନ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କିମ୍ବା ଗ୍ରହଣୀୟ କ୍ଷେତ୍ରରେ ଅଷ୍ଟମ ଶ୍ରେଣୀ ବା ତତ୍-ଉର୍ଦ୍ଧ୍ୱ ଶ୍ରେଣୀରେ ମଧ୍ୟ ମାତୃଭାଷା/ ଆଞ୍ଚଳିକ ଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଗାନ୍ଧିଜୀ ଯଥାର୍ଥରେ କହିଥିଲେ, ଇଂରେଜୀ ଭାଷା ଏ ଦେଶରେ ଯଥା ସ୍ଥାନରେ ରହିବ। ତାର ସ୍ଥାନ ହେଉଛି ଆମ ବାଣିଜ୍ୟ-ବ୍ୟବସାୟ ଓ ବୈଦେଶିକ ମନ୍ତ୍ରଣାଳୟ। କିନ୍ତୁ ଏ ଜାତିର ସଂସ୍କୃତିକୁ ପ୍ରଭାବିତ କରିବାକୁ ତାକୁ ଦିଆଯିବ ନାହିଁ। ଜାତୀୟ ଶିକ୍ଷାନୀତି-୨୦୨୦ର ସଫଳ ରୂପାୟନ ଘଟିଲେ ଗାନ୍ଧିଜୀଙ୍କର ଭାଷାସ୍ୱପ୍ନ ସଫଳ ହୋଇପାରିବ।

**ଡକ୍ଟର ସଂଜିତା ମିଶ୍ର**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



## ଗଛ ଲଗାନ୍ତୁ * PLANT TREE

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



**ଗଛ ଲଗାନ୍ତୁ ❋ PLANT TREE**

DOI : https://doi.org/10.5281/zenodo.14914969 ମୂଳ ପ୍ରବନ୍ଧ

# ବିପ୍ଳବୀସନ୍ଥ ମଉକବି ବଳରାମଙ୍କ ସାର୍ବଭୌମିକ ଚେତନାର ଚିନ୍ମୟ 'ଚିତ୍ରୋତ୍ତର' ଲକ୍ଷ୍ମୀପୁରାଣ : ରଚନା, ବିରଚନା ଓ ବିବେଚନା

**ସନ୍ତୋଷ କୁମାର ନାୟକ**

**ସଂକ୍ଷିପ୍ତସାର :**

କୋଟି ଓଡ଼ିଆଙ୍କ ମଉଡ଼ମଣି, ବଡ଼ଓଡ଼ିଆଙ୍କ ପରିବାରର କାହାଣୀ ଇଯେ – 'ଲକ୍ଷ୍ମୀପୁରାଣ'। ଓଡ଼ିଆ ଜାତି, ମାଟି ଓ ଜାତୀୟତାର କଥା ଯେ। 'ଲକ୍ଷ୍ମୀପୁରାଣ' ଏକ ମୌଳିକ ଓଡ଼ିଆ ପୁରାଣର ବୈଶିଷ୍ଟ୍ୟ ରକ୍ଷାକ୍ରମେ ସମକାଳୀନ ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ଓ ରାଜନୀତିକ ସମସ୍ୟା ତଥା ଆବେଦନକୁ ପ୍ରତିଫଳିତ କରିଛି। ଓଡ଼ିଶାର ଜାତୀୟତା, ଭୌଗୋଳିକ ଚିତ୍ର, ଇତିହାସର ସ୍ପନ୍ଦନ, ସମାଜ ବ୍ୟବସ୍ଥାକୁ ପ୍ରାଧାନ୍ୟଦେଇ 'ଲକ୍ଷ୍ମୀପୁରାଣ' ଓଡ଼ିଆ ପ୍ରାଣରେ ସ୍ୱତନ୍ତ୍ର ସ୍ଥାନଲାଭ କରିପାରିଛି। 'ଲକ୍ଷ୍ମୀପୁରାଣ'ରେ ଏକରୈଖୀୟ ସମାଜକୁ ଓଲଟାଇ ଦିଆଯାଇଛି। ତଥାକଥିତ ପରମ୍ପରାକୁ ଚ୍ଯାଲେଞ୍ଜ୍ କରି ଏକ ନୂଆ ଗଢ଼ଣର ସୂତ୍ରପାତ କରାଯାଇଛି। ଏଠାରେ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହେଉଛି ଶ୍ରୀୟା ଚଣ୍ଡାଳୁଣୀ। ସେ ଜଣେ ସବଲ୍‌ଟର୍ଣ୍ଣ୍ ଚରିତ୍ର ବା ଦଳିତ ଚରିତ୍ର। ତା'ପରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହେଲେ ଦେବୀ 'ଲକ୍ଷ୍ମୀ'। ସେ ମଧ୍ୟ ନାରୀ ଭାବରେ ଜଣେ ସବଲଟର୍ଣ୍ଣ୍ ଚରିତ୍ର। ତୃତୀୟ ଗୁରୁତ୍ୱ ପୂର୍ଣ୍ଣ ଚରିତ୍ର ହେଲେ ଅନ୍ୟାନ୍ୟ ଗୌଣଚରିତ୍ର ବା ଦାସ-ଦାସୀ, ବେତାଳ ପ୍ରଭୃତି। କେହି କେହି ଏସବୁକୁ ସହାୟକ (କାରକ) ଚରିତ୍ର ବୋଲାଇପାରନ୍ତି ମଧ୍ୟ। ତତ୍‌ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହେଲେ ଶ୍ରୀଜଗନ୍ନାଥ ଏବଂ ତା' ପରବର୍ତ୍ତୀ ଚରିତ୍ର ହେଲେ ରକ୍ଷଣଶୀଳ, ବ୍ରାହ୍ମଣ୍ୟ – ପୁରୁଷ ସମାଜର ପ୍ରତିନିଧି ବଳରାମ। କିନ୍ତୁ ଯୁଦ୍ଧ ନ କରି କବି ଏହି ଆନ୍ଦୋଳନର ପରିଣତ ସବୁଜିମାରେ ପରିଣତ କରିଛନ୍ତି। ପୁରାଣର ଆବ୍ରୁ ତଳେ ଦୁରାରୋଗ୍ୟ ରୋଗବ୍ୟାଧି କଥା ଉଠାଇ ତା'ର ଚିହ୍ନଟୀକରଣଠାରୁ ନିରାକରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରି ଏକ ଅଦ୍ୱିତୀୟ କଳାକୃତି ଓ କୃତିତ୍ୱର ପରିଚୟ ଦେଇଛନ୍ତି କବି ବଳରାମ ଦାସ। 'ଲକ୍ଷ୍ମୀପୁରାଣ'ରେ ଶତାଧିକ ବିଜ୍ଞାନଭିତ୍ତିକ ଉପଦେଶ ଓଡ଼ିଆ ନାରୀକୁ ଅଧିକରୁ ଅଧିକ ମାର୍ଜିତ କରିବାକୁ ଦିଆଯାଇଛି। ଏକ ସୁସ୍ଥ ସମୃଦ୍ଧ ସମାଜଗଠନ ପାଇଁ 'ସାର୍ବଜନୀନ ସାମ୍ୟବାଦ'ର ଧ୍ୱଜା ଉଡ଼ାଇ ବଳରାମ ଦାସ ଏକ ମହାନ ସଂସ୍କୃତିର ପରିଚୟ ମାତ୍ର ପ୍ରଦାନ କରିଛନ୍ତି ଏହି ସୃଷ୍ଟିଟି ଦ୍ୱାରା।

**ପ୍ରମୁଖ ଶବ୍ଦାବଳୀ :**

ଚିତ୍ରୋତ୍ତର, ଉର୍ବରତା ମିଥ୍, ନାରୀ ଆର୍କିଟାଇପ୍, ସଭ୍ୟତା, ସଂସ୍କୃତି, ପରମ୍ପରା।

**ଉପୋଦ୍‌ଘାତ :** ଷୋଡ଼ଶ ଶତାବ୍ଦୀର ସାହିତ୍ୟକୁ ସାହିତ୍ୟର ଇତିହାସକାରମାନେ ସାଧାରଣତଃ ପଞ୍ଚସଖା ସାହିତ୍ୟ ବା ସନ୍ଥ (ଭକ୍ତି) ସାହିତ୍ୟ ନାମରେ ଅଭିହିତ କରିଥାଆନ୍ତି। କେହିକେହି ଏହାକୁ 'ଆଦି ମଧ୍ୟଯୁଗ' ବା 'ଆଦି ମଧ୍ୟଯୁଗୀୟ ସାହିତ୍ୟ' କହିଲାବେଳେ କିଛି ସାହିତ୍ୟ ଇତିହାସକାର ଏହାକୁ ସମକାଳୀନ ଗଜପତି ମହାରାଜଙ୍କ ନାମାନୁସାରେ ନାମିତ କରିଛନ୍ତି। ଏ ଉଭୟ ପ୍ରକାର ନାମକରଣର ଗୁରୁତ୍ୱ ଅନେକ। ସମକାଳୀନ ସାମାଜିକ-ଧାର୍ମିକ-ଦାର୍ଶନିକ ଓ ରାଜନୀତିକ ପରିବେଶ ଓ ପରିସ୍ଥିତି ଖାଲି ସେ ସମୟର ବ୍ୟକ୍ତିଗତ ଓ ସାମୂହିକ ଚିନ୍ତା-ଚେତନାକୁ

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :** https://pracheenews.com/

**DOI:** https://doi.org/10.5281/zenodo.14914969
Article No - BPP00262

**ଯୋଗାଯୋଗ : ଡକ୍ଟର ସନ୍ତୋଷ କୁମାର ନାୟକ,** ଓ. ଶି. ସେ-୧
ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ, ଅଧିସ୍ନାତକ ଓଡ଼ିଆ ବିଭାଗ,
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର-୧, ଓଡ଼ିଶା
**Email:** santoshonly123@gmail.com
**ORCID ID:** https://orcid.org/0000-0003-0089-9098

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୨.୨୦୨୪ | ୨୫.୦୧.୨୦୨୫ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ସନ୍ତୋଷ କୁମାର; ୨୦୨୫। ବିପ୍ଳବୀସନ୍ଥ ମଉକବି ବଳରାମଙ୍କ ସାର୍ବଭୌମିକ ଚେତନାର ଚିନ୍ମୟ 'ଚିତ୍ରୋତ୍ତର' ଲକ୍ଷ୍ମୀପୁରାଣ : ରଚନା, ବିରଚନା ଓ ବିବେଚନା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଟ; ପୃଷ୍ଠା :୯-୨୫।

ପ୍ରଭାବିତ କରୁ ନ ଥିଲା, ଅଧିକନ୍ତୁ ସେ ସମୟର ସାରସ୍ୱତ ବାତାବରଣକୁ ମଧ୍ୟ ଖୁବ୍ ପ୍ରଭାବିତ କରିଥିଲା। ତେଣୁ ଏହି ସମୟରେ ବଳରାମ-ଜଗନ୍ନାଥ-ଅଚ୍ୟୁତ-ଅନନ୍ତ-ଯଶୋବନ୍ତ ଦାସ ପ୍ରମୁଖଙ୍କ ସୃଷ୍ଟିରେ ଗୂଢ଼ ତତ୍ତ୍ୱ ଓ ଦର୍ଶନର ଭାର ଅନେକାଂଶରେ ଏହାର ସାହିତ୍ୟିକ ସୌକୁମାର୍ଯ୍ୟକୁ ପରାହତ କରିଛି ଓ ରସଗ୍ରାହୀ ରସିକତାରେ ବାଧା ସୃଷ୍ଟି କରିଛି। କିନ୍ତୁ ବଳରାମ ଦାସଙ୍କ ଅନେକ କୃତି ସେ ଦିଗରେ ସ୍ୱକୀୟ ସ୍ୱାତନ୍ତ୍ର୍ୟ ରକ୍ଷା କରିବା ସଂଗେସଂଗେ ଯଥାସମ୍ଭବ ତତ୍ତ୍ୱଭାର ସନ୍ତୁଳନ ସହ ରସାସ୍ୱାଦନ ନିମନ୍ତେ ପଥ ପରିଷ୍କାର କରିପାରିଛନ୍ତି। ତାଙ୍କର 'ଜଗମୋହନ ରାମାୟଣ' ହେଉ ବା 'ଲକ୍ଷ୍ମୀପୁରାଣ' ବା 'କାନ୍ତ କୋଇଲି' ହେଉ – ଏସବୁ ଏକ ଏକ ଅନିନ୍ଦ୍ୟ-ଅନୁପମ ସାହିତ୍ୟିକ ମୂଲ୍ୟଗର୍ଭକ ସମାଜ-ପୌରାଣିକ (socio-mythological) କୃତିବିଶେଷ ବୋଲି ଦୃଢ଼ କଣ୍ଠରେ କହିବାକୁ ହେବ। କିନ୍ତୁ ଏକଥା ଏଠାରେ ଅବଶ୍ୟ କହିବା ଦରକାର ଯେ, 'ଲକ୍ଷ୍ମୀପୁରାଣ' ବଳରାମ ଦାସକୃତ ଏକ ଅଦ୍ୱିତୀୟ ଅନୁପମ ବୈପ୍ଳବିକ ସାରସ୍ୱତ କୃତିବିଶେଷ ଅଟେ। ସମାଜର ଦୋଷ-ଦୁର୍ବଳତା, ସାମାଜିକ ରୋଗ-ବ୍ୟାଧି (societal malady), ପରମ୍ପରାଗତ ଦୋଷ, ମାନସିକ ଦାରିଦ୍ର୍ୟ ଓ ରୁଗ୍ଣ-ମାରାତ୍ମକ ମାନସିକତାର ନିଦାନ ସ୍ୱରୂପ ଅତ୍ୟନ୍ତ ଚମତ୍କାର ଶୈଳୀ ଓ ଉପଜୀବ୍ୟାଦିକୁ ଆଧାର କରି ସେ ଯେଉଁ ପ୍ଲଟ୍, ଚରିତ୍ର ଓ ଚରିତ୍ରାୟନ ସୃଷ୍ଟି କରିଗଲେ ତା'ର ପଟାନ୍ତର ନାହିଁ। ସେହି 'ଲକ୍ଷ୍ମୀପୁରାଣ'ର ପ୍ରଭାବ ଓ ପ୍ରସାରଦକ୍ଷତା ଆଜି କାହାକୁ ଅଛପା ନାହିଁ। ଗୋଟିଏ ସାହିତ୍ୟକୃତି ଲୋକ ସାହିତ୍ୟ ପରି ମୁଖରୁ ମୁଖକୁ ଆଜକୁ ୫୦୦ ବର୍ଷରୁ ଊର୍ଦ୍ଧ୍ୱକାଳ ହେଲାଣି କିପରି ଲୋକମାନସରେ ଗତି କରି ଆସିଛି – ତାହା ଲକ୍ଷ୍ୟ କରାଯାଉ। କିନ୍ତୁ ଏକଥା ସତ୍ୟ ଯେ, "ବୁଝ ନ ବୁଝ ପଢ଼ ଗୀତା ବା ରୁଚୁ ନ ରୁଚୁ ଖାଆ ପିତା" ନ୍ୟାୟରେ 'ଲକ୍ଷ୍ମୀପୁରାଣ'କୁ ପଢ଼ିଲେ ଚଳିବ ନାହିଁ। କାରଣ ଏହା ବଳରାମ ଦାସଙ୍କ ପରି ଜଣେ ମହାନ ବିପ୍ଳବୀ ସମାଜ ସଂସ୍କାରକ କବିପ୍ରତିଭାଙ୍କ ପ୍ରତି ଯଥୋଚିତ ମୂଲ୍ୟାୟନ ବା ନ୍ୟାୟ ହେବ ନାହିଁ।

କହିବା ବାହୁଲ୍ୟ ଯେ, ବଳରାମ ଦାସ ପ୍ରୋକ୍ତ ପଞ୍ଚସଖାଙ୍କ ମଧ୍ୟରେ ଥିଲେ ବୟୋଜ୍ୟେଷ୍ଠ। ଗୁରୁତ୍ୱପୂର୍ଣ୍ଣ କଥାଟି ଏହିକି ସେ ଉଭୟ ୧୫ଶ ଓ ୧୬ଶ ଶତାବ୍ଦୀର ଓଡ଼ିଶୀ ସମାଜ-ରାଜନୀତି-ଧର୍ମ-ଦର୍ଶନ ଓ ସାଂସ୍କୃତିକ ଭାବଧାରା ସହ ଓତପ୍ରୋତ ଭାବରେ ଜଡ଼ିତ ଥିଲେ। ବ୍ୟବସ୍ଥା ବା ସିଷ୍ଟମ୍ ଭିତରେ ରହି ସିଷ୍ଟମ୍ ବିରୁଦ୍ଧରେ କିଛି କହିବା ଅଥବା କରିବା ସହଜ କଥା ନୁହେଁ। ବଳରାମଙ୍କ ଅନ୍ୟାନ୍ୟ କ୍ଷୁଦ୍ର କଳେବର-ବିଶିଷ୍ଟ ରଚନାର ଆଖ୍ୟାନଭାଗରୁ ପାଠକ ବେଶ୍ ହୃଦୟଙ୍ଗମ କରିପାରେ ଯେ, ସେ କାଳରେ କଥାକଥାରେ କେତେ ପ୍ରକାରେ ଓ କେତେ ମାତ୍ରାରେ ରାଜରୋଷର କେମିତି କେତେବେଳେ ଶିକାର ହେବାକୁ ପଡ଼ିବ, ସେ କଥା ଆଦୌ କେହି କହିପାରିବେ ନାହିଁ। ଅଚିରେ କାରାବରଣ, ଫାଶି ବା ହତ୍ୟା ଦଣ୍ଡାଦେଶ ମିଳିବା ବିଚିତ୍ର ବା ଅସମ୍ଭବ ନ ଥିଲା। ପୁଣି ଅସୂୟା, ଈର୍ଷା, ଡର-ଭୟଜନିତ କୁତ୍ସାରଟନାଦିର ପ୍ରଭାବ ବା ଚଞ୍ଚକତା, ଶଠତା ପ୍ରଭୃତି ଅକାଳ ଅକାରଣ ରାଜରୋଷକୁ ଉତ୍ତେଜିତ କରିବାର ଦୃଷ୍ଟାନ୍ତ ବା ସମ୍ଭାବନା ମଧ୍ୟ କିଛି କମ୍ ନ ଥିଲା। ଏସବୁ ସତ୍ତ୍ୱେ ସେ ତୀବ୍ର ବିପ୍ଳବର ସ୍ୱର ଉଠାଇଛନ୍ତି। ମାତ୍ର ତାହା ସେ ଅତୀବ ଚମତ୍କାର ଶୈଳୀରେ ଚମତ୍କାର ମୋଟିଫ୍‌ମାନଙ୍କ ମାଧ୍ୟମରେ ଉପସ୍ଥାପନ କରିଛନ୍ତି। ଏହା ହିଁ ତାଙ୍କର 'ଲକ୍ଷ୍ମୀପୁରାଣ'ର 'ବିଶେଷକତତ୍ତ୍ୱ' ବା ବିଶେଷତ୍ୱ। 'ଲକ୍ଷ୍ମୀପୁରାଣ'ର ବୈପ୍ଳବିକ ମୁଦ୍ରା ଆଞ୍ଚଳିକ ନ ହୋଇ କଳାତ୍ମକ ଭାବରେ ଉତ୍ତୀର୍ଣ୍ଣ ଓ ଚାତୁର୍ଯ୍ୟପୂର୍ଣ୍ଣ ହୋଇ ସାର୍ବଭୌମିକ ଏବଂ ସାର୍ବକାଳୀକ ହୋଇପାରିଛି। ସବୁ ଭୂମିର କଥା କହିବା ସଙ୍ଗେସଙ୍ଗେ ଭୂମାର କଥା କହିବାକୁ ସେ ଭୁଲିଯାଇ ନାହାନ୍ତି। ବିବିଧ ସାମାଜିକ, ଦାର୍ଶନିକ ଓ ଆଧ୍ୟାତ୍ମିକ ସମସ୍ୟାମୂଳକ ପ୍ରଶ୍ନ ଓ ତା'ର ସମାଧାନସୂତ୍ରରେ ଉତ୍ତର ମଧ୍ୟ ପ୍ରଦାନ କରିଛନ୍ତି କାଳୋତ୍ତୀର୍ଣ୍ଣ ଓ କଳୋତ୍ତୀର୍ଣ୍ଣ କବି ବଳରାମ ଦାସ। ଏଣୁ ଯଥାର୍ଥରେ ଏହି ସୃଷ୍ଟିଟି ଏକପ୍ରକାର 'ଚିତ୍ରୋତ୍ତର' ବୋଲି କୁହାଯାଇ ପାରେ। "It is an artistic composition which is the question and the answer, the problem and the solution, our inquiry and answer, the riddle and response, and a predicament and penacea at the same time." ଏଣୁ ଯଥାର୍ଥରେ ଏହା ଏକ ଉତ୍ତୀର୍ଣ୍ଣ ଚିତ୍ରୋତ୍ତରର ଚିରନ୍ତନ ଚରିତ ବିଶେଷ ଅଟେ। 'ଲକ୍ଷ୍ମୀପୁରାଣ' ଏପରି ସ୍ମରଣୀୟ ହେବାର କାରଣ ଏହାର ସ୍ରଷ୍ଟାଙ୍କ ସମୟ ଓ ସମାଜ ସଚେତନତା ଏବଂ ସାମୂହିକ ସଂସ୍କାରବାଦୀ ମନୋଭାବ। 'ଲକ୍ଷ୍ମୀପୁରାଣ'ର ହୃଦୟସ୍ପର୍ଶିତା ଓ ସୁଦୂରପ୍ରସାରୀ ପ୍ରଭାବବତ୍ତାର ଅନ୍ୟତମ କାରଣ ହେଉଛି ସମାଜ-ସଂସ୍କୃତି ଓ ସଭ୍ୟତାର ପରିଚୟାତ୍ମକ ମିଥ୍ ପ୍ରୟୋଗ। ଯେକୌଣସି ସଭ୍ୟତା ବା ଯେକୌଣସି ସଂସ୍କୃତି ତା'ର ଜୀବନଧାରଣ ପାଇଁ ଯେଉଁ କେତୋଟି ପ୍ରମୁଖ ତଥା ଅତ୍ୟାବଶ୍ୟକୀୟ ଓ ଅପରିତ୍ୟଜ୍ୟ ମିଥ୍ ବା ଆର୍କିଟାଇପ୍‌ର ନିର୍ମାଣ କରିଥାଏ, ତନ୍ମଧ୍ୟରୁ ମଣିଷର ଖାଦ୍ୟ-ବସ୍ତ୍ର-ବାସଗୃହ ପରି ମୌଳିକ ଚାହିଦାଧାରିତ ମିଥ୍ ବା ମିଥିକାଲ୍ ଚରିତ୍ର ଅନ୍ୟତମ। ସେହିପରି ଗୋଟିଏ ଦେବୀଚରିତ୍ର ପ୍ରାୟ ସମସ୍ତ ଆଦି ସଭ୍ୟତାରେ ଦେଖାଯାଇଛି। ତାହା ହେଉଛି 'ଉର୍ବରତା ମିଥ୍' ଆଧାରିତ ଦେବଦେବୀ ଚରିତ୍ର ବିଶେଷ। 'ଲକ୍ଷ୍ମୀପୁରାଣ' ସେହି ବିଶେଷ ଦୃଷ୍ଟିରୁ ଅନନ୍ୟ-ଅନୁପମ।

### 'ଲକ୍ଷ୍ମୀପୁରାଣ'- ପାଠ ଓ ପ୍ରପାଠ:

ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ପାଠ କରିବାଦ୍ୱାରା କବିଙ୍କ ସଂସ୍କାରବାଦୀ ମନୋଭାବ ସହ ପରିଚିତ ହେବା ସଙ୍ଗେସଙ୍ଗେ ନାରୀର ତତ୍କାଳୀନ ସାମାଜିକ-ଆର୍ଥନୀତିକ ଓ ରାଜନୀତିକ ପରାଧୀନତା ଓ ଦୁରବସ୍ଥାକୁ ପାଠକ ମର୍ମେମର୍ମେ ଅନୁଭବ କରିଥାଏ। ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳରାମଙ୍କ ଦୁର୍ଦ୍ଦିନ-ଦୁରବସ୍ଥା ଓ ଲକ୍ଷ୍ମୀଙ୍କ ବିତ୍ତୀୟ ସ୍ଥିରତା

(financial stability) କିପରି ବିପରୀତ ସମାନୁପାତୀ (inversely proportionate) ପ୍ରମାଣିତ ହୋଇଛି – ତାହାର ଏକ ସମାଜ-ଆର୍ଥନୀତିକ ଅବଧାରଣା ପାଠକ ପ୍ରାପ୍ତ ହୋଇଥାଏ। ଲକ୍ଷ୍ମୀପୁରାଣରୁ ବଳରାମଙ୍କ ବିପ୍ଳବର ସବୁଜ ଚେହେରା ଓ ବୌଦ୍ଧିକ ସ୍ୱାତନ୍ତ୍ର୍ୟ ସହ ସଂସ୍କାରବାଦୀ ସନ୍ଥତ୍ୱ ସଂପର୍କରେ ଅବହିତ ହେବାର ସୁଯୋଗ ମିଳିଥାଏ। ତତ୍କାଳୀନ ଉତ୍କଳୀୟ ନାରୀର ବିପର୍ଯ୍ୟସ୍ତ ପାରିବାରିକ ସ୍ଥିତି ସଂପର୍କରେ ଏକ ସ୍ପଷ୍ଟ ଅବଗତି ମିଳିବା ସହ ସମକାଳୀନ ସମାଜର ଉତ୍କଟ ଜାତିବାଦୀ ମନୋବୃତ୍ତି, ତଜ୍ଜନିତ ସାମାଜିକ ସମସ୍ୟା ଓ ତା'ର ସୁସ୍ଥ ସମାଧାନ ପନ୍ଥା ପ୍ରଭୃତି ମିଳିବା ଏହି ଟେକ୍ସଟ୍‌ର ଅନ୍ୟତମ ବୈଶିଷ୍ଟ୍ୟ। ତତ୍କାଳୀନ ସମାଜରେ ଓ ଶ୍ରୀମନ୍ଦିରରେ ବ୍ରାହ୍ମଣ୍ୟବାଦୀ ଆଚାର – ବିଚାର ଓ ବ୍ୟଭିଚାର କିପରି ଉଗ୍ର ଓ ତୀବ୍ର ରୂପ ଧାରଣ କରିଥିଲା ଏବଂ ତଥାକଥିତ ସାମାଜିକ ଉଚ୍ଚଜାତି ବା ସବର୍ଣ୍ଣମାନଙ୍କର ଗୁହ୍ୟାଭୀପ୍ସା ବା ବ୍ୟକ୍ତିଗତ ସ୍ୱାର୍ଥକୈନ୍ଦ୍ରିକ ପ୍ରଚ୍ଛନ୍ନାକାଂକ୍ଷା ଆଧାରରେ ବିବିଧ ଭିତ୍ତିହୀନ ବା ଫେକ୍ ରିଚୁଆଲ୍ ତଥା ଭଣ୍ଡପରଂପରା ସୃଷ୍ଟି ହୋଇ କିପରି ସୁଚିନ୍ତିତ ଭାବରେ Social Ecosystem ବା ସାମାଜିକ ପରିସଂସ୍ଥା ଓ ସାମାଜିକ ଶୃଙ୍ଖଳକୁ ଭାଙ୍ଗି ସାମୂହିକ ଭାରସାମ୍ୟ ବିଗାଡ଼ିବାକୁ ବା ହରାଇବାକୁ ଉଦ୍ୟତ ହୋଇଥିଲା – ତାହାର ଏକ ସ୍ପଷ୍ଟଚିତ୍ର ଏଠାରେ ଲକ୍ଷ୍ୟ କରିହେବ। ଓଡ଼ିଆ ଘରଣୀଟିଏର ଆଦର୍ଶ ଚଳିଚଳଣି, ଆଚାର ବ୍ୟବହାର, ପ୍ରଚ୍ଛଦ – ପ୍ରସାଧନ, ଆଚରଣ – ଉଚ୍ଚାରଣ ଓ ପରିସ୍ଥିତି ସହ ତା'ର ଉଚିତ୍ ମୁକାବିଲା କରିବା କଳା ଓ କୌଶଳ ସଂପର୍କରେ ଏଠାରେ ଏକ ଚିରସ୍ମରଣୀୟ ଚିତ୍ର ଦେଖିବାକୁ ମିଳେ। ଏଥିରୁ ଯେକୌଣସି କାଳର ପାଠକକୁ ଓଡ଼ିଶାର ସାଂସ୍କୃତିକ ଓ ଧାର୍ମିକ ପରମ୍ପରାର ଅତୁଳନୀୟ ମ୍ୟାଟ୍ରିକ୍ସକୁ ଅନୁଭବ କରିବା ନିମନ୍ତେ ଲକ୍ଷ୍ମୀ ସାଆନ୍ତାଣୀ, ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କ ପରି ଚରିତ୍ରମାନେ ସବୁବେଳେ ତତ୍ପର ଓ ମୁଖର। ଲକ୍ଷ୍ମୀପୁରାଣର ଆଉ ଏକ ବିଶେଷତ୍ୱ ହେଉଛି ନାରୀ-ପୁରୁଷର ସମାନତା ପ୍ରତି ପରୋକ୍ଷ ଦାବୀଦାରିତା। ଜାତିବାଦ ପରି ସାମାଜିକ ଓ ମାନସିକ ବ୍ୟାଧି ବା ମହାମାରୀର ସମାଧାନ ସୂତ୍ର ପ୍ରସ୍ତୁତି ସହିତ 'ସ୍ୱଚ୍ଛତା ହିଁ ଈଶ୍ୱରତା' (Cleanliness is godliness)ର ଶିକ୍ଷା ଓ ସଚେତନତା ସୃଷ୍ଟି କରିବା 'ଲକ୍ଷ୍ମୀପୁରାଣ'ର ଅନ୍ୟତମ ଅଭିବ୍ୟକ୍ତି ଓ ଅନନ୍ୟ ମୁଦ୍ରା (Gesture)। ଏହାକୁ ପାଠକଳାପରେ ଏକ 'ସର୍ବଭାରତୀୟ ପୌରାଣିକ ପରମ୍ପରା' ଓ 'ଉତ୍କଳୀୟ ପୌରାଣିକ ପରମ୍ପରା' ସହ ସାକ୍ଷାତ୍ ହେବା ସହ ସଚେତନ ପାଠକ ବିଭିନ୍ନ ଭୂଖଣ୍ଡର, ବିଭିନ୍ନ ସମୟଖଣ୍ଡ ଓ ବିଭିନ୍ନ ସଂସ୍କୃତିର ପରମ୍ପରା ସହ ଏକ ତୁଳନାତ୍ମକ ଅବବୋଧ ପ୍ରାପ୍ତ ହେବାର ସୁଯୋଗ ଅବଶ୍ୟ ଲାଭ କରିଥାଏ।

ଜୀବନଧାରା ଓ ସଭ୍ୟତା ପରସ୍ପର ନିବିଡ଼। ଜୀବିକା, ବିକାଶ ଓ ନବୀଭବନ ଚିରାଚରିତ ଜୀବନଧାରା ବା ଯେ କୌଣସି ସଭ୍ୟତାର ମୌଳିକ ଆଧାରତ୍ରୟୀ। Civilizations rely on fertile land, water and resources for Survival. ସେଥିପାଇଁ ସେହି ସଭ୍ୟତା ନିଜର ବୌଦ୍ଧିକ, ଭୌତିକ ଓ ମାନସିକ ବିକାଶ ସକାଶେ ଉର୍ବରତାର ଦେବୀ (Fertility Goddess) ମାନଙ୍କୁ ନିଜର ଧର୍ମୀୟ ଓ ସାଂସ୍କୃତିକ ଦର୍ଶନ ବା ଚେତନାରେ ସ୍ଥାନ ଦେଇଛି। ଏକ ନିରନ୍ତର ଅବାଧ ବିକାଶକୁ ନିଶ୍ଚିତ କରିବା ପାଇଁ ମାନବଜାତିର ଏ ପ୍ରୟାସ। ସଂସ୍କୃତି ଓ ଉର୍ବରତା (Fertility) ପରସ୍ପର ନିବିଡ଼। କୃଷିଚକ୍ର, ପରିବାର ଓ ବଂଶପରମ୍ପରା, ଓ ଗୋଷ୍ଠୀଗତ ମନୋଭାବ ଏଥିରେ ପ୍ରମୁଖଭୂମିକା ନିର୍ବହଣ କରିଥାଏ। ଅଧିକାଂଶ ସଂସ୍କୃତି ଉର୍ବରତା ଉତ୍ସବକୁ ଅମଳ (Harvest) ସହ ସମତାଳୀୟ ଓ ସମକାଳୀୟ କରିଥାଆନ୍ତି। ପୁଣି ଉର୍ବରତା ଦେବୀ ପରିବାର ସୂତ୍ରଟିକୁ ପ୍ରସ୍ରୋହିତ ଓ ପ୍ରବର୍ତ୍ତିତ କରିଥାଆନ୍ତି। ଏବଂ ଏହି ସାମୂହିକ ସାଂସ୍କୃତିକ ପରମ୍ପରା ସାମାଜିକ ବନ୍ଧନକୁ ଦୃଢ଼ତର କରିଥାଏ। ଗୋଟେପଟରେ Shared cultural practices social bondsକୁ reinforce କଲାବେଳେ ଧର୍ମୀୟ ଓ ସାଂସ୍କୃତିକ ଭାବଧାରା କ୍ରମେ ଉର୍ବରତାର ଦେବୀମାନେ (Fertility Goddesses) ସଂପୃକ୍ତ ପରିବାର ଓ ବଂଶଲତାକୁ ସମୃଦ୍ଧି ପ୍ରଦାନ କରିଥାଆନ୍ତି। ସମସ୍ତ ସଭ୍ୟତା ସେଥିପାଇଁ ମିଥ୍ ନିର୍ମାଣ କରନ୍ତି, 'ଦେବୀ ବା ଦୈବୀଶକ୍ତି ଆର୍କିଟାଇପ୍' ସୃଷ୍ଟି କରନ୍ତି ଯାହା ନାରୀତ୍ୱ (Femininity), ଉର୍ବରତା (Fertility ) ଏବଂ କ୍ଷମତା (Power)କୁ ପ୍ରତିନିଧିତ୍ୱ କରିଥାଏ। ଏହାପାଇଁ ସେହି ସଭ୍ୟତା ବିବିଧ ରିଚୁଆଲ୍, ଉତ୍ସବ ପ୍ରଭୃତି ଆୟୋଜନ କରିବାର ଓ ପାଳନ କରିବାର ବ୍ୟବସ୍ଥା କରିଥାଏ। ତେଣୁ ସେ ସେହି Fertility goddess ବା ଉର୍ବରତାର ଦେବୀଙ୍କୁ ସମ୍ମାନ କରେ, ଭକ୍ତି କରେ, ଶ୍ରଦ୍ଧାକରେ ଓ ନିଜର ବିକାଶ ତଥା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାର ବ୍ୟବସ୍ଥା କରେ। କୁହୁକ (Magic), ଉର୍ବରତା (Fertility) ଓ ସୁରକ୍ଷା (Protection)ର ଇଜିପ୍ଟୀୟ ଦେବୀ 'ଆଇସିସ୍', କୃଷି, ଉର୍ବରତା ଓ ଅମଳ (Agriculture, Fertility and Harvest)ର ଗ୍ରୀକ୍ ଦେବୀ 'ଡିମିଟର୍', ପୃଥିବୀ (Earth), Fertility ବା ଉର୍ବରତା, ଓ ପ୍ରକୃତି (Nature)ର ଗ୍ରୀକ୍ ଦେବୀ 'ଗାଇୟା', ପ୍ରେମ, ଉର୍ବରତା ଓ ବିବାହର ନର୍ଡିୟ ଦେବୀ 'ଫ୍ରିଗ୍', ଯୋରୁବାର ପ୍ରେମ, ସୌନ୍ଦର୍ଯ୍ୟ ଓ ଉର୍ବରତାର ଦେବୀ 'ଓଶୁନ୍', ସଂପଦ, ଉର୍ବରତା ଓ ସୌଭାଗ୍ୟର ହିନ୍ଦୁ ଦେବୀ 'ଲକ୍ଷ୍ମୀ' ବା ଜୀବନ, ମୃତ୍ୟୁ ଓ ପୁନର୍ଜନ୍ମର ଆଜ୍‌ଟେକୀୟ ଦେବୀ 'କୋଟ୍‌ଲିକ୍ୟୁ' (Coatlicue) ଏହି ଜାତୀୟ ମିଥିକାଲ୍ ପ୍ରତ୍ୟୟର ଫଳପ୍ରସୂ ବିବିଧ ସଭ୍ୟତା ଓ ସଂସ୍କୃତିର, ସାରା ପୃଥିବୀର – ବିବିଧ ଭୂଖଣ୍ଡର। ତା'ଛଡ଼ା ବିଭିନ୍ନ ସଭ୍ୟତାରେ ଉର୍ବରତା ସଂସ୍କୃତି (Fertility cult)ର ଗୁରୁତ୍ୱ ମଧ୍ୟ ରହିଛି। ପ୍ରାଚୀନ ମେସୋପଟାମିଆ ସଭ୍ୟତାରେ Inanna ଓ

Ishtarଙ୍କୁ ଏହି ସୂତ୍ରରେ ପୂଜାର୍ଚ୍ଚନା କରୁଥିଲାବେଳେ ପ୍ରାଚୀନ ଇଜିପ୍ଟ ସଭ୍ୟତାରେ ଆଇସିସ୍ (Isis) ଓ ଓସିରିସ୍ (Osiris) ମିଥ୍ ଉର୍ବରତାକୁ ସୂଚିତ ଓ ପ୍ରତୀକିତ କରିଥାଏ । ତା'ଛଡ଼ା କ୍ଲାସିକାଲ୍ ଗ୍ରୀସ୍‌ରେ ଡିମିଟର (Demetor) ଏବଂ Persephoseଙ୍କ ମିଥ୍ ଋତୁଚକ୍ରର ସୂଚନା ପ୍ରଦାନ କରିବା ସହ ଉର୍ବରତାର କଥା ସହ ଜଡ଼ିତ । ସେହିପରି ଆଫ୍ରିକୀୟ ଭୂଖଣ୍ଡରେ ୟୋରୁବା Orishas ଠିକ୍ ଓଶୁନ୍ (Oshun) ପରି ଉର୍ବରତା ସହ ସଂଶ୍ଳିଷ୍ଟ । ପ୍ରକାଶ ଥାଉକି, ସଂଗୀତ, ସାହିତ୍ୟ ଓ ଚିତ୍ରକଳା, ସ୍ଥାପତ୍ୟକଳା ବା ଭାସ୍କର୍ଯ୍ୟକଳାରେ ଉର୍ବରତାଦେବୀଙ୍କ ପ୍ରତୀକାତ୍ମକ ଉପସ୍ଥାପନା ଦେଖିବାକୁ ମିଳେ । ସେମିତି ବିବିଧ ଗଳ୍ପ, କବିତା ଆଦି ସାହିତ୍ୟିକ ରଚନାରେ ଏହା ଆର୍କିଟାଇପ୍‌ର ସ୍ଥାନ ଲାଭ କରିଆସିଛି । ତା'ଛଡ଼ା ବିଭିନ୍ନ ସର୍ଜନାତ୍ମକ କଳାରେ ଏହି ଉର୍ବରତାର ଦେବୀ ଉପଜୀବ୍ୟ ପାଲଟି ଯାଇଥିବାର ନଜିର୍ ରହିଛି । ଆଧୁନିକ କାଳରେ Environmentalism, Feminism ଓ Cultural Heritage ପରି ବିବିଧ ଥିମ୍‌ରେ, ଏହା ଗୁରୁତ୍ୱ ରକ୍ଷା କରେ । ଦୃଷ୍ଟାନ୍ତ ସ୍ୱରୂପ : ଉର୍ବରତାର ଦେବୀ ପାରିବେଶିକ ଓ ପରିସଂସ୍ଥାଗତ ସମନ୍ୱୟକୁ ସୂଚାଇଲାବେଳେ ନାରୀ ଆର୍କିଟାଇପ୍ ବା ଆଦିରୂପଦ୍ୱାରା ସଶକ୍ତିକରଣକୁ ସୂଚାଇଥାଏ । ସେମିତି ପାରମ୍ପରିକ ପ୍ରଥାର ପ୍ରଚଳନଦ୍ୱାରା ସାଂସ୍କୃତିକ ଐତିହ୍ୟ ମଧ୍ୟ ରକ୍ଷା ହୋଇଥାଏ । ଆଫ୍ରିକାର ୟୋରୁବା ଧରିତ୍ରୀ ଦେବୀ (Yoruba Earth goddess) ଉର୍ବରତା, ସର୍ଜନା ଓ ମାତୃତ୍ୱର ଦେବୀ 'ଓଡୁଡୁଆ' (Odudua), ଅଥବା ଝଡ଼ ଓ ଉର୍ବରତାର କାରିକା ତଥା ଉର୍ବରତା, କୃଷି ଓ ପରିବର୍ତ୍ତନର ଦେବୀ 'ଓୟା', ତଥା ପ୍ରେମ, ସୌନ୍ଦର୍ଯ୍ୟ, ଓ ଉର୍ବରତାର ଦେବୀ ଓସନ୍ (Osun) ବା ସମୁଦ୍ର, ସୁରକ୍ଷା, ଲାଳନପାଳନ ଓ ଉର୍ବରତାର ଦେବୀ 'ୟେ ମୟା' (Yemaya)ଙ୍କ ପରି ହିନ୍ଦୁ ଦେବୀ ଓ ଓଡ଼ିଶାର ପ୍ରତିଘର ଓ ପ୍ରତିମନର ରାଣୀ ଓ ଠାକୁରାଣୀ ହେଉଛନ୍ତି ଦେବୀ ଲକ୍ଷ୍ମୀ । ଏପରିକି ନିଜନିଜର ଘରେ ଝିଅଟିଏ ଜନ୍ମ ନେଲେ ତାକୁ ଲକ୍ଷ୍ମୀର ଦର୍ଜା ଦିଆଯାଏ । ବୋହୂଟିଏକୁ ମଧ୍ୟ ଘରର ଲକ୍ଷ୍ମୀବୋଲି ମାନାଯାଇଥାଏ । ଘରର ନାରୀଟିଏର ମନକଷ୍ଟ ହେଲେ ଦେବୀ ଲକ୍ଷ୍ମୀରୁଷ୍ଟ ହେବାର ଲୋକବିଶ୍ୱାସ ମଧ୍ୟ ରହି ଆସିଛି । ଅବଶ୍ୟ ଏହାପାଇଁ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ର ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନୁହେଁ । John S. Mbitiଙ୍କ "Yoruba Mythology" ପାଠକଲେ ବା Frank Wilett ଓ Toyin Falola ପ୍ରମୁଖଙ୍କ ୟୋରୁବା ଇତିହାସ, ମିଥ୍, ପରମ୍ପରା ଓ ସଂସ୍କୃତି ତଥା ପ୍ରାଚୀନ ସଭ୍ୟତା ସଂକ୍ରାନ୍ତୀୟ ପୁସ୍ତକ ପାଠପରେ ଦେବୀ 'ଲକ୍ଷ୍ମୀ'ଙ୍କ ପ୍ରତି ଦୃଷ୍ଟିକୋଣ ସଂପୂର୍ଣ୍ଣ ବଦଳିଯାଏ । ମନେହୁଏ, ଏ ଯେ, ଆମ ସମୃଦ୍ଧି ସହ ଆମ ଜୀବନର ଦେବୀ !

ଓଡ଼ିଆ ପୁରାଣ ପରମ୍ପରାରେ 'ଲକ୍ଷ୍ମୀପୁରାଣ' ଏକ ଅନନ୍ୟ ପଦଚିହ୍ନ ଓ ଅନବଦ୍ୟ କୃତିବିଶେଷ ଅଟେ । ଆୟତନ ଦୃଷ୍ଟିରୁ ଏହା ଖୁବ୍ କ୍ଷୁଦ୍ର । ଦୁଇପାଦ ବିଶିଷ୍ଟ ମାତ୍ର ୬୬୩ (ଛଅ ଶହ ତେଷଠି) ଗୋଟି ପଦରେ ଏହି ଗ୍ରନ୍ଥର ଅବୟବ ପୁଷ୍ଟ ହୋଇଛି । ଗ୍ରନ୍ଥଶେଷରେ ଲକ୍ଷ୍ମୀମାତାଙ୍କ ଶ୍ରୀପାଦ ଯୁଗଳ ସହ ଏକ ଝୋଟି ବିଶେଷ ଥିଲାବେଳେ ଗ୍ରନ୍ଥାରମ୍ଭରେ ବିଘ୍ନନାଶକ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କୁ ବନ୍ଦନା କରାଯାଇଛି ଗୋଟିଏ ଧାଡ଼ିରେ । ସମୁଦାୟ ୧୩୨୬ ପାଦରେ ଏହି ଗ୍ରନ୍ଥ ସମାପିତ ହୋଇଛି । ଗ୍ରନ୍ଥଟି କ୍ଷୁଦ୍ର ହେଲେ ହେଁ ଓଡ଼ିଶା ତଥା ଭାରତର ତତ୍କାଳୀନ ଧାର୍ମିକ, ଦାର୍ଶନିକ, ପୌରାଣିକ, ଲୋକକଳା, ସାମାଜିକ, ସାଂସ୍କୃତିକ ପରମ୍ପରାର ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟ ତହିଁରେ ପ୍ରତିଫଳିତ ହୋଇପାରିଛି ବୋଲି କୁହାଯାଇପାରେ । ବିଶିଷ୍ଟ ସମାଲୋଚକ ଦାଶରଥି ଦାସଙ୍କ ଭାଷାରେ – "ଲକ୍ଷ୍ମୀପୁରାଣ ଓଡ଼ିଶାର ସଂସ୍କୃତିର ଯଥାର୍ଥ ଏକ ପ୍ରତିନିଧି ସ୍ଥାନୀୟ ରଚନା । ଏଥିରେ ଭାରତୀୟ ସଂସ୍କୃତିର ପରମ୍ପରା, ହିନ୍ଦୁଧର୍ମ, ସାହିତ୍ୟ, ଦର୍ଶନ, ଓ ପୁରାଣ ସହିତ ଓଡ଼ିଶାର ଜଗନ୍ନାଥ ମନ୍ଦିର, ମହାପ୍ରସାଦ, ପ୍ରଧାନ ଉତ୍ପାଦନ ଧାନ, ଶସ୍ୟଲକ୍ଷ୍ମୀ, ଲୋକକଥା, ଲୋକବିଶ୍ୱାସ, ଲୋକ ସଂସ୍କାର, ଧର୍ମଚିନ୍ତା, ସମାଜଚିନ୍ତା, ବର୍ଣ୍ଣବ୍ୟବସ୍ଥା, ସାହିତ୍ୟ, ଇତିହାସ, ଦେଶାଚାର, ଲୋକାଚାର, ସ୍ତ୍ରୀଆଚାରଠାରୁ ଆରମ୍ଭ କରି ଲୋକବିଚାର, ଲୋକରୁଚି, ସୌନ୍ଦର୍ଯ୍ୟବୋଧ, ଲିପାପୋଛା, ଝୋଟିଚିତାର ଶିଳ୍ପକଳା, ପରିଷ୍କାର ପରିଚ୍ଛନ୍ନତା ଓ ଘରଣୀର କର୍ମତତ୍ପରତା ଆଦି ପର୍ଯ୍ୟନ୍ତ ସବୁ ମିଶିଯାଇ ଏକ ବୃହତ୍ତମ ଐକ୍ୟର ପରିପ୍ରେକ୍ଷୀରେ ଏମିତି ସୂତ୍ରବଦ୍ଧ ହୋଇଯାଇଛନ୍ତି ଯେ, ଓଡ଼ିଶାର ସଂସ୍କୃତି ଯେମିତି ଫୁଲ ହୋଇ ଫୁଟିଛି ।" ଆମେରିକାର କର୍ଣ୍ଣେଲ୍ ବିଶ୍ୱବିଦ୍ୟାଳୟର ପ୍ରଥିତଯଶା ପ୍ରଫେସର ସତ୍ୟପ୍ରକାଶ ମହାନ୍ତି ଏହି 'ଲକ୍ଷ୍ମୀପୁରାଣ' ସଂପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧ ରଚନା କରିଛନ୍ତି । ସେହି ପ୍ରବନ୍ଧଟିର ନାମ "Alternative Modernities and Medieval Indian Literature : The Odia Laxmi Purana as Radical Pedagogy," ଯାହା ଯେତିକି ମନନଧର୍ମୀ ସେତିକି ସ୍ୱତନ୍ତ୍ର ଓ ଦୃଷ୍ଟିଆକର୍ଷଣକାରୀ ।

'ଲକ୍ଷ୍ମୀପୁରାଣ' ଲକ୍ଷ୍ମୀବ୍ରତରେ ଧାନମାଣିକା ଗୁରୁବାରମାନଙ୍କରେ ପ୍ରତିଟି ଓଡ଼ିଆ ଘରେ ବିବାହିତା ଶୌଚନାରୀ ପାଳନ କରିଥାନ୍ତି । ମୃତିକିଆ-ସୂତିକିଆ ଜନିତ ଅଶୁଦ୍ଧି ବା ଅଶୁଚି ଥିଲେ ସେ ଘରେ ଅନ୍ୟ ବ୍ରତ-ଓଷା ପରି ଏହା ମଧ୍ୟ ପାଳନ କରାଯାଇନଥାଏ । ତେବେ ଓଡ଼ିଶା ପରି କୃଷି ପ୍ରଧାନ ରାଜ୍ୟରେ ଏହା ଏକ ଅନ୍ୟତମ 'ଶସ୍ୟବ୍ରତ' । ଗ୍ରୀକ୍ ମିଥ୍‌ରେ ଭାଗ୍ୟ, ସଂପଦ ଓ ସଫଳତାର ଦେବୀ ଟାଇଚି (Tyche), କୃଷି, ଅମଳ ଓ ଉର୍ବରତାର ଦେବୀ ଡିମିଟର୍ (Demeter) ବା ରୋମାନ୍ ମିଥୋଲୋଜିର କୃଷି, ଶସ୍ୟ, ଉତ୍ପାଦନ, ଉର୍ବରତା ଓ ମାତୃତ୍ୱର ଦେବୀ ସେରିସ୍ (Ceres)ଙ୍କ ପରି ହିନ୍ଦୁ ମିଥିରେ ଦେବୀ ଲକ୍ଷ୍ମୀଙ୍କୁ ଆରାଧନା କରାଯାଇଥାଏ । ଦେବୀ ଲକ୍ଷ୍ମୀଙ୍କ ପରି 'ଲକ୍ଷ୍ମୀପୁରାଣ' ଗ୍ରନ୍ଥଟି ମଧ୍ୟ ଓଡ଼ିଆ ଜନମାନସରେ

ଏକ ପବିତ୍ର ସ୍ଥାନ ଅଧିକାର କରିଛି। ମାର୍ଗଶୀର ମାସ (ମୃଗଶିରା ନକ୍ଷତ୍ର ଆକାଶରେ ପୃଥିବୀ ନିକଟବର୍ତ୍ତୀ ହେଲେ)ରେ ଏହା ଓଡ଼ିଶାର ଘରେ ଘରେ ପାଠ କରାଯାଏ। ଓଡ଼ିଆଣୀ ମାର୍ଗଶିର ମାସ ଗୁରୁବାରଗୁଡ଼ିକରେ ଏହା ପଢ଼ିଥାଏ ବା ଶୁଣିଥାଏ। ଏଥିରେ ଦେବୀ ଲକ୍ଷ୍ମୀଙ୍କ ମାହାତ୍ମ୍ୟ (ମହାତ୍ମନ୍ + ଭାବ 'ଯ') ବର୍ଣ୍ଣିତ।

'ଲକ୍ଷ୍ମୀପୁରାଣ' ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀର ଏକ ଗୁରୁତ୍ୱପୂର୍ଣ୍ଣ 'ପାଠ' (Text)। ଅତଏବ 'ଲକ୍ଷ୍ମୀପୁରାଣ' ଏହି ଦୁଇ ଶତାବ୍ଦୀର ସାମାଜିକ-ରାଜନୀତିକ-ଆର୍ଥନୀତିକ, ଧାର୍ମିକ ଓ ଆଧ୍ୟାତ୍ମିକ ଚିତ୍ର ପ୍ରଦାନ କରିବା ଯେତିକି ସ୍ୱାଭାବିକ୍ 'ଲକ୍ଷ୍ମୀପୁରାଣ'ର ପୂର୍ଣ୍ଣ ଅବବୋଧ ନିମନ୍ତେ ଏହି ସମୟର ଦଶା ଓ ଦିଶା ସଂପର୍କରେ ପାଠକଟିଏ ଅବଗତ ହେବା ସେତିକି ଜରୁରୀ। ଗବେଷକ ଓ ବିଶିଷ୍ଟ ସମାଲୋଚକ ଚିତ୍ତରଞ୍ଜନ ଦାସଙ୍କ ଭାଷାରେ - "To be able to properly fix the Panchasakha and assess them on the matrix of their contemporary situation, we have to obtain a somewhat total glimpse of the political and religious state prevailing in Orissa in the fifteenth and sixteenth centuries." ଏହି ଦୃଷ୍ଟିରୁ ବଳରାମ ଦାସ ଯେପରି ଭାବରେ କାଳ୍ପନିକତା ମିଶାଇ ଏକ ମନୋଜ୍ଞ ଭଂଗୀରେ ଏହି ଗ୍ରନ୍ଥଟି ରଚନା କରିଛନ୍ତି - ତାହା ବାସ୍ତବରେ ଅତ୍ୟନ୍ତ ପ୍ରଶଂସାର୍ହ। ଓଡ଼ିଆ ସାହିତ୍ୟର ଇତିହାସ ପଠନ କାଳରେ ପଞ୍ଚଦଶ - ଷୋଡ଼ଶ ଶତାବ୍ଦୀର ଅସଲ ଇତିହାସ, ସମାଜର ରୂପରେଖ ଜାଣିବାର evidence ଓ documentary proof ହେଉଛି ଏହି ଗ୍ରନ୍ଥ। ଓଡ଼ିଆ ସଂସ୍କୃତିର ଯଥାର୍ଥରେ ଏହା ହେଉଛି ଏକ Corner stone. ଏହି ଗ୍ରନ୍ଥଦ୍ୱାରା କେବଳ ଯେ ସାହିତ୍ୟ ସୃଷ୍ଟି ହୋଇଛି ତାହା ନୁହେଁ, ଧାର୍ମିକ ଧାରଣା ସହ ସାଂସ୍କୃତିକ ଅବଧାରଣା ସାଧାରଣ ଜନମାନସର ସ୍ନାୟୁ, ରକ୍ତ ଓ ମଜ୍ଜାରେ କିପରି ପହଞ୍ଚିପାରିବ ତା'ର ଯଥାବିଧି ବ୍ୟବସ୍ଥା କରିଦେଇଛନ୍ତି କବି ବଳରାମ ଦାସ। ଏହି ଗ୍ରନ୍ଥରେ କବିଙ୍କ 'ସନ୍ଥତ୍ୱ' ଯେତିକି ମାତ୍ରାରେ ପ୍ରତିଭାତ ହୁଏ, 'କବିତ୍ୱ' ସେତିକି ମାତ୍ରାରେ ପ୍ରତିଫଳିତ ହୋଇଥାଏ। ଜଣେ ସମାଜ ସଚେତନ, ସଂସ୍କୃତି ସଚେତନ ଓ ସମୟ ସଚେତନ ସ୍ରଷ୍ଟା ହେବା କିଛି କମ୍ କଥା ନୁହେଁ। ବଳରାମ ତତ୍କାଳୀନ ସମାଜ ଓ ସାମାଜିକ ବିଧି ବ୍ୟବସ୍ଥାକୁ ଲକ୍ଷ୍ୟ କରି ଉତ୍ତରକାଳ, ଉତ୍ତରସମାଜ ଓ ସାମାଜିକ ଦିଶା ଓ ଦଶା କିପରି ହେବ ପୂର୍ବାନୁମାନ କରି ଏହିପରି ଔଷଧୀୟ ବା ସାମାଜିକ ନିଦାନ ପ୍ରଦାନ କରିଯାଇଛନ୍ତି। ନାରୀର ସମ୍ମାନ ଓ ସ୍ୱାଧିକାର ଓଡ଼ିଶାପରି ପିତୃରୈଖୀୟ, ପୁରୁଷପ୍ରଧାନ ଓ ପୁରୁଷ କୈନ୍ଦ୍ରିକ ସମାଜରେ ବିପର୍ଯ୍ୟସ୍ତ ହେବା ସ୍ୱାଭାବିକ୍। ଏଣୁ ଏହାଦ୍ୱାରା ସାମାଜିକ ସ୍ୱାସ୍ଥ୍ୟ (Social Health) ବଜାୟ ରହିବା କଷ୍ଟକର ହେବା ସ୍ୱାଭାବିକ୍। ସ୍ରଷ୍ଟା ବଳରାମ ଦାସ ଏକଥାକୁ ତାଙ୍କ ଦୂରଦୃଷ୍ଟି, ସକାଶେ ଜାଣିପାରିଥିଲେ। ଏଣୁ ଧର୍ମ, ଦର୍ଶନ, ସଂସ୍କୃତି ଓ ସମାଜକୁ ଫେଣ୍ଟାଫେଣ୍ଟି କରି ସେ ଏମିତି ଏକ ମହତ୍ତ୍ୱପୂର୍ଣ୍ଣ Textର ପରିକଳ୍ପନା କରିଥିଲେ। ସେହିପରି ଶ୍ରୀୟାଚଣ୍ଡାଳୁଣୀ ଚରିତ୍ର ଚିତ୍ରଣ ବା ଅବତାରଣାଦ୍ୱାରା ସେ ଅନ୍ୟ ଏକ ସଂବେଦନଶୀଳ ଅଥଚ ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ମଧ୍ୟ ଆଲୋକପାତ କରିଛନ୍ତି। Social work Division ଦ୍ୱାରା ତିଆରି ହୋଇଥିବା କର୍ମକୈନ୍ଦ୍ରିକ ଜାତି (ବର୍ଗ / ଗୋଷ୍ଠୀ / ସମୂହ), କ୍ରମଶଃ ଜନ୍ମକୈନ୍ଦ୍ରିକ ହୋଇ 'ଜାତିବାଦ' (casteism) ଓ 'ଜାତିବାଦୀ ସମସ୍ୟା'ରେ ପରିଣତ ହେବାକୁ ଲାଗିଲା। ପ୍ରକୃତ ପକ୍ଷେ ସଚେତନ ସ୍ରଷ୍ଟା ଶ୍ରୀ ଦାସ ଏହାକୁ ଏକ ବ୍ୟାଧି ବା ସାମାଜିକ ମହାମାରୀ (Social malady disease) ବୋଲି ଚିହ୍ନଟ କରିଛନ୍ତି ସେ ସମୟରେ। ତେଣୁ ଆଗାମୀ ସମୟର ଓଡ଼ିଶାର ଭବିଷ୍ୟତ ପାଇଁ ଓଡ଼ିଆ ଜାତିର ଚିନ୍ତା ଓ ଚେତନାର ସାମୂହିକ ମାନସପଟରେ ଏଜାତିର ମଉଡ଼ମଣି ଶ୍ରୀଜଗନ୍ନାଥ ଓ ମାଆ ଲକ୍ଷ୍ମୀଙ୍କ ମାଧ୍ୟମରେ ଏପରି ଏକ ଘଟନାର ଚିତ୍ରଣ କରିଛନ୍ତି। ପରିଷ୍କାର - ପରିଚ୍ଛନ୍ନତା ହିଁ ଈଶ୍ୱରପ୍ରାପ୍ତିର ମାର୍ଗ ବୋଲି ସେ ଏଠାରେ ପ୍ରମାଣ କରିଛନ୍ତି। Cleanliness is godliness. ଶ୍ରୀୟା ଚଣ୍ଡାଳୁଣୀର ପରିଚ୍ଛନ୍ନତା ହିଁ ମାଆ ଲକ୍ଷ୍ମୀଙ୍କୁ ଆକର୍ଷିତ କରିଥିଲା। ତା'ର ଶ୍ରଦ୍ଧା, ସ୍ୱଚ୍ଛତା (ମାନସିକ, ଆଧ୍ୟାତ୍ମିକ ଓ ପାରିପାର୍ଶ୍ୱିକ (ଭୌତିକ)) ଓ କର୍ତ୍ତବ୍ୟ ପରାୟଣତା ତାକୁ ସଫଳତା ଆଣିଦେଲା। ଶତେକ ସାମାଜିକ ବିରୋଧ ବା ସଂଘାତ ସତ୍ତ୍ୱେ ବ୍ୟକ୍ତିର ସ୍ୱଚ୍ଛତା, ସଚ୍ଚରିତ୍ର ଓ ନିର୍ଭୀକପଣିଆ ତା'ର ଅନନ୍ୟତା, ଅନୁପମତା ଓ ମହାନତାକୁ ପ୍ରତିପାଦନ କରିଥାଏ। ମଣିଷ ତା'ର କର୍ମବଳରେ ହିଁ ସିଦ୍ଧିପାଏ, ସମାଜରେ ସ୍ଥାନପାଏ - ଏ ଉକ୍ତିର ସତ୍ୟତା ଶ୍ରୀୟା ଚଣ୍ଡାଳୁଣୀ ତା'ର କୃତି ଓ କୀର୍ତ୍ତି, କର୍ତ୍ତବ୍ୟପରାୟଣତା ଓ ଧର୍ମପରାୟଣ ମାନସିକତା (ପ୍ରବୃତ୍ତି) ଦ୍ୱାରା ପ୍ରତିପାଦନ ଓ ପ୍ରମାଣ କରିଛି। ଏହି କଥାଟି କୌଣସି ଗୁଣରେ କମ୍ ବା ଛୋଟିଆ ନୁହେଁ। ମାଣବସାଗୁରୁବାରରେ ପ୍ରତିଟି ଓଡ଼ିଆ ଘରେ ପ୍ରତିବର୍ଷ ଏହାକୁ ପାଳିବାଦ୍ୱାରା ଅର୍ଥାତ୍ ଏହାକୁ ଏକ ରିଚୁଆଲ୍‌ରେ ପରିଣତ କରିବାଦ୍ୱାରା ସ୍ରଷ୍ଟା ବଳରାମ ଏକ ମହତ୍ ସାମାଜିକ ଉଦ୍ଦେଶ୍ୟ ସିଦ୍ଧ କରିପାରିଛନ୍ତି। ଏହାହିଁ ତାଙ୍କର ପ୍ରଣିଧାନ୍ୟ Social object ଓ objective, Literary obejct ଓ objective ବା Ultimate object ଓ objective ବୋଲି କହିପାରିବା।

ବସ୍ତୁତଃ 'ଲକ୍ଷ୍ମୀପୁରାଣ'ର 'ପୁରାଣତ୍ୱ' ଅବଶ୍ୟ ଏକ ବିଚାର - ବିବେଚନାର ବିଷୟ। ପୁରାଣର ଯେଉଁ 'ପଞ୍ଚଲକ୍ଷଣ' କଥା କୁହାଯାଇଛି (ସର୍ଗ ବା ସୃଷ୍ଟି ପ୍ରକ୍ରିୟା, ପ୍ରତିସର୍ଗ ବା ବିନାଶ ପ୍ରକ୍ରିୟା, ବଂଶ ବା ବଂଶାବଳୀ, ମନ୍ୱନ୍ତର ବା ବିବିଧ ସମୟଖଣ୍ଡର ଶ୍ରେଷ୍ଠ ମଣିଷଙ୍କ ବିବରଣୀ ଓ ବଂଶାନୁଚରିତ ବା ବଂଶାବଳୀର କାର୍ଯ୍ୟାବଳୀ), ସେସବୁ ଆଧାରରେ 'ଲକ୍ଷ୍ମୀପୁରାଣ'କୁ ପୁରାଣ (ପୂର୍ଣ୍ଣାଙ୍ଗ ପୁରାଣ) ଆଖ୍ୟା ଦେବା ଏକ ବିବିଧମାନ ବିଷୟ ହେବ। ଡକ୍ଟର ନୃସିଂହ

ଷଡ଼ଙ୍ଗୀ କହନ୍ତି, "ଏଇ ପାଞ୍ଚଗୋଟି ଲକ୍ଷଣରୁ ଗୋଟିକର ଊଣାରେ କୌଣସି ଗ୍ରନ୍ଥକୁ ପୁରାଣ ନାମରେ ନାମିତ କରାଯାଇ ପାରିବ ନାହିଁ। (ଓଡ଼ିଆ ପୁରାଣ ସାହିତ୍ୟ) କିନ୍ତୁ ପୀତାମ୍ବର ଦାସଙ୍କ ରଚିତ 'ନୃସିଂହ ପୁରାଣ'ରେ ଯେଉଁ ଅଷ୍ଟାଦଶ ପୁରାଣ ସଂପର୍କରେ ବର୍ଣ୍ଣନା ଦିଆଯାଇଛି ସେଥିରେ 'ଲକ୍ଷ୍ମୀପୁରାଣ'ର ନାମ ରହିଛି। ସେ ସୂତ୍ରରେ ଲୌକିକ ବିଶ୍ୱାସ ମୂଳେ ଏହାକୁ ଏକ ପୁରାଣ ଭାବରେ ସ୍ୱୀକାର କରାଯାଇପାରେ। ମାତ୍ର ତତ୍ତ୍ୱଦୃଷ୍ଟିରୁ ଏହା ପୂର୍ଣ୍ଣାଙ୍ଗ ପୁରାଣ ପଦବାଚ୍ୟ ନୁହେଁ। 'ନୃସିଂହପୁରାଣ'ର ଯେଉଁ ପଦ ଆଧାରରେ ଏହି ଯୁକ୍ତି ବାଢ଼ାଯାଇଛି ତାହା ଏହିପରି -

"ବୀଣା ବଜାଇ ରହିଲେ ବାଗ୍‌ଦେବୀ ପୁରାଣ
ଲକ୍ଷ୍ମୀ ପୁରାଣ ସେବିଲେ ପ୍ରିୟା ହୋଇ ଜାଣ ॥"

ଏହାପୂର୍ବରୁ 'ନୃସିଂହ ପୁରାଣ'କୁ ଶ୍ରେଷ୍ଠ ପୁରାଣ ବା ପୁରାଣ ମଧ୍ୟରେ 'ରାଜା' ବୋଲି ଅଭିହିତ କରାଯାଇଛି। ("ବେଦବ୍ୟାସ କୃତ ଏହି ସବୁ ଶାସ୍ତ୍ର ଜାଣ / ଅଷ୍ଟାଦଶ ପୁରାଣ ଯେ ବାନ୍ଧିଲେକ ପୁଣ। / ନୃସିଂହ ପୁରାଣ କଲେ ତାଙ୍କ ମଧ୍ୟେ ରାଜା / ତହିଁକି ବ୍ରହ୍ମ ପୁରାଣ ପାତ୍ର ପଣେ ଖଞ୍ଜା ॥")

ଏହାର ଅର୍ଥ ଲକ୍ଷ୍ମୀପୁରାଣ (ଲକ୍ଷ୍ମୀ) ନିଜେ ପୀତାମ୍ବର ଦାସଙ୍କ କୃତ / ମାନିତ ଶ୍ରେଷ୍ଠତମ ପୁରାଣ (ନୃସିଂହ ପୁରାଣ)ର ପ୍ରିୟା ହୋଇ ସେବା କଲେ / କରନ୍ତି। ତେବେ ଏହା ପୁରାଣ ନେରେଟିଭ୍ ଟକ୍‌ନିକ୍ ଓ ପୁରାଣ ପରମ୍ପରାଗତ ବିତର୍କବଳୟ ଭୁକ୍ତ। କିନ୍ତୁ ଏହା ସତ୍ତ୍ୱେ 'ଲକ୍ଷ୍ମୀପୁରାଣ'କୁ ନିରୁତା ଏକ ସାହିତ୍ୟକୃତି ଭାବରେ ଗ୍ରହଣ କରି ଏହାର ବୈଶିଷ୍ଟ୍ୟ - ବିବେଚନା କରାଯାଇପାରେ।

ଆଉ ଏକ କଥା, 'ଲକ୍ଷ୍ମୀପୁରାଣ' ଏହାର କଥାବସ୍ତୁ କ୍ରମେ ପାଠକକୁ ବିସ୍ମିତ କରିଥାଏ। ତାହା ହେଉଛି ଲକ୍ଷ୍ମୀଙ୍କର ବା ଦେବୀଶକ୍ତିର ମାତ୍ରାଧିକ ଶକ୍ତି ଓ ପୁରୁଷ ଦେବତାଙ୍କର ଶକ୍ତିହୀନତା। ଅଗ୍ନି - ବରୁଣ - ବାୟୁ - ବେତାଳାଦି ସମସ୍ତେ ଶକ୍ତିସ୍ୱରୂପିଣୀ ମାତା ଲକ୍ଷ୍ମୀଙ୍କ ଅଧୀନତା ସ୍ୱୀକାର କରିଥିଲାବେଳେ ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥ ନିର୍ବଳ, ନିକୃଷ୍ଟ ମାନବମାତ୍ର ହୋଇପଡ଼ିଛନ୍ତି ସମଗ୍ର ଗ୍ରନ୍ଥରେ। ଏହାକୁ ତାଙ୍କରି ଲୀଳାମାତ୍ର କୁହାଯାଇପାରେ, କିନ୍ତୁ ବଡ଼ଭାଇ ବଳରାମ ଯେ, ଅନନ୍ତ ଶେଷ, ଆଦିଶେଷ ବା ଶେଷନାଗଙ୍କ ସ୍ୱରୂପ! ଗ୍ରନ୍ଥର କାରଣୀ ସ୍ଥିତ ଏହି ବୈଚିତ୍ର୍ୟ ଓ 'କଥାରୂପ' ତଥା 'କଥାଭିପ୍ରାୟ' (Motif) ସଚେତନ ପାଠକକୁ ବିସ୍ମିତ ବିସ୍ତାରିତ ନୟନରେ ରହିଁବାକୁ ବାଧ୍ୟ କରେ।

ବଳରାମ ଦାସ ତତ୍କାଳୀନ ଓଡ଼ିଶାର ସମାଜଜୀବନ ପ୍ରତି ବେଶ୍ ସଚେତନ ଥିଲେ। ତା'ର ପ୍ରମାଣ ତାଙ୍କର ଶ୍ରେଷ୍ଠକୃତି 'ଜଗମୋହନ ରାମାୟଣ' ବା 'ଦାଣ୍ଡୀ ରାମାୟଣ'। ଏହାକୁ ଆମ ପରମ୍ପରା ଓ ସାମାଜିକ ରୀତିନୀତି ଏବଂ ସାଂସ୍କୃତିକ ଅଭ୍ୟାସର ମନୋରମ ଦସ୍ତାବିଜ୍ ବା ମନ୍ମୟ ଦଲିଲ୍ ବା ପରୋକ୍ଷ ରସସିକ୍ତ ଇତିହାସ ବୋଲି କୁହାଯାଇପାରେ। ସେହିପରି ସେ ସମୟର ବୃକ୍ଷରାଜି, ଫଳ, ଫୁଲ, ପଶୁ-ପକ୍ଷୀ, ଖାଦ୍ୟ-ପେୟ, ପ୍ରସାଧନ, ନୈତିକ ଆଦର୍ଶ, ଲୋକାଚାର, ସାମାଜିକ ବ୍ୟଭିଚାର (ଉଚ୍ଚଜାତି-ନୀଚଜାତି ମନୋଭାବ), ବ୍ରାହ୍ମଣମାନଙ୍କ ଅହଂକାର, ଜାତ୍ୟାଭିମାନ, ଅତିଥିସତ୍କାର ସ୍ୱରୂପ, ବେଶବର୍ଣ୍ଣନା, ସ୍ୱପ୍ନ ପ୍ରସଙ୍ଗ, ତନ୍ତ୍ରମନ୍ତ୍ର ଭୂତ ପିଶାଚ, ବେତାଳାଦି ଧାରଣାବଧାରଣା, ମନ୍ଦିର ବ୍ୟବସ୍ଥା, ରୀତିନୀତି ପ୍ରଭୃତି ଏହି 'ଲକ୍ଷ୍ମୀପୁରାଣ' ପୁସ୍ତକରେ ସୁରକ୍ଷିତ, ସୁବିନ୍ୟସ୍ତ ଓ ସୁଖଚିତ ବୋଲି କୁହାଯାଇପାରେ। ଏହାର ସଂପୂର୍ଣ୍ଣ ପାଠ ଅଧ୍ୟୟନ ପାଠକ / ବାଗବେଷକକୁ ୧୫ଶ - ୧୬ଶ ଶତାବ୍ଦୀର ଓଡ଼ିଶାର ପରିବେଶ (ଅନ୍ତଃ ଓ ବାହ୍ୟ) ସଂପର୍କରେ ଅବଗତ କରେ।

ସାରଳା ଦାସଙ୍କ ପରେ ଓଡ଼ିଆ ପୁରାଣ ପରମ୍ପରା ବା ପୁରାଣ ସାହିତ୍ୟ ପରମ୍ପରାରେ ବିଶିଷ୍ଟ ସ୍ରଷ୍ଟା ଭାବରେ ବଳରାମ ଦାସଙ୍କୁ ଲକ୍ଷ୍ୟ କରାଯାଏ। ଅର୍ଥାତ୍ ପ୍ରଥମରେ ସାରଳା ଦାସ ଓ ଦ୍ୱିତୀୟରେ ବଳରାମ ଦାସ ଏହି ପରମ୍ପରାରେ ପାଠକ - ଗବେଷକ ଚକ୍ଷୁ ଆଗରେ ଉଭା ହୁଅନ୍ତି। ସମାଲୋଚକ ଓ ବିଶିଷ୍ଟ ଗବେଷକ ଡକ୍ଟର କୃଷ୍ଣଚରଣ ସାହୁଙ୍କ ଭାଷାରେ - "ସାରଳା ଦାସ ମହାଭାରତକୁ ପୁରାଣ ରୂପ ଦେବାପରି ବଳରାମ ଦାସ ରାମାୟଣକୁ ବିଷ୍ଣୁ ପୁରାଣରେ ପରିଣତ କଲେ। ଶାକ୍ତ ସାରଳା ଦାସ ଦେବୀଙ୍କ ମାହାତ୍ମ୍ୟ ବର୍ଣ୍ଣନା କରିବା ପାଇଁ 'ଚଣ୍ଡୀ ପୁରାଣ' ରଚନା କଲାପରି ବୈଷ୍ଣବ ବଳରାମ ଦାସ ଲକ୍ଷ୍ମୀଙ୍କର ମହିମା ବର୍ଣ୍ଣନା କଲେ 'ଲକ୍ଷ୍ମୀପୁରାଣ'ରେ।"

ଡକ୍ଟର ନୃସିଂହ ଷଡ଼ଙ୍ଗୀ କହନ୍ତି - "ଭାରତୀୟ ଆତ୍ମାକୁ ଚିହ୍ନିବାକୁ ହେଲେ ଏ ଦେଶର ପୁରାଣ ଅଧ୍ୟୟନ ଏକାନ୍ତ ଆବଶ୍ୟକ। ଭାରତୀୟ ସଂସ୍କୃତି ତଥା ପରମ୍ପରାକୁ ଆତ୍ମସ୍ଥ କରି ତାକୁ ସୁଧୀସମାଜ ଆଗରେ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଓ ତତ୍ତ୍ୱମଣ୍ଡିତ ଭାବରେ ଉପସ୍ଥାପିତ କରିବାର ଗୁରୁଦାୟିତ୍ୱ ବହନ କରି ଆସିଛି ପୁରାଣ।" ପୁରାଣ ଆଧ୍ୟାତ୍ମିକତାର ପ୍ରବଣତା ମଧ୍ୟରେ ଭାରତୀୟ ଜନ-ଜୀବନକୁ ଶୃଙ୍ଖଳିତ ତଥା ମୁକ୍ତିରମାର୍ଗ ଦେଖାଇବାର ନିରନ୍ତର ପ୍ରଚେଷ୍ଟା ଚଳେଇ ଆସିଛି। ଯଥାର୍ଥରେ ଏଥିରେ ଖାଲି ଧର୍ମ ଓ ଜୀବନଚର୍ଯ୍ୟା ନାହିଁ, ବରଂ ଏଥିରେ ରହିଛି ସେ କାଳର ଇତିହାସ, ସେ ସ୍ଥାନର ଭୂଗୋଳ ଓ ସେ ଲୋକଙ୍କର ଦର୍ଶନର ଗ୍ରନ୍ଥିନିଚୟ। ସେଥିପାଇଁ ଯାସ୍କ 'ନିରୁକ୍ତ'ରେ କହିଛନ୍ତି - "ପୁରା ନବଂ ଭବତି"। ଅର୍ଥାତ୍ 'ପୁରାଣ' ପ୍ରାଚୀନ ହେଲେ ହେଁ ନବୀନ (ଅର୍ବାଚୀନ)। ତେଣୁ ସେ ସୂତ୍ରରେ 'ଲକ୍ଷ୍ମୀପୁରାଣ' କେତେ ଯେ ତାତ୍ପର୍ଯ୍ୟପୂର୍ଣ୍ଣ ସେକଥା ବିଚାର କରାଯାଇପାରେ। ପ୍ରାଚୀନ-ପ୍ରଚଳିତ ପରମ୍ପରାର ଗତାନୁଗତିକତାକୁ ଏଠାରେ ନବୀନ ଦୃଷ୍ଟିକୋଣ ଦେଇ ବଳରାମ ଦାସ ଏପରି ଏକ ପୁରାଣ ରଚନା କରିଛନ୍ତି ବୋଲି କୁହାଯାଇପାରେ। ପାଣିନି 'ଅଷ୍ଟାଧ୍ୟାୟୀ' ଗ୍ରନ୍ଥରେ କହନ୍ତି - "ପୂର୍ବକାଳୈକ ସର୍ବ ଜଗତ୍ ପୁରାଣ ନବ କେବଳାଃ ସମାନାଧି-

କରଣେନ।" ଯାହାର ଓଡ଼ିଆ ଅର୍ଥ ହେଉଛି ପୁରାଣ ପୂର୍ବକାଳର ଘଟଣା ହେଲେ ମଧ୍ୟ ଏଥିରେ ସର୍ବକାଳୀନ ଅବବୋଧ ବିଦ୍ୟମାନ। ଆହୁରି ସହଜ କରି କହିଲେ ଏହା ବୁଝିବା ଯେ, ପୁରାଣର କାଳାନ୍ତରରେ ଅର୍ଥ ଓ ପ୍ରାସଂଗିକତା ରହିଛି। ମହାରାଷ୍ଟ୍ରରେ ଜନ୍ମିତ ପ୍ରସିଦ୍ଧ ଭାରତୀୟ ବିଶେଷଜ୍ଞ (Indologist) ଓ ବୈଦିକ ବିଶେଷଜ୍ଞ Ramchandra Narayan Dandekar (1909-2001) "The Cultural Heritage of India"ର ତୃତୀୟ ଭାଗରେ ପୁରାଣ ସଂକ୍ରାନ୍ତରେ ଦେଇଥିବା ଅଭିମତଟି ବେଶ୍ ଶିକ୍ଷଣୀୟ ଓ ପ୍ରାସଙ୍ଗିକ। ସେ କହନ୍ତି – "Mythology is very aptly described as the language of primitive what the early man failed to express satisfactorily through the medium of words, he tried to express through the medium of Mythological Concepts." ଅର୍ଥାତ୍ ପୂର୍ବକାଳରେ ଯେତେବେଳେ ବ୍ୟକ୍ତି କୌଣସି ଏକ ବିଷୟ ବା ଘଟଣା ବା ପାରମ୍ପରିକ ବ୍ୟବହାର ବା କଥାକାହାଣୀ ସଂପର୍କରେ ସାଧାରଣ ଭାଷାରେ ପ୍ରତିକ୍ରିୟା ଦେଇପାରେ ନାହିଁ, ସେତେବେଳେ ସେ ପୌରାଣିକ ଆଖ୍ୟାନ ବା ପୌରାଣିକ ଅବଧାରଣାର ସାହାଯ୍ୟ ନେଇ ତାହା ପ୍ରକାଶ କରିଥାଏ। 'ଲକ୍ଷ୍ମୀ ପୁରାଣକାର ବଳରାମ ଦାସ ସେ ସମୟରେ ପ୍ରଚଳିତ ପରମ୍ପରା ଓ ରୀତିନୀତି ପ୍ରଭୃତିକୁ ଲକ୍ଷ୍ୟ କରି ଯାହା ଦେଖିଛନ୍ତି, ଯାହା ବୁଝିଛନ୍ତି ଓ ଯାହା ପ୍ରକାଶ କରିବାକୁ ଚାହିଁଛନ୍ତି, ସେ ସବୁକୁ ସାଧାରଣ ଭାବରେ ପ୍ରଚଳିତ ଭାଷା-ଶୈଳୀ ତଥା ଗତାନୁଗତିକ ଭଙ୍ଗୀରେ ପ୍ରକାଶ କରିବାକୁ ଅସମର୍ଥ ବୋଧ କରିଛନ୍ତି ବା ଅନୌଚିତ୍ୟବୋଧ ଅନୁଭବ କରିଛନ୍ତି। ତେଣୁ ସେ ପୁରାଣ ରୂପ (Mythological Form)ର ସାହାଯ୍ୟ ଲୋଡ଼ିଛନ୍ତି ମାତ୍ର। ଏହା ଜଳପରି ପ୍ରାଞ୍ଜଳ ମନେ ହେଉଛି। ଯଥାର୍ଥରେ କବି ବଳରାମ ଦାସ ଜଣେ ବୌଦ୍ଧିକ ବ୍ୟକ୍ତି, ପ୍ରକୃତ ପକ୍ଷେ ଜଣେ ବିପ୍ଳବୀ ସନ୍ଥ, ଜଣେଯଥାର୍ଥ କାବ୍ୟକାର ଏବଂ ଶବ୍ଦର ଜଣେ ଅନୁପମ ଧନୁର୍ଦ୍ଧର।

ବଳରାମ ଦାସ 'ଲକ୍ଷ୍ମୀପୁରାଣ'ର କବି। ପଞ୍ଚସଖାଙ୍କ ମଧ୍ୟରେ ସେ କେବଳ ବୟୋଜ୍ୟେଷ୍ଠ ନଥିଲେ, ଅଧିକନ୍ତୁ ଶ୍ରେଷ୍ଠତ୍ୱର ଅଧିକାରୀ ମଧ୍ୟ ଥିଲେ। ସେ ଗଜପତି ମହାରାଜା ଶ୍ରୀ ପ୍ରତାପରୁଦ୍ରଦେବ (୧୪୯୭-୧୫୪୧)ଙ୍କ ସମୟରେ ଜୀବିତ ଥିବାର ଅନେକ ପ୍ରମାଣ ମିଳେ। ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ' ଅନୁସାରେ ବଳରାମ ଦାସଙ୍କ ଜନ୍ମ ୧୪୮୪ ଖ୍ରୀଷ୍ଟାବ୍ଦରେ। ମାତ୍ର ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି 'ବଟ ଅବକାଶ'ର ମୁଖବନ୍ଧରେ ବଳରାମ ଦାସଙ୍କ ଜନ୍ମ ୧୪୭୨ ଖ୍ରୀଷ୍ଟାବ୍ଦ ବୋଲି ପ୍ରତିପାଦନ କରିଛନ୍ତି। ହଣ୍ଟର୍ ସାହେବ ବଳରାମ ଦାସଙ୍କୁ ପଞ୍ଚଦଶ ଶତାବ୍ଦୀର ଶେଷଭାଗ ଓ ଷୋଡ଼ଶ ଶତାବ୍ଦୀର ଆଦ୍ୟଭାଗରେ ଜୀବିତ କବି ଭାବରେ ଗ୍ରହଣ କରିଛନ୍ତି। ତାଙ୍କ ପିତାଙ୍କର ନାମ ସୋମନାଥ ମହାପାତ୍ର ଥିଲାବୋଲି ଅନେକ ଗ୍ରନ୍ଥରୁ ପ୍ରମାଣ ମିଳେ। ତାଙ୍କ ମାତାଙ୍କ ନାମ ମନୋମାୟା ବା ମହାମାୟା ବୋଲି କିଛି ଗ୍ରନ୍ଥରୁ ପ୍ରମାଣ ମିଳୁଥିଲେ ହେଁ, ଭିନ୍ନ ଭିନ୍ନ ଉତ୍ସରୁ ଭିନ୍ନ ଭିନ୍ନ ନାମ ଜଣାପଡ଼େ। କେହି କେହି ଗ୍ରନ୍ଥରେ ଜମ୍ବୁଦେବୀ ବା ଯମୁନା ଦେବୀ ମଧ୍ୟ ଉଲ୍ଲେଖ ରହିଛି। କବିଙ୍କ ଜନ୍ମସ୍ଥାନ ସଂପର୍କରେ ଏଯାବତ୍ ଆଲୋଚକମାନେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିପାରି ନାହାଁନ୍ତି। କବିଙ୍କ ଜନ୍ମସ୍ଥାନ 'ଚନ୍ଦ୍ରପୁର' ବୋଲି 'ଶ୍ରୀଚୈତନ୍ୟ ଭାଗବତ'ର ଷଟ୍‌ଚତ୍ୱାରିଂଶ ଅଧ୍ୟାୟରେ ବର୍ଣ୍ଣିତ। ରାମଦାସଙ୍କ ବର୍ଣ୍ଣନାନୁସାରେ କବିଙ୍କ ଘର ପୁରୀରେ। ଡକ୍ଟର ବଂଶୀଧର ମହାନ୍ତି ବଳରାମଙ୍କ ଜନ୍ମ ସମୟ ୧୪୭୨ ଖ୍ରୀଷ୍ଟାବ୍ଦ ବୋଲି ଗ୍ରହଣ କରିଛନ୍ତି। ସେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତର ପକ୍ଷପାତୀ। କିନ୍ତୁ ଆଲୋଚକ ଚିତ୍ତରଂଜନ ଦାସ କବି ବଳରାମଙ୍କ ଜନ୍ମ ସମୟ ୧୪୮୪ ବୋଲି ଦୃଢ଼ ମତବ୍ୟକ୍ତ କରନ୍ତି। ତାଙ୍କ ମତରେ କବିମାତାଙ୍କ ନାମ ମନୋମାୟା ବା ମହାମାୟା। କବିଙ୍କ ବାସସ୍ଥାନ ଯାଜପୁର ବୋଲି ସେ ମତବ୍ୟକ୍ତ କରିଛନ୍ତି। ତେବେ ତାଙ୍କର ଜନ୍ମସ୍ଥାନ ଯେଉଁଠାରେ ହେଉନା କାହିଁକି ଶ୍ରୀଚୈତନ୍ୟ ଦେବଙ୍କ ଓଡ଼ିଶା ଆଗମନ ପୂର୍ବରୁ ସେ ପୁରୀକୁ ଆସି ବସବାସ କରୁଥିଲେ ନିଶ୍ଚିତ। 'ଜଗମୋହନ ରାମାୟଣ'ର ଉତ୍ତରାକାଣ୍ଡର ବର୍ଣ୍ଣନାନୁସାରେ, 'ଭାବସମୁଦ୍ର'ର ବର୍ଣ୍ଣନାନୁସାରେ, ରାମ ଦାସକୃତ 'ଦାର୍ଢ୍ୟତା ଭକ୍ତି'ର ବର୍ଣ୍ଣନା ଓ 'ଜଗମୋହନ ରାମାୟଣ'ର ଲଙ୍କାକାଣ୍ଡ ବର୍ଣ୍ଣନା ମତେ କବିଙ୍କର ଗ୍ରାମ/ବାସସ୍ଥାନ ପୁରୁଷୋତ୍ତମ ବାସ ବା ପୁରୀ ବୋଲି ଜଣାଯାଏ। ଜଗନ୍ନାଥ ଦାସ କୃତ 'ଭକ୍ତିଚନ୍ଦ୍ରିକା' ଗ୍ରନ୍ଥାନୁସାରେ ବଳରାମ ଦାସଙ୍କ ଜନ୍ମସ୍ଥାନ ଚନ୍ଦ୍ରପୁର। ତେବେ ସାରାଜୀବନ ଭକ୍ତି ଓ ସାହିତ୍ୟକୁ ଉତ୍ସର୍ଗ କରିଦେଇଥିବା ଏହି ସାହିତ୍ୟିକଙ୍କ ପୀଠ ପୁରୀ ନିକଟବର୍ତ୍ତୀ ସମଗରାପାଟ। ମାତ୍ର ବଳରାମଙ୍କ ପୀଠ ଭାବରେ ସେଠାରେ କୌଣସି ଚିହ୍ନ ନାହିଁ। ଲୋକମୁଖରେ ପ୍ରଚଳିତ ବାଂକୀ ମୁହାଣ କବିଙ୍କର ପ୍ରକୃତ ସାଧନାପୀଠ। ପୁରୀ ସମୁଦ୍ରବେଳାରେ ଅବସ୍ଥିତ ସେହି ଗୁମ୍ଫା ବଳରାମଙ୍କ ସ୍ମୃତିକୁ ଉଜ୍ଜୀବିତ କରେ। ଲୋକକଥାନୁସାରେ ବଡ଼ଦାଣ୍ଡରେ ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ରଥକୁ ଏହିଠାରୁ ଧ୍ୟାନସ୍ଥ ହୋଇ ଅଟକାଇ ଦେଇଥିଲେ। ପୁରୀ ଜିଲାର ନିମାପଡ଼ାଠାରୁ ଅନତିଦୂରରେ କୁଶଭଦ୍ରା ନଦୀକୂଳରେ ବଳରାମ ଦାସଙ୍କର ଗାଦି ଅଛି। ସେହି ସ୍ଥାନରେ ବଳରାମ ଦାସ ଦେହତ୍ୟାଗ କରିଥିବାରୁ ସେଠାରେ ତାଙ୍କର ପୂଣ୍ୟ ସମାଧିମନ୍ଦିର ନିର୍ମିତ ହୋଇଛି।

ବସ୍ତୁତଃ ବଳରାମ ଦାସ ପ୍ରତାପରୁଦ୍ରୀୟ ଯୁଗର ଓ ଶ୍ରୀଚୈତନ୍ୟଙ୍କ ଉତ୍କଳୀୟ ପଞ୍ଚସଖାମାନଙ୍କ ମଧ୍ୟରୁ ବୟୋଜ୍ୟେଷ୍ଠ। ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ ପଞ୍ଚସଖା ଥିଲେ ହେଁ, ଏମାନଙ୍କ ମନ୍ତ୍ର ଓ ଜପ ପ୍ରଭୃତି ଥିଲା ଭିନ୍ନ ଭିନ୍ନ। ବଳରାମଙ୍କ ମନ୍ତ୍ର ଥିଲା କୃଷ୍ଣମନ୍ତ୍ର। ତାଙ୍କର ଜପ ଥିଲା ଅଜପା ଓ ନାମ ଥିଲା ତାରକ। ଜଗନ୍ନାଥ ଦାସଙ୍କ ମନ୍ତ୍ର ଥିଲା ରାଧାମନ୍ତ୍ର ଓ ଜପଥିଲା ଅଣାକାର।

ସେହିପରି ଅଚ୍ୟୁତାନନ୍ଦଙ୍କ ମନ୍ତ୍ର ରାମମନ୍ତ୍ର, ଶୂନ୍ୟଜପ ଓ ତୂରୀୟ ସମାଧି ଥିଲାବେଳେ ଯଶୋବନ୍ତଙ୍କ ମନ୍ତ୍ର ଥିଲା ଶ୍ୟାମମନ୍ତ୍ର ଓ ଜପଥିଲା ଅବନା । ଶିଶୁ ଅନନ୍ତ ଗୋପାଳମନ୍ତ୍ର ସାଧନା କରୁଥିଲାବେଳେ ଜପଥିଲା ଏକାକ୍ଷର । ପୁଣି ଦେଖାଯାଏ ଯେ, "ଏମାନଙ୍କ ବାହ୍ୟମନ୍ତ୍ର ବା ସଂକୀର୍ତ୍ତନ ମନ୍ତ୍ର ରାଧା ବା କୃଷ୍ଣବ୍ୟଞ୍ଜକ ଥିଲେ ହେଁ, ଗୁହ୍ୟମନ୍ତ୍ର ବା ଜପମନ୍ତ୍ର ଥିଲା ଶୂନ୍ୟ ବ୍ୟଂଜକ । ମନ୍ତ୍ର ସାଧନାରେ ବାହ୍ୟମନ୍ତ୍ର ଓ ଗୁହ୍ୟମନ୍ତ୍ର ମଧ୍ୟରେ ଏ ପ୍ରକାର ପାର୍ଥକ୍ୟ ତନ୍ତ୍ରରେ କିନ୍ତୁ ପରିଲକ୍ଷିତ ହୁଏ ନାହିଁ । ବୀଜ ମନ୍ତ୍ର ଏକ ଓ ଅଭିନ୍ନ ଓ ସେହି ମନ୍ତ୍ରରେ ସାଧକକୁ ସିଦ୍ଧିଲାଭ କରିବା ପାଇଁ ପଡ଼ିଥାଏ ।"

ବଳରାମ ଦାସ ଶ୍ରୀଜଗନ୍ନାଥଙ୍କ ଅତିପ୍ରିୟ ଭକ୍ତ ବିଶେଷ ଅଟନ୍ତି । ନିଜେ କବି ବଳରାମ ଦାସ ନିଜକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁତ୍ର ଜ୍ଞାନ କରନ୍ତି । ଓଡ଼ିଶାରେ ସୁଦୃଢ଼ ଗଜପତି (ସୂର୍ଯ୍ୟବଂଶୀ) ଶାସନ ପ୍ରତିଷ୍ଠା ଲାଭ କରିଥିବା ସମୟରେ ହିଁ ବଳରାମଙ୍କର ଆବିର୍ଭାବ । ଷୋଡ଼ଶ ଶତାବ୍ଦୀ ଓଡ଼ିଶାର ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଓ ଶୈକ୍ଷିକ ବା ରାଜନୀତିକ ଇତିହାସରେ ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା । ପ୍ରତ୍ୟେକ ଓଡ଼ିଆ ପାଇଁ ଏହି ସମୟ ଗୋଟେ ଚ୍ୟାଲେଞ୍ଜର ସମୟ ଥିଲା । ପ୍ରାମାଣିକ ଭାବେ ଖ୍ରୀଷ୍ଟପୂର୍ବ ୨ୟ - ୩ୟ ଶତାବ୍ଦୀ ବେଳକୁ ଅତ୍ୟନ୍ତ ପ୍ରଭାବଶାଳୀ ଜାତି ଭାବରେ ଭାରତର ସାମାଜିକ - ସାଂସ୍କୃତିକ ଓ ରାଜନୀତିକ ମାନଚିତ୍ରରେ ଆତ୍ମପରିଚୟ ପ୍ରତିଷ୍ଠା କରିସାରିଥିବା ଜାତିବିଶେଷ ହେଉଛି 'ଉଡ୍ର' ଜାତି । ଭରତ-ମୁନିଙ୍କ ପରି ମହାନ ଭାରତୀୟ ଶାସ୍ତ୍ରୀୟ ପଣ୍ଡିତ ସେ କାଳରେ ଉଡ୍ର ବିଭାଷା କଥା ସ୍ୱୀକାର କରିବା ଏହାର ପ୍ରମାଣ । ତେବେ ଏଠାରେ ଏକଥା କୁହାଯିବାର କାରଣ ହେଉଛି ସାରଳା ଦାସଙ୍କ ପରି କବି ବଳରାମ ଦାସ ମଧ୍ୟ ଏହି ଉଡ୍ର ଜାତିର ଗୁରୁତ୍ୱ ଅନୁଭବ କରିଛନ୍ତି । ଦେଖିବାକୁ ଗଲେ କବି ବଳରାମ ଦାସ ଏହି 'ଉଡ୍ର' ଜାତିର କଥା ହିଁ ମହାକାବ୍ୟାକାରରେ ଉପସ୍ଥାପନ କରିଛନ୍ତି ତାଙ୍କର ଅଧିକାଂଶ ଗ୍ରନ୍ଥମାନଙ୍କରେ । କବିଙ୍କ 'ଜଗମୋହନ ରାମାୟଣ'କୁ ଭାରତୀୟ ରାମାୟଣ ପରମ୍ପରାରେ ଲିଖିତ ଏକ ଅନନ୍ୟ ଅନୁପମ ଅମୂଲ୍ୟ ଔଡ୍ର ରାମକଥା ବା 'ଔଡ୍ର ରାମାୟଣ' ବୋଲି କୁହାଯାଇପାରେ । ଖାରବେଳ - ଅଶୋକଙ୍କ ପରି ମହାନ୍ ସମ୍ରାଟ ସଂସ୍କୃତ ଭାଷାର କର୍ତ୍ତୃତ୍ୱ ଥିବା ସତ୍ତ୍ୱେ ପ୍ରାକୃତ ପାଲି ଭାଷାର ଗୁରୁତ୍ୱକୁ ଜାହିର୍ କଲାପରି ବଳରାମ ଦାସ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି-ପରମ୍ପରା ଇତ୍ୟାଦିକୁ ନେଇ ରଚନା କରିଥିବା ଜଗମୋହନ ରାମାୟଣ ବା ଲକ୍ଷ୍ମୀପୁରାଣ ପରି ରଚନା ତାଙ୍କୁ ସେହି ସ୍ତରୀୟ ମହାନ ସ୍ରଷ୍ଟାର ଦର୍ଜା ଆଣିଦିଏ । ମହାନ୍ କୃଷିକୈନ୍ଦ୍ରିକ ଉଡ୍ର ଜାତିର ମହତ୍ ଆଦର୍ଶାବଳୀ ବଳରାମଙ୍କ ଏହି ସୃଷ୍ଟି ମାନଙ୍କରେ ବେଶ୍ ପ୍ରତିଫଳିତ ।

କବି ବଳରାମ ଦାସଙ୍କ ପ୍ରସିଦ୍ଧ ଗ୍ରନ୍ଥ ବା ପ୍ରସିଦ୍ଧ କୃତିବିଶେଷ ହେଉଛି 'ଜଗମୋହନ ରାମାୟଣ' । ଏଠାରେ ଜଗମୋହନର ଅର୍ଥ 'ଜଗତ ମୋହନ' ବା ଜଗତକୁ ମୋହିନେବାର ଶକ୍ତି ସାମର୍ଥ୍ୟ ଯାହା ପାଖରେ ରହିଛି, ଅର୍ଥାତ୍ ନିଜେ ପ୍ରଭୁ ଶ୍ରୀଜଗନ୍ନାଥ । ଏଠାରେ ଭକ୍ତି ପରମ୍ପରା କ୍ରମେ ବଳରାମ ଦାସ ଏହାର ନାମକରଣ ନିଜର ଆରାଧ୍ୟ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି କରିଛନ୍ତି/ ରଖିଛନ୍ତି । ସେ ନିଜେ କହିଛନ୍ତି ଯେ, 'ଜଗମୋହନ ରାମାୟଣ'ର ସ୍ରଷ୍ଟା ନିଜେ ଜଗମୋହନ ବ୍ରହ୍ମାଣ୍ଡ ଠାକୁର ଶ୍ରୀମୟ ଶ୍ରୀଜଗନ୍ନାଥ । ସାରଳା ଦାସଙ୍କ ପରି ସେ ମଧ୍ୟ ବିନୟତା ଓ ଭକ୍ତିମତେ କହିଛନ୍ତି ଯେ ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ହୃଦୟରେ ବସି ତମାମ ରାମାୟଣର ଆମୂଳାନ୍ତ ପଦନିଚୟ ଡାକି ଡାକି ଲେଖାଇଛନ୍ତି । ବଳରାମଙ୍କ ଜୀବନୀ ଓ ସାହିତ୍ୟ ପଠନ-ମନନ-ଅଧ୍ୟୟନ ଉତ୍ତାରେ ଅନ୍ୟ ଚତୁର୍ସଖାଙ୍କ ପରି ତାଙ୍କୁ ମଧ୍ୟ ନଗେନ୍ଦ୍ରନାଥ ବସୁଙ୍କ ପରି ପ୍ରଚ୍ଛନ୍ନ ବୌଦ୍ଧ କହିବାକୁ ସଚେତନ ପାଠକ ବା ଗବେଷକଟିଏ ବାଧ୍ୟ ହୁଏ । କର୍ପୂର ଉଡ଼ିଯାଇପାରେ ମାତ୍ର କନା ପଡ଼ି ରହିଥିବା ନ୍ୟାୟରେ ବଳାରାମଙ୍କଠାରେ ମଧ୍ୟ ବୈଷ୍ଣବୀୟ ସହନଶୀଳତାଠାରୁ ବୌଦ୍ଧୀୟ ପ୍ରତିକ୍ରିୟାଶୀଳତା ତାଙ୍କର କୃତି ଓ କୀର୍ତ୍ତିରାଜିରୁ ବେଶ୍ ପ୍ରତିଭାତ ହୋଇଥାଏ । 'ଲକ୍ଷ୍ମୀପୁରାଣ'ରେ ଜାତିପ୍ରଥା ବିରୋଧରେ କବି କରିଥିବା ବୌଦ୍ଧିକ ଓ ସାରସ୍ୱତ ବିଷୋଦ୍‌ଗାର ସେହି ବୌଦ୍ଧ ଦର୍ଶନର ଆଧାରକୈନ୍ଦ୍ରିକ ସାମାଜିକ ବିପ୍ଳବ ଆଡ଼କୁ ଇଙ୍ଗିତ କରିଥାଏ । ହଁ, ଅବଶ୍ୟ ଏହା ଅନସ୍ୱୀକାର୍ଯ୍ୟ ଯେ, ବଳରାମ ଏଥି ସହିତ ଚିରକାଳ ଉଡ୍ରଜାତି ବା କୃଷି ପରମ୍ପରା ଓ କୃଷି ସଂସ୍କୃତି ସଂପନ୍ନ ଜାତିର କଥା ଓ ଗାଥା ଗାଇଛନ୍ତି । ଆତିଥ୍ୟ ପରମ୍ପରାଠାରୁ ଖାଦ୍ୟ ପରମ୍ପରା, ବେଶ ପରମ୍ପରା ଓ ଅନ୍ୟାନ୍ୟ ଅନେକ ସମାଜ-ସାଂସ୍କୃତିକ, ଆର୍ଥନୀତିକ, ରାଜନୀତିକ, ନୈତିକ, ପରମ୍ପରା ଓ ଚାଲିଚଳଣିର ମନ୍ମୟ କଥାଚିତ୍ର ଆଙ୍କି ଯାଇଛନ୍ତି । ବାଲ୍ମିକୀ 'ରାମାୟଣ' ରଚନାଉତ୍ତାରେ ଭାରତବର୍ଷରେ ବିଭିନ୍ନ ପ୍ରାନ୍ତୀୟ ସମାଜ-ସଂସ୍କୃତି-ପରମ୍ପରା ଓ ଐତିହ୍ୟକୁ ନେଇ ଆଂଚଳିକ ଭାଷାରେ 'ରାମାୟଣ'ର ଅନେକ ଆଂଚଳିକ ସଂସ୍କରଣ ମୁଦ୍ରିତ ହୋଇଛି ବା ରଚିତ ହୋଇଛି । ତାମିଲ ଭାଷାରେ 'କମ୍ବନ ରାମାୟଣ', ତେଲୁଗୁ ଭାଷାରେ 'ରଙ୍ଗନାଥ ରାମାୟଣ', ଅହମିୟା ବା ଅସମୀୟା ଭାଷାରେ 'କନ୍ଦଳୀ ରାମାୟଣ', ବଙ୍ଗଭାଷାରେ 'କୃତ୍ତିବାସ ରାମାୟଣ', କନ୍ନଡ ଭାଷାରେ 'ତୋରଭ୍ୱେ ରାମାୟଣ', ମରାଠୀ ଭାଷାରେ 'ଭାବାର୍ଥ ରାମାୟଣ' ରଚିତ ହୋଇଥିଲାବେଳେ ବଳରାମ ଦାସ ଯେଉଁ ରାମଚରିତ ରଚନା କରିଛନ୍ତି ତାହାର ନାମ ପୂର୍ବୋକ୍ତ ସ୍ରଷ୍ଟାଙ୍କ ପରି ନିଜର ନାମ ବା କୌଣସି ସ୍ଥାନକ୍ରମେ ନ ରଖି ବରଂ ଏକ ବ୍ୟତିକ୍ରମ ଆଣିଛନ୍ତି । ଶ୍ରୀରାମଙ୍କ ଗୁଣ ଓ କଥା ବର୍ଣ୍ଣିବା ସଙ୍ଗରେ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ନାମ କ୍ରମେ ଏହାର ନାମ 'ଜଗମୋହନ ରାମାୟଣ' ରଖିଛନ୍ତି । ତାଙ୍କରି ଭାଷାରେ-

"ଜଗମୋହନ ରାମାୟଣ ଏଥି କବି ଜଗନ୍ନାଥ
ତାହାର ଆଜ୍ଞାରେ ଲିହିଲି ମୋହର ହାଥ ॥" (ଉତ୍ତରାକାଣ୍ଡ)

ଏହି ଜଗମୋହନ ଯେ ଶ୍ରୀଜଗନ୍ନାଥଙ୍କ ବ୍ୟତିରେକେ ଆଉ କେହି ନୁହନ୍ତି, ଏକଥା ତାଙ୍କର 'ଆଦିକାଣ୍ଡ'ରେ ଲିଖିତ ନିମ୍ନ ପଙ୍‌କ୍ତିରୁ ବେଶ୍ ପ୍ରମାଣିତ ହୋଇଥାଏ। ତାଙ୍କରି ଭାଷାରେ -

"ତ୍ରଇଲୋକ ବଶ ହୁଅଇ ଯାହାକୁ ଚାହିଁ
ଏ ସେ ଜଗନ୍ନାଥ ଜଗମୋହନ ଗୋସାଇଁ ॥"

ଶ୍ରୀରାମଚନ୍ଦ୍ର ଓ ଶ୍ରୀଜଗନ୍ନାଥ ଉଭୟେ ମୋହିନୀଶକ୍ତିଧାରୀ। ଶ୍ରୀକୃଷ୍ଣଙ୍କୁ ମଧ୍ୟ ମୋହନ କୁହାଯାଏ। ଏଣୁ ଏଥିରେ ଏହି ସମନ୍ୱୟୀ ଭାବ ବେଶ୍ ପ୍ରତିଫଳିତ।

କବି ବଳରାମ ଦାସ ସବୁବେଳେ ଜାତିବାଦ ପରି ସାମାଜିକ ଓ ସଂକୀର୍ଣ୍ଣ ସ୍ୱାର୍ଥକୈନ୍ଦ୍ରିକ ନୀଚ ଚକ୍ରାନ୍ତ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। "ମୁଁ ଶ୍ରୀଜଗନ୍ନାଥଙ୍କ ବେଟା" କହିବାଦ୍ୱାରା ସେ ମଣିଷକୁ ଈଶ୍ୱରଙ୍କ ସନ୍ତାନ ବୋଲି ପ୍ରତିପାଦିତ କରିଛନ୍ତି। ତେବେ ବଳରାମ ଦାସଙ୍କ ନାମରେ ଅନେକ ଅଲୌକିକ ଘଟଣା ଶୁଣାଯାଏ। ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ' ଅନୁଯାୟୀ ବଳରାମ ମତ୍ତହସ୍ତୀକୁ ଦମନ କରି 'ମତ୍ତ ବଳରାମ' ନାମରେ ଖ୍ୟାତି ଲାଭ କରିଥିଲେ। ବଙ୍ଗଳାରେ ଆଉ ଜଣେ 'ମତ୍ତ ବଳରାମ' ଥିବା କଥା ମଧ୍ୟ ଜଣାଯାଏ। 'ଜଗନ୍ନାଥ ଚରିତାମୃତ'ରେ ବଳରାମ ଦାସ ନାମ ଜପ କରି ମତ୍ତ ହେଉଥିବା କଥା ଉଲ୍ଲେଖ ଅଛି। ଯୋଗଶାସ୍ତ୍ରାନୁସାରେ ମତ୍ତ ମନକୁ ଆୟତ୍ତ କରିବା କଥା କୁହାଯାଇଛି। ବଳରାମ ଦାସ ଏହିପରି ବିଭିନ୍ନ ସୂତ୍ରାଧାରରେ 'ମତ୍ତ ବଳରାମ' ରୂପେ ପରିଚିତ ହୁଅନ୍ତି। ତେବେ ବଳରାମ ଦାସଙ୍କର କୃତିଗୁଡ଼ିକୁ ନିମ୍ନରେ ଉଲ୍ଲେଖ କରାଗଲା : (୧) ଜଗମୋହନ ରାମାୟଣ (ଦାଣ୍ଡି ରାମାୟଣ), (୨) ଅମରକୋଷ ଗୀତା, (୩) ବେଦାନ୍ତସାର ଗୁପ୍ତଗୀତା, (୪) ବଟ ଅବକାଶ, (୫) ଗୁପ୍ତଗୀତା, (୬) ବ୍ରହ୍ମାଣ୍ଡ ଭୂଗୋଳ, (୭) ବେଢ଼ା ପରିକ୍ରମା, (୮) ସପ୍ତାଙ୍ଗ ଯୋଗସାର ଟୀକା, (୯) ଭାବସମୁଦ୍ର, (୧୦) ଶ୍ରୀଭଗବତ୍ ଗୀତା ଅର୍ଥ, (୧୧) ଜ୍ଞାନ ଉଜ୍ଜ୍ୱଳମଣି ଗୀତା, (୧୨) ବିରାଟ ଗୀତା, (୧୩) ଲକ୍ଷ୍ମୀପୁରାଣ, (୧୪) ଦୀପ୍ତିସାର ଗୀତା, (୧୫) ପଣସଚୋରୀ, (୧୬) ଏକ ଅଧ୍ୟାୟ ମହାଭାରତ (ଗୋଚର ଗୀତା ବା ଗୋଚରାଚର ଗୀତା), (୧୭) ମନୁଗୀତା, (୧୮) ଗୁପ୍ତଟୀକା, (୧୯) ମାଳଶ୍ରୀ, (୨୦) ଜ୍ଞାନ ପରତେ ଚୂଡ଼ାମଣି (ଗଦ୍ୟ) ପ୍ରଭୃତି ଅନେକ।

ଜଣେ ସଚ୍ଚା ସଂସ୍କାରକ ଓ ବୈପ୍ଳବିକ ମାନସିକତାର ସ୍ରଷ୍ଟାପୁରୁଷ ହେଉଛନ୍ତି ବଳରାମ ଦାସ। 'ଜଗମୋହନ ରାମାୟଣ' ହେଉ ବା ନିଜ ଜୀବନରେ ହେଉ ସବୁଠି ଜାତିପ୍ରଥା ପରି ସାମାଜିକ ବ୍ୟାଧି ବିରୁଦ୍ଧରେ ସେ ଅତ୍ୟନ୍ତ ଚମତ୍କାର ତଥା ପ୍ରଭାବଶାଳୀ ଭଙ୍ଗୀରେ ବିପ୍ଳବର ସ୍ୱର ଉଠାଇଛନ୍ତି। ଠିକ୍ ସେହିପରି ସମୟ ଓ ସମାଜର ଆବଶ୍ୟକତା ଓ ଦାବୀକୁ ଆଖି ଆଗରେ ରଖି ସେ 'ଲକ୍ଷ୍ମୀପୁରାଣ' ପରି କ୍ଲାସିକ ବିପ୍ଳବର ସୂତ୍ରପାତ କରିଛନ୍ତି। କହିବା ବାହୁଲ୍ୟ ଯେ, ଏହା ଏକ ପୁରାଣ ମାତ୍ର ବା ପୁସ୍ତକ ମାତ୍ର ନୁହେଁ, ବରଂ ଏହା ହେଉଛି ଏକ ଯୁଗାନ୍ତକାରୀ ବିପ୍ଳବ। ଓଡ଼ିଶାର ଲୋକପ୍ରିୟ ରଚନା ଯେଉଁ କେତୋଟି ରହିଛି ସେଥି ମଧ୍ୟରୁ 'ଲକ୍ଷ୍ମୀପୁରାଣ' ଅନ୍ୟତମ। "ଏହି ଗ୍ରନ୍ଥର ଅନ୍ୟନାମ ହେଉଛି 'ଧାନମାଣିକା' ବା 'ଗୁରୁବାର ବୋଲି'।" (ଡ. କୃଷ୍ଣଚରଣ ସାହୁ)। ଏହି ଗ୍ରନ୍ଥରେ ମୁଖ୍ୟତଃ ଦେବୀ ଲକ୍ଷ୍ମୀଙ୍କ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି। 'ଲକ୍ଷ୍ମୀପୁରାଣ'ରେ କବି ବଳରାମଙ୍କ ଅନ୍ୟତମ ଉଦ୍ଦେଶ୍ୟ ହେଉଛି 'ମହାପ୍ରସାଦ'ର ମହତ୍ତ୍ୱ ପ୍ରତିପାଦନ। 'ମହାପ୍ରସାଦ' ସେବନ ସବୁ ଜାତିର ଲୋକେ ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତେ କରିପାରିବେ। ଏହି ଗ୍ରନ୍ଥରେ ଇତିହାସକୁ ପୁରାଣ ଛାଞ୍ଚରେ ବେଶ୍ ଆତ୍ମୀକୃତ କରିଛନ୍ତି କବି ଶ୍ରୀ ଦାସ। ଏଥିରୁ ଜଣାପଡ଼େ ଯେ ପୁରୀରେ ଦୁଇଟି ଲକ୍ଷ୍ମୀମନ୍ଦିର ରହିଛି। ସେଥିରୁ ଗୋଟିଏ ସମୁଦ୍ରକୂଳରେ ରହିଥିବାବେଳେ ଅନ୍ୟ ଏକ ମନ୍ଦିର ଶ୍ରୀମନ୍ଦିର ବେଢ଼ା ଭିତରେ ରହିଛି। ଏହାକୁ ନେଇ ଐତିହାସିକମାନେ ମତ ଦିଅନ୍ତି ଯେ, ପୁରୀରେ ପ୍ରଥମେ ଲକ୍ଷ୍ମୀମନ୍ଦିର ବାହାରେ, ଅର୍ଥାତ୍ ସମୁଦ୍ରକୂଳରେ ହିଁ ଥିଲା। ରାମାନୁଜ ସଂପ୍ରଦାୟର ପ୍ରଭାବରେ ଦେବୀ ଲକ୍ଷ୍ମୀଙ୍କ ମନ୍ଦିର ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ସ୍ଥାନଲାଭ କାଳକ୍ରମେ କରିଛି। ବସ୍ତୁତଃ ଐତିହାସିକ ଘଟଣା ଧୀରେ ଧୀରେ କୈମ୍ବଦନ୍ତୀକ ହୋଇ ବଳରାମଙ୍କ ଲେଖନୀ ମାଧ୍ୟମରେ ପୌରାଣିକ ସ୍ୱରୂପ ଲାଭ କରିବାର ବିରଳ ଦୃଷ୍ଟାନ୍ତ ଏହି 'ଲକ୍ଷ୍ମୀପୁରାଣ' ମାଧ୍ୟମର ହିଁ ମିଳିଥାଏ।

ସୂଚନା ଥାଉକି ଏହି ରାମାନୁଜପନ୍ଥୀ ବୈଷ୍ଣବମାନେ ଜାତିଭେଦ ପ୍ରଥାକୁ ଅତି କଠୋରତାର ସହ ପାଳନ କରୁଥିଲେ। ଦେବୀ ଲକ୍ଷ୍ମୀଙ୍କ ମନ୍ଦିର କାଳକ୍ରମେ ଶ୍ରୀମନ୍ଦିର ଭିତରକୁ ଆସିବା ପରେ ଜାତିପ୍ରଥାର କଠୋର / ତୀବ୍ର ରୂପ ଶ୍ରୀମନ୍ଦିର ଆଚାର ରୀତିନୀତି ସହ କ୍ରମଶଃ ଯୋଡ଼ିଯାଇ ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀ ବେଳକୁ ଏକ ଉଗ୍ର ରୂପ ଧାରଣ କଲାଣି। ସେହିସବୁ କୁପ୍ରଥାକୁ ଓ କୁପରମ୍ପରାକୁ ବିରୋଧ କରି ବିପ୍ଳବୀ କବି ବଳରାମ ଦାସ ନିଜର ଅନ୍ୟାନ୍ୟ ଗ୍ରନ୍ଥ ପରି ଏହି 'ଲକ୍ଷ୍ମୀପୁରାଣ'ରେ ଅତ୍ୟନ୍ତ ସୁଚିନ୍ତିତଭାବେ ଜାତିପ୍ରଥାବିରୋଧୀ ଶାଣିତ ବର୍ଣ୍ଣନା ଓ ଚତୁର ବିନ୍ୟାସ ପ୍ରଦାନ କରିଛନ୍ତି। ସେହିସବୁ କାରଣରୁ ଗ୍ରନ୍ଥରେ ପ୍ଲଟ ଶେଷରେ ଦେବୀ ଲକ୍ଷ୍ମୀ ନିମ୍ନ ସର୍ତ୍ତାବଳୀ ରଖି ଶ୍ରୀମନ୍ଦିରକୁ ପୁନଃ ଫେରି ଆସିଛନ୍ତି। ଦୁଇ ଭାଇ ଅନୁତାପ କରି ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରକୁ ଫେରାଇ ଆଣିବା ସମୟରେ ଦେବୀ ଲକ୍ଷ୍ମୀ କହିଛନ୍ତି:

"ଏତେ କହି ଗୋବିନ୍ଦ ଧଇଲେ ଲକ୍ଷ୍ମୀହସ୍ତ,
ଜଗତମାତା ବୋଇଲେ ତୁମ୍ଭେ କର ସତ୍ୟ।
ଚଣ୍ଡାଳୁ ବ୍ରାହ୍ମଣ ଯାଏ ଖୁଆଖୋଇ ହେବେ,
ସମସ୍ତ ଖାଇଣ ହସ୍ତ ଜଳେ ନ ଧୋଇବେ।
ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ
ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ।

ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ,
ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ।"

ଦେବୀ ଲକ୍ଷ୍ମୀଙ୍କର ଏହି ସର୍ତ୍ତାବଳୀରୁ ଅନ୍ତତଃପକ୍ଷେ ଏହା ନିଶ୍ଚିତ ଜଣାପଡୁଛି ଯେ, ବଳରାମ ଦାସ ତତ୍କାଳୀନ ମନ୍ଦିର ପରିସ୍ଥିତି ଓ ନୀତିକାନ୍ତି ବା ନୀତିନିୟମକୁ ପସନ୍ଦ କରୁନଥିଲେ। ଏହାର ଅନ୍ୟ ଏକ ଅର୍ଥ ହେଉଛି ଯେ, ତତ୍କାଳୀନ ସମାଜର ଓ ବିଶେଷ କରି ଶ୍ରୀମନ୍ଦିର ଓ ପୁରୀର ଏହି ଜାତିଆଣ ଭାବ ବିରୋଧରେ ବଳରାମ ଦାସ ଏକ ସାରସ୍ୱତ ପୌରାଣିକ ବିଦ୍ରୋହର ସ୍ୱର ଉତ୍ତୋଳନ କରିଥିଲେ। ରାମାନୁଜପନ୍ଥୀମାନଙ୍କ ଏହି ଧାରଣା ଓ ବିଶ୍ୱାସବୋଧକୁ ବଳରାମ ନାପସନ୍ଦ କରୁଥିଲେ। ତେଣୁ ଏକ ଶକ୍ତିଶାଳୀ, ଟାଣୁଆ ଐକ୍ୟପୂର୍ଣ୍ଣ ଉଦାର ସମାଜ ନିର୍ମାଣ ସକାଶେ ରାମାନୁଜପନ୍ଥୀଙ୍କ ଏହି କଦାଚାର ବା ବଦାଚାର ବିରୋଧରେ ସେ ଏପରି ସୂକ୍ଷ୍ମ, ସୁଚିନ୍ତିତ, ଶାଣିତ ସ୍ୱର ଉଠାଇଥିଲେ।

'ଲକ୍ଷ୍ମୀପୁରାଣ' ଅନ୍ୟାନ୍ୟ ପୁରାଣ ପରି ଏକ ସାଧାରଣ ପୁରାଣ ନୁହେଁ। ଏଥିରେ ଅନେକ ଭିନ୍ନଭିନ୍ନ ତଥା ସ୍ୱତନ୍ତ୍ର ଲକ୍ଷଣ ଦେଖାଯାଏ। ଯଥା, ଏଥିରେ ପ୍ରାଚୀନ କିମ୍ବଦନ୍ତୀକୁ ପୌରାଣିକ ରୂପ ମାତ୍ର ଦିଆଯାଇ ନାହିଁ। ପୁରାଣରେ ନୀତିବାକ୍ୟ-ହିତୋପଦେଶ ଓ ଆଦର୍ଶବାଣୀ ବିଭିନ୍ନ ଭାବରେ ପ୍ରଦାନ କରାଯାଇଥାଏ। ଉତ୍କଳୀୟ ନାରୀ, ପୁରୁଷ ଓ ସମଗ୍ର ମାନବଜାତିର ଜୀବନଚର୍ଯ୍ୟା ନିମନ୍ତେ ଏଠାରେ ଦିଆଯାଇଛି ଶିକ୍ଷା ଓ ମାନକ ଦିନଚର୍ଯ୍ୟାର ଉପଦେଶାବଳୀ। ଗୃହଲକ୍ଷ୍ମୀମାନଙ୍କ ଆଚାର, ବିଚାର ଓ ଶୁଦ୍ଧିକରଣ ନିମନ୍ତେ ସେ ଯେଉଁ ଉପଚାର କରିଛନ୍ତି- ତାହା ପ୍ରକୃତପକ୍ଷେ ଅନନ୍ୟ ଅନୁପମ, ଅତିପ୍ରିୟ ଓ ପରିଚିତ ଓଡ଼ିଶାର ପ୍ରତିଟି ଘରେଘରେ, ହୃଦକନ୍ଦରରେ। ନାରୀଜାତିର ବିମୁକ୍ତି ସଂପର୍କରେ ସ୍ୱର ଉତ୍ତୋଳନ କରିଥିବା ସ୍ରଷ୍ଟା ସାରଳା ଦାସଙ୍କ ପରି ବଳରାମ ଦାସ ମଧ୍ୟ ଏହି କୃତିବିଶେଷରେ ନିଜର ବିକ୍ଷୋଦ୍‌ଗାର କରିଛନ୍ତି।

ସାରଳା ଦାସ ନାରୀଶକ୍ତିର ଗୁରୁତ୍ୱ ରକ୍ଷା ନିମନ୍ତେ 'ଚଣ୍ଡୀପୁରାଣ' ଗ୍ରନ୍ଥ ରଚନା କରିବା ସହ ନାରୀର ଗୁରୁତ୍ୱ ଓ ମହତ୍ତ୍ୱ ପ୍ରତିପାଦନ କରିଛନ୍ତି। ସେ ସୂତ୍ରରେ କବି ବଳରାମ ଦାସଙ୍କର 'ଲକ୍ଷ୍ମୀପୁରାଣ' ରଚିତ। ଅନ୍ୟ ଭାଷାରେ କହିବାକୁ ଗଲେ ସାରଳା ଦାସଙ୍କ ରଚିତ 'ଚଣ୍ଡୀପୁରାଣ' ଓ 'ବିଲଙ୍କା ରାମାୟଣ' ପରି ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ସେହି ଜାତୀୟ ଓ ସେହି ସୂତ୍ରୀୟ ଏକ ରଚନା ବିଶେଷ ଅଟେ। ତତ୍କାଳୀନ ସମାଜରେ ଏକ ପୁରୁଷତାନ୍ତ୍ରିକ ସାମାଜିକ ଅବଧାରଣା (concept)କୁ ବଡ଼ଭାଇ ବଳଭଦ୍ର ମୁଖରେ କବି ପ୍ରକାଶ କରାଇଛନ୍ତି। ନାରୀ ଅତି ତୁଚ୍ଛ ବା ଭାର୍ଯ୍ୟା ପୁରୁଷ (ସ୍ୱାମୀ) ପାଦର 'ପାଣ୍ଡୋଇ' (ଚପଲ/ଜୋତା) ସଦୃଶ। ଏହାର ଅର୍ଥ ଜଣେ ପୁରୁଷ ମନଇଚ୍ଛା ଚପଲ ବଦଳାଇପାରେ। ତଦ୍ଦ୍ୱାରା ତା'ର କୌଣସି କ୍ଷତି ହେବ ନାହିଁ। ଏଣୁ ନାରୀର/ପତ୍ନୀର ଦୋଷରେ ତାକୁ ପୁରୁଷ ପରିତ୍ୟାଗ କଲେ କୌଣସି ଅସୁବିଧା ନାହିଁ। ତା' ବଦଳରେ ସେ ନୂତନ ପତ୍ନୀ ଗ୍ରହଣ କରିପାରିବ। ପ୍ରଚଳିତ ପରମ୍ପରାକ୍ରମେ ତତ୍କାଳୀନ ସମାଜରେ ନାରୀର ଏହି ବିପର୍ଯ୍ୟସ୍ତ ଅସ୍ତିତ୍ୱର କଥା ତଥା ପୁରୁଷର ଅହଂସର୍ବସ୍ୱ ମନୋମୁଖୀ କାର୍ଯ୍ୟକଳାପର ଏକ ଜୀବନ୍ତ ଚିତ୍ର ବଳରାମଙ୍କ ଏହି ପଙ୍‌କ୍ତିରୁ ସ୍ପଷ୍ଟ ପ୍ରତିଭାତ ହୋଇଥାଏ। ବଡ଼ଭାଇ ବଳରାମ କହୁଛନ୍ତି:

"ଭାରିଯା ବୋଲିଣ ପାଦରେ ଯେ ପାଣ୍ଡୋଇ
ଭାଇ ଥିଲେ ଭାରିଯା କୋଟିଏ ବିଭା ହୋଇ
କୋଟି କୋଟି ରାଜକନ୍ୟା କରିବି ପ୍ରଦାନ
ବିଭା କରାଇବି ଯେହ୍ନା ସତ୍ୟ ମୋ ବଚନ।
କହୁଛନ୍ତି ଶଂକ୍ରିସେଣ ଶୁଣରେ କନାଇ
ଭାଇ ବୋଲି ଯାହା କହିବା ଦକ୍ଷିଣ ଭୁଜ ସେହି।
ଏ କଥାକୁ ଶୋଚନା ତୁ ଯେ ନ କର କନାଇ
ଏପରି ଭାରିଯା ଥିଲେ ବାବୁ ଭଲ ଗତି ନାହିଁ।"

'ବିଲଙ୍କା ରାମାୟଣ'ରେ ଖଳ ଓ ଦୁର୍ବଳ କଣ୍ଠରେ ବସି ଝଗଡ଼ା ବା କଳି ଜାତ କରିବାବେଳେ ଦୁହେଁ ଯେକୌଣସି ବ୍ୟକ୍ତିଠାରେ ବସିଲେ ମଧ୍ୟ କଳି ହେବା ଥୟ ଜାଣିମଧ୍ୟ ସାରଳା ଦାସ ରାମଚନ୍ଦ୍ରଙ୍କ କଣ୍ଠରେ 'ଦୁର୍ବଳ'କୁ ବସାଇଲାବେଳେ ଦେବୀ ସୀତାଙ୍କ କଣ୍ଠରେ 'ଖଳ'କୁ ବସାଇ ପୁରୁଷଙ୍କୁ ଦୁର୍ବଳ ସାବ୍ୟସ୍ତ ମାତ୍ର କଲେ। ଯଥାର୍ଥରେ ସେ ସୀତାଦେବୀଙ୍କ ମୁଖରେ କୁହାଇଛନ୍ତି – "...ମୁହିଁ ନ ମାରନ୍ତେ କାହୁଁ ମରନ୍ତା ଅସୁର। ତୁମେ କିବା କଷ୍ଟ ପାଇଅଛ ରଘୁରାଣ / ଘୋର କଷ୍ଟ ପାଇଣ ମୁଁ ମାଇଲି ରାବଣ। ଏମନ୍ତ ପ୍ରତିଜ୍ଞା ଯେବେ ଅଛି ରଘୁସାଇଁ / ବିଲଙ୍କାରେ ରାବଣକୁ ବଧ କର ଯାଇ।" ତା'ପରେ ରାମଚନ୍ଦ୍ର ଯୁଦ୍ଧ କରି ସହସ୍ର ଯୋଜନ ଦୂରେ ସହସ୍ରଶିରାରାବଣଦ୍ୱାରା ଫିଙ୍ଗାହେବା ପରେ ଦେବୀ ଜାନକୀ ରାମଚନ୍ଦ୍ରଙ୍କୁ ସାହାଯ୍ୟ କରିଛନ୍ତି ଓ ଏଠାରେ ମାତୃଶକ୍ତିର ସହାୟତାରେ ବିଲଙ୍କାର ମହା ଶକ୍ତିଶାଳୀ ସହସ୍ରଶିରାରାବଣର ନିଧନ ସମ୍ଭବ ହୋଇଛି। ପରଦାରା ପ୍ରତି କୁଦୃଷ୍ଟିପାତ କରିବାର ପରିଣତି ଭୟଙ୍କର ହୋଇଛି। ଏହାର ପ୍ରମାଣ 'ଚଣ୍ଡୀପୁରାଣ' ପରି 'ବିଲଙ୍କା ରାମାୟଣ'ରେ ବେଶ୍ ପ୍ରତିଫଳିତ ସହସ୍ରଶିରା ରାବଣ ଚରିତ୍ର ମାଧ୍ୟମରେ। ଠିକ୍ ସେହିପରି 'ଲକ୍ଷ୍ମୀପୁରାଣ'ରେ ନାରୀକୁ ଏକ ସାମଗ୍ରୀ ଭାବରେ ବ୍ୟବହାର କରୁଥିବା ଓ ଗ୍ରହଣ କରୁଥିବା ପୁରୁଷତାନ୍ତ୍ରିକ ସମାଜର ତଥାକଥିତ ବ୍ୟବସ୍ଥା ବା ଚିନ୍ତାଧାରା ପ୍ରତି ସମାଲୋଚନା ଭଙ୍ଗୀରେ କୁଠାରାଘାତ କରାଯାଇଛି।

ସାରଳା ଦାସଙ୍କ ପରି ବଳରାମ ଦାସ ମଧ୍ୟ ଏକ ବୈପ୍ଳବିକ ମୁଦ୍ରାରେ ନାରୀ ହେୟା ନୁହେଁ ଶ୍ରେୟା, ଅବଳା ନୁହେଁ ସବଳା, ଶକ୍ତିହୀନା ନୁହେଁ ବରଂ ଶକ୍ତି ସ୍ୱରୂପିଣୀ ବୋଲି କହିଛନ୍ତି। ଲକ୍ଷ୍ମୀଙ୍କ ଅଭାବରେ ଶ୍ରୀମନ୍ଦିର ମଧ୍ୟ ଶ୍ରୀହୀନ ହୋଇଯାଇଛି। ଏହାର ତାତ୍ପର୍ଯ୍ୟ ବା ଉଦ୍ଦେଶ୍ୟ ହେଉଛି 'ଲକ୍ଷ୍ମୀପୁରାଣ' ମାଧ୍ୟମରେ ଓଡ଼ିଶାର ପ୍ରତିଟି ଘରେ ନାରୀର

ଉପସ୍ଥିତି, ଆଦୃତି ଓ ଗୁରୁତ୍ୱକୁ ପ୍ରତିଟି ଓଡ଼ିଆ ପ୍ରାଣରେ ସଚେତନତା ବା ଉପଲବ୍ଧି ସୃଷ୍ଟିକ୍ରମେ ଏକ ସୁସ୍ଥ ପରିବାର, ସୁସ୍ଥ ସମାଜ ପାଇଁ ନାରୀର ଉପସ୍ଥିତି କେଡ଼େ ଜରୁରୀ ସେ ସଂପର୍କରେ ଜନଜାଗରଣ ସୃଷ୍ଟି କରିବା। ପ୍ରତ୍ୟେକ ନାରୀ ଗୃହଲକ୍ଷ୍ମୀ ବୋଲି ଏଠାରେ ପ୍ରମାଣ ଓ ପ୍ରତିପାଦନ କରାଯାଇଛି। ସୂଚନା ଥାଉକି ପ୍ରତ୍ୟେକ ପୁରାଣରେ ଏପରିକି ନାରୀରାକ୍ଷସୀଟିଏ ଭିତରେ ମଧ୍ୟ ଦେବୀସ୍ଥିତି ରହିବା କଥାକୁ ଅସ୍ୱୀକାର କରାଯାଇ ନାହିଁ। ଏଣୁ ନାରୀର ଦେହରେ, ମନରେ ଓ ଆତ୍ମାରେ ଦେବୀଶକ୍ତି, ଦେବୀଙ୍କ ଅଂଶ ଓ ଅସ୍ମିତା ବିଦ୍ୟମାନ। ଏଣୁ ସଂସାରର ଉତ୍ପତ୍ତି ପାଇଁ ପାଳନ ଓ ସଂହାର ପାଇଁ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ତ୍ରିଶକ୍ତି ଥିଲାବେଳେ ପ୍ରତ୍ୟେକ ପୁରୁଷଶକ୍ତି ପାଖରେ ଦେବୀଶକ୍ତି ବିଦ୍ୟମାନ। ଦେଖିବାକୁ ଗଲେ ମହାମାୟା ଆଦି ଜନନୀ ହିଁ ଏ ସବୁର କାରଣ। ତେଣୁ ପରିବାର ହେଉ କି ସମାଜ ସବୁଥିରେ ନାରୀର ଆଦର ସମ୍ମାନ ଓ ସ୍ୱୀକୃତି ରହିଲେ ହିଁ ଏକ ସମନ୍ୱିତ ସୁସ୍ଥ ସୁନ୍ଦର ପରିବାର ବା ସମାଜର ବ୍ୟବସ୍ଥା ସୃଷ୍ଟି ହୋଇପାରିବ।

ସର୍ବୋପରି ସମାଜରେ ଓ ପରିବାରରେ ନାରୀର ସ୍ଥିତି, ସଂସ୍ଥିତି, ଶକ୍ତି, ସାମର୍ଥ୍ୟ, ତ୍ୟାଗ, ବଳିଦାନ, ଗୁରୁତ୍ୱ, କର୍ତ୍ତବ୍ୟପରାୟଣତା, ସର୍ଜନାଶକ୍ତି, ବିନିର୍ମାଣ ଶକ୍ତି ଓ ପୁନର୍ନିର୍ମାଣଶକ୍ତି ପ୍ରଭୃତିକୁ ପ୍ରମାଣ, ପ୍ରଦର୍ଶନ ଓ ପ୍ରତିପାଦନ କରିବା ସଙ୍ଗେସଙ୍ଗେ ସମକାଳୀନ ସାମାଜିକ-ସାଂସ୍କୃତିକ-ରାଜନୀତିକ ଓ ଆର୍ଥନୀତିକ ବ୍ୟବସ୍ଥା ପରି ପ୍ରଚଳିତ ତଥାକଥିତ ନୈତିକ ଧାରଣା ବିରୋଧରେ ଅପାଚାର, ଅବିଚାର, ଅବ୍ୟବସ୍ଥା, ଅନୀତି, ଅନ୍ୟାୟ, ଅରାଜକତା, ଅସାମାଜିକତା ଓ ଅପସାଂସ୍କୃତିକ ଘଟଣା ବିଧି ବା ଧାରା ବିରୁଦ୍ଧରେ ବିଧିବଦ୍ଧ ସାରସ୍ୱତ ଆନ୍ଦୋଳନ ସୃଷ୍ଟି କରିବା ହେଉଛି ବଳରାମଙ୍କ ରଚିତ 'ଲକ୍ଷ୍ମୀପୁରାଣ'ର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ। ଏହାଛଡ଼ା ସଂସ୍କୃତି ଓ ସଂସ୍କାରର ଯଥାର୍ଥ ପ୍ରଚଳନ ମଧ୍ୟ ଏହାର ଅନ୍ୟତମ ବିଶେଷ ଅଭିପ୍ରାୟ। ନାରୀର ସମ୍ମାନ, ସ୍ୱାଧିକାର, ସ୍ୱାଭିମାନ ରକ୍ଷା, ନାରୀର ସତ୍ ସ୍ୱାଧୀନତା, ଜାତିଭେଦ ପରି ସାମାଜିକ ବ୍ୟାଧିର ବିଲୋପନ ବା ମୂଳୋତ୍ପାଟନ, ପୁରୁଷର ନାରୀ ପ୍ରତି (ସ୍ତ୍ରୀ/ପତ୍ନୀ) ପ୍ରତି ଯଥାର୍ଥ ସମ୍ମାନ, ତା'ର ଗୁରୁତ୍ୱ ଅବବୋଧନ ସାଙ୍ଗକୁ ବହୁପତ୍ନୀବରଣ ଓ ପତ୍ନୀତ୍ୟାଗ ମନୋଭାବ ପରି ସାମାଜିକ ବିକୃତି ବିରୋଧରେ କବି ୧୬ଶ ଶତାବ୍ଦୀରେ ଯେଉଁ ଭଙ୍ଗୀରେ ଉତ୍କଳୀୟ ଜନଜୀବନର ଶିରା-ପ୍ରଶିରା ଓ ଧମନୀରେ ଏହି ଆନ୍ଦୋଳନର କଥାକୁ ପୌରାଣିକ ପ୍ରଲସି ମାଧ୍ୟମରେ ପ୍ରବାହିତ କରାଇବାରେ ସଫଳ ହୋଇଛନ୍ତି ତାହା ପ୍ରକୃତପକ୍ଷେ ଅନନ୍ୟ, ଅନୁପମ ଓ ଅଦ୍ୱିତୀୟ। ପୁରୁଷ ନାରୀ ବା ତା'ର ପତ୍ନୀକୁ ପାଦର ପାଣ୍ଡୋଇ ବା ଚପଲ ପରି ବଦଳାଇଦେଲେ ଭାରତରେ ପ୍ରତୀଚ୍ୟ ସଭ୍ୟତାର ମାନସିକ ମନସ୍ତାତ୍ତ୍ୱିକ ରୋଗବ୍ୟାଧି ଆସିବା ଥୟ। କାରଣ ନାରୀଟିଏ ଖାଲି ପତ୍ନୀଟିଏ ନୁହେଁ, ବରଂ ମାଆଟିଏ ମଧ୍ୟ। ପରିବାରରେ ନାରୀଟିକୁ ଛାଡ଼ପତ୍ର ଦେବାଦ୍ୱାରା ପିଲାମାନଙ୍କୁ ଛାଡ଼ପତ୍ର ଦେଇହୁଏନି। ସେମାନଙ୍କ ମାନସିକ ସ୍ଥିତି ଏକ ବିପର୍ଯ୍ୟୟର ସାମ୍ନା କରେ, ଧ୍ୱସ୍ତବିଧ୍ୱସ୍ତ ହୁଏ, ନଷ୍ଟଭ୍ରଷ୍ଟ ହୋଇଯାଏ। ଏକ ଅସୁସ୍ଥ ସମାଜ ସୃଷ୍ଟିର ଓ ଅସୁସ୍ଥ ମାନସିକତାର ପଙ୍କ୍ତି ସୃଷ୍ଟି ହୋଇଥାଏ। ଏଣୁ ଏହାକୁ କବି ଘଟଣାଚକ୍ର ମାଧ୍ୟମରେ ବିରୋଧ କରିଛନ୍ତି ଏହି ପୌରାଣିକ କଥାବସ୍ତୁଦ୍ୱାରା। 'ଲକ୍ଷ୍ମୀପୁରାଣ'ର ଅନେକ ସାମାଜିକ, ସାରସ୍ୱତ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦିଗ ଅଛି। ଝୋଟିଚିତା ଏକ ଅନନ୍ୟ ଓଡ଼ିଆ ଲୋକକଳା। ମାଟିଘର ଗୋବରପାଣିରେ ଲିପିବାର କଳା ଓ କୌଶଳ ଏ ଜାତିର ଅନ୍ୟତମ ଅନନ୍ୟତା। ଏହି ଲୋକକଳା, ଲୋକ ସଂସ୍କୃତି ସହିତ ଓଡ଼ିଆ ଜାତିର ଆତିଥ୍ୟ, ଓଡ଼ିଆଣୀର ଆତିଥ୍ୟ, ସତୀତ୍ୱ, ସାଧୁତା, ଶୁଚିତା, ପବିତ୍ରତା, ଶୁକ୍ଳତା, ଶୁଦ୍ଧତା, ସଦ୍ଭାବ, ସତ୍କାର ସହିତ ତା'ର ବୀରତ୍ୱ, ସାହସିକତା, ଓଡ଼ିଆ ଖାଦ୍ୟପେୟ ସର୍ବୋପରି ଓଡ଼ିଆଣୀର ସଂସ୍କୃତି ଏଠାରେ ପ୍ରତିଫଳିତ। ପ୍ରକାଶ ଥାଉକି ଲକ୍ଷ୍ମୀପୁରାଣରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାତା ଲକ୍ଷ୍ମୀ ସମସ୍ତେ ପୌରାଣିକ ଆବରଣ ଓ ଆଭରଣ ମଧ୍ୟରେ ଥିଲେ ହେଁ ମନ ଓ ପ୍ରାଣରେ ଜଣେ ଜଣେ ଷୋହଳପଣ ଓଡ଼ିଆ। ଲକ୍ଷ୍ମୀ ସେ ଦୃଷ୍ଟିରୁ ଜଣେ ସଚ୍ଚା ଓଡ଼ିଆ ବୋହୂ ଓ ଘରଣୀ। ସେଥିପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଆଜି ଶ୍ରୀମନ୍ଦିର। ଓଡ଼ିଆ ଜାତି ଏହି ଗ୍ରନ୍ଥ ମାଧ୍ୟମରେ ସାରା ଜଗତକୁ ସୁସ୍ଥ ସୁନ୍ଦର ପରିବାର ଓ ସମାଜ ଗଢ଼ିବାର ଏହି ସାମାଜିକ ମନ୍ତ୍ର ପ୍ରଦାନ କରିଥାଏ। ବଳରାମ ଦାସ ପୌରାଣିକ ଆଖ୍ୟାନ ମାଧ୍ୟମରେ ଏହି ତିନୋଟି ଓଡ଼ିଆ ଚରିତ୍ର ମାଧ୍ୟମରେ ସମଗ୍ର ବିଶ୍ୱକୁ ଯେଉଁ ଶୁକ୍ଳ-ଶୁଭ୍ର-ପରିଶୁଦ୍ଧ ମନ୍ତ୍ର ପ୍ରଦାନ କରିଛନ୍ତି ତାହା ଚିରଦିନ ଅକ୍ଷର ରହିବ। ସମାଲୋଚକ ଦାଶରଥି ଦାସଙ୍କ ଭାଷାରେ, "ଏହା ନିର୍ଦ୍ଦିଷ୍ଟ ଏକ ଆଂଚଳିକ ଜୀବନବୀକ୍ଷା ମାଧ୍ୟମରେ ଯେପରି ସର୍ବଭାରତୀୟ ସ୍ତରର ସାମ୍ୟଚେତନାର ଉଦ୍‌ଗାତା ହୋଇପାରିଛି, ଯେପରି ସାରସ୍ୱତ ଆନନ୍ଦ ଦେବା ସଙ୍ଗେସଙ୍ଗେ ଧର୍ମୀୟ, ନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରୁଛି, ତାହା ଆଦୌ ସାଧାରଣ କଥା ନୁହେଁ। ତାହାର ଲକ୍ଷ୍ମୀ ଜଗନ୍ନାଥ ଆଂଚଳିକ ହୋଇ ସାର୍ବଭୌମିକ, ଆବେଦନ ବି ଆଂଚଳିକ ହୋଇ ସାର୍ବଭୌମିକ।"

ଗ୍ରୀକ୍ ପୁରାଣ କଥା ଅନୁସାରେ ଟାଇଚି (Tyche) ଭାଗ୍ୟ, ସୌଭାଗ୍ୟ, ସଫଳତା ଓ ଉନ୍ନତିର ଦେବୀ ବିଶେଷ ଅଟନ୍ତି। ଏହି ଦେବୀ ଲୋକଙ୍କର (ମଣିଷ)ର ସ୍ଥାନମାନଙ୍କର ଭାଗ୍ୟ ନିର୍ଦ୍ଧାରଣ ମଧ୍ୟ କରନ୍ତି। ସେହିପରି ଗ୍ରୀକ୍ ପୁରାଣାନୁସାରେ ଡିମିଟର (Demeter) ହେଉଛନ୍ତି କୃଷି, ଉର୍ବରତା, ଉତ୍ପାଦନ, ଅମଳ ଓ ଧରିତ୍ରୀଦେବୀ। ସ୍ୱାସ୍ଥ୍ୟ, ଜନ୍ମ ଓ ବିବାହର କାରକ ଭାବରେ ଡିମିଟର ପୂଜ୍ୟା ଓ ଜଣାଶୁଣା। ଗ୍ରୀକ୍ ପୁରାଣରେ ଡିମିଟରଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିଲା, କାରଣ ଡିମିଟରଙ୍କ ଉପସ୍ଥିତି ହିଁ ଗ୍ରୀକ୍‌ମାନଙ୍କର ଅସ୍ତିତ୍ୱର କାରଣ ପାଲଟିଥିଲା। ଡିମିଟରଙ୍କ ପ୍ରତୀକ ମଧ୍ୟରେ ଶସ୍ୟ, ପୁଷ୍ପ,

ଫଳ ଭର୍ତ୍ତି ଦିବ୍ୟପାତ୍ର ସହ ତାଙ୍କର ପ୍ରୟି ଜୀବ ଘୁଷୁରୀ ତାଙ୍କ ପାଖରେ ଥାଏ। ରୋମାନମାନେ ଦେବୀ ସିରେସ୍ (Ceres)ଙ୍କୁ ଡିମିଟରଙ୍କ ସହ ସମାନ ଭାବରେ ଦେଖୁଥିଲାବେଳେ ଗ୍ରୀକ୍‌ଦେବୀ ଟାଇଚିଙ୍କୁ ତାଙ୍କର ଦେବୀ ଫରୁଚ୍ୟୁନା (Fortuna)ଙ୍କ ସହ ତୁଳନା କରନ୍ତି। ହିନ୍ଦୁ ମିଥିରେ ଦେବୀ ଲକ୍ଷ୍ମୀ ଏହି ଦୁଇ ଗ୍ରୀକ୍‌ଦେବୀ 'ଟାଇଚି' ଓ 'ଡିମିଟର' ବା ଦୁଇ ରୋମୀୟ ଦେବୀ 'ସିରେସ୍' ଓ 'ଫରଚ୍ୟୁନା'ଙ୍କୁ ଏକାକୀ ପ୍ରତୀକିତ କରନ୍ତି।

ଓଡ଼ିଶା ପରି କୃଷିପ୍ରଧାନ ଅଞ୍ଚଳରେ ଶସ୍ୟ, କୃଷି ଓ ଉର୍ବରତାକୁ ଗୁରୁତ୍ୱ ଦେବା ସ୍ୱାଭାବିକ। ଐତିହାସିକ, ସାମାଜିକସ୍ଥିତି ଅନୁଧ୍ୟାନକ୍ରମେ ଓଡ଼ିଶାର ଆର୍ଥନୀତିକ ଦୁରବସ୍ଥାକୁ ଲକ୍ଷ୍ୟକରି ଲୋକେ ନିଜର ଅଭାବ ହେତୁ ଧନଧାନ୍ୟ ସଂପଦାଦିକୁ ଅନ୍ୱେଷଣ କରିବା ସ୍ୱାଭାବିକ। ଏଣୁ ଏ ଦୃଷ୍ଟିରୁ ଦେବୀଲକ୍ଷ୍ମୀ ଉଭୟ ଧନ ଓ ଧାନ୍ୟର ଦେବୀ ହୋଇଥିବାରୁ ଅର୍ଥାତ୍ ଉଭୟ ସଂପଦ ଓ ଶସ୍ୟର ଦେବୀ ହୋଇଥିବାରୁ ସେ ଓଡ଼ିଆର ପ୍ରଣମ୍ୟ, ନମସ୍ୟ ଓ ପ୍ରତିଟି ଓଡ଼ିଆ ଦୃଷ୍ଟିରେ ସେ ଶକ୍ତିଶାଳୀ ତଥା ମାତୃସ୍ଥାନୀୟା। ଓଡ଼ିଆ ଜାତି ଦେବୀ ଲକ୍ଷ୍ମୀଙ୍କୁ ଜଣେ ଦେବୀ ଭାବରେ ଗ୍ରହଣ କରିବା ସହ ତମାମ୍ ଜାତିର ମାଆ ଭାବରେ ଗ୍ରହଣ କରିନେଇଛି। ଏହା ଏକ ସାମୂହିକ ଓଡ଼ିଆ ମାନସିକତା। ଏଣୁ ଦେବୀ ଲକ୍ଷ୍ମୀଙ୍କୁ ଆମେ ଡିମିଟର୍, ଟାଇଚି, ସିରେସ୍ ବା ଫରଚ୍ୟୁନା ପ୍ରଭୃତି ଯେତେ ଦେବୀଙ୍କ ସହ ତୁଳନା କଲେ ହେଁ ଓଡ଼ିଆର ମନପ୍ରାଣ କଳ୍ପନାରେ ନିଜ ପରିବାରର ସର୍ବଜ୍ୟେଷ୍ଠ ନାରୀ (ମାତା) ସହ ଦେବୀ ଲକ୍ଷ୍ମୀଙ୍କୁ ସମାନ୍ତରାଳ ଭାବେ ରଖି ଦେଖିଥାଏ। ଡିମିଟର୍‌ଙ୍କ ପ୍ରିୟ ଜୀବ ଶୂକରୀ ପରି ଦେବୀ ଲକ୍ଷ୍ମୀଙ୍କ ପ୍ରିୟ ଜୀବ ପେଚକ। ତେବେ ଏମିତି ଅନେକ କୌତୁକିଆ ସାମଞ୍ଜସ୍ୟ ଓ ବୈଷମ୍ୟ ଥିଲେହେଁ ଦେବୀ ଲକ୍ଷ୍ମୀ ଓଡ଼ିଆ ଜାତିର ମାଆ, ଓଡ଼ିଆ ମାଟିର ଦେବୀ ଓ ସମସ୍ତ ଓଡ଼ିଆ ଘରର ପ୍ରାଚୀନ ଓ ଅର୍ବାଚୀନ ସଦସ୍ୟାବିଶେଷ। ସୁତରାଂ ବଳରାମ ଦାସଙ୍କ ବାର୍ତ୍ତା ଏପରି ମାଧ୍ୟମ (ଶ୍ରୀଜଗନ୍ନାଥ ଯେ ଓଡ଼ିଆର ପ୍ରାଣପ୍ରିୟ ଠାକୁର ଓ ଦେବୀ ଲକ୍ଷ୍ମୀ ଯେ ଓଡ଼ିଆ ଘରର ଝିଅ, ବୋହୂ, ମାଆ, ଠାକୁରାଣୀ) ଦେଇ ଗତି କରିଛି ଯେ ତା'ର ପ୍ରଭାବ ସୁଦୂରପ୍ରସାରୀ ହେବାର ଓ ଅନନ୍ତକାଳ ପର୍ଯ୍ୟନ୍ତ ରହିବାର ଅନ୍ତର୍ନିହିତ ସାମର୍ଥ୍ୟ ରଖିଥାଏ। ଏ ସମସ୍ତ ଦୃଷ୍ଟିରୁ କବି ବଳରାମ ଦାସ ଯାଥାର୍ଥରେ ନମସ୍ୟ। ସେ ଜଣେ ଯଥାର୍ଥ ପୁରୋଦ୍ରଷ୍ଟା, ଯୁଗସ୍ରଷ୍ଟା ଓ ମନ୍ତ୍ରଦ୍ରଷ୍ଟା। ଲକ୍ଷ୍ମୀପୁରାଣର ପ୍ଲଟ୍ ସିଲେକ୍ସନଠାରୁ ଆରମ୍ଭ କରି ପ୍ଲଟ୍ ନ୍ୟାରେସନ୍, ପ୍ଲଟ୍ କନେକ୍ସନ୍ ଓ କନ୍‌କ୍ଲୁଜନ୍ ପର୍ଯ୍ୟନ୍ତ ସବୁଠି କବି ଅଭିନବତ୍ୱ, ସୌକୁମାର୍ଯ୍ୟ, ସୌନ୍ଦର୍ଯ୍ୟ ଓ ସୌକର୍ଯ୍ୟ ରକ୍ଷା କରିପାରିଛନ୍ତି। ଏଣୁ ଯଥାର୍ଥରେ ସବୁ ଦିଗରୁ ଏହି କୃତିଟି ତାଙ୍କର କଳୋତ୍ତୀର୍ଣ୍ଣ ଓ କାଳୋତ୍ତୀର୍ଣ୍ଣ।

**'ଲକ୍ଷ୍ମୀପୁରାଣ'-ରଚନା, ବିରଚନା ଓ ବିବେଚନା:**

ଷୋଡ଼ଶ ଶତାବ୍ଦୀର କାଳଜୟୀ ସାହିତ୍ୟକୃତି 'ଲକ୍ଷ୍ମୀପୁରାଣ' ସାମାଜିକ ସଂସ୍କାର ନିମନ୍ତେ ପ୍ରତିବଦ୍ଧ ଏକ ଅନନ୍ୟ ପଦକ୍ଷେପ। 'ଲକ୍ଷ୍ମୀପୁରାଣ'ରେ କେନ୍ଦ୍ରୀୟ ଚରିତ୍ର ହେଉଛନ୍ତି ଲକ୍ଷ୍ମୀ। ପୁରୁଷତାନ୍ତ୍ରିକ ସମାଜରେ ବଡ଼ଠାକୁର ଶ୍ରୀଜଗନ୍ନାଥ ବା ବଡ଼ଭାଇ ବଳଭଦ୍ର ମୁଖ୍ୟ ଚରିତ୍ର ନ ହୋଇ ପରିବାରର ନାରୀ ସଦସ୍ୟାଟି ହୋଇଛି କେନ୍ଦ୍ର ଚରିତ୍ର ବା ମୁଖ୍ୟଚରିତ୍ର। ବସ୍ତୁତଃ ଏହା ଏକ ଉତ୍କଳୀୟ ପରିବାରର ଘଟଣାକୁ କେନ୍ଦ୍ର କରି ରଚିତ। ଏହା ଏକ ଓଡ଼ିଆ ଘରର କଥା। ଯଥାର୍ଥରେ ବଳଭଦ୍ର (ବଳରାମ)ଙ୍କ ପରି ପୁରୁଷତାନ୍ତ୍ରିକ ସମାଜର ପ୍ରତିନିଧିସ୍ଥାନୀୟ ଚରିତ୍ର କାହାଣୀର ଶେଷ ଭାଗରେ ପଶ୍ଚାତ୍ତାପର ଅଗ୍ନିରେ ଦଗ୍ଧ ହୋଇ ମରମବାଣୀ ଶୁଣାଇ କହିଛନ୍ତି ଘରକୁ ସୁନ୍ଦର ଘରଣୀ। ଗୃହିଣୀ ନ ଥିଲେ ଗୃହ ଅସୁନ୍ଦର ଦିଶେ। କବି ବଳରାମ ଦାସ ବଳଭଦ୍ର (ବଳରାମ)ଙ୍କ ମୁଖରେ ଯାହା କୁହାଇଛନ୍ତି, ତାହା ଏହିପରି:

> "ବଳରାମ କହୁଛନ୍ତି ଶୁଣରେ କହ୍ନାଇ
> ଘରକୁ ଘରଣୀ ସିନା ସୁନ୍ଦର ଦିଶଇ।"

ଶୁଦ୍ଧପାଠ ମତେ ସେ ଉକ୍ତିଟି ଥିଲା ଏହିପରି –

> "ବଳରାମେ କହୁଛନ୍ତି ଶୁଣରେ କନାଇ
> ଘରର ଘରଣୀ ଏବେ ସୁନ୍ଦର ଦିଶଇ।"

ବର୍ତ୍ତମାନ 'ଲକ୍ଷ୍ମୀପୁରାଣ'ର ଆଲୋଚନା ଓ ଅନୁଶୀଳନ କରାଯାଉ। ସମୀକ୍ଷାବେଳେ ପ୍ରଥମେ ପାଠକ ଆଗରେ ଯେଉଁ ଶବ୍ଦଟି ଉଭାହୁଏ, ତାହା ହେଉଛି 'ଲକ୍ଷ୍ମୀ'। ଏ 'ଲକ୍ଷ୍ମୀ' କିଏ ? ଗୋଟିଏ ସଭ୍ୟତାରେ, ସଂସ୍କୃତିରେ ବା ସମାଜରେ ଏପରି ଦିବ୍ୟ ବା ଦେବୀ ଚରିତ୍ର କାହିଁକି ଓ କିପରି ରହନ୍ତି ? ସେକଥା ବର୍ତ୍ତମାନ ଆଲୋଚନା ବା ଅନୁଶୀଳନଭୁକ୍ତ କରାଯାଉ।

ଲକ୍ଷ୍ମୀ ହିନ୍ଦୁ ପୁରାଣର ସମୃଦ୍ଧି, ସଫଳତା, ସୌଭାଗ୍ୟ, ସମ୍ପନ୍ନତା, ବୈଭବ, ଶ୍ରୀ, କୁଶଳ, ସୌନ୍ଦର୍ଯ୍ୟ, ଧନ, ଧାନ, ଶସ୍ୟ, ଉର୍ବରତା ଓ କୃଷିର ଦେବୀ। ବିଭିନ୍ନ ସଂସ୍କୃତିରେ ପୃଥିବୀର ବିବିଧ ଭୂଖଣ୍ଡରେ ଦେବୀ ଲକ୍ଷ୍ମୀଙ୍କ ପରି ଦୈବୀଶକ୍ତି ରହିଛନ୍ତି। ମହାନ ଓ ପ୍ରାଚୀନ ସଭ୍ୟତାମାନଙ୍କର ଏହା ଏକ ଲକ୍ଷଣ। କାରଣ ଏହି ଦେବଦେବୀମାନେ ହିଁ ସେ ସଭ୍ୟତା ଓ ସଂସ୍କୃତିର ପ୍ରତ୍ୟୟ ଆଧାର। ସେମାନଙ୍କ ଉତ୍କ୍ରମଣ ଓ ଅନୁକ୍ରମଣର, ଆସ୍ଥା ଓ ଅସ୍ତିତ୍ୱର ଭିତ୍ତିଭୂମି। ମାନସିକ ଓ ଆଧ୍ୟାତ୍ମିକ ସ୍ତରରୁ ଭୌତିକସ୍ତରୀୟ ବିକାଶ ବା ଉନ୍ନତିର ପରିପନ୍ଥୀ ଭାବେ ଏସବୁ ଦେବଦେବୀଙ୍କୁ ମଣିଷ ଗ୍ରହଣ କରିଆସିଛି। ଯଥା– ଗ୍ରୀକ୍‌ଦେବୀ ଟାଇଚି (Tyche), ରୋମୀୟ ଦେବୀ ଫର୍ଚ୍ୟୁନା (Fortuna) ଇଜିପ୍ଟୀୟ ଦେବୀ ଆଇସିସ୍ (Isis), ଚୈନିକ ଦେବୀ କୈଶେନ୍ (Caishen) ଜାପାନୀ ଦେବୀ ବେଞ୍ଜୈଟିନ୍ ବା ବେଞ୍ଜାଇନେ (Benzaiten) ବୌଦ୍ଧଦେବୀ ବସୁଧାରା (Vasudhara), ଆଫ୍ରିକୀୟ ଯୋରୁବା ଦେବୀ ୟେମୋଜା (Yemaya), ନର୍‌ୱେର ଦେବୀ ଫ୍ରେୟା (Freyja), ପ୍ରେମ, ଯୁଦ୍ଧ ଓ ଉର୍ବରତାର ପ୍ରାଚୀନ ମେସୋପଟାମିଆର

ଦେବୀ ବା ସୁମେରୀୟ ଦେବୀ ଇନାନା (Inanna), ପୂର୍ବସେମିଟିକ୍ ବା ଆସିରୀୟ ଦେବୀ ଇସ୍ତା (Ishtar), ବାଲିର ଶ୍ରୀଦେବୀ ପ୍ରଭୃତି ଅନେକ। ସେହିପରି ଦେବୀ ମହାଲକ୍ଷ୍ମୀଙ୍କୁ ଆଠ ଭାଗରେ ହିନ୍ଦୁ ପୁରାଣରେ ବର୍ଣ୍ଣନା କରାଯିବାର ଲକ୍ଷ୍ୟ କରିହେବ। ଯଥା– ଆଦିଲକ୍ଷ୍ମୀ, ଧାନ୍ୟଲକ୍ଷ୍ମୀ, ବୀର ଲକ୍ଷ୍ମୀ, ଗଜଲକ୍ଷ୍ମୀ, ସନ୍ତାନଲକ୍ଷ୍ମୀ, ବିଦ୍ୟାଲକ୍ଷ୍ମୀ, ବିଜୟଲକ୍ଷ୍ମୀ ଓ ଧନଲକ୍ଷ୍ମୀ / ଐଶ୍ୱର୍ଯ୍ୟଲକ୍ଷ୍ମୀ। ଓଡ଼ିଶା ପରି ଏକ କୃଷିସଂପ୍ରଦାୟପ୍ରଧାନ ରାଜ୍ୟରେ ଏସବୁ ଲକ୍ଷ୍ମୀଙ୍କର ଉପାସନାତ୍ମକ ଗୁରୁତ୍ୱ ରହିବା ସ୍ୱାଭାବିକ। ଏଣୁ ବଳରାମ ଦାସ ଏଠାରେ 'ଲକ୍ଷ୍ମୀପୁରାଣ' ପରି ବିଷୟବସ୍ତୁରୁ ପରିକଳ୍ପନା କରିଛନ୍ତି। ଏହି ବିଷୟବିନ୍ୟାସ ଅତ୍ୟନ୍ତ ସୁଚିନ୍ତିତ, ସୁବିନ୍ୟସ୍ତ ଓ ସୁବ୍ୟବସ୍ଥିତ। ଓଡ଼ିଶାର ଐତିହ୍ୟ, ପରମ୍ପରା, ଇତିହାସ, ସମାଜବ୍ୟବସ୍ଥା ପ୍ରଭୃତି ଏହାର କାରକ ଓ ଉତ୍ପ୍ରେରକ ମାତ୍ର।

ଶସ୍ୟ ଓ ଉର୍ବରତାର ଦେବୀ ଭାବରେ ସମଗ୍ର ପୃଥିବୀର ଆଫ୍ରିକୀୟ ଚକ୍ର ଅନ୍ତର୍ଗତ ବିବିଧ ଅଞ୍ଚଳ ଓ ଆଞ୍ଚଳିକ ସଂସ୍କୃତି ଆଧାରରେ – ଦକ୍ଷିଣ ନାଇଜେରୀୟ ଅଞ୍ଚଳର ଇବୋ (Igbo) ଗୋଷ୍ଠୀର ଦେବୀ 'ଏଲା' (Ala), ଘାନାର ଅସାନ୍ତି ଅଞ୍ଚଳର ଅକାନ ଗୋଷ୍ଠୀର ଦେବୀ 'ଅସାନ୍ତେ' (Asante) ବା ଅସାନ୍ତି (Ashanti), ଦକ୍ଷିଣ ସୁଦାନ ଅଞ୍ଚଳରେ ବସବାସ କରୁଥିବା ଡିଙ୍କା (Dinka) ଗୋଷ୍ଠୀର ଉର୍ବରତାର ଦେବୀ ଡେଙ୍ଗ୍ ବା ଡେଙ୍କା (Deng or Denka), ଦକ୍ଷିଣ ଆଫ୍ରିକାର ଜୁଲୁଗୋଷ୍ଠୀର ଦେବୀ ମ୍ବାବା ମ୍ୱାନା ୱାରେସା (Mbaba Mwana Waresa), ଲାଟିନ୍ ଆମେରିକା ଅଞ୍ଚଳର ଦେବୀ ଓଶୁନ୍ (Oshun), ଆଫ୍ରିକାର ଓହାଫିଆ ଅଞ୍ଚଳର ଦେବୀ 'ଓରାଇ' (Orie), ପ୍ରାଚୀନ ଇଜିପ୍ଟୀୟ ଚକ୍ରର ବିବିଧ ସଂସ୍କୃତି ଓ ଧାର୍ମିକ ପ୍ରତ୍ୟୟାନୁସାରେ ଗୃହୀତ ଅମୁନ୍ (Amun), ବସ୍ତେତ୍ (Bastet), ହଥୋର୍ (Hathor), ହେକେତ୍ (Heqet), ହେରିଶାଫ୍ (Heryshaf), ଆଇସିସ୍ (Isis), କ୍ନୁମ୍ (Knum), ମେସେନେଟ୍ (Mesenet), ମିନ୍ (Min), ଓସିରିସ (Osiris), ରେନେନ୍ୟୁଟେଟ୍ (Renenutet), ସୋବେକ୍ (Sobek), ସୋପ୍‌ଦେତ୍ (Sopdet), ତାୱାରେତ୍ (Tawaret), ତେଫ୍‌ନତ୍ (Tefnut), ୟୋରୁବା ଗୋଷ୍ଠୀର ଦେବୀ 'ଏକ୍ଷୁ୍ୟ' ଓ ଓୟା ତଥା ଆଞ୍ଚଳିକ ଆମେରିକୀୟ ଗୋଷ୍ଠୀର କୋକୋ ପେଲ୍ଲି, ଆଇରେକ୍ୱିସ୍ ଦେବୀ ଅତାହେନ୍‌ସିକ୍, ଆଜ୍‌ଟେକୀୟ ଦେବୀ ଚିମାଲ୍‌ମା (chimalma), କୋଟ୍‌ଲିକ୍ୟୁ (Coatlicue), ଯୋଚିପିଲ୍ଲି (Xochipilli), ଯୋଚିକ୍ୱେଜାଲ୍ (Xochiquetzal), ଇଙ୍କାର ଶସ୍ୟଦେବୀ ସାରାମାମା (Sara Mama), ମାମା ଓକ୍‌ଲୋ, ପାଛାମାମା ଦେବୀତ୍ରୟୀ, ଟାଇନୋର ଶସ୍ୟଦେବୀ ୟୁଚହୁ ଓ ଅତାବେ, ୟୁରୋପୀୟ ଚକ୍ରରେ ଆଲ୍‌ବାନୀୟ ଦେବୀ ପ୍ରେଣ୍ଡେ, ବାଲ୍‌ଟିକ୍ ଦେବୀ ଲାଇମା ଓ ଜେମେସ୍ ମାତେ, କେଲ୍‌ଟିକ୍ ଦେବୀ ବ୍ରିଗିଡ୍, ସେର୍‌ନ୍ୟୁନସ୍, ଦାମାରା, ଦାମୋନା, ଏପୋନା, ନାନ୍ତୋସୁଏଲ୍ଟା, ଓନ୍ୟୁଆଭା, ଓ ରୋଜ୍‌ମେର୍ତା, ଏଟ୍ରୁସ୍କୀୟ ଦେବୀ ଥେସାନ୍, ଟ୍ୟୁରାନ୍ ଓ ଫ୍ୟୁଫ୍ଲୁନ୍ସ, ଫିନ୍‌ଲାଣ୍ଡର ଦେବୀ ଅକ୍କାସ, ରାଉନି, ପେକୋ, ପଶ୍ଚିମଇସ୍ତୋନୀୟ ଦେବୀ ମେଟ୍‌ସିକ୍, ମୋର୍ଦୋଭୀୟ ଦେବୀ ନୋରୋଭାବା', ସନ୍‌ସୋକୋନାଭା, କୋମିର ଦେବୀ ଯାର୍ନି – ଆଁ, ହଙ୍ଗେରୀୟ ଉର୍ବରତାର ଦେବୀ ବବ୍ବା (Babba or Aranyanya), ଓବ୍ ୟୁଗ୍ରିକ୍ ଦେବୀ କାଲ୍‌ଟେସ୍ ଏକ୍ୱା (Kaltes Ekwa), ଜର୍ମାନୀର ଏଓଷ୍ଟ୍ରୋ, ଫ୍ରେୟର୍, ଫ୍ରେୟଜା, ଫ୍ରିଗ୍, ଜେଫ୍‌ଜୁନ୍, ନେର୍ଥୋସ୍, ଜ୍ୟୋର୍ଡ୍ର, ଥୋର, ଗ୍ରୀକ୍ ଦେବୀ ଆର୍ଟେମିସ୍, ଡିମିଟର୍, ଆଫିଆ (Aphaea), ହେରା, ରୋମୀୟ ଦେବୀ ରୋବିଗସ୍, ଫେରୋନିଆ, ଫେକଣ୍ଡିଟାସ୍, ସ୍ଲାଭିକ୍ ଦେବୀ ଜିଭା ଓ କୋସ୍ତୋମା, ହାୱାଇ ଦୀପପୁଞ୍ଜ ଅନ୍ତର୍ଗତ ସଂସ୍କୃତିର ଦେବୀ ହାଉମିଆ (Haumea), ଓ ଏସୀୟ ଚକ୍ରସ୍ଥ ଆର୍ମେନୀୟ ଦେବୀ ଆନାହିତ୍, ଚୈନିକ, ଫିଲିପିଆଇନ୍ସ, ଭିଏତନାମ୍, ହିଟ୍ଟାଇଟ୍ ଦେବୀମାନଙ୍କ ପରି ଅନେକ ଦେବୀଙ୍କ ବିଶେଷତ୍ୱ ଓଡ଼ିଆ (ହିନ୍ଦୁ) ଦେବୀ ମହାଲକ୍ଷ୍ମୀଙ୍କ ମଧ୍ୟରେ ରହିଛି। ଏଥିରୁ ଏହା ଅନ୍ତତଃ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ପ୍ରତ୍ୟେକ ସଭ୍ୟତା ତା'ର ବିକାଶ ନିମନ୍ତେ ଏକ ସାଂସ୍କୃତିକ ଧାର୍ମିକ ଅଭିପ୍ରତ୍ୟୟ ଉପରେ ଭୀଷଣ ଆସ୍ଥା ପ୍ରକଟ କରିଥାଏ। ତା'ରି ଆଧାରରେ ସେ ଜୀଏଁ। ସଭ୍ୟତା ଓ ସଂସ୍କୃତିର ଏପରି ସାମ୍ୟ ଓ ଓଡ଼ିଶାର ଐତିହାସିକ ଆଧାରରେ ବଳରାମ ଦାସ ଦେବୀ ଲକ୍ଷ୍ମୀଙ୍କୁ ନେଇ ଏପରି ପୁରାଣଟିଏ ରଚନା କରିବା କେତେ ଯଥାର୍ଥ – ଏଥିରୁ ଖୁବ୍ ଅନୁମାନ କରାଯାଇପାରେ।

ପାଠକ 'ପୁରାଣ' ଶବ୍ଦଟିକୁ ଦ୍ୱିତୀୟରେ ଭେଟେ। ଏହି ଶବ୍ଦଟି ପାଠକକୁ ବିଚଳିତ କରେ। ସୁତରାଂ ଏହି ଶବ୍ଦଟିକୁ ବୁଝିବା ଆବଶ୍ୟକ। ଡକ୍ଟର ନଟବର ଶତପଥୀଙ୍କ ଭାଷାରେ – "ପୁରାଣ ଇତିହାସ ପରି ପ୍ରାଚୀନ ଏବଂ ପୁରାଣରେ ଇତିହାସର ଆଦି ସଂସ୍ଥାନ। ଉଭୟ ଯୁଗ୍ମଶବ୍ଦ ରୂପେ ପ୍ରାଚୀନ କାହାଣୀକୁ ଇଙ୍ଗିତ କରନ୍ତି।" ପୁରାଣର ପ୍ରମୁଖ ପାଞ୍ଚ ଲକ୍ଷଣାବଳୀ, ସର୍ଗ, ପ୍ରତିସର୍ଗ, ବଂଶ, ମନ୍ୱନ୍ତର ଓ ବଂଶାନୁଚରିତ ହୋଇଥିଲା ବେଳେ ରାଜଶେଖର ତାଙ୍କ 'କାବ୍ୟ ମୀମାଂସା'ରେ ପୁରାଣର ପଞ୍ଚଲକ୍ଷଣାବଳୀ ଭାବରେ ସର୍ଗ, ପ୍ରତିସଂହାର, କଳ୍ପ, ମନ୍ୱନ୍ତର ଓ ବଂଶବିଧିକୁ ଗ୍ରହଣ କରିଛନ୍ତି। କୌଟିଲ୍ୟ 'ଅର୍ଥଶାସ୍ତ୍ର'ରେ ସୃଷ୍ଟି, ପ୍ରବୃତ୍ତି, ସଂହାର, ଧର୍ମ ଓ ମୋକ୍ଷକୁ ପଞ୍ଚଲକ୍ଷଣ ଭାବରେ ଗ୍ରହଣ କରିଛନ୍ତି। ସେହିପରି 'ଶ୍ରୀମଦ୍ ଭାଗବତ'ରେ ପୁରାଣର ଦଶବିଧ ଲକ୍ଷଣ ଭାବରେ ସର୍ଗ, ବିସର୍ଗ, ବୃତ୍ତି, ରକ୍ଷା, ମନ୍ୱନ୍ତର, ବଂଶ, ବଂଶାନୁଚରିତ, ସଂସ୍ଥା, ହେତୁ, ଓ ଅପାଶ୍ରୟକୁ ଗ୍ରହଣ କରାଯାଇଛି। କଳାତ୍ମକ, ଆଖ୍ୟାସିକା, ଦାର୍ଶନିକ ଓ ଯାନ୍ତ୍ରିକ ସୃଷ୍ଟିପ୍ରକ୍ରିୟାକ୍ରମେ ପ୍ରାକୃତ, ବୈକୃତ ଓ କୌମାର ସର୍ଗାନ୍ତର୍ଗତ ବ୍ରାହ୍ମ, ଭୂତ, ବୈକାରିକ, ମୁଖ୍ୟ,

ତୀର୍ଯ୍ୟକ, ଦେବ, ମାନବ, ଅନୁଗ୍ରହ ଓ ରୁଦ୍ର ଅଂଶାଦିର ବର୍ଣ୍ଣନା ସାଂଗକୁ ନୈମିତ୍ତିକ, ପ୍ରାକୃତିକ, ଆତ୍ୟନ୍ତିକ ଓ ନିତ୍ୟ ପ୍ରତିସର୍ଗାବଳୀ ଓ ବିବିଧ ବଂଶ ଓ ବଂଶାନୁଚରିତାବଳୀ, ତଥା ମନ୍ୱନ୍ତରର ବର୍ଣ୍ଣନାକୁ ଅଂଗୀକାର ବା ଆତ୍ମସ୍ଥ କରି ପୁରାଣ ସୃଷ୍ଟି ହୁଏ। ପୁରାଣର ଏକ ବିଧିବଦ୍ଧ ସାମାଜିକ, ଧାର୍ମିକ, ସାଂସ୍କୃତିକ, ରାଜନୀତିକ ଓ ଐତିହାସିକ ପୃଷ୍ଠଭୂମି ରହିଛି। ପୁରାଣର ଆତ୍ମା ହେଉଛି ତା'ର ସାଂସ୍କୃତିକ ନିର୍ଯ୍ୟାସ। ତା'ର ଶରୀର ସାମାଜିକ ଓ ଐତିହାସିକ ନିର୍ଯ୍ୟାସରେ ପରିପୁଷ୍ଟ ହୋଇଥାଏ।

ଓଡ଼ିଆ ପୁରାଣ ରଚନାର ପୃଷ୍ଠଭୂମି ବେଶ୍ ଗୁରୁତ୍ୱ ପୂର୍ଣ୍ଣ। କାରଣ ଓଡ଼ିଆ ପୁରାଣ ପରଂପରା ଆରମ୍ଭ ଆଗରୁ ଉତ୍କଳୀୟ ପରିବେଶ (ସାମାଜିକ, ସାଂସ୍କୃତିକ ଓ ରାଜନୀତିକ) ସଂପୂର୍ଣ୍ଣ ଭ୍ରଷ୍ଟାଚାରମଗ୍ନ ଥିଲା। ଏକ ଭୋଗବାଦୀ ଭ୍ରଷ୍ଟ ମାନସିକତା ଦେଇ ସମାଜ ଗତି କରୁଥିଲା। ବିଭିନ୍ନ ଧାର୍ମିକ ଗୋଷ୍ଠୀମାନଙ୍କ ଅପାଚାର ପ୍ରାଦୁର୍ଭାବ ସାଙ୍ଗକୁ ତନ୍ତ୍ର-ମନ୍ତ୍ର-କାୟାସାଧନା-ହଟଯୋଗ ଆଦିର ଭୀଷଣ ପ୍ରଭାବ ସହିତ ଜାତିଆଣ ଭାବ ପରି ସାମାଜିକ ଓ ମାନସିକ ବ୍ୟାଧିଗ୍ରସ୍ଥ ଥିଲା ସେ ସମୟ। ବ୍ରାହ୍ମଣ ଓ ତଥାକଥିତ ପଣ୍ଡିତମାନଙ୍କର ନିମ୍ନବର୍ଗର ଖଟିଖିଆ ମେହେନତି ମଣିଷଙ୍କ ପ୍ରତି ତୀବ୍ରାତିତୀବ୍ର ବିଦ୍ୱେଷ ଭାବ ଉତ୍କଟ ରୂପ ଧାରଣ କରିଥିଲା। ନାରୀଥିଲା ଉପଭୋଗର ଏକ ବସ୍ତୁମାତ୍ର। ତା'ର ସ୍ୱାଭିମାନ ବୋଲି କିଛି ନଥିଲା। ବୌଦ୍ଧଯୁଗୀୟ ବଜ୍ରଯାନୀ, ସହଜଯାନୀ ଦର୍ଶନ ଓ ତା'ର ଐତିହ୍ୟ ଏହାର ପ୍ରଗଳ୍ଭ ଦସ୍ତାବିଜ୍। ଉତ୍କଳୀୟ ସମାଜ ମୁଖ୍ୟତଃ କୃଷିକାର୍ଯ୍ୟ ଉପରେ ଥିଲା ନିର୍ଭରଶୀଳ। ବାରମାସରେ ତେର ପର୍ବର ସାଂସ୍କୃତିକ ପସରା ମଧ୍ୟରେ ଅନେକତ୍ର ଅନ୍ଧବିଶ୍ୱାସ ଓ ଅପାଚାର ସ୍ଥାନ ଲାଭ କରିଥିଲା। ଏଥିରେ ମଧ୍ୟ ବଳି ପଡୁଥିଲେ ନିମ୍ନବର୍ଗର ଲୋକେ। ସାମାନ୍ତବାଦୀମାନଙ୍କର ଅହଂକାର ଓ ମାନସିକ ବିକାର ଶରବିଦ୍ଧ କରୁଥିଲା ନିମ୍ନବର୍ଗର ଲୋକଙ୍କୁ। ଡକ୍ଟର ନୃସିଂହ ଷଡ଼ଙ୍ଗୀଙ୍କ ଭାଷାରେ - "ସାମନ୍ତବାଦୀମାନଙ୍କର ଅହଂ ଓ ଆତ୍ମବଡ଼ିମା, ଅନୁଶାସନ ନାମରେ ସମାଜକୁ ଶୋଷଣ ତଥା ସାଂସ୍କୃତିକ ପ୍ରେକ୍ଷାପଟରେ ସେମାନଙ୍କର ଆତ୍ମବିଜ୍ଞାପନକୌଶଳ ଉଭୟ ସମାଜ ଓ ସଂସ୍କୃତି ପାଇଁ ଥିଲା ଏକ ଏକ ଦୁର୍ବିସହ ପୀଡ଼ା। ପଞ୍ଚଦଶ ଶତାବ୍ଦୀରେ ପୁରାଣ ରଚନାର ପରମ୍ପରା ଅନୁସୃତ ହେବା ପୂର୍ବରୁ ତତ୍କାଳୀନ ସାମାଜିକ ଜୀବନ ବହୁମାତ୍ରାରେ ଥିଲା ତାନ୍ତ୍ରିକ ରାଜନୀତି ପ୍ରଭାବିତ।" (ଓଡ଼ିଆ ପୁରାଣ ସାହିତ୍ୟ) ସମାଲୋଚକ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ - "ସେଦିନର ଅଭିଚାରଗ୍ରସ୍ତ ସମାଜରେ ସ୍ତମ୍ଭନ, ମୋହନ, ମାରଣ, ତାରଣ, ବଶୀକରଣ ଓ ଉଚ୍ଚାଟନ ପ୍ରଭୃତି ତାନ୍ତ୍ରିକ ଆଚାର ବା ଉଲ୍ଲୁକ ବିଦ୍ୟା ପ୍ରଚଳିତ ଥିଲା।" (ଓଡ଼ିଆ ସାହିତ୍ୟର ଆଦିପର୍ବ) ସହଜିୟା ଯୌନାଚାର ଓ ଉଚ୍ଛୃଙ୍ଖଳ ମନୋଭାବକୁ ତତ୍କାଳୀନ ଓଡ଼ିଆ ଜନଜୀବନ ପ୍ରତିକ୍ରିୟାଶୀଳ ହୋଇ ପ୍ରତିବାଦ କରିଥିଲା। ଏହି ପ୍ରତିବାଦର ଫଳସ୍ୱରୂପ 'ଲକ୍ଷ୍ମୀପୁରାଣ' ପରି ଲୋକପ୍ରିୟ ସାରସ୍ୱତ କୃତିର ଜନ୍ମ ସମ୍ଭବ ହେଲା। କହିବା ବାହୁଲ୍ୟ ଯେ, 'ଜଗମୋହନ ରାମାୟଣ' ବା 'ଲକ୍ଷ୍ମୀପୁରାଣ' ପରି କ୍ରାନ୍ତିକାରୀ ଉତ୍କଳୀୟ ସାରସ୍ୱତ କୃତି ସକାଶେ ଦୀର୍ଘଦିନ ଧରି ସମ୍ମୋହନ ସୂତ୍ରରେ ବାନ୍ଧିହୋଇ ପଡ଼ିଥିବା ଓଡ଼ିଆ ମନ-ପ୍ରାଣ ଓ ଜନଜୀବନ ଏକ ନବପ୍ରଜନ୍ମକୁ ଭେଟିବାର ସ୍ୱପ୍ନ ଦେଖି ପାରିଲା, ମନରେ ଆଶା ବାନ୍ଧି ପାରିଲା।

ଯଦି ଓଡ଼ିଆ ପୁରାଣର ରାଜନୀତିକ ବା ଐତିହାସିକ ପୃଷ୍ଠଭୂମି ଦେଖିବା ଏହା ସ୍ପଷ୍ଟ ଜାଣିହେବ ଯେ, ପୁରାଣର ତଥାକଥିତ ପଞ୍ଚବିଧ - ଦଶବିଧ ଲକ୍ଷଣରେ ଯେଉଁ ରାଜବଂଶୀୟ ବିବରଣୀ କୈନ୍ଦ୍ରିକତା ରହିଥିଲା ଏହା ତାକୁ ଗୁରୁତ୍ୱ ନଦେଇ ସାମାଜିକ ସଂସ୍କାର, ବୈପ୍ଳବିକ ମନୋବୃତ୍ତି, ଧାର୍ମିକ ସଂସ୍କାର ପ୍ରଭୃତିକୁ ଗୁରୁତ୍ୱ ପ୍ରଦାନ କରିଥିଲା। ସାରଳା ଦାସଙ୍କ ପରି ବଳରାମ ଦାସ ମଧ୍ୟ ଜଣେ ସମାଜ ସଂସ୍କାରକ ଅଗ୍ରଦୂତ ତଥା Avant Garde।

'ଲକ୍ଷ୍ମୀପୁରାଣ' ଏକ ମୌଳିକ ଓଡ଼ିଆ ପୁରାଣର ବୈଶିଷ୍ଟ୍ୟ ରକ୍ଷାକ୍ରମେ ସମକାଳୀନ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ରାଜନୀତିକ ସମସ୍ୟା ତଥା ଆବେଦନକୁ ପ୍ରତିଫଳିତ କରିଛି। ଓଡ଼ିଆ ପୁରାଣ ଗତାନୁଗତିକ ପୌରାଣିକ ପରମ୍ପରାର ନବୀକରଣ କରିଛି। ସେ ସୂତ୍ରରେ ଲକ୍ଷ୍ମୀପୁରାଣର କଳେବର ଓ ନ୍ୟାରେଟିଭ୍ ଉଭୟ ବିଚାର୍ଯ୍ୟ। ଓଡ଼ିଶାର ଜାତୀୟତା, ଭୌଗୋଳିକ ଚିତ୍ର, ଇତିହାସର ସ୍ପନ୍ଦନ, ସମାଜ ବ୍ୟବସ୍ଥାକୁ ପ୍ରାଧାନ୍ୟଦେଇ 'ଲକ୍ଷ୍ମୀପୁରାଣ' ଓଡ଼ିଆ ପ୍ରାଣରେ ସ୍ୱତନ୍ତ୍ର ସ୍ଥାନଲାଭ କରିପାରିଛି। ଏଥିରେ ଓଡ଼ିଶାର କୃଷିକୈନ୍ଦ୍ରିକ ଜୀବନ ଓ ଓଡ଼ିଶାର ଲୋକାଚାର ପ୍ରତିଫଳିତ ହେବାସହ ମେଜର୍ ଚରିତ୍ର ବା ବିଷୟକେନ୍ଦ୍ର ପାଲଟିଛନ୍ତି ନିମ୍ନବର୍ଗର ଖଟିଖିଆ ମେହେନତି ମଣିଷମାନେ। ଏହି ପୁରାଣରେ ବ୍ରାହ୍ମଣ୍ୟ ସଂସ୍କୃତିର ବିରୋଧ ଓ ଜାତିପ୍ରଥାର ବିଲୋପ ପାଇଁ ଆନ୍ଦୋଳନାତ୍ମକ ଆହ୍ୱାନ ରହିଛି। ଧର୍ମରେ ଉଦାରତା ଆଣିବାର ବ୍ୟବସ୍ଥା / ପ୍ରଚେଷ୍ଟା ଏଠାରେ କରାଯାଇଛି। ସ୍ୱୈରାଚାର, ପାପବୋଧ ପ୍ରତି ସଚେତନ ମନୋଭାବ ସାଙ୍ଗକୁ, ସତ୍ୟରକ୍ଷା, ସତୀତ୍ୱ, ନୀତିନିୟମରକ୍ଷା ପ୍ରତି ଅଙ୍ଗୀକାରବଦ୍ଧତା, ନାରୀସ୍ୱାଧୀନତା ଓ ନାରୀର ସ୍ୱାଭିମାନସୁରକ୍ଷା ପ୍ରତି ସଚେତନତା, ଲୋକଭାଷାର ଗୁରୁତ୍ୱ, ଅନୁରାଗପ୍ରାଣତା, ଆଞ୍ଚଳିକସଂସ୍କୃତି ପ୍ରତି ଗୁରୁତ୍ୱାରୋପ, ଲୋକୋକ୍ତି, ଜନଶ୍ରୁତି, ଲୋକପରମ୍ପରା, ଲୋକସଂସ୍କୃତି, ଚାଲିଚଳଣି, ଲୌକିକ ଭାଷା, ଆଞ୍ଚଳିକ ଭୂଗୋଳ ଓ ଏପରିକି ଲୌକିକ ଛନ୍ଦର ଗୁରୁତ୍ୱ ଅନ୍ୟାନ୍ୟ ପୁରାଣ ପରି 'ଲକ୍ଷ୍ମୀପୁରାଣ'ରେ ମଧ୍ୟ ଦେଖାଯାଏ।

'ଲକ୍ଷ୍ମୀପୁରାଣ'ରେ ଏକରୈଖୀୟ ସମାଜକୁ ଓଲଟାଇ ଦିଆଯାଇଛି। ତଥାକଥିତ ପରମ୍ପରାକୁ ଚାଲେଞ୍ଜ୍ କରି ଏକ ନୂଆ ଗଢ଼ଣର ସୂତ୍ରପାତ କରାଯାଇଛି। ଏଠାରେ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହେଉଛି ଶ୍ରୀୟା

ଚଣ୍ଡାଳୁଣୀ। ସେ ଜଣେ ସବଲଟର୍ଣ୍ଣ ଚରିତ୍ର ବା ଦଳିତ ଚରିତ୍ର। ତା'ପରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହେଲେ ଦେବୀ 'ଲକ୍ଷ୍ମୀ'। ସେ ମଧ୍ୟ ନାରୀ ଭାବରେ ଜଣେ ସବଲଟର୍ଣ୍ଣ ଚରିତ୍ର। ତୃତୀୟ ଗୁରୁତ୍ୱ ପୂର୍ଣ୍ଣ ଚରିତ୍ର ହେଲେ ଅନ୍ୟାନ୍ୟ ଗୌଣଚରିତ୍ର ବା ଦାସ-ଦାସୀ, ବେତାଳ ପ୍ରଭୃତି। କେହି କେହି ଏସବୁକୁ ସହାୟକ (କାରକ) ଚରିତ୍ର ବୋଲାଇପାରନ୍ତି ମଧ୍ୟ। ତତ୍‌ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହେଲେ ଶ୍ରୀଜଗନ୍ନାଥ ଏବଂ ତା' ପରବର୍ତ୍ତୀ ଚରିତ୍ର ହେଲେ ରକ୍ଷଣଶୀଳ, ବ୍ରାହ୍ମଣ୍ୟ - ପୁରୁଷ ସମାଜର ପ୍ରତିନିଧି ବଳରାମ। କିନ୍ତୁ ଯୁଦ୍ଧ ନ କରି କବି ଏହି ଆନ୍ଦୋଳନର ପରିଣତି ସବୁଜିମାରେ ପରିଣତ କରିଛନ୍ତି। ନିଜେ ବଳରାମ ନିଜ ମୁଖରେ ଲକ୍ଷ୍ମୀଙ୍କ ପ୍ରଶଂସା କରି ତାଙ୍କୁ ଶ୍ରୀମନ୍ଦିରର ଶ୍ରୀବର୍ଦ୍ଧନ ନିମନ୍ତେ ସାନଭାଇ କହ୍ନାଇଙ୍କୁ ଗ୍ରହଣ କରି ପାଛୋଟି ନେବାକୁ କହିଛନ୍ତି।

ବିଭିନ୍ନ ପାଠ ମତେ 'ଲକ୍ଷ୍ମୀପୁରାଣ' ପ୍ରାରମ୍ଭରେ କବି ବଳରାମ ଦାସ ମାଆ ଲକ୍ଷ୍ମୀଙ୍କୁ ବନ୍ଦନା କରିବା ପୂର୍ବରୁ ଶ୍ରୀଗଣେଶଙ୍କୁ ନମସ୍କାର କରିଛନ୍ତି ('କ' ପୋଥିରେ), ପୁଣି ଅନ୍ୟପୋଥି ମତେ ('ଖ' ପୋଥିମତେ) ଦାମୋଦର / ଜଗନ୍ନାଥଙ୍କ ବର୍ଣ୍ଣନାରୁ ପାଠାରମ୍ଭ ହୋଇ ପଞ୍ଚମ ପଦରେ ଲକ୍ଷ୍ମୀଙ୍କୁ, ସ୍ତୁତି କରାଯାଇଛି। ଅନ୍ୟଏକ ପୋଥିରେ ପ୍ରଥମ ଦଶପଦରେ ଶ୍ରୀଗଣେଶଙ୍କ ସ୍ତୁତି କରାଯାଇଛି ('ଗ' ପୋଥି)।

କବି ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ପୂର୍ବରୁ କବି ସାରଳା ଦାସ ପଞ୍ଚଦଶ ଶତାବ୍ଦୀରେ 'ଲକ୍ଷ୍ମୀନାରାୟଣ ବଚନିକା' ନାମକ କ୍ଷୁଦ୍ରଗ୍ରନ୍ଥଟିଏ ରଚନା କରିଥିଲେ। ଡକ୍ଟର ବଂଶୀଧର ମହାନ୍ତି ଏହି 'ଲକ୍ଷ୍ମୀ ନାରାୟଣ ବଚନିକା' ଗ୍ରନ୍ଥଟିକୁ ଲୋକଲୋଚନକୁ ଆଣିଥିଲେ। ଉତ୍କୃଷ୍ଟ କୃଷି ଓ କଳାର ଦେଶ ହେଉଛି ଉତ୍କଳ ବା ଓଡ଼ିଶା। କୃଷି ପରମ୍ପରା କେନ୍ଦ୍ରିକ ଦୃଷ୍ଟି ଓ ଦର୍ଶନରେ ସମୃଦ୍ଧ ଏହି ରାଜ୍ୟ। ଧାନ ଏହାର ପ୍ରଧାନ ଋଷଦ୍ରବ୍ୟ। ଧାନ କେଣ୍ଡାଠାରୁ ଧାନପେଣ୍ଡା (ମେଣ୍ଟି) ଯାଏ ସବୁଥିରେ, ଏପରିକି ଏକ ଧାନ ଶୀଂସା ବା ଧାନଗୋଟିକରେ ଓଡ଼ିଆ (ଣୀ)ଟିଏ ଦେଖେ ତା'ର ଆରାଧ୍ୟା, ପରମପ୍ରିୟା ଲକ୍ଷ୍ମୀଙ୍କୁ। ସେ ଓଡ଼ିଆ(ଣୀ)ଟିଏ ପାଇଁ ଉଭୟ ଦେବୀ ଓ ମାନବୀ, ତା'ଘରର ସଦସ୍ୟା, ମାତୃସ୍ଥାନୀୟା। ଏଣୁ ଲକ୍ଷ୍ମୀମାତା ଆସିବା ଲାଗି ଗୋବର ପାଣିରେ ଦାଣ୍ଡଦ୍ୱାର, ଖଳା, କାନ୍ଥବାଡ଼ ସେ ଲିପାପୋଛାକରି ଋଉଳ ଚୂନାରେ ଝୋଟି ପକାଇଥାଏ। ଏହା ଏକ ପ୍ରାଚୀନ ପାରମ୍ପରିକ ଉତ୍କଳୀୟ ଚିତ୍ରକଳାର ନିଦର୍ଶନ ମାତ୍ର।

ସାରଳା ଦାସ 'ଲକ୍ଷ୍ମୀନାରାୟଣ ବଚନିକା' ଗ୍ରନ୍ଥରେ ନାରୀଧର୍ମ ସଂପର୍କରେ ସବିଶେଷ ବର୍ଣ୍ଣନା ଦେଇଛନ୍ତି। ନାରୀର ଆଋର-ବ୍ୟବହାର, ଆଦର୍ଶ ପ୍ରକୃତି ପ୍ରବୃତ୍ତି ପ୍ରଭୃତି ସଂପର୍କରେ ସେ ବର୍ଣ୍ଣନା କରିଛନ୍ତି। 'ଲକ୍ଷ୍ମୀପୁରାଣ'ରେ ବଳରାମ ଦାସ ଏହି ସଂସ୍କାରମୂଳକ ଉକ୍ତିର ସ୍ଫୀତରୂପ ପ୍ରଦାନ କରିଛନ୍ତି। ଷୋଡ଼ଶ ଶତାବ୍ଦୀର ଓଡ଼ିଆ ସାମାଜିକତା ଓ ସାମାଜିକ ସ୍ଥିତିର ଏକ ମନ୍ମୟଚିତ୍ର ଏଠାରେ ବଳରାମ ଦାସ ପ୍ରଦାନ କରିଛନ୍ତି। ପ୍ରକାରାନ୍ତରେ ଲକ୍ଷ୍ମୀପୂଜା ମାଣବସାଗୁରୁବାରରେ ଓଡ଼ିଆଣୀଟିଏ ଦେବୀଙ୍କୁ ଆବାହନ କରୁକରୁ ନିଜେ ଅଧେ ଦେବୀ ପାଲଟି ଯାଇଥାଏ। ଓଡ଼ିଆଣୀଟିଏ ସଦାଋର ଓ ମହତ୍ ଦୃଷ୍ଟି ଓ ଦର୍ଶନ ମାଧ୍ୟମରେ ମାନବୀରୁ ଦେବୀରେ ପରିବର୍ତ୍ତିତ ହୋଇଯାଏ। 'ଲକ୍ଷ୍ମୀପୁରାଣ'ରେ ଶତାଧିକ ଉପଦେଶ (ବିଜ୍ଞାନଭିତ୍ତିକ) ଓଡ଼ିଆ ନାରୀକୁ ଅଧିକରୁ ଅଧିକ ମାର୍ଜିତ କରିବାକୁ ଦିଆଯାଇଛି।

ଘଟଣାଟି ଅତି କ୍ଷୁଦ୍ରାବୟବ ବିଶିଷ୍ଟ। ତାହା ଏହିପରି ଲକ୍ଷ୍ମୀ ମାର୍ଗଶୀର ମାସ ଗୁରୁବାର ଦିନ ନିଷ୍ଠା, ସଦାଋର, ଭକ୍ତି ଓ ସୁନ୍ଦରତାଦ୍ୱାରା ମୁଗ୍ଧହୋଇ ବା ସନ୍ତୁଷ୍ଟହୋଇ ଶ୍ରୀୟାଚଣ୍ଡାଳୁଣୀ ପ୍ରତି ପ୍ରସନ୍ନ ହେବା ସହିତ ତା' ଦ୍ୱାରକୁ ଯାଇଛନ୍ତି। ନାରଦ ଓ ପରାଶର ମୁନି ଉକ୍ତିପ୍ରତ୍ୟୁକ୍ତିଛଳରେ ଲକ୍ଷ୍ମୀପୂଜାର ଯେଉଁ ବିଧି ବର୍ଣ୍ଣନା କରିଛନ୍ତି ସେସବୁ ଶ୍ରୀୟା ଅତ୍ୟନ୍ତ ମନୋଯୋଗ ସହକାରେ ନିଷ୍ଠାର ସହ କରିଛି। ଏହାର ଫଳସ୍ୱରୂପ ଲକ୍ଷ୍ମୀ ସେଠାକୁ ଯାଇ ଭକ୍ତକୁ ଦର୍ଶନ ଦେଲେ। ଚଣ୍ଡାଳୁଣୀର ଘରକୁ ଯାଇଥିବାରୁ ବା ନୀଚଜାତିର ଲୋକଙ୍କ ଘରେ ପାଦଦେବାରୁ ଜଗନ୍ନାଥଙ୍କୁ ବଡ଼ଭାଇ ବଳରାମ କହି ଲକ୍ଷ୍ମୀଙ୍କୁ ଅଶୌଚ, ଅଶୁଦ୍ଧ ବିବେଚନା କରିବା ସହ ଧିକ୍କାର କରି ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦେଲେନାହିଁ। ଲକ୍ଷ୍ମୀ ଅଭିମାନ କରି ଦେହରୁ ତାଙ୍କର ସବୁ ଅଳଙ୍କାର କାଢ଼ି ଦେଇ ନିଜ ବାପଘରକୁ ଋଲିଗଲେ। ଗଲାବେଳେ ସେ କୋପବଶତଃ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ବାରବର୍ଷକାଳ ଦାରିଦ୍ର୍ୟରେ ଅନ୍ନବସ୍ତ୍ର-ଜଳବିନା କଷ୍ଟାତିକଷ୍ଟରେ କାଳାତିପାତ କରିବାର ଅଭିଶାପ ଦେଇଗଲେ। ସମୁଦ୍ର କୂଳର ଲକ୍ଷ୍ମୀମନ୍ଦିର ଓ କିମ୍ବଦନ୍ତୀ ଆଧାରରେ ଏହି ମିଥ୍‌ଟି ସୁନିର୍ମିତ ବୋଲି ଜଣାଯାଏ। ଲକ୍ଷ୍ମୀଯାଇ ସମୁଦ୍ର କୂଳରେ ବିଶ୍ୱକର୍ମା ନିର୍ମିତ ଘରେ ରହିଲେ। ଏହାପରେ ଲକ୍ଷ୍ମୀ ନିଜ ଶକ୍ତିବଳରେ ବେତାଳମାନଙ୍କୁ ଡାକି ଆଜ୍ଞାଦେଲେ ଶ୍ରୀମନ୍ଦିର ଭଣ୍ଡାର ଶୂନ୍ୟକରି ସବୁ ବୋହି ଆଣିବା ପାଇଁ। ଏପରିକି ଜଗନ୍ନାଥଙ୍କ ରତ୍ନ ପଲଙ୍କକୁ ମଧ୍ୟ ବାଦ ଦେଲେ ନାହିଁ। ଜଗନ୍ନାଥ ଓ ବଳରାମ ଦାରିଦ୍ର୍ୟଦୁର୍ଦ୍ଦଶା ଭୋଗିଲେ। ଲକ୍ଷ୍ମୀଙ୍କ କୂଟ ଓ ମାୟାର ଶିକାର ହୋଇ ଦୁଇଭାଇ ଦ୍ୱାରଦ୍ୱାର ଭିକ୍ଷାକଲେ। କେଉଁଠାରୁ ଭିକ୍ଷା ନ ପାଇ କ୍ଷୁଧାତୃଷ୍ଣାରେ ଆଉଟୁପାଉଟୁ ହେଲେ। ସରସ୍ୱତୀଙ୍କ ଆଜ୍ଞାରେ କାହାରି କଣ୍ଠରେ ଦୟା / କରୁଣାଭାବ ଜାତହେଲାନାହିଁ। ଏପରିକି ଦୁଇ ଭିକ୍ଷୁକ ଭ୍ରାତାଙ୍କୁ ଦେଖି ଠେଙ୍ଗାବାଡ଼ି ଧରି ଘଉଡ଼ାଇଲେ। ଯିଏ ଖାଇବାକୁ ଦେଲା ପବନ ଦେବଙ୍କଦ୍ୱାରା ଖଇଗଣ୍ଡାକ ଉଡ଼ାଇ ନିଆଗଲା। ଏଣୁ ଶେଷରେ ଦୁଇଭାଇ ଲକ୍ଷ୍ମୀଙ୍କ ଘରେ / ଦ୍ୱାରରେ ପହଞ୍ଚିଛନ୍ତି। ରାନ୍ଧିବାଲାଗି ଲକ୍ଷ୍ମୀ ସଞ୍ଜା ଦେଇ ସେପଟେ ଅଗ୍ନିଦେବ ଓ ପବନଦେବଙ୍କୁ କହି ଜାଳରେ ନିଆଁ ଲାଗିବା ଓ ପବନରେ ଲିଭେଇବା କାମ କରାଇ ରନ୍ଧାଇ ଦେଲେ ନାହିଁ। ପରିଣତିରେ ପ୍ରକୃଷ୍ଟ ଓଡ଼ିଆଣୀ

ପରି ସ୍ୱାମୀ – ଦେଢଶୁର ଦୁଃଖ ଦେଖି ନପାରି ଶେଷରେ ଲକ୍ଷ୍ମୀ ନିଜ ହାତରନ୍ଧା ଦୁହିଁଙ୍କୁ ଖୁଆଇଲେ। ଖାଇବା ପରେ ଜଗନ୍ନାଥଙ୍କ ମନ ପସନ୍ଦର ପୋଡ଼ପିଠା ଖୁଆଇଲେ। ଏଠାରେ ମନେ ପଡ଼ିଲା ଦେବୀ ଲକ୍ଷ୍ମୀ କିପରି ତାଙ୍କୁ (ଜଗନ୍ନାଥଙ୍କୁ) ପୋଡ଼ପିଠା ଖୁଆନ୍ତି ଠିକ୍ ଖାଇ ସାରିଲା ପରେ। ଲକ୍ଷ୍ମୀ ଏସବୁ ଝରକାବାଟେ ଦେଖୁଥାଆନ୍ତି। ଦାସୀ ହାତରେ ପଚାରିବାକୁ ଦେବୀ କହି ପଠାଇଲେ ଦୁଇଭାଇ ବିଭା ହୋଇଛନ୍ତି କି ନାହିଁ। ଏହାର ଉତ୍ତରରେ ଜଗନ୍ନାଥ କହିଛନ୍ତି ଲକ୍ଷ୍ମୀପରି ଭାର୍ଯ୍ୟାକୁ ଭର୍ତ୍ସନା କରି ଏହି ଦୁର୍ଦ୍ଦଶା ଭୋଗୁଛନ୍ତି। ଏହା ଲକ୍ଷ୍ମୀଙ୍କରଘର ଜାଣିବା ପରେ ବଳରାମଙ୍କ କଥାରେ ଜଗନ୍ନାଥ ଲକ୍ଷ୍ମୀଙ୍କୁ କ୍ଷମାଯାଚନା ପାଇଁ ଯାଇଛନ୍ତି। ଲକ୍ଷ୍ମୀ ଏକଥା ଜାଣିପାରି ସାଙ୍ଗେସାଙ୍ଗେ ପତିଙ୍କ ପାଦଧୋଇ ଯଥୋଚିତ ଅର୍ଚ୍ଚନାବନ୍ଦନା କଲେ ଠିକ୍ ଓଡ଼ିଆଣୀଟିଏ ପରି। ପୁଣି ହସିହସି ଲକ୍ଷ୍ମୀ କହିଲେ ମୋତେ ଚଣ୍ଡାଲୁଣୀ କହୁଥିଲ ଯେ, ଆଜି ନିଜେ ଆସି ସେହି ଚଣ୍ଡାଲୁଣୀ ଘରେ ଖାଉଛ। ତେବେ ତୁମ୍ଭେ ଦୁହେଁ ବି ଚଣ୍ଡାଳ ହେଲ। କବିଙ୍କ ଭାଷାରେ – "ମହାଲକ୍ଷ୍ମୀ କହୁଛନ୍ତି ପ୍ରଭୁଙ୍କୁ ଅନାଇ / ଚଣ୍ଡାଲୁଣୀ ବୋଲି ମୋତେ ଦେଲ ଘଉଡ଼ାଇ। / ଚଣ୍ଡାଲୁଣୀ ଘରେ ଏବେ ଭୁଞ୍ଜିଲ ଗୋସାଇଁ / ଚଣ୍ଡାଳ ବିଟାଳ ହେଲ ଦୁଇଗୋଟି ଭାଇ। / ଧିକ ତୁମ୍ଭ ବଡ଼ପଣ ଧିକ ତୁମ୍ଭ କଥା / ପୋଭୁ ତୁମ୍ଭର ପ୍ରତିଜ୍ଞା ଧିକ ତୁମ୍ଭ ଭ୍ରାତା।" ମହାଲକ୍ଷ୍ମୀ ଶେଷରେ ଶ୍ରୀଜଗନ୍ନାଥଙ୍କଠାରୁ ଶପଥ କରାଇନେଲେ ଯେ କୈବଲ୍ୟ ବା ମହାପ୍ରସାଦରେ ଚଣ୍ଡାଳ ବା ବ୍ରାହ୍ମଣଙ୍କୁ ନେଇ ଭେଦଭାବ ରହିବ ନାହିଁ। ଏହି ସର୍ତ୍ତରେ ସେ ଶ୍ରୀମନ୍ଦିରକୁ ପୁନଃ ପ୍ରବେଶ କରିବେ। ଇତିହାସ – କିମ୍ବଦନ୍ତୀ ଓ ଦାର୍ଶନିକ ସଂଘର୍ଷ ସଂଘାତର ପରିଣତିକୁ କାୟସ୍ଥ କରି 'ଲକ୍ଷ୍ମୀପୁରାଣ' ଯଥାର୍ଥରେ ଏକ ମନ୍ମୟ ଐକ୍ୟଗାନ, ଐକ୍ୟତାନ ଓ ଐକ୍ୟସ୍ୱନ। ଜଗନ୍ନାଥ ଲକ୍ଷ୍ମୀଙ୍କ କଥାରେ ରାଜିହୋଇ ଦେବୀ ଲକ୍ଷ୍ମୀ ସମୁଦ୍ରତଟରୁ ଶ୍ରୀମନ୍ଦିରକୁ ଯିବା ଏକ ଅନନ୍ୟ ଐତିହାସିକ ଓ ଦାର୍ଶନିକ ସମନ୍ୱିତିର ପରିଚୟ ପ୍ରଦାନ କରିଥାଏ।

ସର୍ବୋପରି ବଳରାମ ଓଡ଼ିଶାର ଜନମାନସ ଓ ସାମାଜିକ ମନୋଭାବକୁ ଲକ୍ଷ୍ୟ କରି ଯେଉଁ ଅଭିନବ ଟେକ୍‌ନିକ୍ ମାଧ୍ୟମରେ social message ସବୁ ଦେଇଛନ୍ତି ତାହା ଖାଲି ଓଡ଼ିଶାର ମାଟି ପାଣି ପବନରେ ଖେଳିଯାଇନାହିଁ, ଅଧିକନ୍ତୁ ପ୍ରତିଟି ଓଡ଼ିଆ ପ୍ରାଣରେ, ପ୍ରତିଟି ଓଡ଼ିଆ ଧମନୀରେ ରକ୍ତ ହୋଇ ବହୁଛି, ସ୍ପନ୍ଦିତ – ସ୍ୟନ୍ଦିତ ହେଉଛି।

ଏହାଛଡ଼ା ଜାତିଆଣ ଭାବ ବିରୋଧୀ ଆନ୍ଦୋଳନ ସାଙ୍ଗକୁ ଶ୍ରୀୟା ଘରକୁ ଲକ୍ଷ୍ମୀଗଲେ ତା'ର ଆର୍ଥନୀତିକ ପ୍ରଗତି ହେବା ସ୍ୱାଭାବିକ। ଜାତିଆଣ ଆଳରେ ବା ଜାତିଆଣ ଆଢୁଆଳରେ ନୀଚବର୍ଗର ଲୋକଙ୍କ ଆର୍ଥନୀତିକ ପ୍ରଗତିକୁ ଶ୍ୱାସରୁଦ୍ଧ କରିବାର ଏହା ଏକ ପ୍ରଚେଷ୍ଟା ମଧ ହୋଇପାରେ। ହୋଇପାରେ ଏହା ତଥାକଥିତ ଉଚ୍ଚବର୍ଗର ବଡ଼ବଡ଼ିଆଙ୍କ ବିଧିବଦ୍ଧ ଷଡ଼ଯନ୍ତ୍ର ମାତ୍ର। ଏହି କାହାଣୀରେ ଉଚ୍ଚନୀଚ ଜାତି ଭେଦ, ଉଚ୍ଚନୀଚ ଲିଂଗଭେଦ, ଉଚ୍ଚନୀଚ ସ୍ଥିତିଭେଦ (ଆର୍ଥନୀତିକ, ସାମାଜିକ, ଲୈଙ୍ଗିକ, ରାଜନୀତିକ ଓ ଦାର୍ଶନିକ ପ୍ରଭୃତି)କୁ ବିରୋଧ କରି ଏକ ସବୁଜ – ସୁନ୍ଦର ବୈଷମ୍ୟଶୂନ୍ୟ ସଂସ୍କୃତିର ପ୍ରଚଳନ ଓ ପ୍ରତିଷ୍ଠା ନିମନ୍ତେ ଶୁଭଦିଆଯାଇଛି ବା ଭିତ୍ତିପ୍ରସ୍ତର ନିର୍ମାଣ ମାତ୍ର କରାଯାଇଛି। ଏହି ସୂତ୍ରରେ ସାନହୋଇ ମଧ କଳାଠାକୁର (ସାନଭାଇ) ବଡ଼ଠାକୁର। ଏହି ସୂତ୍ରରେ ଏଠିକାର ଦାଣ୍ଡ ବଡ଼ଦାଣ୍ଡ। ମାନବବାଦର ସୂତ୍ରପାତ ହୁଏ ଏହି ସଂସ୍କୃତିରେ। ଏଠାକାର, ଭୋଗ ମହାପ୍ରସାଦ, ବାସିତୋରାଣୀ ଠାରୁ ଶୁଖିଲା ଭାତଯାଏ ସବୁ ମହାନ, କେତେବେଳେ ସେ କୈବଲ୍ୟ ତ ଆଉ କେତେବେଳେ ନିର୍ମାଲ୍ୟ। ଏକ ସୁସ୍ଥ ସମୃଦ୍ଧ ସମାଜଗଠନ ପାଇଁ 'ସାର୍ବଜନୀନ ସାମ୍ୟବାଦ'ର ଧ୍ୱଜା ଉଡ଼ାଇ ବଳରାମ ଦାସ ଏକ ମହାନ ସଂସ୍କୃତିର ପରିଚୟ ମାତ୍ର ପ୍ରଦାନ କରିଛନ୍ତି ଏହି ସୃଷ୍ଟିଟି ଦ୍ୱାରା। ଏହି କଥାଟି କୌଣସି ସାହିତ୍ୟ ବା କୌଣସି ଜାତି ପାଇଁ କୌଣସି ଗୁଣରେ କିଛି କମ୍ କଥା ନୁହେଁ।

ଶ୍ରୀଜଗନ୍ନାଥ ହେଲେ ବଡ଼ ବଡ଼ିଆ, ଭାଇ ବଳରାମ ମଧ ଓଡ଼ିଆ ଘରର ବଡ଼ପୁଅ। ଲକ୍ଷ୍ମୀ ଏଠାରେ ବଡ଼ ଓଡ଼ିଆଣୀ। କୋଟି ଓଡ଼ିଆଙ୍କ ମଉଡ଼ମଣି, ବଡ଼ଓଡ଼ିଆଙ୍କ ପରିବାରର କାହାଣୀ ଇଯେ – 'ଲକ୍ଷ୍ମୀପୁରାଣ'। ଓଡ଼ିଆ ଜାତି, ମାଟି ଓ ଜାତୀୟତାର କଥା ଯେ। ପ୍ରତିଟି ଓଡ଼ିଆ ପ୍ରାଣରେ ଏକଥାକୁ ସଂସ୍ଥାପିତ କରିବାର ଥିଲା, ରୋପିବାର ଥିଲା। ସେ ସଫଳ ରୋପଣ କାର୍ଯ୍ୟକୁ ବେଶ୍ ସଫଳ ଭାବରେ ବଳରାମ ଦାସ ସମ୍ପନ୍ନ କରିଛନ୍ତି ତାଙ୍କ 'ଲକ୍ଷ୍ମୀପୁରାଣ' ମାଧ୍ୟମରେ। ଓଡ଼ିଆ ଜାତିର ଅଭାବ ଓ ଦୋଷ/ରୋଗ ନିରୂପଣଠାରୁ ତା'ର ଅଭାବ-ଅସୁବିଧାକୁ ଜାଣି ତହିଁର ସଫଳ ଅସ୍ତ୍ରୋପଚାର ଓ ଚିକିତ୍ସା କରିଛନ୍ତି ଦାସେ। ପୁରାଣର ଆଢୁ ତଳେ ଦୁରାରୋଗ୍ୟ ରୋଗବ୍ୟାଧି କଥା ଉଠାଇ ତା'ର ଚିହ୍ନଟୀକରଣଠାରୁ ନିରାକରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରି ଏକ ଅଦ୍ୱିତୀୟ କଳାକୃତି ଓ କୃତିତ୍ୱର ପରିଚୟ ଦେଇଛନ୍ତି କବି ବଳରାମ ଦାସ।

## ନିଷ୍କର୍ଷ :

'ଲକ୍ଷ୍ମୀପୁରାଣ'ର ପ୍ରାଥମିକ ଓ ମୌଳିକ ଉଦ୍ଦେଶ୍ୟ ହେଉଛି ଦେବୀ ଲକ୍ଷ୍ମୀଙ୍କ ମାହାତ୍ମ୍ୟ ବର୍ଣ୍ଣନା ବା ପ୍ରତିପାଦନ କରିବା। ଯଥାର୍ଥରେ ଓଡ଼ିଆ ଜାତିର ମଉଡ଼ମଣି ଶ୍ରୀମୟ କଳାଠାକୁର ଶ୍ରୀଜଗନ୍ନାଥ ଓ ବଡ଼ଭାଇ ଶ୍ରୀବଳଭଦ୍ରଙ୍କୁ ସାଧାରଣ ମଣିଷ ବା ଦୈବୀ-ଶକ୍ତି-ହୀନ ବ୍ୟକ୍ତି ଭାବରେ ଚିତ୍ରଣ କରାଯାଇଛି ଏବଂ ଦେବତାସ୍ତରରୁ ମାନବସ୍ତରକୁ ଅବରୋହ କରାଇଥିଲେ ହେଁ ଦେବୀ ଲକ୍ଷ୍ମୀଙ୍କୁ ଯଥାପୂର୍ବ ଦୈବୀଶକ୍ତିଯୁକ୍ତା ଜଗତଜନନୀ, ଶକ୍ତି ସ୍ୱରୂପିଣୀ ଭାବରେ ଚିତ୍ରିତ କରାଯାଇଛି। କାହାଣୀଟି ଆରମ୍ଭ ହୋଇଛି ଲକ୍ଷ୍ମୀ ନିଷ୍ଠାପରା ସୁନ୍ଦର ମନ ଓ ଶୁଦ୍ଧ ଆତ୍ମାରେ ଶ୍ରଦ୍ଧା ସହ ପୂଜା / ବ୍ରତ କରୁଥିବା 'ଶ୍ରୀୟା' ନାମ୍ନୀ ଜଣେ ଭକ୍ତାଙ୍କ ଘରକୁ ଯାଇଥିବାର ଘଟଣାକୁ କେନ୍ଦ୍ର କରି। ଶ୍ରୀୟା ଜାତିରେ

ଚଣ୍ଡାଲୁଣୀ; ଏଣୁ ସେ ଶ୍ରୀୟା ଚଣ୍ଡାଲୁଣୀ। ଚଣ୍ଡାଳ ଘରକୁ ଯିବା ହେତୁ ଶ୍ରୀମନ୍ଦିର ମଧ୍ୟରେ ହୋଇଛି ପ୍ରତିକ୍ରିୟା। ବଡ଼ଭାଇ ବଳଭଦ୍ରଙ୍କ ମୁଖରେ ଏହି ପ୍ରତିକ୍ରିୟା ସାନଭାଇ / ଜଗନ୍ନାଥଙ୍କ ପାଖରେ ଭର୍ତ୍ସନା ଓ ନିନ୍ଦା ସ୍ୱରୂପ ଦେଖାଦେଇଛି। ଏଣୁ ଦୁଇ ଭାଇଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମୀଙ୍କୁ ତାଙ୍କର ଏହି ଅପରାଧ ହେତୁ ମନ୍ଦିରରୁ ବିତାଡ଼ନ କରାଯାଇଛି। ଲକ୍ଷ୍ମୀଙ୍କ ଅବର୍ତ୍ତମାନରେ ଦୁଇଭାଇ ଜଗନ୍ନାଥ – ବଳରାମଙ୍କ ଦୁର୍ଦ୍ଦଶା – ଦୁଃସମୟ ଚାଲିଛି। ଦୁହେଁ ନିନ୍ଦିତ ହୋଇଛନ୍ତି, କଷ୍ଟ ଭୋଗ କରିଛନ୍ତି। ଲକ୍ଷ୍ମୀଙ୍କ ପରି ନାରୀର ନିନ୍ଦା – ଅପବାଦର ଦଣ୍ଡସ୍ୱରୂପ ନିଜେ ନିର୍ବାସନ ଭୋଗିଛନ୍ତି ଓ ଅନୁତାପ କରି ଲକ୍ଷ୍ମୀଙ୍କ ଶରଣାପନ୍ନ ହୋଇଛନ୍ତି ଓ ପରିଶେଷରେ ଦେବୀ ଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାପରେ ଶ୍ରୀହୀନ ଶ୍ରୀମନ୍ଦିର ଶ୍ରୀମୟ ହୋଇଉଠିଛି। ବସ୍ତୁତଃ ଲକ୍ଷ୍ମୀଙ୍କ ମାହାତ୍ମ୍ୟ ବର୍ଣ୍ଣନା କରିବା ସହିତ ଏହି ଗ୍ରନ୍ଥରେ ବଳରାମ ଦାସ ସାମସମୟିକ ସମାଜର ଅନ୍ୟତମ ବ୍ୟାଧି 'ଅସ୍ପୃଶ୍ୟତା'କୁ ପ୍ରାସଙ୍ଗିକ କରି 'ଅସ୍ପୃଶ୍ୟତା ନିବାରଣ' ନିମନ୍ତେ ଏକ ପୁରାଣବୈପ୍ଳବିକ ପଦକ୍ଷେପ ନେଇଛନ୍ତି। ଅପରପକ୍ଷେ କୁହାଯାଇପାରେ ଯେ, ଏତଦ୍ୱାରା କବି ଏକ 'ପୌରାଣିକ ବିପ୍ଳବ' (Mythological Revolution)ର ସୂଚନା ପ୍ରଦାନ କରିଛନ୍ତି। ଡକ୍ଟର କୃଷ୍ଣଚରଣ ସାହୁ ଯଥାର୍ଥରେ, ବଳରାମ ଦାସଙ୍କୁ ଷୋଡ଼ଶ ଶତାବ୍ଦୀର ଜଣେ ବିପ୍ଳବୀ ଓ ସମାଜ ସଂସ୍କାରକ ବୋଲି ଅଭିହିତ କରନ୍ତି। ଓଡ଼ିଶାର ଜନଜୀବନରେ ପୁରାଣର ଲୋକପ୍ରିୟତା, ମୋହାବିଷ୍ଟତା ଓ ଗ୍ରହଣୀୟତା ପ୍ରମୁଖକୁ ଆଖିଆଗରେ ରଖି ନାରୀର ଗୁରୁତ୍ୱ ଓ ମହତ୍ତ୍ୱ ପ୍ରତିପାଦନ ସଙ୍ଗେସଙ୍ଗେ ଜାତିବାଦୀମାନସିକତା ବିରୋଧରେ ରଢ଼ିବାଦୀମାନଙ୍କ ଛାତିରେ କୁଠାରାଘାତ କରିବାର ଅନନ୍ୟ ଅଭିନବ ପ୍ରୟାସର ଭିନ୍ନନାମ ହେଉଛି – 'ଲକ୍ଷ୍ମୀ ପୁରାଣ'। ଖାଲି ସେତିକି ନୁହେଁ, ଅଧିକନ୍ତୁ ଓଡ଼ିଶାର ତତ୍କାଳୀନ ସମାଜ, ସାମାଜିକ ରୀତି-ନୀତି, ଚାଲି-ଚଳଣି, ବିଶ୍ୱାସ-ଅନ୍ଧବିଶ୍ୱାସ, ଧର୍ମ, ଦର୍ଶନ, ଖାଦ୍ୟ-ପେୟ, ପୋଷାକ, ପରିବେଶ, ସାମାଜିକ ବ୍ୟଭିଚାର, ନାରୀର ସ୍ଥିତି, ରାଜନୀତି, ଲୋକାଚାର, ଅତିଥିସତ୍କାର, ପ୍ରସାଧନ, ବୃକ୍ଷଲତା ପ୍ରଭୃତି ସଂପର୍କରେ ଏହା ଏକ ପରୋକ୍ଷ – ମନ୍ମୟ ଐତିହାସିକ ଦସ୍ତାବିଜ୍ ମାତ୍ର। ସର୍ବୋପରି ସଦାଚାର, ଶୁଦ୍ଧତା (ମାନସିକ, ଆଧ୍ୟାତ୍ମିକ ଓ ଭୌତିକ), ପାରିବେଶିକ ସୌନ୍ଦର୍ଯ୍ୟ, ପରସ୍ପର ପ୍ରତି ସମ୍ମାନ ବୋଧ, ସ୍ନେହ, ଶ୍ରଦ୍ଧା, ବିଶ୍ୱାସ, ପରୋପକାର, ମିତବ୍ୟୟୀ ମନୋଭାବ, ମାନବିକତା, ପ୍ରଭୃତି ସ୍ୱର୍ଗୀୟ ଗୁଣାବଳୀ ବା ବ୍ୟବହାର / ଚିନ୍ତାଧାରାଦ୍ୱାରା ମର୍ତ୍ତ୍ୟରେ ମାନବକୁ ସ୍ୱର୍ଗସୁଖ ମିଳେ, ଘର ଶ୍ରୀମୟ ଶ୍ରୀମନ୍ଦିରରେ ପରିଣତ ହୁଏ ବୋଲି ଶିକ୍ଷା ଦିଆଯାଇଛି।

**ସହାୟକ ଗ୍ରନ୍ଥସୂଚୀ :**


୧. ଆଚାର୍ଯ୍ୟ, ସୁଦର୍ଶନ ଓ ଅନ୍ୟମାନେ (ସଂପା.)। ବଳରାମ ଦାସକୃତ ଲକ୍ଷ୍ମୀପୁରାଣ, ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୨୦୧୮।

୨. ଦାଶ, ସୂର୍ଯ୍ୟନାରାୟଣ, ଓଡ଼ିଆ ସାହିତ୍ୟର ଇତିହାସ (୧ମ ଭାଗ), କଟକ, ଗ୍ରନ୍ଥମନ୍ଦିର, ୨୦୧୦।

୩. ଦାସ, ଚିତ୍ତରଂଜନ। ସନ୍ଥ (ଭକ୍ତି) ସାହିତ୍ୟ। ଭୁବନେଶ୍ୱର : ଓ.ସା.ଏ., ୧୯୮୨।

୪. ମହାନ୍ତି, ଦେବେନ୍ଦ୍ର, ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ, କଟକ : ବିଦ୍ୟାପୁରୀ, ୨୦୦୫।

୫. ମହାନ୍ତି, ବଂଶୀଧର, ଓଡ଼ିଆ ସାହିତ୍ୟର ଇତିହାସ (ତୃତୀୟ ଭାଗ), କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୦।

୬. ମହାନ୍ତି, ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ଆଦିପର୍ବ, କଟକ : କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, ୨୦୦୪।

୭. ମହାନ୍ତି, ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ, କଟକ : କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, ୧୦୧୯।

୮. ଷଡ଼ଙ୍ଗୀ, ନୃସିଂହ, ଓଡ଼ିଆ ପୁରାଣ ସାହିତ୍ୟ, କଟକ : ବିଦ୍ୟା ପ୍ରକାଶନ, ୧୯୯୯।

୯. ସାହୁ, କୃଷ୍ଣଚରଣ। କବି ବଳରାମ ଦାସ। ଭୁବନେଶ୍ୱର : ଓ.ସା.ଏ., ୨୦୦୮।

୧୦. ସାହୁ, କୃଷ୍ଣଚରଣ (ସଂପା)। ବଳରାମ ଦାସ ରଚନା ସମ୍ଭାର। ସଂକଳକ – ଯତୀନ୍ଦ୍ର ମୋହନ ମହାନ୍ତି। ଭୁବନେଶ୍ୱର : ବିଜୟ ସେନାପତି, ୨୦୧୨।

୧୧. Das, Chittaranjan, Balarama Das. New Delhi : Sahitya Akademi, 1982.


❖ ❖ ❖

DOI :https://doi.org/10.5281/zenodo.14914976 ମୂଳ ପ୍ରବନ୍ଧ

# ଏକବିଂଶ ଶତାବ୍ଦୀର ଜୀବନଗାଥା : 'ନଷ୍ଟନୀଡ଼ର ଉପକଥା'

**ସୁବ୍ରତ ମାଝୀ**

**ସକ୍ଷିପ୍ତସାର :**

ସାଂପ୍ରତିକ ଓଡ଼ିଆ ନାଟ୍ୟସାହିତ୍ୟର ଧାରାରେ ଯଶସ୍ୱୀ ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ ନାମ ସ୍ୱତନ୍ତ୍ର । ଜୀବନ ସହିତ ସମାଜ ଓ ସଂସ୍କୃତିକୁ ସମନ୍ୱିତ କରି ତାଙ୍କ ନାଟ୍ୟଜଗତ ଗତିଶୀଳ । ପରମ୍ପରା ପ୍ରତି ସଚେତନ ହୋଇ ଅବକ୍ଷୟରୂପୀ ସାମଜିକ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା କରିବା ଓ ମାନବବାଦର ଜୟଗାନ କରିବା ତାଙ୍କ ନାଟକର ମୂଳନୀତି । କେତେବେଳେ ଲୋକଉପାଦାନର ଆରୋପଣ ଭିତରେ ତ ପୁଣି କେତେବେଳେ ମିଥ ପୁନଃମୂଲ୍ୟାୟନର ଅନ୍ତରାଳରେ ନାଟ୍ୟକାର ଶୁଣାଇଛନ୍ତି ସାମାଜିକ ଅଙ୍ଗୀକାରର ବାର୍ତ୍ତା । ଆଲୋଚନାଟି ନାଟ୍ୟକାରଙ୍କ ବହୁ ଆଦୃତ ନାଟକ 'ନଷ୍ଟନୀଡ଼ର ଉପକଥା' ଆଧାରିତ । ଏଠାରେ ଆଧୁନିକ ମଣିଷର ଚେତନା, ଜୀବନ ପ୍ରତି ନାଟ୍ୟକାରଙ୍କ ଦୃଷ୍ଟିଭଙ୍ଗୀ ଓ ସାମାଜିକ ପ୍ରତିବଦ୍ଧତାକୁ ଆକଳନ କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ଏକବିଂଶ ଶତାବ୍ଦୀର ଓଡ଼ିଆ ନାଟକର ଧାରା, ଟ୍ରାଜିକ୍ଧର୍ମୀ ନାଟକ, ପଢ଼ିଗତ ବ୍ୟବଧାନ, ବ୍ୟକ୍ତିସ୍ୱତନ୍ତ୍ରତା, ସାମାଜିକ ବାସ୍ତବତା, ଜୀବନବାଦୀ ଦୃଷ୍ଟିଭଙ୍ଗୀ ।

ଅତୀତ ପ୍ରତି ଅସନ୍ତୋଷ ହିଁ ନୂତନତ୍ୱକୁ ଜନ୍ମଦିଏ। ସେହି ନ୍ୟାୟରେ ପ୍ରଚଳିତ ପ୍ରାଚୀନ ରକ୍ଷଣଶୀଳ ପରମ୍ପରାକୁ ଅସ୍ୱୀକାର କରି ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି। ଶିଳ୍ପାୟନର ଦ୍ରୁତ ଅଗ୍ରଗତି, ଯୁଦ୍ଧ ପରବର୍ତ୍ତୀ ସମସ୍ୟା ଜଡ଼ିତ ମଣିଷର ମାନସିକତା ତଥା ସମସାମୟିକ ସାମାଜିକ ଓ ସାଂସ୍କୃତିକ ପରିବେଷ୍ଟନୀରେ ଏହାର ବିକାଶ। ସ୍ୱାଧିନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ ଓଡ଼ିଆ ସାହିତ୍ୟରେ କେତେକ ପାଶ୍ଚାତ୍ୟ ମତବାଦ, ଦୁର୍ବୋଧ ତତ୍ତ୍ୱର ଅନୁପ୍ରବେଶ ଘଟିଲା ଏବଂ ସ୍ୱାଧିନତା ପ୍ରାପ୍ତି ପରେପରେ ଏହା ସଂପୂର୍ଣ୍ଣ ଭାବରେ ଓଡ଼ିଆ ସାହିତ୍ୟକୁ କବଳିତ କଲା। ମାତ୍ର ଏକବିଂଶ ଶତାବ୍ଦୀର ସମୟ ସାହିତ୍ୟରେ ନୂତନ ସମ୍ଭାବନା ଆଣିଦେଲା। ଚଳିତ ସମୟ ପୁରୁଣା ପଥରୁ ଓହରି ନୂଆ ବାଟ ଖୋଜିବାକୁ ଲାଗିଲା। ଏକବିଂଶ ଶତାବ୍ଦୀର ସାହିତ୍ୟ ପାଶ୍ଚାତ୍ୟ ଦୁର୍ବୋଧ ମତବାଦ ଭିତରୁ ନିଜକୁ ଦୂରେଇ ରଖି ପୁଣି ମାଟି-ମା ର ସ୍ୱରରେ ପୁଲକିତ ହେଲା ଓ ଆପଣାର ମୌଳିକ ସଂସ୍କୃତି ପ୍ରତି ବିମୋହିତ ହେଲା।ଏହି ଧାରାଟି ଓଡ଼ିଆ ନାଟ୍ୟସାହିତ୍ୟ କ୍ଷେତ୍ରରେ ମଧ୍ୟ ବେଶ୍ ସ୍ପଷ୍ଟ ଓ ସ୍ୱାଭାବିକ। ଏକବିଂଶ ଶତାବ୍ଦୀ ବେଳକୁ ଉଦ୍ଭଟ ନାଟ୍ୟ ପରମ୍ପରା ଓ ତଥାକଥିତ ପରୀକ୍ଷାଧର୍ମୀ ନାଟ୍ୟ ରଚନାର ରୀତି କ୍ରମଶଃ ଶିଥିଳ ହୋଇଯାଇଛି। ପରମ୍ପରା-ପ୍ରତିବାଦ ଓ ପ୍ରତିବଦ୍ଧତାର ସ୍ୱର ଶୁଣାଇ ଆସୁଥିବା ନାଟ୍ୟକାରଗଣ ଅଧିକ ଭାବରେ ଜୀବନାଭିମୁଖୀ ହୋଇ ପଡ଼ିଛନ୍ତି। ନୈତିକ ପରମ୍ପରାରେ, ସନାତନୀ ମୂଲ୍ୟବୋଧର ପ୍ରବାହରେ, ପୌରାଣିକ ପୃଷ୍ଠଭୂମିରେ, ଲୋକଉପାଦାନର ଆରୋପଣ ଭିତରେ ବା ଇତିହାସର ନବମୂଲ୍ୟାୟନରେ ନାଟ୍ୟକାରଟି ଗଢ଼ିତୋଳିଛି ତାର ଶିଳ୍ପ କୋଣାର୍କ। ସବୁ ପ୍ରକାର ବନ୍ଧନକୁ ଛିନ୍ନକରି ନାଟକ ଫେରିଛି ସାଧାରଣ ଜନତାଙ୍କ ପାଖକୁ।

**ଯୋଗାଯୋଗ :**
**ସୁବ୍ରତ ମାଝୀ (ଅଧାପକ)**
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
**Email :** Majhisubratbapu@gmail.com
**ORCID ID :** https://orcid.org/0009-0001-4321-2092

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୧୦.୨୦୨୪ | ୧୧.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମାଝୀ, ସୁବ୍ରତ; ୨୦୨୫।: ଏକବିଂଶ ଶତାବ୍ଦୀର ଜୀବନଗାଥା : 'ନଷ୍ଟନୀଡ଼ର ଉପକଥା'। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା :ଟ; ପୃଷ୍ଠା :୨୬-୨୯ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14914976

Article No - BPP00263

ଏକଥା ମଧ୍ୟ ନିଶ୍ଚିତ ଯେ, ଉତ୍ତର ଅଶୀ ଦଶକର ସାମାଜିକ ଜୀବନ ପ୍ରଣାଳୀ ବହୁ ଭାବରେ ବିଡ଼ମ୍ବିତ ହୋଇ ପଡ଼ିଛି। ଉପନିବେଶବାଦୀ ଜୀବନ ସମୂହ ପରିବର୍ତ୍ତେ ବ୍ୟକ୍ତି ସ୍ୱତନ୍ତ୍ରତାକୁ ପ୍ରାଧାନ୍ୟ ଦେଇଛି। ପ୍ରଚଳିତ ପ୍ରାଚୀନ ମାନବିକ ମୂଲ୍ୟବୋଧର ଅପମୃତ୍ୟୁ ଜନିତ ପରିଣତି ହିଁ ସମାଜରେ ଅନୀତି, ଅବିଚାର, ଅସଙ୍ଗତିକୁ ଜନ୍ମଦେଇଛି। ବସ୍ତୁତାନ୍ତ୍ରିକତାର ବଶବର୍ତ୍ତୀ ହୋଇ ମଣିଷ ପରିବାର ଓ ସମାଜ ପ୍ରତି ଥିବା ତାର ମମତା ତଥା ସ୍ନେହପୂର୍ଣ୍ଣ ବଳିଷ୍ଠ ଆବେଗର ହତ୍ୟା କରିଛି। ମୋଟ୍ ଉପରେ କର୍ତ୍ତବ୍ୟପରାୟଣତା ଓ ଆଦର୍ଶବୋଧକୁ ଆଧୁନିକ ମଣିଷ ଉପେକ୍ଷା କରିଛି।

ଅଶୀ ଦଶକର ପ୍ରଚଳିତ ସାମାଜିକ ଓ ସାଂସ୍କୃତିକ ପ୍ରେକ୍ଷାପଟରେ ଆଧୁନିକ ଓଡ଼ିଆ ନାଟ୍ୟରୀତିର ସଂସ୍ଥାପନା କରି ନୂତନ ମୂଲ୍ୟବୋଧର ଆବାହନ କରୁଥିବା ବିଶିଷ୍ଟ ନାଟ୍ୟକାର ହେଉଛନ୍ତି ପ୍ର'ସେର ବିଜୟ କୁମାର ଶତପଥୀ। ନିଜର ନାଟକକୁ ଅଧିକ ବଳିଷ୍ଠ ଓ ଶାଣିତ କରିବାପାଇଁ ନବ୍ୟମାର୍କ୍ସବାଦକୁ ଆପଣେଇବା, ପୁରାକଥାର ନବମୂଲ୍ୟାୟନ କରିବା ସହ ଲୋକ ଉପାଦାନ ଓ ଲୋକପ୍ରିୟ ଉପାଦାନର ସଂଯୋଗ କରିବା ରୀତି ବେଶ୍ ସ୍ୱାଗତଯୋଗ୍ୟ। ସମସ୍ୟାଜଡ଼ିତ ଆଧୁନିକ ମଣିଷର ବିପର୍ଯ୍ୟସ୍ତ ଜୀବନ, ବିଘଟିତ ସାମାଜିକ ମୂଲ୍ୟବୋଧ ଓ ସାଂସ୍କୃତିକ ଅବକ୍ଷୟ ହିଁ ତାଙ୍କୁ ନାଟ୍ୟରଚନା ପାଇଁ ଆହ୍ୱାନ ଦେଇଛି। ସତୁରୀ ଦଶକର ମଧ୍ୟଭାଗରୁ ଅଦ୍ୟାବଧି ଓଡ଼ିଆ ନାଟ୍ୟରଚନା ଓ ନାଟ୍ୟ ସମାଲୋଚନା ଉଭୟ କ୍ଷେତ୍ରରେ ତାଙ୍କର ସକ୍ରିୟ ଭୂମିକା ରହିଛି। ତାଙ୍କର ନାଟ୍ୟଶିଳ୍ପ ଗୁଡ଼ିକ ହେଉଛି- ''ସିଲ୍‌ର ନିଦ୍ରାଭଙ୍ଗ', 'ବିବର୍ଣ୍ଣ ସହର', 'କ୍ଷୁଧିତ ସରୀସୃପ', 'କଂସର ଆତ୍ମା', 'ବିଷାଦବୃତ୍ତର କାହାଣୀ',' ଏଇ ଯେ ସୂର୍ଯ୍ୟ ଉଏଁ', 'କର୍ଣ୍ଣ', 'ଶୋଣିତ ସ୍ୱାକ୍ଷର', 'ପ୍ରଳୟ ପରେ', 'କାରାଗାରର କାହାଣୀ', 'ପକା ପଇସା ଦେଖ୍ ତାମସା', 'ପରାଜିତ ନାୟକର ଆତ୍ମଲିପି', 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ', 'କୋକୁଆ',' କଙ୍କଣଦାସୀ କଥା', 'ନଷ୍ଟନୀଡ଼ର ଉପକଥା' ଇତ୍ୟାଦି। ଏହା ବ୍ୟତୀତ 'ନୀଳଶୈଳ', 'ତୃତୀୟ ପର୍ବ', 'ଲୁହାର ମଣିଷ' ପ୍ରଭୃତି ଉପନ୍ୟାସର ନାଟ୍ୟରୂପ ପ୍ରଦାନ କରିଛନ୍ତି। ପ୍ରତ୍ୟେକଟି ନାଟକର ଅନ୍ତଃସ୍ୱର ହେଉଛି ଗୋଟିଏ ସୁସ୍ଥ ଓ ଉନ୍ନତ ସମାଜ ଗଠନ କରିବା।ଏହି ପ୍ରବନ୍ଧଟିରେ ନାଟ୍ୟକାରଙ୍କ 'ନଷ୍ଟନୀଡ଼ର ଉପକଥା' ନାଟକ ବିଷୟରେ ଆଲୋଚନା କରାଯାଇଛି। ନାଟକଟି ୨୦୨୦ ମସିହାରେ 'ଅଗ୍ରଦୂତ' ପ୍ରକାଶନ ସଂସ୍ଥା ତର'ରୁ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି।

ନାଟ୍ୟକାର ବିଜୟ ଶତପଥୀ 'ଜୀବନ' କହିଲେ ବୁଝନ୍ତି ଗୋଟିଏ ସାମାଜିକ ଜୀବନ। ଯେଉଁ ସମାଜରେ ନୀତି, ଆଦର୍ଶ ଓ ସୁପ୍ରଚଳିତ ପ୍ରାଚୀନ ବଳିଷ୍ଠ ପରମ୍ପରା ପ୍ରତି ବିଶେଷ ସମ୍ମାନ ରହିଥିବ। ଚିରନ୍ତନ ମାନବିକ ମୂଲ୍ୟବୋଧର ବିଜୟ ବୈଜୟନ୍ତି ଉଡୁଥିବ। ସ୍ନେହ, ପ୍ରେମ, ଦୟା, କ୍ଷମାରେ ଉଦ୍‌ବୁଦ୍ଧ ହୋଇ ମାନବ 'ବସୁଧୈବ କୁଟୁମ୍ବକମ୍'ର ମନ୍ତ୍ର ଉଚ୍ଚାରଣ କରୁଥିବ। ଯୌଥ ପରିବାର ଭିତରେ ନାନା ଅଭାବ ଅସୁବିଧା ଥିବା ସତ୍ତ୍ୱେ ପିତା-ମାତା ଓ ସନ୍ତାନ-ସନ୍ତତିଙ୍କ ମଧ୍ୟରେ ଥିବା ନିଃସ୍ୱାର୍ଥପର ଭଲପାଇବା ସେମାନଙ୍କୁ ସ୍ୱର୍ଗଠାରୁ ବି ଅଧିକ ଖୁସି ଦେଉଥିବ। ମାତ୍ର ଆଜିର ଜୀବନ ସମାଜଠାରୁ ବହୁ ଦୂରରେ ଅଥଚ ବ୍ୟକ୍ତିସ୍ୱାତନ୍ତ୍ର୍ୟର ନିବିଡ଼ ଆଲିଙ୍ଗନ ମଧ୍ୟରେ ଆବଦ୍ଧ। ଆଜି ସମାଜ ଭିତରେ ମଣିଷର ଅଭାବ, ମଣିଷ ଭିତରେ ମଣିଷପଣିଆର ଅଭାବ, ପରିବାର ଭିତରେ ବାପା-ମାଆଙ୍କ ଅଭାବ ଓ ଜୀବନ ଭିତରେ ସୁଖ-ଶାନ୍ତି, ସ୍ନେହ-ପ୍ରେମର ଅଭାବ। ଏହି ଏକବିଂଶ ଶତାବ୍ଦୀର କ୍ଷୟମାଣ ସମାଜ, ସଂସ୍କୃତି ଓ ମାନବିକ ମୂଲ୍ୟବୋଧର ଅମୂଲ୍ୟ ଦସ୍ତାବିଜ୍ ନାଟ୍ୟକାର ବିଜୟ ଶତପଥୀଙ୍କ 'ନଷ୍ଟନୀଡ଼ର ଉପକଥା'।

ଏକବିଂଶ ଶତାବ୍ଦୀର ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ସ୍ୱାର୍ଥପର ମନୋଭାବ, ପରଶ୍ରୀକାତରତା, ବିବେକଶୂନ୍ୟତା, ତଥା ସମସ୍ତ ମାନବିକ ମୂଲ୍ୟବୋଧର ଅବକ୍ଷୟ ବ୍ୟକ୍ତିଗତ ଜୀବନକୁ ରସାତଳଗାମୀ କରିଦେଇଛି। ଏ ସଂପର୍କରେ ନାଟ୍ୟକାର ନିଜେ କୁହନ୍ତି- "ତେବେ ଏକବିଂଶ ଶତକରେ ଲକ୍ଷ୍ୟକରିହେବ ଯେ ଗ୍ରାମବାସୀଏ କିପରି ଛିନ୍ନମୂଳ ହେବା ପାଇଁ ଅଧିକରୁ ଅଧିକ ପସନ୍ଦ କରିଛନ୍ତି। ନିଜ ଚେରକୁ ନିଜେ ଉପାଡ଼ିବାରେ ସେମାନେ ଅଧିକ ତତ୍ପର। ପରମ୍ପରା, ମୂଲ୍ୟବୋଧ, ଯୁଗଯୁଗର ସଂସ୍କାର ଏଗୁଡ଼ିକ ପ୍ରତି ଆସ୍ଥା ମଧ୍ୟ ସେମାନଙ୍କର ନାହିଁ। ପଡ଼ୋଶୀ ସଂପ୍ରୀତି ଗାଁ'ରୁ ହଜିଯିବାକୁ ବସିଛି। ବଢ଼ି ଚାଲିଛି ପରସ୍ପର ମଧ୍ୟରେ ବାଦ, ବିସମ୍ବାଦ, ଶତ୍ରୁତା।" (ଦି' ପଦ କଥା- ନଷ୍ଟନୀଡ଼ର ଉପକଥା)

ଜୀବନରେ ଆଦର୍ଶବାଦର ସ୍ଥାନ ଯେ ଅନସ୍ୱୀକାର୍ଯ୍ୟ ଏଥିରେ ସନ୍ଦେହ ନାହିଁ। ଅପରପକ୍ଷରେ ବାସ୍ତବତାକୁ ମଧ୍ୟ ଅସ୍ୱୀକାର କରାଯାଇନପାରେ। ଉଭୟର ସମନ୍ୱୟରେ ହିଁ ଜୀବନଯାତ୍ରା ସଫଳ ହୁଏ। ଜୀବନରେ ଏହା ପୂର୍ଣ୍ଣତା ଆଣେ; ସମନ୍ୱୟର ବ୍ୟତିକ୍ରମ ହିଁ ଜୀବନରେ ଆଣେ ଚରମ ବିଫଳତା। ଏହି ବିଫଳତାର ସ୍ୱାକ୍ଷର ବହନ କରିଛି 'ନଷ୍ଟନୀଡ଼ର ଉପକଥା' ନାଟକ। ଯୁଗଯୁଗ ଧରି ମଣିଷ ଆତ୍ମାର ସଞ୍ଚିତ ଆଶା, ସ୍ୱାଭିମାନ, ଅନ୍ତର୍ଦ୍ୱନ୍ଦ ଓ ଅଭିଯୋଗକୁ ଏହି ନାଟକଟିରେ ରୂପାୟିତ କରାଯାଇଛି। ନାଟକର କାହାଣୀ ଭାଗରେ ବାସ୍ତବ ଜୀବନର ନିଖୁଣ ଚିତ୍ର ଅଙ୍କନରେ ନାଟ୍ୟକାର ଯେ ସଫଳ ଏହା କହିବାରେ ଦ୍ୱିଧା ନାହିଁ। ନାଟକର ମୁଖ୍ୟ ଚରିତ୍ର ନିଶିକାନ୍ତ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ ଏବଂ କବି ଭାବରେ ମଧ୍ୟ ସୁପ୍ରତିଷ୍ଠିତ। ପତ୍ନୀ ସୁଷମାଙ୍କ ସହିତ ସହରର ଏକ ଅଖ୍ୟାତ ଗଳିରେ ଘରଟିଏ ତୋଳି ରହିଛନ୍ତି। ତିନୋଟି ପୁତ୍ର ବାବୁନୁ, ଅତନୁ, ସୁତନୁ ଓ ଗୋଟିଏ କନ୍ୟା ମଞ୍ଜୁକୁ ନେଇ ତାଙ୍କର ପରିବାର। ସାନଭାଇ ରତିକାନ୍ତ ତା'ର ପତ୍ନୀ ସବିତା ଗାଁରେ ରହି ଚାଷବାସ କରି ଆରାମରେ ଚଳେ। ନିଶିକାନ୍ତ ମଧ୍ୟ ନିଜ ଭାଇ ରତିକାନ୍ତ ସହିତ ଗାଁରେ ଶେଷ

ଜୀବନ କାଟିବାର ଯୋଜନା କରନ୍ତି। ସାନଭାଇକୁ ଖୁବ୍ ଶ୍ରଦ୍ଧା କରନ୍ତି ନିଶିକାନ୍ତ। ବାପା-ମା' ଅକାଳରେ ଚାଲିଯିବା ପରେ ସେ ହିଁ ରତିକାନ୍ତକୁ ପାଠ ପଢାଇ ମଣିଷ କରିଥିଲେ। ଗାଁରେ ଘର କରିବାପାଇଁ ପଇସାପତ୍ର ଦେବା ସହିତ ଜମିବାଡ଼ି କିଣି ମଧ୍ୟ କିଣି ଦେଇଥିଲେ। ଚାକିରୀ ଜୀବନରୁ ଅବସର ନେବା ପରେ ପତ୍ନୀ ସୁଷମା ସହିତ ଅତି ଆପଣାର ଜନ୍ମଭୂମିରେ ଆତ୍ମୀୟ-ସ୍ୱଜନଙ୍କ ଗହଣରେ ଶେଷ ସମୟ କଟାଇବାର ସ୍ୱପ୍ନ ଦେଖିଥିଲେ। ମାତ୍ର ସମୟର ଦୌରାତ୍ମ୍ୟରେ ନିଶିକାନ୍ତଙ୍କ ସବୁ ସ୍ୱପ୍ନ ଭାଙ୍ଗି ଯାଇଛି। ମଣିଷ ଯାହା ଭାବେ ସବୁବେଳେ କ'ଣ ତା'ର ଭାବନାନୁଯାୟୀ ଘଟଣାମାନ ଘଟେ ଏ ଦୁନିଆରେ ? ନିଶିକାନ୍ତଙ୍କ ସବୁ ସ୍ୱପ୍ନ ମୁହୂର୍ତ୍ତକ ମଧ୍ୟରେ ଓଲଟପାଲଟ ହୋଇଯାଇଛି। ପାଠ ପଢ଼ାଇ ପୁଅ ତିନିଜଣଙ୍କୁ ମଣିଷ କରିବା ପରେ ସେମାନେ ଆଉ ଘରକୁ ଫେରି ନାହାନ୍ତି କି ଦେଖାଶୁଣା କରି ନାହାନ୍ତି। ବଡ଼ପୁଅ ବାବୁନୁ ନିଜ ପତ୍ନୀ ସହିତ ବିଦେଶରେ ରହେ। ଘରକୁ କେବେ ଆସେ ନାହିଁ କି ପଇସା ପତ୍ର ମଧ୍ୟ ଦିଏ ନାହିଁ। ମଝିଆ ପୁଅ ଅତନୁ ବ୍ୟାଙ୍କ୍‌ରେ ଚାକିରୀ କରେ। ବିବାହ ପୂର୍ବରୁ ଘରେ ରହୁଥିଲେ ସୁଦ୍ଧା ବିବାହ ପରେ ପତ୍ନୀ ରଂଜିତାକୁ ନେଇ ଅଲଗା ରହିଛି। ସାନପୁଅ ସୁତନୁ ଥିଲା ନିଶିକାନ୍ତଙ୍କର ଶେଷ ଭରସା। କିନ୍ତୁ ଶେଷରେ ସେ ମଧ୍ୟ ଚାକିରୀ କରିବା ପରେ ଆଉ ଆଉ ଘରକୁ ଫେରିନାହିଁ। ଝିଅ ମଞ୍ଜୁ ବିବାହ ପରେ ଯାଇ ବିଦେଶରେ ରହିଛି। ଅତ୍ୟନ୍ତ ଅସହାୟ ଭାବରେ ବୃଦ୍ଧ ଦମ୍ପତି ଗାଁରେ ରହିବାକୁ ଯିବା ମାତ୍ରେ ଭାଇ ରତିକାନ୍ତ ସେମାନଙ୍କୁ ଘରୁ ବିଦା କରିଦେଇଛି। କିଂ କର୍ତ୍ତବ୍ୟବିମୁଢ ହୋଇ ଉପାୟଶୂନ୍ୟ ଭାବରେ ନିଶିକାନ୍ତ ଓ ସୁଷମା ଫେରି ଯାଆନ୍ତି ସହରର ସେହି ଗଳି ଭିତରେ ଥିବା ଜରା-ଜୀର୍ଣ୍ଣ କୋଠରୀ ମଧ୍ୟକୁ। ଶେଷରେ ଘରଟି ମଧ୍ୟ ତାଙ୍କର ହୋଇ ରହିନାହିଁ, କାରଣ ଝିଅ ମଞ୍ଜୁର ବିବାହ ବେଳକ ଘରଖଣ୍ଡିକ ବ୍ୟାଙ୍କ୍‌ରେ ବନ୍ଧକ ରଖି କରଜ ଆଣିଥିଲେ। ଏହିଭଳି ପରିସ୍ଥିତିରେ କବି ନିଶିକାନ୍ତ ଓ ସୁଷମା ଶାରୀରିକ ଓ ମାନସିକ ଭାବରେ ଭାଙ୍ଗିପଡ଼ିଛନ୍ତି। ପରିଶେଷରେ ସର୍ବସ୍ୱାନ୍ତ ହୋଇ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଉଭୟେ ଆତ୍ମହତ୍ୟାକୁ ଆପଣେଇଛନ୍ତି। ଶେଷ ସମୟରେ ନିଜ ପୁତ୍ର-କନ୍ୟା, ଭାଇ-ବନ୍ଧୁ, ଆତ୍ମୀୟ- ସ୍ୱଜନ କେହି ମଧ୍ୟ ଉପସ୍ଥିତ ନାହାଁନ୍ତି। ଦୁନିଆ ଆଜି ବସ୍ତୁବାଦୀ ହୋଇଯାଇଛି। ସ୍ୱାର୍ଥରେ ଅନ୍ଧ ହୋଇଯାଇଥିବା ମଣିଷ ଆଜି ବିବେକଶୂନ୍ୟ। ନିଶିକାନ୍ତ ଓ ସୁଷମା ଉଭୟଙ୍କ ଜୀବନର ଆରମ୍ଭରୁ ପରିଣତି ପର୍ଯ୍ୟନ୍ତ ନାଟ୍ୟକାର ଯତ୍ନଶୀଳ ହୋଇଥିବାରୁ ନାଟକଟି ଅଧିକ ଲୋକପ୍ରିୟତା ହାସଲ କରିପାରିଛି। ଏହାର ବଳିଷ୍ଠ କାହାଣୀ ପାଠକକୁ ବାନ୍ଧି ରଖିବାରେ ସହାୟକ ହୋଇପାରିଛି। ସତେ ଯେପରି ପାଠକ ଅନୁଭବ କରେ ନାଟକ ପାଠ କରୁନି ବରଂ ଏକବିଂଶ ଶତାବ୍ଦୀର ଅସହାୟ ମଣିଷର ଆତ୍ମଲିପି ପାଠ କରୁଛି।

ନାଟକଟି ଟ୍ରାଜିକ୍ ଶୈଳୀରେ ରଚନା କରାଯାଇଛି। ସାଧାରଣତଃ ଯେଉଁ ନାଟକରେ ନାୟକ-ନାୟିକାର ଦୁଃଖ-ଯନ୍ତ୍ରଣା, ଅସହ୍ୟ ବେଦନା ଜନିତ ଦୁଃସ୍ଥିତି ଦର୍ଶକ ବା ପାଠକଙ୍କ ମନରେ ଭୟ ଓ କରୁଣଭାବ ସୃଷ୍ଟିକରେ ତାକୁ ଆମେ ଟ୍ରାଜିକ୍‌ଧର୍ମୀ ନାଟକ ବୋଲି କହୁ। ଶ୍ରୀଯୁକ୍ତ ଶତପଥୀ ବିଶେଷକରି ସୋସିଆଲ୍ ଟ୍ରାଜେଡ଼ିକୁ ଆଧାରକରି ଅନେକ ନାଟକ ରଚନା କରିଛନ୍ତି। 'ଏଇ ଯେ ସୂର୍ଯ୍ୟ ଉଏଁ', 'ଶୋଣିତ ସ୍ୱାକ୍ଷର', 'ପ୍ରଳୟ ପରେ', 'କୋକୁଆ' ପ୍ରଭୃତି ନାଟକରେ ଗୋଟିଏ ବୃହତ୍ତର ସମାଜର ଦୁଃଖ, ଦୁର୍ଦ୍ଦଶାର ଚିତ୍ର ପ୍ରକଟିତ। ମାତ୍ର ଏହି 'ନଷ୍ଟନୀଡ଼ର ଉପକଥା' ନାଟକରେ ଆମେ ପର୍ସନାଲ ଟ୍ରାଜେଡ଼ିର ସ୍ୱରୂପକୁ ଲକ୍ଷକରୁ। ଯେଉଁଥିରେ ବ୍ୟକ୍ତିଗତ ଜୀବନର ଦୁଃଖ-ଦୁର୍ଦ୍ଦଶା, ନୈରାଶ୍ୟବୋଧ, ବିଷାଦବୋଧ, ମାନସିକ ଗ୍ଲାନି, ଅଭାବ ଆଦି କରୁଣ ପରିସ୍ଥିତିର ବର୍ଣ୍ଣନା ରହିଛି। ନାୟକର ବ୍ୟକ୍ତଗତ ଜୀବନ ଓ ତା'ର ପରିବାର ଭିତରେ ହିଁ ଏହାର ପରିସର ଆବଦ୍ଧ। ଆଦର୍ଶ ନିଷ୍ଠାବାନ୍ ଶିକ୍ଷକ ଭାବରେ କାର୍ଯ୍ୟ କରିଛି ନାୟକ ନିଶିକାନ୍ତ। କର୍ତ୍ତବ୍ୟପରାୟଣ ହୋଇ ତା'ର ବ୍ୟକ୍ତିତ୍ୱକୁ ଗଢ଼ିଛି। ମାତ୍ର ଭାଗ୍ୟର ବିଡ଼ମ୍ବନା। ପ୍ରତିକୂଳ ପରିସ୍ଥିତିରେ ଅହରହ ସଂଗ୍ରାମ କରି ସୁଦ୍ଧା ଶେଷରେ ସମୟ ପାଖରେ ସେ ହାରି ଯାଇଛି। କ୍ଷୀଣରୁ କ୍ଷୀଣତର ହୋଇଆସୁଥିବା ତା'ର ଆଶା ଉପରେ ନୈରାଶ୍ୟର ବିଜୟ ହୋଇଛି। ମାନସିକ ଯନ୍ତ୍ରଣା ଶରୀରକୁ ପ୍ରଭାବିତ କରିଛି। ଶେଷରେ ନାୟକ ଯୁଗୀୟ ଯନ୍ତ୍ରଣାରେ ଛଟପଟ ହୋଇ ଆତ୍ମହତ୍ୟାକୁ ଆବୋରି ନେଇଛି। ନିଶିକାନ୍ତ ପତ୍ନୀ ସୁଷମାକୁ କହିଛି- "ଏ ରାତିଟିକୁ ପାହିବାକୁ ଦିଅ ସୁଷମା ! ଏମିତି ରାତି ଆଉ ନ ଆସୁ ଜୀବନରେ। ଦୁଃଖ ଶୋକଭରା ଅତୀତର ଦୃଶ୍ୟ ସବୁ ଦିଶି ଯାଉଛି। ବର୍ତ୍ତମାନ ହୋଇଛି ଆମ ପାଇଁ କ୍ଷତାକ୍ତ, ଯନ୍ତ୍ରଣାକାତର। ଆଉ ଭବିଷ୍ୟତଟା ଆମର ଅମାବାସ୍ୟର ଘନ ଘୋର ଅନ୍ଧକାର।"(ପୃ-୬୨) ଏକଥା ମଧ୍ୟ କହିବା ସମୀଚୀନ ଯେ, ନିଶିକାନ୍ତ ଏକବିଂଶ ଶତାବ୍ଦୀରେ ବଞ୍ଚୁଥିବା ମଣିଷର ପ୍ରତିନିଧି। ଆଉ ତା'ର ପରିବାର ଏହି ଶତାବ୍ଦୀର ବିଘଟିତ ପରିବାରର ଅବିକଳ ରୂପ।

ନାଟକଟିରେ ଶ୍ରୀଯୁକ୍ତ ଶତପଥୀ ସହରୀ ଜୀବନର କୁତ୍ସିତ ରୂପ ସତ୍ତାକୁ ଉନ୍ମୋଚନ କରିଛନ୍ତି। ଯେଉଁଠାରେ ସ୍ୱାର୍ଥାନ୍ଧତା କାରଣରୁ ଗୋଟିଏ ମଣିଷ ଆଉ ଗୋଟିଏ ମଣିଷର ଭାବ-ଭାଷାକୁ ବୁଝିପାରେ ନାହିଁ। ପୂର୍ବପ୍ରଚଳିତ ସାମାଜିକ ଭାବସତ୍ତାଟି ରୂପାନ୍ତରିତ ହୋଇଯାଇଛି ବ୍ୟକ୍ତିସ୍ୱାତନ୍ତ୍ର୍ୟତାରେ। ନିଜର ସ୍ଥିତି ସଂପର୍କରେ ସଚେତନ ହୋଇ ଆଗକୁ ବଢ଼ିବାର ପ୍ରବଣତା ଭିତରେ ସେ ଛିନ୍ନମୂଳ ହୋଇଯାଇଛି। ବସ୍ତୁବାଦୀ ହୋଇ ନିଜର ସମସ୍ତ ଆବେଗକୁ ହତ୍ୟା କରିଛି। ତେଣୁ ଯୁଗଯୁଗର ଅମୂଲ୍ୟ ସଂପର୍କ ହୋଇଯାଇଛି ମୂଲ୍ୟହୀନ। ତେଣୁ ବିଷଦବୋଧ ହିଁ ବ୍ୟକ୍ତିସତ୍ତାକୁ କବଳିତ କରି ରଖିଛି, ଯାହାର ଶେଷ ପରିଣତି ହେଉଛି ଆତ୍ମହତ୍ୟା। ' ନିଶିକାନ୍ତ' ଚରିତ୍ରରେ ମଣିଷର ମୋହଭଙ୍ଗ ଓ ଆସ୍ଥାହୀନତାର ସ୍ୱର ବେଶ୍ ସ୍ପଷ୍ଟ। ସମସ୍ତ ଅସହାୟତା ଓ ଅସଫଳତା ମଧ୍ୟରେ ବଞ୍ଚିବା ନିମନ୍ତେ ସଂଘର୍ଷରେ ହାରିଯାଇଛି ନିଶିକାନ୍ତ। ବ୍ୟକ୍ତିଗତ

ସ୍ୱାର୍ଥପାଇଁ ସମସ୍ତ ମୂଲ୍ୟବୋଧର ଜଳାଞ୍ଜଳି, ଜୀବନ ସଂଗ୍ରାମରେ ମୂଲ୍ୟବୋଧର ବିଶ୍ୱାସହୀନତା ମଣିଷକୁ କିପରି ନିଷ୍ଠୁର କରିପାରେ ତାର ବାସ୍ତବ ଚିତ୍ର ଏଥିରେ ପ୍ରଦର୍ଶନ କରିଛନ୍ତି ନାଟ୍ୟକାର।

ଅପର ପକ୍ଷରେ, ଗ୍ରାମ୍ୟ ଜୀବନର ଚଳଣି ଭିତରେ ଗୋଟିଏ ଅପୂର୍ବ ଆନନ୍ଦ ଅଛି। ପ୍ରକୃତିର ସବୁଜିମା, ମୁକ୍ତବାୟୁ, ଧାନକ୍ଷେତ, ଆମ୍ବତୋଟା, ନଈ-ଝରଣାର ସ୍ୱର ମନକୁ ବିମୋହିତ କରିଦିଏ। ପୁଣି ଗାଁରେ ପ୍ରତ୍ୟେକ ବ୍ୟକ୍ତି ସମନ୍ୱୟ ରକ୍ଷାକରି ଭାଇଚାରାର ବନ୍ଧନ ଭିତରେ ଆବଦ୍ଧ ହୋଇ ରହିଥାନ୍ତି। ଭାଇ-ବନ୍ଧୁ, ଆତ୍ମୀୟ-ସୋଦର ପରସ୍ପର ମଧ୍ୟରେ ଭାବ ବିନିମୟ କରି ସାମାଜିକ ଜୀବନଯାପନ କରନ୍ତି। ତେଣୁ ନାଟକରେ ଶ୍ରୀଯୁକ୍ତ ଶତପଥୀ ଏହି ଦୃଶ୍ୟର ଅବତାରଣା କରିଛନ୍ତି। ନାଟକର ମୁଖ୍ୟ ଚରିତ୍ର ନିଶିକାନ୍ତ ଗାଁ ପ୍ରତି ଆସକ୍ତ ହୋଇଛନ୍ତି। ସେ ସାନଭାଇ ରତିକାନ୍ତକୁ କହିଛନ୍ତି- "ଭାଉଜ ବି କହୁଥିଲା ମତେ, ଗାଁରେ ରହିଲେ ଆମ ବେମାରୀ ସବୁ ଭଲ ହୋଇଯିବ। କେଡ଼େ ନିର୍ମଳ ପବନ, ସାଇ ପଡ଼ିଶା ସବୁ ଅଛନ୍ତି .... ସତରେ ରତି ସହର ଆଉ ଭଲ ଲାଗୁନି। ସେଥିପାଇଁ ପରା ସ୍ଲୋଗାନ୍ ହେଇଚି 'ଗାଁକୁ ଫେରିଚାଲ'।" (ପୃ- ୨୬)

'ନଷ୍ଟନୀଡ଼ର ଉପକଥା' ନାଟକଟିରେ ଆମେ ଲକ୍ଷ କରିପାରିବା ପଢ଼ିଗତ ବ୍ୟବଧାନ (Generation Gap)ର ସମସ୍ୟାଟିକୁ। "Generation gap is a difference in values and attitude between one generation and another, especially between young people and their parents. These differences stem from older and younger people not understanding each other because of their differences in experiences, opinions, habits and behavior." ଆଧୁନିକ ମଣିଷର ଜୀବନଚର୍ଯ୍ୟା ଭିତରେ ଗୋଟିଏ ପିଢ଼ିର ବିଚାରଧାରା ଅନ୍ୟ ପିଢ଼ିର ବିଚାରଧାରାଠାରୁ ଅନେକ ପୃଥକ୍। ନିଶିକାନ୍ତଙ୍କ ପୁତ୍ର ବାବୁନୁ, ଅତନୁ, ସୁତନୁର ଜୀବନ ଦର୍ଶନ, ନୀତି ଆଦର୍ଶ ତଥା ଜୀବନ ଜୀଇଁବାର ଶୈଳୀ ନିଶ୍ଚିତ ଭାବରେ ନିଶିକାନ୍ତଙ୍କ ଜୀବନାଦର୍ଶଠାରୁ ସ୍ୱତନ୍ତ୍ର ଏକଥା ଆମେ ଅନୁଭବ କରିପାରିବା। ସେହିପରି ସୁଷମା ଓ ବୋହୁ ରଂଜିତାର ପରିବାରକୁ ନେଇ ଥିବା ଦୃଷ୍ଟିକୋଣର ଭିନ୍ନତା ଲକ୍ଷଣୀୟ। ଗୋଟିଏ ପିଢ଼ି ପାରମ୍ପରିକ ମୂଲ୍ୟବୋଧକୁ ଜାବୁଡ଼ିଧରି ସେହି ପ୍ରାଚୁର୍ଯ୍ୟ ଭିତରେ ବଞ୍ଚିବାକୁ ଚାହୁଁଥିବାବେଳେ ଅନ୍ୟପିଢ଼ି ପରମ୍ପରାଠୁ ନିଜକୁ ମୁକୁଳେଇ ନେଇ ସ୍ୱଚ୍ଛନ୍ଦରେ ବଞ୍ଚିବାକୁ ଚାହେଁ। ରଞ୍ଜିତା ଅତନୁକୁ କହିଛି- "ଘର....ଘର.... ଘର.... ଏଣିକି ନିଜ ଘର କଥା ଚିନ୍ତାକର। ବାପା, ବୋଉ, ଭାଇ ଭଉଣୀ ଏମାନଙ୍କୁ ଯେମିତି ମୁଣ୍ଡେଇ ବସିଛ.... ଏଗୁଡ଼ା କିଛି ଭଲକଥା ନୁହେଁ। ଭିକାରୀ ହୋଇ ବୁଲିବ ବୁଝିଲ?" (୩୮) ଯୌଥ ପରିବାର ଭିତରେ ନାନା ଅଭାବ ଅସୁବିଧା ସତ୍ତ୍ୱେ ସମଗ୍ର ଜୀବନକୁ ବିତେଇ ଦେଉଥିବା ପିଢ଼ି ଅପସରି ଗଲେଣି। ନୂଆ ପିଢ଼ି ନିଜ ସଂପର୍କରେ ଭାବେ, ପରିବାର ସଂପର୍କରେ ନୁହେଁ। ଗୋଟିଏ ଛାତ ତଳେ, ଏକ ଅନ୍ନରେ ପ୍ରତିପାଳିତ ହେଉଥିବା ବାପା-ମାଆ, ଭାଇ-ଭଉଣୀ, ଜେଜେ ବାପା- ଜେଜେ ମାଆ ସମସ୍ତଙ୍କୁ ନେଇ ପରିବାର ଗଠିତ। ମାତ୍ର ପରିବାରର ପରିଭାଷା ଆଜି ବଦଳିଛି। ସୁଷମା ଆହତ କଣ୍ଠରେ ଉଚ୍ଚାରଣ କରନ୍ତି- ସେସବୁ କହି ଲାଭ କଣ? ପରିବାର କହିଲେ ଆଜିର ପିଲାମାନେ ବୁଝନ୍ତି- ସେମାନଙ୍କ ସ୍ତ୍ରୀକୁ, ଶାଶୁ ଶ୍ୱଶୁରଙ୍କୁ ଆଉ ତାଙ୍କ ପୁଅ ଝିଅଙ୍କୁ। ବାପା, ମାଆ ଏମାନଙ୍କପାଇଁ ଅଲୋଡ଼ା। (ପୃ-୧୯)

ନାଟକ 'ନଷ୍ଟନୀଡ଼ର ଉପକଥା' ସଂପର୍କରେ ଶେଷକଥା ଏତିକି ଯେ, ନାଟ୍ୟକାର ବିଜୟ ଶତପଥୀ ଏକବିଂଶ ଶତାବ୍ଦୀର ସମାଜକୁ ଅତି ନିକଟରୁ ଅନୁଭବ କରିଛନ୍ତି। ଆଧୁନିକ ମଣିଷର ନଗ୍ନରୂପ ଏହି ନାଟକରେ ପ୍ରକଟିତ। ସମୟ ବଦଳିଯାଇଛି, ସାମାଜିକ ମୂଲ୍ୟବୋଧର ଭିତ୍ତି ଭୁଷୁଡ଼ି ପଡ଼ିଛି, ପରମ୍ପରାରେ ପରିବର୍ତ୍ତନ ଆସିଛି, ମାନବିକ ମୂଲ୍ୟବୋଧର ଅପମୃତ୍ୟୁ ଘଟିଛି, ଜୀବନାଦର୍ଶ ସଂପୂର୍ଣ୍ଣ ଭାବରେ ବିକଳାଙ୍ଗ ହୋଇ ପଡ଼ିଛି। ଅର୍ଥ ସର୍ବସ୍ୱ ମଣିଷର ମୂଳମନ୍ତ୍ର- 'ଆପେ ବଞ୍ଚିଲେ ବାପର ନାଁ'। ବ୍ୟକ୍ତି ସ୍ୱତନ୍ତ୍ରତା ଆଉ ବସ୍ତୁତାନ୍ତ୍ରିକତା ହିଁ ଆଜିର ସମାଜ ଓ ସଂସ୍କୃତିକୁ ମୃତ୍ୟୁ ଆଡ଼କୁ ଠେଲି ଦେଇଛି। ପରିବାର କହିଲେ ଆଜିର ମଣିଷ ବୁଝେ  ନିଜେ ସ୍ୱାମୀ- ସ୍ତ୍ରୀ ଆଉ ସେମାନଙ୍କର ପୁଅ-ଝିଅ, ଯେଉଁଠାରେ ବାପା-ମା'ଙ୍କର ସୁଦ୍ଧା ସ୍ଥାନ ନାହିଁ। ଏଭଳି ଦୁର୍ଦ୍ଦଶାଗ୍ରସ୍ତ ବିପର୍ଯ୍ୟସ୍ତ ସାମାଜିକ ଜୀବନର ଅବକ୍ଷୟକୁ ନାଟ୍ୟକାର ନାଟକରେ ଉପସ୍ଥାପନ କରିଛନ୍ତି। ସାମୂହିକ ଭାବରେ ଆମେ ସମସ୍ତେ ମିଶି ଏହି କରୁଣ ପରିସ୍ଥିତିର ମୁକାବିଲା କରିବାକୁ ଆହ୍ୱାନ ଦେଇଛନ୍ତି। ପରମ୍ପରା, ସଂସ୍କୃତି, ସାମାଜିକ ମୂଲ୍ୟବୋଧ ଓ ଶାଶ୍ୱତ ପ୍ରେମ ସଂପର୍କକୁ ଅକ୍ଷୁର୍ଣ୍ଣ ରଖି ଗୋଟିଏ ସୁସ୍ଥ ଓ ସୁନ୍ଦର ସମାଜର ନିର୍ମାଣର ଅଙ୍ଗୀକାରବଦ୍ଧତା ହେଉଛି ଏହି ନାଟକର ଅନ୍ତଃସ୍ୱର।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ହେମନ୍ତ କୁମାର, 'ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ', କଟକ, ବିଦ୍ୟାପୁରୀ, କଟକ, ପ୍ରଥମ ସଂସ୍କରଣ- ୨୦୦୮

୨. ଦାସ, ହେମନ୍ତ କୁମାର, 'ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ (୨ୟ ଭାଗ)', କଟକ, ଏସ୍‌ବି ପବ୍ଲିକେଶନ୍‌ସ, ପ୍ରଥମ ପ୍ରକାଶ- ୨୦୦୬

୩. ପଣ୍ଡା, ଜ୍ଞାନରଞ୍ଜନ, 'ବିଜୟଶତପଥୀଙ୍କ ନାଟ୍ୟଚିନ୍ତା', କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ-୨୦୧୪।

୪. ଶତପଥୀ, ଚନ୍ଦ୍ରପ୍ରଭା, 'ବିଜୟ ଶତପଥୀଙ୍କ ନାଟ୍ୟମାନସର ସ୍ୱରୂପ ଓ ବୈଚିତ୍ର୍ୟ', ମନୋଜ ପ୍ରକାଶନ, ପ୍ରଥମ ସଂସ୍କରଣ- ୨୦୧୩।

୫. ଶତପଥୀ, ବିଜୟ କୁମାର, 'ନଷ୍ଟନୀଡ଼ର ଉପକଥା', କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ-୨୦୨୦।

DOI : https://doi.org/10.5281/zenodo.14915012

ମୂଳ ପ୍ରବନ୍ଧ

# ଚିତ୍ରାର୍ପିତ ନୈବେଦ୍ୟ ଚନ୍ଦ୍ରଶେଖର ନନ୍ଦଙ୍କ ଚିତ୍ର

**ସୁମନ୍ତ କୁମାର ଭୋଇ**

**ସକ୍ଷିପ୍ତସାର :**

ଆଲୋଚ୍ୟ 'ଚିତ୍ରାର୍ପିତ ନୈବେଦ୍ୟ ଚନ୍ଦ୍ରଶେଖର ନନ୍ଦଙ୍କ ଚିତ୍ର' ଶୀର୍ଷକ ପ୍ରବନ୍ଧରେ ଶିକ୍ଷା ବିବର୍ଜିତ, ଅନ୍ଧବିଶ୍ୱାସ ବିଜଡ଼ିତ, ଜମିଦାର ଗୋଷ୍ଠୀର ଶୋଷଣରେ କବଳିତ ସମାଜର ପ୍ରତିଛବିକୁ ତଥା ନାରୀଶିକ୍ଷା ଓ ନିଶା ନିବାରଣକୁ ପ୍ରୋତ୍ସାହିତ କରିବାର ଆଭିମୁଖ୍ୟକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ଗାଳ୍ପିକ ନନ୍ଦଙ୍କ ଉକ୍ତ ସଂକଳନଟି ସମାଜର ବାସ୍ତବତାକୁ ଯେ ସୂଚାରୁ ରୂପେ ପ୍ରତିପାଦନ କରିପାରିଛି ତାହା ହୃଦବୋଧ ହୁଏ। ଏଣୁ ସାମାଜିକ ଜୀବନରେ ପ୍ରତିନିୟତ ପ୍ରତିଫଳିତ ବାସ୍ତବ ଚିତ୍ରର ଏହା ଯେ ବିଶ୍ୱସ୍ତ ଦଲିଲ ଏଥିରେ ସନ୍ଦେହ ନାହିଁ।

**ପ୍ରମୁଖ ଶବ୍ଦାବଳୀ :**

ଚିତ୍ର, ଅନ୍ଧବିଶ୍ୱାସ, ଜମିଦାର ଗୋଷ୍ଠୀର ଶୋଷଣ, ନାରୀଶିକ୍ଷା, ନିଶା ନିବାରଣ, ଶିଷ୍ଟ ପାଳନ ଓ ଦୁଷ୍ଟ ଦଳନ

ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦ(୧୮୬୮-୧୯୩୨) ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ପର୍ବରେ ଜଣେ ମାନବନିଷ୍ଠ ବଳିଷ୍ଠ ପ୍ରାବନ୍ଧିକ ଭାବରେ ପ୍ରତିଷ୍ଠା ଲାଭ କରିଥିଲେ ହେଁ ଗାଳ୍ପିକ ଭାବରେ ସେ ବେଶ୍ ଖ୍ୟାତି ଅର୍ଜନ କରିପାରିଥିଲେ। ତାଙ୍କର ଜନ୍ମ କଟକ ଜିଲ୍ଲା ଅନ୍ତର୍ଗତ ସିଦ୍ଧେଶ୍ୱରପୁର ଗ୍ରାମରେ। ବୃତ୍ତିରେ ଜଣେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ହୋଇଥିଲେ ମଧ୍ୟ ପ୍ରବୃତ୍ତିରେ ଜଣେ ସାରସ୍ୱତ ସାଧକ ଅଟନ୍ତି। ଏକାଧାରରେ ଜଣେ କବି, ଗାଳ୍ପିକ ଓ ପ୍ରାବନ୍ଧିକ ଭାବରେ ନିଜର ପାରଦର୍ଶିତାର ପ୍ରମାଣ ପ୍ରଦାନ କରି ସେ ଅଶେଷ ଯଶର ଅଧିକାରୀ ହୋଇପାରିଥିଲେ। ଗାଳ୍ପିକ ନନ୍ଦଙ୍କର ପ୍ରଥମ ଗଳ୍ପ 'ସୌଦାମିନୀ' ୧୯୦୧ ମସିହାରେ ପ୍ରକାଶ ପାଏ। ପରବର୍ତ୍ତୀ ସମୟରେ 'ଗୋଟିଏ ଚିତ୍ର', 'ଜଗୁ ଚୌକିଦାର' ୧୯୦୫, 'ଗଦା ଡକାଏତ' ୧୯୦୬, ' ମା! ମୁଁ ଜମା ଏଥିରେ ହାତ ଦେଇନାହିଁ, ୧୯୦୬, 'ଛୋଟ ରାମ ଦାସ' ୧୯୦୬, 'ପ୍ରତିଶୋଧ' ୧୯୦୭ ଏବଂ 'ଭୀଲ ବାଳକ' ୧୯୦୭ ଆଦି ଗଳ୍ପ ସେ ରଚନା କରିଛନ୍ତି। ଅର୍ଥାତ ୧୯୦୭ ମସିହା ସୁଦ୍ଧା ଆଠଟି ଗଳ୍ପ ରଚନା କରି ଚନ୍ଦ୍ରଶେଖର ନନ୍ଦ ଆଦି ପର୍ଯ୍ୟାୟର ଓଡ଼ିଆ ଗଳ୍ପ ସାହିତ୍ୟକୁ ଏକ ନୂତନ ସମ୍ଭାବନା ଦେଇଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ। ୧୯୦୭ ମସିହାରେ ଛ'ଟି ଗଳ୍ପକୁ ନେଇ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଚିତ୍ର' ଆତ୍ମପ୍ରକାଶ କରିଥିଲା। ଯାହାକି ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ ସଂକଳନର ମାନ୍ୟତା ପାଇପାରିଛି। ଦୀର୍ଘ ପାଞ୍ଚବର୍ଷର ବ୍ୟବଧାନ ପରେ ସେ ପୁନର୍ବାର ଗଳ୍ପ ରଚନାରେ ମନୋନିବେଶ କରି 'କଲ୍ୟାଣୀ'(୧୯୧୪), 'ତେନ୍ତୁଳିଆ ପୀର' (୧୯୧୪) ଭଳି ଆହୁରି ୧୩ ଗୋଟି ଗଳ୍ପ ରଚନା କରି ଓଡ଼ିଆ ଗଳ୍ପ ସାହିତ୍ୟକୁ ଏକ ନୂତନ ଦିଶା ପ୍ରଦାନ କରିଥିଲେ। ଗାଳ୍ପିକ ନନ୍ଦଙ୍କ ଗଳ୍ପଗୁଡ଼ିକ ମୁଖ୍ୟତଃ ଐତିହାସିକ, କିମ୍ବଦନ୍ତୀମୂଳକ ଓ ସାମାଜିକ ଜନଜୀବନର ପ୍ରତିନିୟତ ପ୍ରତିଛବିର ପ୍ରତିଫଳନରେ ବେଶ୍ ସାର୍ଥକ।

ଆଲୋଚ୍ୟ 'ଚିତ୍ରାର୍ପିତ ନୈବେଦ୍ୟ ଚନ୍ଦ୍ରଶେଖର ନନ୍ଦଙ୍କ ଚିତ୍ର'

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI :
https://doi.org/10.5281/zenodo.14915012
Article No - BPP00264

**ଯୋଗାଯୋଗ : ଡକ୍ଟର ସୁମନ୍ତ କୁମାର ଭୋଇ**
ଅଧ୍ୟାପକ, ଓଡ଼ିଆ ବିଭାଗ, ଆଦିକବି ସାରଳାଦାସ ମହାବିଦ୍ୟାଳୟ, ତିର୍ତ୍ତୋଲ, ଜଗତସିଂହପୁର।
**Email:** sumantabhoi5@gmail.com
**ORCID ID:** https://orcid.org/0009-0006-0739-8148

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୋଇ, ସୁମନ୍ତ କୁମାର; ୨୦୨୫। ଓଡ଼ିଆ ଚିତ୍ରାର୍ପିତ ନୈବେଦ୍ୟ ଚନ୍ଦ୍ରଶେଖର ନନ୍ଦଙ୍କ ଚିତ୍ର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଟ; ପୃଷ୍ଠା :୩୦-୩୩।

ଶୀର୍ଷକ ପ୍ରବନ୍ଧରେ ଶିକ୍ଷା ବିବର୍ଜିତ, ଅନ୍ଧବିଶ୍ୱାସ ବିଜଡ଼ିତ, ଜମିଦାର ଗୋଷ୍ଠୀର ଶୋଷଣରେ କବଳିତ ସମାଜର ପ୍ରତିଛବିକୁ ତଥା ନାରୀଶିକ୍ଷା ଓ ନିଶା ନିବାରଣକୁ ପ୍ରୋତ୍ସାହିତ କରିବାର ଆଭିମୁଖ୍ୟକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ଗାଳ୍ପିକ ନନ୍ଦଙ୍କ ଉକ୍ତ ସଂକଳନଟି ସମାଜର ବାସ୍ତବତାକୁ ଯେ ସୂଚାରୁ ରୂପେ ପ୍ରତିପାଦନ କରିପାରିଛି ତାହା ହୃଦବୋଧ ହୁଏ। ଏଣୁ ସାମାଜିକ ଜୀବନରେ ପ୍ରତିନିୟତ ପ୍ରତିଫଳିତ ବାସ୍ତବ ଚିତ୍ରର ଏହା ଯେ ବିଶ୍ୱସ୍ତ ଦଲିଲ ଏଥିରେ ସନ୍ଦେହ ନାହିଁ। ଯହାର ଆଲୋଚନା ନିମ୍ନମତେ–

'ତେଜସ୍ୱୀ ଛାତ୍ର' ଗାଳ୍ପିକ ନନ୍ଦଙ୍କ 'ଚିତ୍ର' ଗଳ୍ପ ସଂକଳନସ୍ଥ ପ୍ରଥମ ଗଳ୍ପ। ଆଲୋଚ୍ୟ ଗଳ୍ପଟି ବହୁମୁଖୀ ଭାବ ବିଭବରେ ବିମଣ୍ଡିତ ହୋଇ ତତ୍କାଳୀନ ସାମାଜିକ ଜୀବନରେ ଯେ ଏକ ଅସପତ୍ନ ପ୍ରଭାବ ବିସ୍ତାର କରିଥିଲା ଏଥିରେ ସନ୍ଦେହ ନାହିଁ। ପ୍ରଥମତଃ ଦରିଦ୍ର କୃଷକ ବାଳକ ବୀରର ବିଦ୍ୟାଧ୍ୟୟନ ପ୍ରତି ଅଦମ୍ୟ ଅଭିଳାଷ, ଦ୍ୱିତୀୟତଃ ଛାତ୍ରମାନଙ୍କୁ ସଦାଚାରୀ ହେବାର ପ୍ରେରଣା ପ୍ରଦାନ ଓ ତୃତୀୟତଃ କୁସଂସ୍କାର କବଳିତ ସାମାଜିକ ଜୀବନରେ ଶିକ୍ଷାର ବିସ୍ତାର ଆଦି ମହନୀୟ ଭାବ ସଂପଦକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ଉକ୍ତ ଗଳ୍ପଟି ରସୋତୀର୍ଣ୍ଣ ଓ ଶିକ୍ଷାପ୍ରଦ। ବିଦ୍ୟାଧ୍ୟୟନ ପ୍ରତି କୋମଳମତି ବାଳକମାନଙ୍କର ସଦିଚ୍ଛା ଓ ଆନ୍ତରିକତା ଥିଲେ କୌଣସି ଅଭାବ ଅସୁବିଧା ଯେ ପ୍ରତିବନ୍ଧକ ସାଜି ପାରେ ନାହିଁ ସେ ସଂପର୍କରେ ଉକ୍ତ ଗଳ୍ପରେ ଗାଳ୍ପିକ ଯେଉଁ ପ୍ରଣିଧାନଯୋଗ୍ୟ ଉକ୍ତିଟି ପ୍ରକାଶ କରିଛନ୍ତି ତାହା କାଳଜୟୀ ଓ ହୃଦୟଗ୍ରାହୀ ହୋଇପାରିଛି, ଯଥା– "ବିଦ୍ୟାଶିକ୍ଷା କରିବାକୁ ଯାହାର ଗୋଟିଏ ନୈସର୍ଗିକ ଆଗ୍ରହ ଜାତ ହୋଇଅଛି, ତା' ଆଗରେ ଆଉ କିଛି ବାଧାବିଘ୍ନ ଉପସ୍ଥିତ ହୋଇ ତାକୁ ଅଟକାଇ ପାରିବ ନାହିଁ।"

ମୁଖ୍ୟତଃ ଉକ୍ତ ଗଳ୍ପରେ 'ବୀର' ଚରିତ୍ର ମାଧ୍ୟମରେ କୋମଳମତି ବାଳକମାନଙ୍କୁ ବିଦ୍ୟାଶିକ୍ଷା ପ୍ରତି ଏକାଗ୍ରତା ଓ ସଦିଚ୍ଛା, ସଦାଚାରୀ ହେବା ନିମନ୍ତେ ପ୍ରେରଣା, ସମଦର୍ଶୀ ଓ ସସ୍ନେହ ବ୍ୟବହାର କରିବାକୁ ପରାମର୍ଶ, ପରପୋକାରୟ ସ୍ୱର୍ଗୀୟ ତଥା ନ୍ୟାୟପର, ବିଶ୍ୱାସୀ ଓ ଦୟାଳୁ ହେବା ନିମନ୍ତେ ଉପଦେଶମାନ ପ୍ରଦତ୍ତ ହୋଇଥିବାର ଲକ୍ଷିତ ହୁଏ। ବସ୍ତୁତଃ ଗାଳ୍ପିକଙ୍କ ଉକ୍ତ ଗଳ୍ପଟି ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଆଦି ପର୍ଯ୍ୟାୟରେ ରଚିତ ଏକ ନୀତିଶିକ୍ଷାମୂଳକ ଗଳ୍ପ ଭାବରେ ପାଠକାଦୃତ ଓ ଛାତ୍ରଛାତ୍ରୀମାନଙ୍କୁ ନୀତିନିଷ୍ଠ ଜୀବନଯାପନ ପାଇଁ ଯେ ଅଭିପ୍ରେତ ଏଥିରେ ଦ୍ୱିମତ ନାହିଁ।

ସମୟର ଆହ୍ୱାନ ଓ ସାମାଜିକ ବ୍ୟବସ୍ଥାର ପ୍ରଭାବରେ ଗାଳ୍ପିକ ନନ୍ଦଙ୍କ ରଚିତ 'ଜଗୁ ଚୌକିଦାର' ଗଳ୍ପ ଏକ ସାର୍ଥକ ଓ ସଫଳ କ୍ଷୁଦ୍ରଗଳ୍ପ। ନ୍ୟାୟପର ଓ ସତ୍ୟନିଷ୍ଠ ଜୀବନଯାପନ ଯେ ମାନବ ଜୀବନର ପରମ ଧର୍ମ ଏହା ହିଁ ଚିତ୍ରିତ ଚରିତ୍ର ଜଗୁର କର୍ମରେ ପ୍ରତିଫଳିତ ହୋଇଛି। ସତ୍ୟପଥରେ ଜୀବନ ଅତିବାହିତ କରୁଥିବା ଜଗୁ ଜମିଦାର ଚୌଧୁରୀ ସାମନ୍ତଙ୍କ ପ୍ରରୋଚନାରେ ତଥା କୌଣସି ପରିସ୍ଥିତିରେ ଅନ୍ୟାୟକୁ ପ୍ରଶୟ ଦେଇନି। ଯଦିଓ ଜମିଦାରଙ୍କ ଅନୁଗ୍ରହରେ ଚୌକିଦାର ବୃତ୍ତିକୁ ଗ୍ରହଣ କରିଛି କିନ୍ତୁ ସର୍ବଦା ନ୍ୟାୟପଥରେ ରହି ବିବେକାନୁମୋଦିତ କାର୍ଯ୍ୟ କରିଛି। ଜମିଦାରଙ୍କ ଅନ୍ୟାୟ ଅନୀତିକୁ ଗ୍ରହଣ ନକରି ପରିଶେଷରେ ଚାକିରୀ ହରାଇ ବାଡ଼ିବଗିଚାରେ ସମୟ ଅତିବାହିତ କରିଛି। ମୁଖ୍ୟତଃ ଅଲୋଚ୍ୟ ଗଳ୍ପରେ ଗାଳ୍ପିକ ନନ୍ଦ ଦୁଇ ପରସ୍ପର ବିରୋଧୀ ଗୁଣର ଅଧିକାରୀ ବ୍ୟକ୍ତିଙ୍କ କାର୍ଯ୍ୟଧାରାର ବର୍ଣ୍ଣନା ସହ ସମାଜର ଉଚ୍ଚାସନରେ ଅଧିଷ୍ଠିତ ବ୍ୟକ୍ତିଙ୍କ ନୈତିକ ସ୍ଖଳନ, କୁମନ୍ତ୍ରଣା ଓ କୁବୁଦ୍ଧିକୁ ଅତି ସୁନ୍ଦର ଭାବରେ ଦେଖାଇବାରେ ସକ୍ଷମ ହୋଇଛନ୍ତି। ଯାହିଁରୁ ଗାଳ୍ପିକଙ୍କ ସମାଜାନୁଶୀଳତା ଦକ୍ଷତାର ପରାକାଷ୍ଠା ପ୍ରମାଣିତ ହୋଇପାରିଛି।

ପୁନଶ୍ଚ 'ଛୋଟା ରାମ ଦାସ' ଚିତ୍ର ଗଳ୍ପ ସଂକଳନସ୍ଥ ତୃତୀୟ ଗଳ୍ପ। ଗଳ୍ପଟି ୧୯୦୬ ମସିହାରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ୧୦ମ ଭାଗ, ୩ୟ ସଂଖ୍ୟାରେ ପ୍ରକାଶିତ। ଗଳ୍ପଟିରେ ପ୍ରଭୁପ୍ରୀତି, ସାଧୁତା ଓ ସଙ୍କୋଚତା ଆଦି ଗୋବିନ୍ଦ ଦାସଙ୍କ ପ୍ରତି ରାମ ଦାସର ପ୍ରକାଶିତ ହୋଇଛି। ପ୍ରଭୁପ୍ରୀତିର ଯଥାର୍ଥ ନିଦର୍ଶନ ରାମଦାସ ଚରିତ୍ର ମାଧ୍ୟମରେ ଗାଳ୍ପିକ ଉକ୍ତ ଗଳ୍ପରେ ଦେଖାଇଛନ୍ତି। ନିଜ ଜୀବନକୁ ତୁଚ୍ଛମଣି ଗୋବିନ୍ଦ ଦାସଙ୍କ ପ୍ରତି ରାମ ଦାସର ଭକ୍ତି, ପ୍ରୀତି ଓ ଆନୁଗତ୍ୟ ଓ ଭଗବତ୍ ସତ୍ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ହିଁ ଗଳ୍ପଟିକୁ ସାର୍ଥକ ବିମଣ୍ଡିତ କରେ। ଯାହାକି ରାମ ଦାସର ବକ୍ତବ୍ୟରୁ ସୁସ୍ପଷ୍ଟ, ଯଥା– "ହେ ପତିତପାବନ, ଅନିତ୍ୟ ସଂସାର, ଦିନେ ଯାଇଥାନ୍ତି, ଆଜି ଯାଉଛି, ଦୁଃଖ ନାହିଁ, ମୋହର କର୍ତ୍ତବ୍ୟ କାର୍ଯ୍ୟ ମୁଁ କଲି, ଗୋବିନ୍ଦ ମୋହର ଆଶ୍ରୟଦାତା, ଅନ୍ନଦାତା; ଜାଣି ଶୁଣି ତାହାଠାରେ ବିଶ୍ୱାସଘାତକତା କରିବାଠାରୁ ମହାପାପ ନାହିଁ, ମୁଁ ନ କହି ରହିପାରି ନଥାନ୍ତି, ଛାର ଜୀବନପାଇଁ ଏତେ କପଟତା କରନ୍ତି, ଯାଉ ଜୀବନ, ଭୋ ପତିତପାବନ, ଉଦ୍ଧାର କର।"

ଗାଳ୍ପିକଙ୍କ 'ପ୍ରତିଶୋଧ' ଐତିହାସିକ ସମତୁଲ ଗଳ୍ପ ହେଲେ ହେଁ ଇତିହାସର ଭିତ୍ତି କିନ୍ତୁ ସୁଦୃଢ଼ ନୁହେଁ। ଅଧିକନ୍ତୁ ଐତିହାସିକ ଚରିତ୍ରଭାବେ ବର୍ଣ୍ଣିତ ବିକ୍ରମଦୁର୍ଗର ରାଜା ପ୍ରତାପଶେଖରଙ୍କ ଅଭିମାନ ଓ ଅହଂକାର। ପୁନଶ୍ଚ ଏହି ଅହଂକାର ଓ ମିଥ୍ୟା ଅଭିଯୋଗଦ୍ୱାରା କିପରି ଗୋପୀନାଥ ଦେବଙ୍କୁ ନିର୍ଦ୍ଦୋଷରେ ରାଜ୍ୟରୁ ବିତାଡ଼ିତ କରାଯାଇଛି ଓ ପରବର୍ତ୍ତୀକାଳରେ ଘଟଣାଚକ୍ରରେ ପ୍ରତାପଶେଖରଙ୍କ ମନ ପରିବର୍ତ୍ତନ, ଭୁଲ୍ ସ୍ୱୀକାର ଆଦି ଘଟଣା ଗଳ୍ପଟିକୁ ଏକ ଭିନ୍ନ ମୋଡ଼ ପ୍ରଦାନ କରିଛି। ମୁଖ୍ୟତଃ ଗର୍ବ, ଦମ୍ଭ ଓ ଅଭିମାନ ଯେ କ୍ଷଣକାଳସ୍ଥାୟୀ ତାହା ଉକ୍ତ ଗଳ୍ପରେ ଦେଖିବାକୁ ମିଳେ। ଏତଦ୍‌ସହ ନଶ୍ୱର ସଂସାରରେ ସଖ୍ୟଭାବ ଘେନି ଜୀବନଯାପନ କରିବାକୁ ଗାଳ୍ପିକ

ନନ୍ଦ ଗଳ୍ପରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ତଥା ଶାଶ୍ୱତ ସତ୍ୟର ଉପସ୍ଥାପନ କରିଛନ୍ତି ତହିଁରୁ ମହାଭାରତୀୟ ସଂସ୍କୃତି ଓ ମାନବବାଦର ମହିମା ସ୍ପଷ୍ଟ ବାରି ହୋଇପଡ଼େ, ଯଥା-"ସଂସାର ଅନିତ୍ୟ, ମାନବର ଭୌତିକ ଶରୀର ମ୍ଯ ଅନିତ୍ୟ, ଆଜି ଯାହା ସହିତ ନାନା ଦ୍ୱେଷପୂର୍ଣ୍ଣ ବ୍ୟବହାର କରୁଅଛୁଁ, ହୁଏତ କାଲି ସେ ଅମର ଧାମକୁ ଯିବେ ବା ଆମ୍ଭେ ଯିବୁ, ତାହାର ସ୍ଥିରତା ନାହିଁ। ଦୁହିଁଙ୍କ ମଧ୍ୟରୁ ଜଣଙ୍କର ନଶ୍ୱର ଦେହତ୍ୟାଗ ଦ୍ୱାରା ସମସ୍ତ ହିଂସା ଦ୍ୱେଷ ନିରର୍ଥକ ହୁଏ। ଏଣୁ ଶତ୍ରୁ ହେଉ ବା ମିତ୍ର ହେଉ, ସମସ୍ତଙ୍କର ସମ୍ପଦରେ ହର୍ଷ ଓ ବିଷାଦରେ ଦୁଃଖ ପ୍ରକାଶ କରିବା ମହାଜନାନୁମୋଦିତ ଧର୍ମ।

ପାତିବ୍ରତ୍ୟ ଓ ଏକପତ୍ନୀ ବ୍ରତ ତଥା ନାରୀ ଶିକ୍ଷାକୁ ପୃଷ୍ଠଭୂମି ରୂପେ ଗ୍ରହଣ କରି ଗାଳ୍ପିକଙ୍କ 'ସଂଯମ' ଗଳ୍ପଟି ରଚିତ। ଗଳ୍ପ ନାୟିକା ରୋହିଣୀ, ସ୍ୱାମୀଙ୍କ ମୃତ୍ୟୁ ଅନ୍ତେ ଯେଉଁ ବିବେକାନୁମୋଦିତ ନିଷ୍ପତ୍ତି ଗ୍ରହଣ କରିଛି ତହିଁରୁ ଗଳ୍ପର ନାମକରଣ ସାର୍ଥକତା ପ୍ରମାଣିତ ହୁଏ। ସ୍ୱାମୀଙ୍କ ମୃତ୍ୟୁପରେ ନିରାଭରଣ ବେଶ ଧାରଣପୂର୍ବକ ସ୍ୱାମୀଙ୍କର ମଧୁର ମୂର୍ତ୍ତିକୁ ହୃଦୟରେ ସେ ଧାରଣ କରିଛି ଓ ପୁନଃ ବିବାହ ନକରିବାକୁ ମଧ୍ୟ ପିତାଙ୍କୁ ଜଣାଇଛି। ରୋହିଣୀର ଏତାଦୃଶ ନିଷ୍ପତ୍ତିରେ ଗାଳ୍ପିକ ତା'ର ପତିପରାୟଣ ମନୋଭାବର ନିଦର୍ଶନ ଦେବା ସହ ରାଧାଗୋବିନ୍ଦଙ୍କ ମୁଖରେ ଯେଉଁ ଉକ୍ତିଟି ପ୍ରକାଶ କରିଛନ୍ତି ତହିଁରୁ ନାରୀପୁରୁଷ ନିର୍ବିଶେଷରେ ଶିକ୍ଷାଲାଭ କରିବାର ଅଧିକାର ଯେ ସମସ୍ତଙ୍କର ରହିଛି, ତାହା ପ୍ରତିପାଦିତ ହୁଏ, ଯଥା-"ମୋହର ଶ୍ରମ ସାର୍ଥକ ହେଲା, ଏଥିପାଇଁ ମୁଁ କନ୍ୟାକୁ ଶିକ୍ଷା ଦେଇଥିଲି, ଏଥିପାଇଁ ମୁଁ କହିଥାଏଁ, ପୁଅମାନଙ୍କୁ ଯେପରି ଶିକ୍ଷା ଦେବା ଉଚିତ, କନ୍ୟାମାନଙ୍କୁ ମଧ୍ୟ ତଦ୍ରୁପ ଦେବା ଉଚିତ।"(ଚିତ୍ର, ପୃ.୪୫)। ବାସ୍ତବରେ ନାରୀ ଶିକ୍ଷା ପ୍ରତି ଗାଳ୍ପିକ ନନ୍ଦଙ୍କର ଏତାଦୃଶ ମନୋଭାବ ଓ ସଦିଚ୍ଛା ସ୍ୱାଗତଯୋଗ୍ୟ।

ଶିଷ୍ଟ ପାଳନ ଓ ଦୁଷ୍ଟ ଦଳନ ହେଉଛି ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦଙ୍କ 'ଗଦା ଡକାଏତ' ଗଳ୍ପର ମୁଖ୍ୟ ଆଭିମୁଖ୍ୟ। ଉକ୍ତ ଗଳ୍ପ ରହିଛି ଶୋଷିତ ବର୍ଗର ଶୋଷକ ଶ୍ରେଣୀ ପ୍ରତି ପ୍ରଥମ ରକ୍ତାକ୍ତ ପ୍ରତିବାଦ ଓ ପ୍ରତିଶୋଧର ନିଚ୍ଛକ ପ୍ରତିଛବି। ଓଡ଼ିଆ କ୍ଷୁଦ୍ରଗଳ୍ପର ଉଷା କାଳରେ ଏତାଦୃଶ ସମାଜବାଦୀ ତଥା ପ୍ରଗତିଶୀଳ ଗଳ୍ପ ରଚନା ଯେ ଗାଳ୍ପିକଙ୍କର ଦୂରଦୃଷ୍ଟିର ପରିଚାୟକ, ଏଥିରେ ସନ୍ଦେହ ନାହିଁ। ଶୋଷିତ ବର୍ଗର ପ୍ରତିନିଧି ଭାବେ ଗଦାଧର ଯୁବକବାହିନୀ ସାହାଯ୍ୟରେ ସଇତାନ୍, ଅର୍ଥପିଶାଚ ଓ ନାରୀ ଦେହ ଲୋଭୀ ଜମିଦାର ପୁତ୍ର ଗୋପୀର ଅନ୍ୟାୟ ଓ ଦୁର୍ନୀତିର ପ୍ରତିରୋଧ କରିଛି ଓ ଶେଷକୁ ଗୋପୀର ଦମନ ନିମନ୍ତେ ଗଦାଧରର ଆଘାତରେ ଗୋପୀର ପ୍ରାଣବାୟୁ ଉଡ଼ିଯାଇଛି। ଅଥଚ ଗଦାଧର ଗୋପୀର ମୃତ୍ୟୁ ଅନ୍ତେ ଦୁଃଖ ପ୍ରକାଶ ସହ ସମବେଦନାରେ ରାଧାଶ୍ୟାମ ଚୌଧୁରୀଙ୍କ ପାଖରେ କ୍ଷମା ପ୍ରାର୍ଥନା କରିଛି। ମୁଖ୍ୟତଃ ଉକ୍ତ ଗଳ୍ପରେ ଗାଳ୍ପିକ ଗଦାଧର ଚରିତ୍ର ମାଧ୍ୟମରେ ଭାଗ୍ୟବାଦୀ ଜର୍ଜରିତାଗୁଡ଼ିକରୁ ମୁକୁଳି ଆସି ନିଜ ଶକ୍ତି, ସାମର୍ଥ୍ୟରେ ଆସ୍ଥା ସ୍ଥାପନ କରିବାକୁ ଯେଉଁ ପ୍ରେରଣା ପ୍ରଦାନ କରିଛନ୍ତି ତାହା ଅଶ୍ରୁତପୂର୍ବ ଓ ଅନନ୍ୟ।

ସଂକଳନସ୍ଥ 'ସୌଦାମିନୀ' ଗାଳ୍ପିକଙ୍କର ଏକ ଅନ୍ୟତମ ଗଳ୍ପ। ଯହିଁରେ ତତ୍କାଳୀନ ସାମାଜିକ ଜୀବନର ପ୍ରତିଛବି ପ୍ରତିଫଳିତ। ନିଷ୍ଠୁର ମଦ୍ୟପ ସ୍ୱାମୀର ନିର୍ଯ୍ୟାତନା, ପତିପ୍ରାଣା ସୌଦାମିନୀର ସହନଶୀଳତା ଏବଂ ଶେଷକୁ ଜଳଧରର କ୍ରୁର ଆଘାତରେ ଝିଅ କମଳାର ମୃତ୍ୟୁ ଗଳ୍ପଟିକୁ କରୁଣ ରସସିକ୍ତ କରିଛି। ମୁଖ୍ୟତଃ ଗଳ୍ପରେ ଗାଳ୍ପିକ ପରୋକ୍ଷଭାବେ ମଦ ହିଁ ପାରିବାରିକ ବିଶୃଙ୍ଖଳା ଓ ଅଶାନ୍ତିର ଯେ ପ୍ରଧାନ କାରଣ ଏହାକୁ ଉକ୍ତ ଗଳ୍ପରେ ପ୍ରକାଶ କରିଛନ୍ତି। ପୁନଶ୍ଚ 'ପ୍ରତିଶୋଧ' ଗଳ୍ପ ପରି 'ଭୀଲ ବାଳକ' ଗଳ୍ପରେ ମଧ୍ୟ ଇତିହାସର ଭିତ୍ତି ଦୃଢ଼ ନୁହେଁ। କେବଳ ସାମାଜିକ ଜୀବନକୁ ପରିମାର୍ଜିତ, ମାନବ ଜୀବନରେ ନୈତିକ ମୂଲ୍ୟବୋଧର ସୃଷ୍ଟି ନିମନ୍ତେ ଗାଳ୍ପିକ ଐତିହାସିକ ଚରିତ୍ର ମାଧ୍ୟମରେ ଉପର୍ଯ୍ୟୁକ୍ତ ଦୁଇ ଗଳ୍ପରେ ପ୍ରୟାସ କରିଛନ୍ତି। 'ପ୍ରତିଶୋଧ' ଗଳ୍ପରେ ରାଜା ପ୍ରତାପଶେଖରଙ୍କ ଅଭିମାନ ଓ ଅହଂକାର ପରବର୍ତ୍ତୀ ସମୟକୁ ଅପସରି ଯିବା ସହ ସେ ନିଜର ଭୁଲ୍ ବୁଝି ପାରିଛନ୍ତି କିନ୍ତୁ 'ଭୀଲ ବାଳକ' ଗଳ୍ପରେ ଆଦିବାସୀ ଭୀଲ ବାଳକର ବୀରତ୍ୱ, ରାଜପୁତ୍ର ବୀର ସିଂହଙ୍କୁ ଶତ୍ରୁ ସୈନ୍ୟଙ୍କ କବଳରୁ ଉଦ୍ଧାର ଓ ବୀର ସିଂ ଭୀଲ ବାଳକର ବୀରତ୍ୱ ଦେଖି ସେନା ବାହିନୀର ସେନାପତି ହେବାର ପ୍ରତିଶ୍ରୁତି ପ୍ରଦାନ ଆଦି ଗଳ୍ପଟିକୁ ସୁଖପାଠ୍ୟ କରିଛି। ମୁଖ୍ୟତଃ ଶରଣାଗତକୁ ଶରଣ ପ୍ରଦାନ କରିବା ଯେ ମନୁଷ୍ୟତ୍ୱର ଯେ ପରମ ଧର୍ମ ଏହା ହିଁ ଭୀଲ ବାଳକ ଚରିତ୍ରରୁ ସ୍ପଷ୍ଟ ଅନୁମିତ ହୁଏ। ପୁନଶ୍ଚ ଗାଳ୍ପିକଙ୍କର 'ଦୁଇଭାଇ' ଗଳ୍ପଟି ପାରିବାରିକ ଜୀବନରେ ପ୍ରତିନିୟତ ପରିଲକ୍ଷିତ ହେଉଥିବା କଳହକୁ ହିଁ ପୃଷ୍ଠଭୂମି ରୂପେ ଗ୍ରହଣ କରି ଗତିଶୀଳ। ଏଥିରେ ରହିଛି କନିଷ୍ଠ ଭ୍ରାତା ପ୍ରତି ଜ୍ୟୋଷ୍ଠର ଅସୂୟା ଓ ଈର୍ଷାଭାବ। ଜଣେ ସ୍ୱାର୍ଥ ତ୍ୟାଗକୁ ପରମ ସୌଭାଗ୍ୟ ମନେ କରୁଥିବା ବେଳେ ଅନ୍ୟଜଣେ ଈର୍ଷା ଭାବର ବଶବର୍ତ୍ତୀ ହୋଇ ଅନିଷ୍ଟ ସାଧନ କରିବାକୁ ତତ୍ପର। ଏହା ଏକ ଚିର ଚରିତ ଘଟଣା ହେଲେ ମଧ୍ୟ ସାମାଜିକ ଜୀବନର ପରିସର ମଧ୍ୟରେ ଏହିଭଳି ଘଟଣା ଯେ ସମାଜିକ ସ୍ଥିରତା ଓ ସୌହାର୍ଦ୍ଦ୍ୟ ଭାବ ପ୍ରତିଷ୍ଠା ଦିଗରେ ଅନ୍ତରାୟ ଏଥିରେ ଦ୍ୱିମତ ନାହିଁ।

## ଉପସଂହାର:

ପରିଶେଷରେ ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦଙ୍କ ପ୍ରତିଟି ଗଳ୍ପର ମୂଳାଧାର ଭୂମି ହେଉଛି ତତ୍କାଳର ସମାଜ। ସାମାଜିକ ଜୀବନର ପରିଧି ମଧ୍ୟରେ ପ୍ରତିନିୟତ ପରିଲକ୍ଷିତ ଘଟଣା ଓ ଘଟଣାର ନିଚ୍ଛକ ଚିତ୍ରର ଏକ ଚାରୁ ଚିତ୍ରଶାଳା ହେଉଛି 'ଚିତ୍ର' ଗଳ୍ପ ସଂକଳନ, ଏହା

ନିଃସନ୍ଦେହ। ତେଣୁ ଏହା ଓଡ଼ିଆ କ୍ଷୁଦ୍ର ସାହିତ୍ୟର ପ୍ରଥମ ଚିତ୍ରାର୍ପିତ ନୈବେଦ୍ୟ ରସ ପିପାସୁ ସୁଧି ପାଠକଙ୍କ ଉଦ୍ଦେଶ୍ୟରେ। ସମାଜର ବାସ୍ତବ ଚିତ୍ରକୁ କଏଦ କରି ଅକ୍ଷୟ ଅକ୍ଷରରେ ଆବଦ୍ଧ ରଖିବାର ସଯତ୍ନ ସଦିଚ୍ଛା ଓ ପରାକାଷ୍ଠା ଯେ ଆଲୋଚ୍ୟ ସଂକଳନରେ ନିହିତ ଏହା ସ୍ୱୀକାର୍ଯ୍ୟ।

**ସହାୟକ ଗ୍ରନ୍ଥସୂଚୀ:**


୧. ନନ୍ଦ, ଚନ୍ଦ୍ରଶେଖର। ଚିତ୍ର। ଅଗ୍ରଦୂତ, ବାଙ୍କାବଜାର, କଟକ-୨, ୨୦୨୨।

୨. ଦାସ, ଗୌରହରି। ଓଡ଼ିଆ ଗଳ୍ପ: କାଲି, ଆଜି ଓ କାଲି। ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ, ୨୦୧୪।

୩. ବାରିକ, ଡକ୍ଟର କବିତା। ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ ୧୮୯୮-୧୯୯୮। ତୃତୀୟ ମୁଦ୍ରଣ, ବିଦ୍ୟାପୁରୀ, ବାଲୁବଜାର, କଟକ, ୨୦୧୭।

୪. ସାମଲ, ବୈଷ୍ଣବ ଚରଣ। ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ। ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୨୦୧୯।


❖ ❖ ❖

DOI :https://doi.org/10.5281/zenodo.14915024

ମୂଳ ପ୍ରବନ୍ଧ

# "ଐତିହାସିକ ପ୍ରମାଣିକତାରୁ ଡ଼ଃ ମହତାବଙ୍କ 'ଦଶବର୍ଷର ଓଡ଼ିଶା', 'ଗାନ୍ଧିଜୀ ଓ ଓଡ଼ିଶା'"

**"A Generation Which Ignores History Has No Past And No Future" – *Robert Heinlein***

**ଅଜୟ କୁମାର ସାହୁ**

**ସଂକ୍ଷିପ୍ତସାର :**

ଭାରତବର୍ଷର ଐତିହାସିକ ଚିତ୍ର ଅନ୍ୟଦେଶ ଠାରୁ ଭିନ୍ନ । ବିଳମ୍ବରେ ହେଲେ ମଧ୍ୟ ଆଜି ତାହା ଲୋକଲୋଚନକୁ ଆସିପାରିଥିବାରୁ, ଅତୀତର ଏହି ଗରିମା ଗୁଡିକ ମାନବ ସଭ୍ୟତା ପାଇଁ ପଥଦ୍ରଷ୍ଟା ହୋଇପାରିଛି। ଉକ୍ତ ପ୍ରବନ୍ଧରେ ଐତିହାସିକ ଡ଼. ହରେକୃଷ୍ଣ ମହତାବଙ୍କ ଅନୁଭବୀ ଜୀବନ ଓ ଇତିହାସକୁ ଆଧାର କରି ରଚିତ ଗବେଷଣାତ୍ମକ ପୁସ୍ତକ ଦ୍ୱୟ ସଂପର୍କରେ ଆଲୋଚନା ହୋଇଛି । ସ୍ୱାଧୀନ ଭାରତ ପାଇଁ ୧୯୨୧ ରୁ ୧୯୩୦ ଏହି ଦଶ ବର୍ଷର ଘଟଣା ଏକ ନୂତନ ମୋଡ ସୃଷ୍ଟି କରିଛି ବୋଲି ଉକ୍ତ ପ୍ରସଙ୍ଗକୁ ପ୍ରମାଣ କରିବା ସହିତ, ଓଡ଼ିଶା ସହ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କ କେତେ ଘନିଷ୍ଠ ହୋଇପାରିଛି ତତ୍‌ସଂପର୍କୀତ ବିଭିନ୍ନ ଐତିହାସିକ ବିବରଣୀ ଆଧାରରେ ଯେଉଁ ଆଲୋଚନା କରିଛନ୍ତି, ତାହା ଓଡ଼ିଶା ଇତିହାସ ପାଇଁ ଏକ ସ୍ୱର୍ଣ୍ଣୀମ ଅଧ୍ୟାୟ ମନେହୁଏ । ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ପାଇଁ ଥିବା ଦରଦି ହୃଦୟର କାରୁଣ୍ୟ ଭାବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଓଡ଼ିଶା ପ୍ରତି ତତ୍ପରତା ମହତାବଙ୍କ ଏହି ଦୁଇ ପୁସ୍ତକ 'ଦଶବର୍ଷର ଓଡ଼ିଶା' ଓ 'ଗାନ୍ଧିଜୀ ଓ ଓଡ଼ିଶା' ପୁସ୍ତକରୁ ସ୍ୱଷ୍ଟ ଆଭାସ ମିଳେ । ଅତୀତର ଆଇନାରେ ଓଡ଼ିଶାକୁ ଆସିଥିବା ଅନେକ ଦୁର୍ବିପାକ ସତ୍ତ୍ୱେ କିପରି ସ୍ୱାଧୀନତା ସଂଗ୍ରାମର ଭିତ୍ତି ଓ ଭୂମିକୁ ଗୁରୁତ୍ୱ ଦେଇ ଏ ଜାତି ଅକଥନୀୟ ଅତ୍ୟାଚାର ସହିଛି ତାହା ଏଥିରେ ଆଲୋଚନା ହେବା ସହିତ, ଓଡ଼ିଶାର ଐତିହ୍ୟ, ଜାତୀୟତା ପ୍ରୀତି ଓ ରାଷ୍ଟ୍ରଭକ୍ତି ନିମନ୍ତେ କିପରି ଉତ୍ସର୍ଗୀକୃତ ଥିଲା ତାହା ଏହି ନିବନ୍ଧର ମୂଳସ୍ୱର ।

**ପ୍ରମୁଖ ଶବ୍ଦାବଳୀ :**

ଐତିହ୍ୟ, ଭାରତବର୍ଷ, ଓଡ଼ିଶା, ଜାତୀୟତା, ସ୍ୱାଧୀନତା, ସତ୍ୟାଗ୍ରହ, ଆନ୍ଦୋଳନ, ପ୍ରତିବାଦ, ସଂଗ୍ରାମ, ମହତାବ, ମହାତ୍ମା ଗାନ୍ଧୀ

## ଉପକ୍ରମ :

ଇତିହାସ ହେଉଛି ମାନବ ସଭ୍ୟତାର ପ୍ରାମାଣିକ ପଟ୍ଟଚିତ୍ର । କ୍ରମବିବର୍ତ୍ତନ ଧାରାରେ ମଣିଷର ଗତି ଆଜି ସୁବିସ୍ତୀର୍ଣ୍ଣ ହୋଇପାରିଛି। ଭୂମି ଠାରୁ ଭୂମା ପର୍ଯ୍ୟନ୍ତ ତାର ଅନ୍ୱେଷଣଧର୍ମୀ ଚିନ୍ତନ ତାକୁ ନୂତନ ସଭ୍ୟତାଆଡକୁ ମୁହାଁଇ ନେଇଛି । ଏହି ଉତ୍ତରଣର ଚରମ ସୀମାରେ ଯଦି ମଣିଷ ପହଁଚି ପାରିଛି ତେବେ ତା'ର ଦୁଇଟି ଶ୍ରେୟ ମଧ୍ୟରୁ ଗୋଟିଏ ଭବିଷ୍ୟତ ନିମନ୍ତେ ଆକାଂକ୍ଷିତ ଲକ୍ଷ୍ୟ ରଖି ଓ ଅନ୍ୟଟି ଅତୀତର ଘଟଣାକୁ ସ୍ମରଣ କରି । ଏହି ଦୁଇଟି ଆଧାରକୁ ଭିତ୍ତିକରି ମାନବ ସଭ୍ୟତା ଆଜି ସଫଳତା ଅଭିମୁଖେ ନିଜର ଯାତ୍ରା ଆରମ୍ଭ କରିଛି । ଏହି ଇତିହାସ ମଧ୍ୟରୁ ଅନ୍ୟତମ ସ୍ୱର ଓ ସ୍ୱାକ୍ଷର ଭାବେ ହରେକୃଷ୍ଣ ମହତାବଙ୍କ ରଚିତ ଉକ୍ତ ପୁସ୍ତକ ଦ୍ୱୟ ସ୍ୱଷ୍ଟ ଚିତ୍ରିତ ହୋଇଛି । ଭାରତବର୍ଷର ଇତିହାସ ରଚନା ବହୁ ବିଳମ୍ବିତ ହୋଇଥିଲେ ମଧ୍ୟ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14915024

Article No - BPP00265

**ଯୋଗାଯୋଗ :**

**ଡ଼କ୍ଟର ଅଜୟ କୁମାର ସାହୁ,** ଅଧ୍ୟାପକ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ , ଧରଣୀଧର ବିଶ୍ୱବିଦ୍ୟାଳୟ, ଓଡ଼ିଶା
**Email:** ajaykumarsahoo942@gmail.com
**ORCID ID:** https://orcid.org/0009-0009-0963-8207

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ଅଜୟ କୁମାର, ରୁଦ୍ରନାରାୟଣ; ୨୦୨୫। "ଐତିହାସିକ ପ୍ରମାଣିକତାରୁ ଡ଼ଃ ମହତାବଙ୍କ 'ଦଶବର୍ଷର ଓଡ଼ିଶା', 'ଗାନ୍ଧିଜୀ ଓ ଓଡ଼ିଶା'" । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଟ; ପୃଷ୍ଠା :୩୪-୩୯ ।

ଅନେକ ପ୍ରାଚୀନ ଘଟଣା ଆଜି ମଧ୍ୟ ବ୍ୟକ୍ତି ମାନସିକତାରେ ଜୀବନ୍ତ ଉଦ୍ଭାସିତ ହେଉଛି। ଏକ ସମୟରେ ଏହି ଦେଶକୁ ଚିଡିଆର ଦେଶ ବୋଲି କୁହାଯାଉଥିଲା। ଯାହା ଆକର୍ଷିତ କରିଥିଲା ବିଦେଶୀମାନଙ୍କ ଆଖିକୁ । ଏହାର ଫଳ ସ୍ୱରୂପ ଭୋଗିବାକୁ ପଡିଥିଲା ଭାରତୀୟମାନଙ୍କୁ ପାଶବିକ ଅତ୍ୟାଚାର। ରକ୍ତ ରଞ୍ଜିତ ଇତିହାସକୁ ଆଜି ମଧ୍ୟ ଏ ଜାତି ଅକୁହା ବେଦନାରେ ଦୃଷ୍ଟିଗୋଚର କରିଥାଏ । ଏହି ଭାରତ ବର୍ଷର ଓଡ଼ିଶା ମାଟିରେ ଏପରି ଏକ କଳା ମେଘର ବାଦଲ ଦୀର୍ଘ ସମୟ ଧରି ଆଚ୍ଛନ୍ନ କରି ରଖିଥିଲା । ଡ଼ଃ ହରେକୃଷ୍ଣ ମହତାବଙ୍କ 'ଦଶବର୍ଷର ଓଡ଼ିଶା', 'ଗାନ୍ଧିଜୀ ଓ ଓଡ଼ିଶା' ପୁସ୍ତକରେ ଓଡ଼ିଶା ଇତିହାସର ଜାତୀୟ ମହାପର୍ବ ଓ ଗାନ୍ଧିଙ୍କ ଓଡ଼ିଶା ପ୍ରୀତିର ନମୁନା ଦେଖିବାକୁ ମିଳେ ।

୧୯୨୦ ମସିହା ଭାରତୀୟ ସ୍ୱାଧିନତା ସଂଗ୍ରାମର ପ୍ରେକ୍ଷାପଟ୍ଟରେ ଏକ ଅମୃତ କାଳୀନ ମହାର୍ଘ୍ୟ ବୋଲି ଦୃଢ଼ ସ୍ୱରରେ କୁହାଯାଇ ପାରେ, କାରଣ ଏହି ସମୟରେ କଲିକତାରେ ଭାରତୀୟ ଜାତୀୟ ମହାସଭା ଅନୁଷ୍ଠିତ ହୋଇଥିଲା । ୧୯୨୧ରୁ ଆରମ୍ଭ କରି ୧୯୩୦ ପର୍ଯ୍ୟନ୍ତ ଏହି ୧୦ ବର୍ଷର ଓଡ଼ିଶା ଇତିହାସରେ ଘଟିଥିଲା ସ୍ୱାଧୀନତା ଆନ୍ଦୋଳନର ଏକ ସନ୍ଧିପୂର୍ଣ୍ଣ କାଳଖଣ୍ଡ । ଉକ୍ତ କାଳଖଣ୍ଡରେ ଓଡ଼ିଶାକୁ ଜାତୀୟତା ଅନ୍ଦୋଳନରେ ପ୍ରଲୁବ୍ଧ କରାଇବା ପାଇଁ ମଧୁବାବୁ ସ୍ୱଦେଶୀ ବସ୍ତୁର ପ୍ରଚାର ଉପରେ ଗୁରୁତ୍ୱ ଦେଉଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ୱଦେଶ ବିଚାର ହିଁ ବ୍ୟକ୍ତିକୁ ଜାତୀୟ ମାନସିକତାରେ ସମ୍ମୋହିତ କରିପାରିବ । ଭାରତୀୟ ମହାସଭାରେ ଓଡ଼ିଶା ୧୯୨୧ ମସିହା ପରେ ସଂଯୋଗ ହୋଇପାରିଥିଲା । ଯେଉଁଥିରେ ପ୍ରାଥମିକ ସ୍ତରର ମୁଖ୍ୟ ଭୂମିକା ମଧୁସୂଦନ ଓ ଗୌରୀଶଙ୍କର ବହନ କରିଥିଲେ। ଓଡ଼ିଶାର ଇତିହାସ ଯେତିକି ଗୌରବମୟ ଥିଲା, ଭାରତୀୟ ରାଜନୀତିରୁ ଦୂରେଇ ଯାଇ ସେ ତା'ର ମୂଲ୍ୟବୋଧକୁ ସେତିକି ଅବକ୍ଷୟ କରିଥିଲା ବୋଲି କୁହାଯାଇପାରେ । ପରନ୍ତୁ ୧୯୨୧ ରୁ ୧୯୩୦ ଏହି ୧୦ ବର୍ଷର ଓଡ଼ିଶା ଇତିହାସରେ ଘଟିଥିବା ଘଟଣାରୁ ଜଣାପଡେ ପତିତ ଜାତିର ଉଦ୍ଧାର ନିମନ୍ତେ ଓଡ଼ିଶାର ତତ୍କାଳିନ ସମୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥିଲା । ବିଶେଷ କରି ବଙ୍ଗାଳୀମାନଙ୍କ ଦୌରାତ୍ମ୍ୟ ପ୍ରଭାବରେ ଓଡ଼ିଶାକୁ ଆତ୍ମସୁରକ୍ଷା ଦେବା ଏକ ବଡ ପ୍ରଶ୍ନବାଚୀ ହୋଇ ପଡିଥିଲା । ଏହି ସମୟରେ ପାଦ୍ରୀମାନଙ୍କର ଓଡ଼ିଶା ଏବଂ ଓଡ଼ିଆ ଭାଷା ପ୍ରତି ଥିବା ଅହେତୁକ ସ୍ନେହ ଶ୍ରଦ୍ଧା ଯୋଗୁଁ ବଙ୍ଗାଳୀମାନଙ୍କର ଓଡ଼ିଆ ଭାଷା ବିଲୋପ ଯୋଜନା ଧୂଳିସାତ୍ ହୋଇପାରିଥିଲା । ଓଡ଼ିଶାର ସମସ୍ତ ଗଡଜାତ ରାଜ୍ୟ ଏବଂ ଓଡ଼ିଶାକୁ ସୁସଙ୍ଗଠିତ କରିବା ନିମନ୍ତେ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ଗଠିତ ହୋଇଥିଲା । ୧୯୨୨ ମସିହା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସମ୍ମିଳନୀର ବାର୍ଷିକ ଅଧିବେଶନ ଓଡ଼ିଶାର ଜାତୀୟପ୍ରୀତି ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ପୂର୍ବରୁ ଭାରତୀୟ ସ୍ୱାଧୀନତା ନିମନ୍ତେ ୧୯୧୧ ମସିହାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ୧୬ ତମ ଅଧିବେଶନରେ ଅରଟରେ ସୂତା କାଟିବାପାଇଁ ଏକ କମିଟି ପ୍ରସ୍ତୁତ କରାଯାଇଥିଲା । ଏହା ଓଡ଼ିଶାର ଜାତିୟତାପ୍ରୀତିର ପ୍ରଥମ ପୁଲକ ହୋଇପାରେ । ଏହାର ଉଦାହରଣ ସ୍ୱରୂପ- ମଧୁବାବୁ ନିଜ ହାତକଟା ଓ ହାତବୁଣା ଲୁଗା ପିନ୍ଧି ନିତ୍ୟ ସମ୍ମିଳନୀରେ ଉପସ୍ଥିତ ରହୁଥିଲେ । କେବଳ ସେତିକି ନୁହେଁ ଉତ୍କଳ ସମ୍ମିଳନୀର ଦେଶମାତୃକା ଚିନ୍ତାଧାରା ଅନ୍ୟ ଏକ ଦୃଷ୍ଟାନ୍ତରୁ ଦେଖିବାକୁ ମିଳେ, ଯେତେବେଳେ ଓଡ଼ିଶାରେ ବଙ୍ଗାଳୀ ଲୁଗାକଳ ସ୍ଥାପନ କରାଗଲା ସେତେବେଳେ ଆଠଗଡର ରାଜା ଲୁଗାକଳ ପାଇଁ କୋଡିଏ ହଜାର ଟଙ୍କା ପ୍ରଦାନ କରିଥିଲେ । ମାତ୍ର, ଅରଟର ଚାହିଦା କମିଯିବାରୁ ଉତ୍କଳ ସମ୍ମିଳନୀ ଏହି ଅର୍ଥରାଶିକୁ ଗ୍ରହଣ କରିନଥିଲା । ଭାରତୀୟ ଜାତୀୟ ଜାଗରଣରେ ଏହା ଏକ ଉଲ୍ଲେଖନୀୟ ଘଟଣା ଅଟେ ।

### ମଧୁସୂଦନଙ୍କ ସଂପର୍କରେ :

୧୯୨୧ ମସିହା ପର୍ଯ୍ୟନ୍ତ ମଧୁବାବୁ ହିଁ ଉତ୍କଳରେ ସର୍ବଶ୍ରେଷ୍ଠ ନେତା ଭାବରେ ପରିଚିତ ଥିଲେ । ବଙ୍ଗାଳୀଙ୍କ ହାତରୁ ଓଡ଼ିଶାକୁ ରକ୍ଷାକରିବା ଓ ଓଡ଼ିଆମାନଙ୍କୁ ସ୍ୱତନ୍ତ୍ରତା ପ୍ରଦାନ କରିବା ତାଙ୍କ ଜୀବନର ଚରମ ଲକ୍ଷ୍ୟ ଥିଲା । ଦେଶ ମିଶ୍ରଣର ମହାପର୍ବରେ ନିଜର ଜାତୀୟ ଭାବନାକୁ ସର୍ବାଗ୍ରହୀ କରିବା ନିମନ୍ତେ ମଧୁବାବୁ ତନ୍ତୁ ବୁଣା ଲୁଗା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । କେବଳ ସେତିକି ନୁହେଁ କଟକର ସୁବିଖ୍ୟାତ ତାରକସି କାରଖାନା ସ୍ଥାପନ କରି ଓଡ଼ିଶାର ମାନବୃଦ୍ଧି କରିଥିଲେ । କୃଷକଙ୍କ ଉନ୍ନତି ନିମନ୍ତେ ମଧୁବାବୁ ତତ୍କାଳୀକ ସମୟରେ "ଉତ୍କଳ ସମିତି" ସ୍ଥାପନ କରିଥିଲେ । କଟକର ଜୋତା କାରଖାନା ସ୍ଥାପନ କରି ସେତେବେଳେ ସେ ୟୁରୋପୀୟ କାରଖାନା ପକ୍ଷରେ ଈର୍ଷାର ବିଷୟ ହୋଇପାରିଥିଲେ । ଓଡ଼ିଶାର ଖଣ୍ଡ ବିଖଣ୍ଡିତ ହୋଇପଡିଥିବା ଅଞ୍ଚଳକୁ ଏକତ୍ରିତ କରିବାର ଲକ୍ଷ୍ୟ ନେଇ ସେ ୧୯୦୩ ମସିହାରେ "ଉତ୍କଳ ସମ୍ମିଳନୀ" ଗଠନ କରିଥିଲେ, ଏହାକୁ ବର୍ଦ୍ଧିତ କରାଇ ୧୯୦୫ ମସିହାରେ ଛାତ୍ର ଅନୁଷ୍ଠାନ ଗଢ଼ି ଉଠିଥିଲା। ମଧୁବାବୁଙ୍କ ମନ୍ତ୍ରୀ ପଦବୀକୁ ନେଇ ୧୯୨୧ ମସିହାରେ 'ଭାରତୀ ମନ୍ଦିର' ତରଫରୁ ଘୋର ବିରୋଧ ଆରମ୍ଭ ହୋଇଥିଲା । ହେଲେ ଏଠାରେ ଭୟ ଥିଲା ଓଡ଼ିଶାର ଦାୟିତ୍ୱ ଏବେ କିଏ ସମ୍ଭାଳିବ ? ସେ ସମୟର ଏକ ଘଟଣାରୁ ଜଣାପଡେ 'ଭାରତୀ ମନ୍ଦିର' ତରଫରୁ ବିଜ୍ଞାପିତ ଛାପିବା ପାଇଁ କୌଣସି ଛାପାଖାନା ମଧ୍ୟ ରାଜି ହେଉନଥିଲେ। କାରଣ ଇଂରେଜମାନଙ୍କର ଭୟ ଓ ହାକିମାତିକୁ ଡରି ଏପରି କାଣ୍ଡ ସୃଷ୍ଟି ହୋଇଥିଲା । ବହୁ କଷ୍ଟ ପରେ 'ଭାରତୀ ମନ୍ଦିର' ବିଜ୍ଞାପନକୁ ଛପା ଯାଇପାରିଥିଲା, କିନ୍ତୁ ମଧୁବାବୁଙ୍କ ମନ୍ତ୍ରୀପଦକୁ କେହି ସହଜରେ ଗ୍ରହଣ କରି ପାରୁନଥିଲେ ।

### ଗୋପବନ୍ଧୁ ଦାସଙ୍କ ଓ ଗୋପବନ୍ଧୁ ଚୌଧୁରୀଙ୍କ ସମ୍ପର୍କରେ :

ହରେକୃଷ୍ଣ ମହତାବଙ୍କ ' ଦଶବର୍ଷର ଓଡ଼ିଶା' ଓ 'ଗାନ୍ଧୀ ଓ ଓଡ଼ିଶା' ପୁସ୍ତକରେ ଗୋପବନ୍ଧୁ ଦାସଙ୍କ ଓଡ଼ିଶାର ଜନ ମାନସ ପ୍ରତି ଥିବା ତ୍ୟାଗ ଓ ସ୍ୱାଧୀନ ସଂଗ୍ରାମୀର ଭାବଧାରା ବର୍ଣ୍ଣନା ହୋଇଛି । ସେ ଥିଲେ ଓଡ଼ିଶାର ଜଣେ ପରମ ଓ ଚରମ ତ୍ୟାଗନିଷ୍ଠ ମାନବବାଦୀ ବିଶ୍ୱ କଲ୍ୟାଣକାରୀ ବ୍ୟକ୍ତି ସତ୍ତା । ଓଡ଼ିଶାକୁ ନୂଆ ରୂପରେ ଜାତୀୟପ୍ରୀତିର ଭାବଧାରାରେ ଗଢ଼ି ତୋଳିବା ପାଇଁ ପୁରୀର ସାକ୍ଷୀଗୋପାଳ ଠାରେ

ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହାକୁ ଲକ୍ଷ୍ୟ କରି ସାର୍ ଏଡ୍ ଓ୍ୱାଡ ଗେଟେ ଓଡ଼ିଶା ପରିଭ୍ରମଣ ସମୟରେ ତାଙ୍କୁ ଅନେକ ପ୍ରଶଂସା କରିଥିଲେ । ଓଡ଼ିଶା ଏକ ବନ୍ୟା ପ୍ଲାବିତ ଅଞ୍ଚଳ ହୋଇଥିବାରୁ ଏଠାରେ ଘଟୁଥିବା ପ୍ରାୟ ସମସ୍ତ ପ୍ରାକୃତିକ ଦୁର୍ବିପାକରୁ ଓଡ଼ିଶାବାସୀଙ୍କ ସାହାଯ୍ୟ ସହଯୋଗ କରିବାରେ ନିଜକୁ ସମ୍ପୂର୍ଣ୍ଣ ମାତ୍ରାରେ ବିନିଯୋଗ କରୁଥିଲେ । ଯାହା ଆଧୁନିକ ଓଡ଼ିଶାର ଅତୀତ ପଟ୍ଟଭୂମିରେ ଏକ ଆଦର୍ଶବାଦର ପ୍ରମାଣିକ ମାନଚିତ୍ର ହୋଇ ଆଜି ସୁବାସିତ ହେଉଛି । ପଣ୍ଡିତ ଗୋପବନ୍ଧୁ ଓଡ଼ିଶାର ସେବା କରିବା ଲକ୍ଷ୍ୟ ନେଇ ରାଜନୀତିରେ ମଧ୍ୟ ପ୍ରବେଶ କରିଛନ୍ତି । ମଧୁବାବୁଙ୍କଯୋଗୁଁ ସେ 'ଲାଟ୍ ସଭା'ରେ ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ପରନ୍ତୁ ସ୍ୱାଧୀନତା ସଂଗ୍ରାମରେ ସଂପୃକ୍ତ ହେବା ପାଇଁ ସେ ସ୍ୱଇଚ୍ଛାରେ ଓକିଲାତି ଓ ବ୍ୟବସ୍ଥା ସଭାର ସଦସ୍ୟ ପଦବୀକୁ ମଧ୍ୟ ପରିତ୍ୟାଗ କରିଥିଲେ । ମହତାବ ତାଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି – "ପଣ୍ଡିତ ଗୋପବନ୍ଧୁ ସ୍ପଷ୍ଟ ବୁଝୁଥିଲେ ଯେ ଭାରତୀୟ ମହାସଭାରେ ଯୋଗ ନଦେବା ଓଡ଼ିଶା ପକ୍ଷରେ ଆତ୍ମହତ୍ୟା କଲାପରି ।" (ପୃ-୧୪, ଦଶବର୍ଷର ଓଡ଼ିଶା) ଓଡ଼ିଶାର ଜାତୀୟ ଜୀବନ ଅବହେଳିତ ହେଉଥିବା ମନେକରି ତାଙ୍କ ନୟନ ଯୁଗଳ ଲୋତକପୂର୍ଣ୍ଣ ହୋଇଯାଇଥିଲା । ସେ ଲକ୍ଷ୍ୟ କରିଥିଲେ ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥା ଓଡ଼ିଆ ଭାଷାରେ ହେଉନଥିବା ଯୋଗୁଁ ଓଡ଼ିଆମାନେ ହିନ୍ଦୀ, ବଙ୍ଗଳା ଓ ତେଲୁଗୁ ଭାଷା ଶିଖିବାକୁ ବାଧ ହେଉଛନ୍ତି । ଯାହା ଜାତୀୟତାପ୍ରୀତି ନିମନ୍ତେ ଏକ ବଡ ଅନ୍ତରାୟ ସୃଷ୍ଟି କରୁଥିଲା । ୧୯୨୦ ମସିହାରେ ହୋଇଥିବା ଦୁର୍ଭିକ୍ଷରେ ପଣ୍ଡିତ ଦାସ ନିରାଶ୍ରୟୀମାନଙ୍କୁ ସାହାଯ୍ୟ ସହଯୋଗ କରିବା ସେ ସମୟରେ ତାଙ୍କର ସବୁଠାରୁ ବଡ଼ ବଦାନ୍ୟ ଥିଲା ।

ଗୋପବନ୍ଧୁ ଦାସଙ୍କ ପରି ସର୍ବସ୍ୱ ତ୍ୟାଗୀ ଓ ମାନବ ସେବାରେ ନିଜକୁ ଦଧିଚି ପରି ଆତ୍ମବଳୀଦାନ କରିନଥିଲେ ମଧ୍ୟ ଓଡ଼ିଶାର ସ୍ୱାଧିନତା ଆନ୍ଦୋଳନ ପରିପ୍ରେକ୍ଷୀରେ ଗୋପବନ୍ଧୁ ଚୌଧୁରୀଙ୍କ ଭୂମିକା ଅତୁଳନୀୟ ମନେହୁଏ । ଜଣେ ସରକାରୀ କର୍ମଚାରୀ ହୋଇ ସୁଦ୍ଧା ଓଡ଼ିଶାର ଜାତୀୟ ଜୀବନର ଅସ୍ମିତାକୁ ସର୍ବଦା ବଜାୟ ରଖିବା ନିମନ୍ତେ ସେ ସତଚେଷ୍ଟିତ । ୧୯୧୯ ମସିହାରେ କେତେକ ଯୁବକମାନଙ୍କୁ ନେଇ ସେ କଟକଠାରେ 'ଭାରତୀ ମନ୍ଦିର' ନାମକ ଏକ ଅନୁଷ୍ଠାନ ସ୍ଥାପନ କରିଥିଲେ । ଛାତ୍ର ଓ ଓକିଲମାନଙ୍କ ମାର୍ଗଦର୍ଶକ ହୋଇ 'ଭାରତୀ ମନ୍ଦିର' କିଭଳି ଭାରତୀୟମାନଙ୍କୁ ବିପ୍ଳବ ଭରା ଆହ୍ୱାନ ଦେଇପାରିବ ସେଥିପ୍ରତି ଗୁରୁତ୍ୱ ଦେଉଥିଲେ ।

## ନାଗପୁର ଅଧିବେଶନ ଓ ଦେଶ ମିଶ୍ରଣ ପ୍ରସଙ୍ଗ :

ହରେକୃଷ୍ଣ ମହତାବ ଓଡ଼ିଶାର 'ଭାରତୀ ମନ୍ଦିର' ତରଫରୁ କଲିକତାକୁ ଯାଇଥିଲେ । ଯେଉଁଥିରେ ବଙ୍ଗଦେଶର ପ୍ରସ୍ତାବକୁ ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଥିଲା । ୧୯୨୦ ମସିହା ଡିସେମ୍ବର ମାସରେ ନାଗପୁର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଗୋପବନ୍ଧୁ ଦାସ, ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ, ମୁକୁନ୍ଦପ୍ରସାଦ ଦାସ, ଓକିଲ ଭାଗିରଥି ମହାପାତ୍ର, ଶ୍ରୀ ଯଦୁମଣି ମଙ୍ଗରାଜ ଓ ହରେକୃଷ୍ଣ ମହତାବ ଯୋଗ ଦେଇଥିଲେ । ଏହି ଅଧିବେଶନରେ ମହାତ୍ମା ଗାନ୍ଧୀଙ୍କ ବିରୋଧୀ ତାଙ୍କର ଶିଷ୍ୟମାନେ ହୋଇଯାଇଥିଲେ ଓ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଆଣିଥିଲେ । ଯାହା ଦେଶରେ ଏକ ବୈପ୍ଳବିକ ଚିନ୍ତାଧାରା ସୃଷ୍ଟି କରିଥିଲା ଏବଂ ଏହା ଭାରତ ଇତିହାସକୁ ଏକ ନୂଆ ମୋଡ ଆଣିଦେଲା । ଗୋପବନ୍ଧୁ ଯେତେବେଳେ ଦେଶ ମିଶ୍ରଣ ପାଇଁ ବ୍ୟାକୁଳ ହେଉଥିଲେ, ସେତେବେଳେ ଓଡ଼ିଶାର ଅନ୍ୟ ନେତାମାନେ ଅନୁଭବ କରୁଥିଲେ ଯେ ମହାସଭାରେ ଯୋଗ ଦେଲେ ଦେଶ ମିଶ୍ରଣରେ ବାଧା ଉପୁଜିବ । ଏଥିପାଇଁ ମନାନ୍ତର ଓ ମତାନ୍ତର ସୃଷ୍ଟି ହୋଇଥିଲା । ୧୯୨୧ ମସିହା ଜାନୁୟାରୀ ମାସରେ ଅସହଯୋଗ ଆନ୍ଦୋଳନରେ କଟକ କଲେଜରେ ଛାତ୍ରମାନେ ଧର୍ମଘଟ ଆରମ୍ଭ କରିଦେଇଥିଲେ । ଓଡ଼ିଶାର ପ୍ରାଦେଶିକ ମହାସଭା ଗଠନ ଭାର ସଭାପତି ପଣ୍ଡିତ ଗୋପବନ୍ଧୁ ଦାସ, ସମ୍ପାଦକ ଭାବରେ ଶ୍ରୀଯୁକ୍ତ ଭାଗିରଥି ମହାପାତ୍ର ତୁଲାଉଥିଲେ । ଗୋପବନ୍ଧୁ ଦାସ ରାଜନୈତିକ ମହାସମରରେ ଯୋଗଦେବା ପରେ ସତ୍ୟବାଦୀ ବନବିଦ୍ୟାଳୟ ଦାୟିତ୍ୱ ପ୍ରତି ଅବହେଳିତ ହୋଇପଡିଥିଲେ । ଫଳରେ କୃପାସିନ୍ଧୁ ମିଶ୍ର ଏହାର ମୁଖ୍ୟ ଦାୟିତ୍ୱ ବହନ କରନ୍ତି । ଏହି ୧୯୨୧ ମସିହା ଥିଲା ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ପ୍ରଥମ ସମୟ ସୀମା ।

## ଭାରତୀୟ ଜାତୀୟ ସଂଗ୍ରାମ ଓ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ:

ଭାରତୀୟ ଜାତୀୟ ସଂଗ୍ରାମରେ ଓଡ଼ିଶାର ଅଂଶଗ୍ରହଣ କିଛି କମ୍ ନଥିଲା । ବିଶେଷତଃ କଟକ, ସମ୍ବଲପୁର, ଜଗତସିଂହପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ସମେତ ଓଡ଼ିଶାର ଅନ୍ୟକେତେକ ମଧ୍ୟ ଜାତୀୟ ଆନ୍ଦେଳନର ସୂତ୍ରପାତ ହୋଇସାରିଥିଲା । ୧୯୨୧ ମସିହାରେ ଗାନ୍ଧୀ ପ୍ରଥମଥର ଓଡ଼ିଶା ଆସି ଭଦ୍ରକ, କଟକ, ପୁରୀ, ସତ୍ୟବାଦୀ ଓ ଗଞ୍ଜାମ ଜିଲ୍ଲା ପରିଭ୍ରମଣ କରିଥିଲେ । ମହାତ୍ମାଗାନ୍ଧୀ ସେ ସମୟରେ ବନ୍ୟା ଓ ଦୁର୍ଭିକ୍ଷ ବିପନ୍ନ ଓଡ଼ିଶାର ରୂପଚିତ୍ରକୁ ଦେଖି ତଟସ୍ଥ ହୋଇପଡିଥିଲେ । ଭାରତ ବର୍ଷରେ ଏଭଳି ଏକ ଐତିହାସିକ କ୍ଷେତ୍ରଫଳର ସ୍ଥିତି ଆଜି ବିପନ୍ନ, ଏହାକୁ ସେ ସହଜରେ ଗ୍ରହଣ କରିପାରିନଥିଲେ । ସେ ଅନୁଭବ କରିଥିଲେ ଓଡ଼ିଶା ହେଉଛି ଏକ "ଜିଅନ୍ତା ମୂର୍ଦ୍ଦାର" । ୧୯୨୧ ମସିହା ଜୁନ ୩୦ ତାରିଖ ପର୍ଯ୍ୟନ୍ତ ମହାସଭାର କାର୍ଯ୍ୟକ୍ରମ ଥିଲା ସଭ୍ୟ ଓ ପାଣ୍ଠି ସଂଗ୍ରହ କରିବା । ଯାହାର ନାମ ଥିଲା 'ଲୋକମାନ୍ୟ ତିଳକ ପାଣ୍ଠି' । ଯେଉଁ ଲକ୍ଷ୍ୟ ନେଇ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ତାହା ସଫଳ ହେଲାନାହିଁ । ଏହି ସମୟରେ ଆଉ ଏକ ବିଶେଷ ଘଟଣା ଦୃଷ୍ଟିଗୋଚର ହୁଏ ବିଦେଶୀ ଲୁଗା ବର୍ଜନ ଓ ବାଲେଶ୍ୱରରେ ଏହାକୁ ବିରୋଧ କରୁଥିବା ପଚାଶ ହଜାର ସଂଗ୍ରାମୀଙ୍କୁ ଜେଲ ଦଣ୍ଡାଦେଶ ଶୁଣାଣି ହୋଇଥିଲା । ଯାହା ଶିଥିଳ ଭାରତୀୟମାନଙ୍କ ହୃଦୟରେ ଏକ ନୂତନ ଉନ୍ମାଦନା ଓ ଜାଗୃତି ସୃଷ୍ଟି କରିପାରିଥିଲା । କେବଳ ସେତିକି ନୁହେଁ ଉକ୍ତ ସମୟରେ ଗୋପବନ୍ଧୁଙ୍କ ପ୍ରକାଶିତ 'ସମାଜ' ପତ୍ରିକା ନାମରେ ମାନହାନି ଅପରାଧରେ ଫୌଜଦାରୀ ମକଦ୍ଦମା ହୋଇଥିଲା । ଯେଉଁଥିରୁ ସୁଭାଷ

ଚନ୍ଦ୍ରଙ୍କ ଭାଇ ସୁରେଶ ଚନ୍ଦ୍ର ବୋଷ ଡେପୁଟି ମାଜିଷ୍ଟ୍ରେଟ ଥିବା ଯୋଗୁଁ ସେ ଗୋପବନ୍ଧୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାପରେ ଚାକିରୀରୁ ଇସ୍ତଫା ଦେଇଥିଲେ ।

ଅସହଯୋଗ ଆନ୍ଦୋଳନ ପ୍ରତି ଇଂରେଜ ସରକାରଙ୍କର ନୀତି ଥିଲା ବଡ ଦାରୁଣ । ଅର୍ଥାତ୍ ଭାରତୀୟମାନେ ଅସହଯୋଗ ଆନ୍ଦୋଳନ କରି ଦେଶ ସ୍ୱାଧୀନ କରିବାର ଇଚ୍ଛା କେବେ ସଫଳ ହୋଇପାରିବ ନାହିଁ । ପରନ୍ତୁ, ଯାହାର ମନ ଓ ଧ୍ୟାନ ଭାରତ ମାତାର ପୂର୍ଣ୍ଣ ସ୍ୱାଧୀନତାକୁ ଫେରାଇ ଆଣିବାକୁ ଚେଷ୍ଟିତ ତାହା ପୁଣି ସତ୍ୟ ଓ ନ୍ୟାୟ ମାର୍ଗରେ, ଏଣୁ ଏହାକୁ କିଏ ଭଲା ଅଟକାଇ ପାରିବ । ଏହି ଭାରତୀୟ ମହାସଭାର ସେନାପତି ଥିଲେ ମହାତ୍ମା ଗାନ୍ଧୀ । ୧୯୨୨ ମସିହା ଆରମ୍ଭରେ ବିଦେଶୀ ଶାସନ ପ୍ରତି ଭାରତୀୟଙ୍କ ମନରେ ସୃଷ୍ଟି ହୋଇସାରିଥିଲା ଘୃଣାର ବାତାବରଣ । ସ୍ୱୟଂସେବକ ସଭାର ସଦସ୍ୟମାନେ ସେତେବେଳକୁ ନିଜସ୍ୱ ସୂତା କାଟିବା ଖଦଡ଼ ଧୋତି ପିନ୍ଧିବା ସର୍ବୋପରି କାୟ ମନ ବାକ୍ୟରେ ଅହିଂସା ଆଚରଣର ମାର୍ଗ ଆପଣାଇ ଥିଲେ । ପରନ୍ତୁ, ମହତାବଙ୍କ ଏହି ଐତିହାସିକ ପୁସ୍ତକ ଅଧ୍ୟୟନ କଲେ ଜଣାଯାଏ ଉକ୍ତ ଦଶବର୍ଷ ମଧ୍ୟରେ ଓଡ଼ିଶା ସହିଥିଲା ଅକଥନୀୟ ଅତ୍ୟାଚାର, ନିର୍ଯ୍ୟାତନା ଓ ହୋଇଥିଲା ଶୋଷଣର ଶିକାର ପରନ୍ତୁ, ପାଇଥିଲା ଭାରତୀୟ ସ୍ୱାଧିନତା ପୃଷ୍ଠଭୂମିରେ ନିଜର ଆତ୍ମବଳିଦାନ ଓ ତ୍ୟାଗ ମନୋଭାବର ସମୁଚ୍ଚ ପ୍ରାମାଣିକ ରୂପ । ଫଳରେ ଘରପୋଡ଼ି, କନିକା ପ୍ରଜାଙ୍କ ଉପରେ ଅତ୍ୟାଚାର ଏବଂ ସାଧାରଣ ମଣିଷ ଉପରେ ଘଟିଥିଲା କାରୁଣ୍ୟର ପ୍ରତିଫଳିତ ଚିତ୍ର ।

## ଇଂରେଜ ଶାସନର ବିଭତ୍ସ ଚିତ୍ର :

ଗୋଟେ ପଟେ ପ୍ରଥମ ବିଶ୍ୱଯୁଦ୍ଧର ଅବସାନ ପରେପରେ ପୃଥିବୀରେ ଶାନ୍ତି ଖୋଜୁଥିବା ଏହି ଇଂରାଜୀ ଜାତି ଭାରତବର୍ଷ ତଥା ଓଡ଼ିଶାରେ ଘଟାଉଥିଲା ଅମାନବୀୟ ପାଶବିକ ଅତ୍ୟାଚାର । ଏକ ବିବରଣୀରୁ ଜଣାପଡେ ଏହି ସମୟରେ ପାଖାପାଖି କୋଡ଼ିଏ ହଜାର ଘରପୋଡ଼ି ହୋଇଥିଲା, ଯେଉଁଥିରେ କଟକ ସହରରେ ଆଠ ହଜାର ଘରପୋଡ଼ି ଥିଲା । ସବୁପରେ ଚତୁର ଏହି ଇଂରେଜ ଜାତି ଏହାକୁ ମହାସଭା ନାମରେ ମିଥ୍ୟା ଆରୋପ କରିବା ସହିତ ଗୋପବନ୍ଧୁଙ୍କୁ ମଧ ଦୋଷୀ ସଜାଇଥିଲା । କନିକା ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ଅସନ୍ତୋଷର ବୀଜବୁଣି ଜମି ବନ୍ଦୋବସ୍ତକୁ ନେଇ ଆରମ୍ଭ ହେଲା ଆନ୍ଦୋଳନ । ଯେଉଁଥିରେ ସାରା ଓଡ଼ିଶାରେ ଧାରା ୧୨୪ ଦଣ୍ଡାଦେଶ ଫୌଜଦାରୀ ସଂଶୋଧିତ ଆଇନ ଜାରିହେଲା । ଯାହାଦ୍ୱାରା ସାଧାରଣ ମଣିଷ ନିର୍ଯାତିତ ହେବା ସହିତ ନିଜ ନିଜ ମଧ୍ୟରେ ଆରମ୍ଭ କରିଦେଇଥିଲେ ବାଦବିବାଦ । ପୁଣି ସେହି ଜମି ବନ୍ଦୋବସ୍ତକୁ କେନ୍ଦ୍ରକରି ଓଡ଼ିଶା ଏକ ଅଶାନ୍ତ ବାତାବରଣ ଆଡକୁ ଅଗ୍ରସର ହୋଇପଡିଲା । ଯେଉଁଥିରେ ମହାତ୍ମା ଗାନ୍ଧୀଙ୍କ ହସ୍ତକ୍ଷେପ ଦ୍ୱାରା ପରିବେଶ କିଛି ସମୟ ଅସନ୍ତୋଷରୁ ଶାନ୍ତି ହୋଇପାରିଥିଲା । କାରଣ ତାଙ୍କର ମତ ଥିଲା ଏ ବର୍ଜନ ସମ୍ପୂର୍ଣ୍ଣ ହିଂସା ବର୍ଜିତ ହେବା ଆବଶ୍ୟକ । ଏହି ସମୟ ଖଣ୍ଡରେ ଅତ୍ୟାଚାର ଓ ଓଡ଼ିଶାର ସ୍ଥିତିକୁ ନେଇ ଅନେକ ଆଶ୍ରମ ବନ୍ଦ ହୋଇଯାଇଥିଲା, ସେଥିମଧ୍ୟରେ କଟକ ଆଶ୍ରମ, ବାଲେଶ୍ୱର ଆଶ୍ରମ, ଭଦ୍ରକ ଆଶ୍ରମ ଆଦି ଆଶ୍ରମ ଗୁଡିକ ବନ୍ଦ ହେବା ସହିତ ଭାଙ୍ଗିରୁଜି ମାଟିରେ ମିଶିଯାଇଥିଲା । କନିକା ପ୍ରଜା ଆନ୍ଦୋଳନ ଧୀରେ ଧୀରେ ସମାପ୍ତ ହୋଇ ଶେଷରେ ନିଜେ ନିଜର ଜମିର ସରକାରୀ ବନ୍ଦୋବସ୍ତ ହାସଲ କଲେ ।

୧୯୨୭ ମସିହା ଭଦ୍ରକ ସବଡିଭିଜନରେ କୃଷ୍ଣପୁର ପ୍ରଜାମାନେ ମଧ ଜମିଦାରଙ୍କ ଅତ୍ୟାଚାର ପାଇଁ ଘରଦ୍ୱାର ଛାଡି ପଳାଇଯାଇଥିଲେ । ଦଶବର୍ଷ ମଧ୍ୟରେ ଏହା ଥିଲା ଜମିକୁ ନେଇ ଆଉ ଏକ ଘଟଣା । ସେହିପରି ୧୯୨୮ ମସିହାରେ ନୀଳଗିରି ସତ୍ୟାଗ୍ରହ ଆରମ୍ଭ ହେଲା, ଯେଉଁଥିରେ ନୀଳଗିରି ପ୍ରଜାମାନଙ୍କୁ ବର୍ଷତମାମ୍ ହାତୀ ଗୋଡାଇବା କାର୍ଯ୍ୟରେ ବେଠି ଖଟାଯାଇ କର୍ମଚାରୀମାନଙ୍କୁ ପାରିଶ୍ରମିକ ନଦେଇ ସେମାନଙ୍କ ଉପରେ ଅତ୍ୟାଚାର କରିବା ଫଳରେ ଆର୍ଥିକ ଅନଟନ ମଧ୍ୟରେ ନିଜ ଘର ଛାଡି କେହି କେହି ବାଲେଶ୍ୱର ଆଡକୁ ଚାଲିଯାଇଥିଲେ ଯାହା ମହାତ୍ମା ଗାନ୍ଧୀଙ୍କ ବିବରଣୀରୁ ଜଣାପଡେ । ୧୯୨୮ ମସିହାରେ ହୋଇଥିବା ବନ୍ୟା ପ୍ରପୀଡିତ ଓଡ଼ିଶାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲା । ଯେଉଁଥିରେ ଅଶୀ ହଜାର ଘର ଭାଙ୍ଗିବା ସହିତ ଷାଠିଏ ମାଇଲ ରେଳ ଲାଇନ ଭାସିଯାଇଥିଲା, ଯାହା ଏହି ସମୟର ଏକ ଭୟଙ୍କର ରେଖା ଚିତ୍ର ସୃଷ୍ଟି କରିଥିଲା । ୧୯୨୭-୨୮ ମସିହାରେ ଦୁଇଟି ବଡ ଘଟଣା ଓଡ଼ିଶା ଇତିହାସରେ ଦୃଶ୍ୟମାନ ହୁଏ । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ବିବାଦ ସୃଷ୍ଟି କରି ଇଂରେଜମାନେ ରାଜନୈତିକ ପରିସ୍ଥିତିକୁ ଅସନ୍ତୁଳିତ କରାଇଥିଲେ । ଫଳରେ ଓଡ଼ିଶାରେ ହିନ୍ଦୁ ସଂଗଠନ ଆରମ୍ଭ ହୋଇଥିଲା ଓ ଏହାର ସଭାପତି ଦାୟିତ୍ୱ ବହନ କରିଥିଲେ ନୀଳକଣ୍ଠ ଦାସ । ଏହି ବର୍ଷ ଓଡ଼ିଶା ତାର ଯଶସ୍ୱୀ ପୁତ୍ର ଉତ୍କଳମଣୀଙ୍କୁ ସବୁଦିନ ପାଇଁ ହରାଇଥିଲା । ଏହା ଥିଲା ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି । ସେହିପରି ୧୯୩୦ ରେ ଲାହୋର କଂଗ୍ରେସ ଅଧିବେଶନରେ ପଣ୍ଡିତ ଜବାହାରଲାଲ ନେହେରୁ ମତ ଦେଇଥିଲେ 'ପୂର୍ଣ୍ଣ ସ୍ୱାଧୀନତା ହେଉଛି ଭାରତର ଲକ୍ଷ୍ୟ' । ଏହା ଥିଲା ଭାରତୀୟ ଜନ ଆନ୍ଦୋଳନର ଉଗ୍ର ମୁହୂର୍ତ୍ତ । ଏହି ୧୯୩୦ ମସିହାରେ ଓଡ଼ିଶା ସତ୍ୟାଗ୍ରହ ନେଇଥିଲା ଏକ ଭୟାବହ ରୂପ । ଯେଉଁଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଗୋପବନ୍ଧୁ ଚୌଧୁରୀ । କେବଳ ସେତିକି ନୁହେଁ ନାରୀ ଜାଗରଣ ଓ ନାରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଆଗ୍ରହ ଓ ଆତ୍ମବିଶ୍ୱାସ ଓଡ଼ିଶା ଇତିହାସ ପାଇଁ ଏକ ସୁବର୍ଣ୍ଣ ସମୟ ହୋଇପାରିଥିଲା । ବିଶେଷକରି ରମାଦେବୀ ଚୌଧୁରୀ, ମାଳତୀ ଦେବୀ ଚୌଧୁରୀ ଓ ସରଳା ଦେବୀଙ୍କର ଭୂମିକା ଅତ୍ୟନ୍ତ ଦୁଃସାହସିକପୂର୍ଣ୍ଣ ମନେହୁଏ ।

## ଓଡ଼ିଶାର ସଂଗ୍ରାମୀ ଅଭିଯାନ :

ଆମେରିକାର ସ୍ୱାଧୀନତା ସଂଗ୍ରାମ ଯେପରି ଚା ବାକ୍ସ ଫୋପାଡିବାରୁ ଆରମ୍ଭ ହୋଇଥିଲା ଠିକ୍ ସେହିପରି ଭାରତର ସ୍ୱାଧୀନତା

ସଂଗ୍ରାମ ଲବଣ ଆଇନ ଭଙ୍ଗ ଅଭିଯାନରୁ ସୃଷ୍ଟିପାତ ହେଲା । ଗୁଜୁରାଟର ଦାଣ୍ଡି ନାମକ ସ୍ଥାନରୁ ଲୁଣ ଆଇନ ଅମାନ୍ୟ କରିବା ପାଇଁ ମାର୍ଚ୍ଚ ୧୨ ତାରିଖ ଯେଉଁ ଯାତ୍ରା ଆରମ୍ଭ ହୋଇଥିଲା ତାହା ଭାରତର ପ୍ରାଦେଶିକ ଭୂଖଣ୍ଡରୁ ଏକ ଦ୍ରୁତ ବିସ୍ତରଣର ରୂପନେଇ ଭାରତର କୋଣ ଅନୁକୋଣରେ ପ୍ରଭାବ ଆରମ୍ଭ କରିଥିଲା । ଓଡ଼ିଶାରେ ଏହାର ପ୍ରଭାବ ମଧ୍ୟ ବ୍ୟାପକ ପରିମାଣରେ ପରିଲକ୍ଷିତ ହୁଏ । ବାଲେଶ୍ୱରର ଇଞ୍ଚୁଡ଼ି ଠାରେ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା । ଗାନ୍ଧି ଏପ୍ରିଲ ୬ ରେ ଦାଣ୍ଡିରେ ଲୁଣ ଆଇନ୍ ଭାଙ୍ଗିଲାବେଳେ, ଠିକ୍ ସେହିଦିନ ଗୋପବନ୍ଧୁ ଚୌଧୁରୀ ଓ ତାଙ୍କ ଦଳ ଇଞ୍ଚୁଡ଼ିରେ ଲବଣ ଆଇନ ଭାଙ୍ଗିଥିଲେ । ଫଳରେ ପୋଲିସ ଓ କର୍ମଚାରୀମାନଙ୍କ ମଧ୍ୟରେ ସଂଘର୍ଷର ବାତାବରଣ ସୃଷ୍ଟି ହୋଇଥିଲା । ବିଶେଷକରି ମହାତ୍ମାଗାନ୍ଧୀଙ୍କ ଆହ୍ୱାନ ଥିଲା – "ମୋ ଶବ ପଛେ ସମୁଦ୍ରରେ ଭାସୁ, ମୋର ମୃତ ଦେହରୁ ହାଡ ଟାଣିନେଇ କୁକୁର ପଛେ ଚାଟି ଖାଉ ମୁଁ ସ୍ୱରାଜ୍ୟ ବିନା ଫେରିବି ନାହିଁ।" (ଦଶବର୍ଷର ଓଡ଼ିଶା, ପୃ-୮୦) ଫଳରେ ଏହା ଏକ ବୈପ୍ଳବିକ ଗୁଞ୍ଜରଣ ସୃଷ୍ଟି କରି ଓଡ଼ିଶାର ପୁରପଲ୍ଲୀରେ ଜନ ଆତଙ୍କ ସୃଷ୍ଟି କରିଥିଲା। ଯାହାର ପ୍ରଭାବରେ ଓଡ଼ିଶାର ଇଞ୍ଚୁଡ଼ି ପରେ କଟକ, ପୁରୀ, ସମ୍ବଲପୁର, ଗଞ୍ଜାମ ଆଦି ବିଭିନ୍ନ ଅଞ୍ଚଳରୁ ସତ୍ୟାଗ୍ରହୀମାନେ ଆସି ଯୋଗଦେଇଥିଲେ। ସେହି ବର୍ଷ ଏପ୍ରିଲ ୧୭ ତାରିଖରେ ସୁନ୍ଦରୀ ଛକ ଠାରେ ଅନୁଷ୍ଠିତ ହୋଇଥିବା ଲୁଣ ଶୋଭାଯାତ୍ରା ଓଡ଼ିଶାର ଏକ ବଡ ବିପ୍ଳବ ଆଣିଦେଇଥିଲା । ଏଥିରେ କେବଳ ପୁରୁଷ ନୁହନ୍ତି, ରମାଦେବୀ, ମାଳତୀ ଦେବୀ ଓ ସରଳା ଦେବୀଙ୍କ ନେତୃତ୍ୱ ବଳରେ ଶତାଧିକ ନାରୀ ନେତ୍ରୀମାନେ ଉକ୍ତ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଯାହାର ପ୍ରଭାବରେ ବୀତସ୍ପୃହା ହୋଇ ଏପ୍ରିଲ ୧୮ ତାରିଖରେ ଗୋପବନ୍ଧୁ ଚୌଧୁରୀ, ଡାକ୍ତର କୃଷ୍ଣପ୍ରସାଦ ମହାନ୍ତି ଓ ହରେକୃଷ୍ଣ ମହତାବ ଗିରଫ ହୋଇଥିଲେ । ଉକ୍ତ ସତ୍ୟାଗ୍ରହୀଙ୍କ ମଧ୍ୟରେ ଭାରତର ମୋଟ ସଂଗ୍ରାମୀମାନଙ୍କ ଭିତରୁ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଭାରତ ବର୍ଷରେ ଦ୍ୱିତୀୟ ବୋଲି ଐତିହାସିକ ଡକ୍ଟର ମହତାବ ଘୋଷଣା କରନ୍ତି ।

## ଗାନ୍ଧିଜୀଙ୍କ ଓଡ଼ିଶା ସହ ସମ୍ପର୍କ :

ଓଡ଼ିଶା ଇତିହାସରେ ଗାନ୍ଧିଜୀଙ୍କ ଭୂମିକା ଥିଲା ଅବିସ୍ମରଣୀୟ। ଓଡ଼ିଶାକୁ ଅହେତୁକ ଭଲପାଇବା ଏବଂ ଓଡ଼ିଶାରେ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟାକୁ ଯଥାସମ୍ଭବ ଦୂରକରିବା ଆଦି ଘଟଣାରୁ ଗାନ୍ଧୀଜୀଙ୍କ ଓଡ଼ିଶା ପ୍ରୀତିର ଭାବଧାରା ପରିସ୍ଫୁଟିତ ହୋଇଉଠେ । ଗାନ୍ଧିଜୀ ଯେଉଁ ସତ୍ୟାଗ୍ରହର ମାର୍ଗ ଦେଖାଇଗଲେ ତାହା ଏକ ବଡ ରାଜନୈତିକ ଅସ୍ତ୍ର ଭାବେ କେବଳ ୟୁରୋପ ଓ ଆଫ୍ରିକା ଦେଶର ପଥପ୍ରଦର୍ଶକ ହୋଇନଥିଲା ବରଂ ଓଡ଼ିଶାର ସାମାଜିକ ଆବେଦନ ଓ ସଂଗ୍ରାମୀ ପୁରୁଷ ସୃଷ୍ଟି କରିବାର ଏକ ପ୍ରମୁଖ ଦାୟିତ୍ୱ ବହନ କରିଥିଲା । ଫଳରେ ଓଡ଼ିଶାରେ ଅନୁଷ୍ଠିତ ହୋଇଥିବା ଦୁଇଟି ପ୍ରମୁଖ ଆନ୍ଦୋଳନ ଯଥା ଲବଣ ସତ୍ୟାଗ୍ରହ ଓ ଭାରତଛାଡ ଆନ୍ଦୋଳନ ସଫଳତାର ସହ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପୃଷ୍ଠଭୂମିକୁ ଐତିହାସିକ କରିପାରିଥିଲା। କେବଳ ବିପ୍ଳବର କଥା ନୁହେଁ ୧୯୨୦ ମସିହାରେ ପୁରୀ ଜିଲ୍ଲାରେ ସୃଷ୍ଟି ହୋଇଥିବା ଘୋର ଦୁର୍ଭିକ୍ଷ, ମହାତ୍ମାଗାନ୍ଧୀଙ୍କ ସହାୟତାରେ ଅନେକ ସାହାଯ୍ୟ ଓ ସହଯୋଗ ଏ ଜାତି ପାଇପାରିଥିଲା । ଅମୃତଲାଲ ଠକ୍କରଙ୍କୁ ଓଡ଼ିଶାକୁ ପଠାଇ ଦୁର୍ଭିକ୍ଷର ସମସ୍ତ ଘଟଣା ଏବଂ ସୁବିଧା ସୁଯୋଗ କରିବାର ବନ୍ଦୋବସ୍ତ କରାଇଥିଲେ । ୧୯୨୧ ମସିହା ମାର୍ଚ୍ଚ ମାସ ୨୨ ତାରିଖ ଗାନ୍ଧୀ ଉତ୍କଳ ମାଟିରେ ପାଦ ପକାଇ ସଂଗ୍ରାମୀ ମାନଙ୍କର ଶିଥିଳ ମନରେ ଆଗ୍ନେୟ ସୃଷ୍ଟିକରିବାରେ ସୁଫଳ ହୋଇଥିଲେ। ସେହି ବର୍ଷ ମାର୍ଚ୍ଚ ୨୩ ତାରିଖ ଥିଲା ଓଡ଼ିଶା ମାଟିରେ ଗାନ୍ଧୀଙ୍କ ଐତିହାସିକ ଅଭିଭାଷଣ। ଯେଉଁଥିରେ ମନ୍ତ୍ରମୁଗ୍ଧ ହୋଇଥିଲେ ଶହଶହ ସଂଗ୍ରାମୀ ନରନାରୀମାନେ। ଓଡ଼ିଶାର ସାମାଜିକ ବାତାବରଣକୁ ଲକ୍ଷ୍ୟକରି ସେ ତାଙ୍କ ପ୍ରବନ୍ଧ "ଇୟଙ୍ଗ ଇଣ୍ଡିଆ" ଏପ୍ରିଲ ୧୩ ତାରିଖ ସଂଖ୍ୟାରେ ଉଲ୍ଲେଖ କରିଥିଲେ – "ଏହା ମୋର ପ୍ରଥମ ଓଡ଼ିଶା ପରିଦର୍ଶନ । ଓଡ଼ିଶାରେ କଙ୍କାଳର ଦୃଶ୍ୟ ଦେଖିବି ବୋଲି ମୁଁ ପ୍ରସ୍ତୁତ ଥିଲି, କିନ୍ତୁ ଯାହା ଦେଖିଲି ସେତେ ମୁଁ ଆଶା କରିନଥିଲି । ମୁଁ ଭୀଷଣ ଦୃଶ୍ୟମାନ ଦେଖିଛି କିନ୍ତୁ ଯାହା ଦେଖିଲି ତାହା ଆହୁରି ଭୀଷଣ ଥିଲା।" (ଗାନ୍ଧି ଓ ଓଡ଼ିଶା, ପୃ-୧୭)

## ଆଲୋଚନା :

ଭାରତ ସ୍ୱାଧୀନତା ପାଇବାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପରନ୍ତୁ ଆମେ ଆମର ଏହି ଇତିହାସକୁ ଆଲୋଚନା କିମ୍ବା ସମାଲୋଚନା କରିବାରେ ବହୁ ପଛରେ ରହିଯାଇଛୁ। ଇତିହାସହିଁ କେବଳ ବ୍ୟକ୍ତିକୁ ଭବିଷ୍ୟତ ପାଇଁ ପଥପଦର୍ଶକ ହୁଏ ତାହା ନୁହେଁ, ବରଂ ବର୍ତ୍ତମାନ ପାଇଁ ପ୍ରେରଣା ମଧ୍ୟ ହୋଇଥାଏ । ୧୯୪୭ ମସିହାରେ ଦେଶ ସ୍ୱାଧୀନତା ଅବସରରେ ଓଡ଼ିଶାର ଭୂମିକା ଅତୁଳନୀୟ। ଏହା କେବଳ ଇତିହାସ ଦ୍ୱାରା ପ୍ରମାଣିତ ହୋଇପାରେ। ହେଲେ ଆମ ଐତିହାସିକଙ୍କ ଶିଥିଳତା ମନ ଯୋଗୁଁ ଆମ ଇତିହାସ ରଚନା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା । ଏଣୁ ହରେକୃଷ୍ଣ ମହତାବଙ୍କ ଏହି ପୁସ୍ତକ ଦ୍ୱୟ ଅତୀତ ଓଡ଼ିଶାର ଏବଂ ଭାରତବର୍ଷର ମହାନ ଜନନାୟକ ମହାତ୍ମା ଗାନ୍ଧୀଙ୍କ ବିବରଣୀ ପ୍ରକାଶ କରିବା ସହିତ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ମଧୁସୁଦନ ଦାସ, ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ରମାଦେବୀ ଏବଂ ମାଳତୀଦେବୀଙ୍କ ପରି ଅନେକ ସଂଗ୍ରାମୀ ମହାପୁରୁଷ ମାନଙ୍କର ବିପ୍ଳବଭରା ଆହ୍ୱାନକୁ ସ୍ୱିକାର କରି ଦେଶମାତୃକା ପାଇଁ ନିଜର ତ୍ୟାଗପୂତ ସମର୍ପଣ ଭାବନା ପ୍ରଦର୍ଶନ କରିଛନ୍ତି । ଆଜି ଆମ ଦେଶରେ ଯେଉଁସବୁ ବିପ୍ଳବ ଦେଖାଯାଉଛି ତାହା କେବଳ ସସ୍ତା ରାଜନୈତିକ ପାଇଁ ଉଦ୍ଦିଷ୍ଟ । ପରନ୍ତୁ ଆମ ଅଗ୍ରଜ ମାନଙ୍କ ବିପ୍ଳବର ମୂଳ ଲକ୍ଷ ଥିଲା ଦେଶ ମାତୃକାର ଆତ୍ମରକ୍ଷା କରିବା। ଏଥିପାଇଁ ଆତ୍ମ ବଳୀଦାନ ଦେବାକୁ ସେମାନେ ମଧ୍ୟ ପଛାଉନଥିଲେ ।

ସାମ୍ପ୍ରତିକ ସମାଜ ଯାହା କହୁନା କାହିଁକି, ତତ୍କାଳିନ ଇତିହାସ କୁହେ । ଗାନ୍ଧିଜୀଙ୍କ ନିତୀ ଓ ଆଦର୍ଶ ଥିଲା ଆମ ପାଇଁ ବେଦବାକ୍ୟ ସଦୃଶ୍ୟ । ଏଥିରେ ଦ୍ୱିମତ ନାହିଁ । ସତ୍ୟ ଓ ଅହିଁସାର ଆମ୍ ବଳିଦାନ ଥିଲା ଆମ ସ୍ୱାଧୀନତାର ସ୍ୱର ଓ ସ୍ୱାକ୍ଷର । ତନ୍ମରୁ ସେ ଯେଉଁ ଦୁଇଟି ପ୍ରମୁଖ ଆନ୍ଦୋଳନ ସହ ଜଡିତ ହୋଇଥିଲେ- 'ଲବଣ ସତ୍ୟାଗ୍ରହ' ଓ ଅନ୍ୟଟି 'ଭାରତଛାଡ ଆନ୍ଦୋଳନ' ଏଥିରେ ଓଡ଼ିଶାର ସଂଯୋଗ ଥିଲା ଭାରତ ଇତିହାସ ପାଇଁ ସର୍ବଶ୍ରେଷ୍ଠ ଭୂମିକା । ଦୁର୍ଦ୍ଦଶା, ଅତ୍ୟାଚାର, ତ୍ୟାଗ ତଥା କଷଣର ବାରମ୍ବାର ଚାବୁକ ମାଡ ଖାଇ ମଧ୍ୟ ଏ ଜାତି ଦେଶମାତୃକା ପାଇଁ ଯେଉଁ ବଳିଦାନ ଦେଇଛି ତାହା ଅବିସ୍ମରଣୀୟ ଓ ବନ୍ଦନୀୟ ଅଟେ ।

## ଉପସଂହାର :

ଓଡ଼ିଶାର ଜାତୀୟତାପ୍ରୀତିର ଚିନ୍ତାଧାରାକୁ ବଳବତ୍ତର କରିବା ନିମନ୍ତେ ଗାନ୍ଧୀଙ୍କ ଭୂମିକା ଥିଲା ଅତୁଳନୀୟ । ସତ୍ୟ ଓ ଅହିଂସାର ପୂଜାରୀ, ପରମ ସମାଜ ସଂସ୍କାରକ ତଥା ସର୍ବଧର୍ମକୁ ସମ୍ମାନ ଦେଉଥିବା ଗାନ୍ଧୀ ଓଡ଼ିଶାକୁ ଆସି ବିଭିନ୍ନ ସମସ୍ୟା ଦୂର କରିବାରେ ଯେଉଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଯୋଗଦାନ ଦେଇଛନ୍ତି ତାହା ଅତୁଳନୀୟ ଓ ଅବର୍ଣ୍ଣନୀୟ ବୋଲି କୁହାଯାଇପାରେ । କାରଣ ୧୯୨୭ ମସିହା ଡିସେମ୍ବର ପ୍ରଥମ ସପ୍ତାହର ଆରମ୍ଭ କରି ଶେଷ ସପ୍ତାହ ପର୍ଯ୍ୟନ୍ତ ସେ ନାନା ସ୍ଥାନରେ ବୁଲି ଓଡ଼ିଶାର ଐତିହ ପ୍ରୀତିକୁ ଲୋକମାନଙ୍କ ମନରେ ଗୁଞ୍ଜରିତ କରି ବିପ୍ଳବର ନବ ଇତିହାସ ସୃଷ୍ଟି କରିପାରିଥିଲେ । ଗାନ୍ଧୀ ଓଡ଼ିଶାକୁ ଉଭୟ ଚେତନ ଓ ଅବଚେତନ ମନରେ ସ୍ମରଣକରି ନିଜର ଅହେତୁକ ଭଲପାଇବା ସୃଷ୍ଟି କରିପାରିଥିଲେ । ଏ ସମ୍ପର୍କରେ ଡ଼. ମହତାବ ଗାନ୍ଧୀଙ୍କ ଭକ୍ତିରୁ କହନ୍ତି – "ଯେଉଁମାନେ ଓଡ଼ିଶାର ସେବା କରିବାକୁ ଚାହାନ୍ତି ସେମାନଙ୍କୁ ମୁଁ କହେ ସମଗ୍ର ଭାରତ ପାଇଁ ଓଡ଼ିଶାକୁ ଖଦୀ ଭଣ୍ଡାର ବନାଅ ।" (ଗାନ୍ଧୀ ଓ ଓଡ଼ିଶା, ପୃ.-୫୦) ଓଡ଼ିଶାରେ ଯେଉଁମାନେ ବନ୍ୟା ଓ ବାତ୍ୟାରେ ସାହାଯ୍ୟ କରିବା ପାଇଁ ରହିଥିଲେ ସେମାନେ ଗାନ୍ଧିଜୀଙ୍କ ଠାରୁ ନିର୍ଭୀକତା ଓ ଅସୀମ ପ୍ରେରଣାର ସମୁଚିତ ଭାବଧାରା ପାଇଥିଲେ । ଘଟଣା ସବୁ ଇତିହାସ ହେଲେ ମଧ୍ୟ ଆଜି ତାହା ନୂତନ ଓ ଜୀବନ୍ତ ମନେହେଉଛି । ଡ଼କ୍ଟର ମହତାବଙ୍କ ଏହି ଦୁଇ ଆଲୋଚିତ ପୁସ୍ତକ ଭବିଷ୍ୟତ ପାଇଁ ପ୍ରାଚୀନ ଉତ୍କଳର ଏକ ସଂଗୃହୀତ ତଥ୍ୟ ଭଣ୍ଡାର ହୋଇପାରିବ କହିବା ଯଥୌଚିତ ।

## ସହାୟକ ଗ୍ରନ୍ଥସୂଚୀ :


୧. ମହତାବ, ଡ଼. ହରେକୃଷ୍ଣ, 'ଦଶବର୍ଷର ଓଡ଼ିଶା', ଡ଼କ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେସନ, କଟକ, ଫେବୃଆରୀ ୧୯୯୫ ।

୨. ମହତାବ, ଡ଼.ହରେକୃଷ୍ଣ, 'ଗାନ୍ଧୀ ଓ ଓଡ଼ିଆ', ହରେକୃଷ୍ଣ ମହତାବ ଫାଉଣ୍ଡେସନ ବିହାରୀବାଗ, କଟକ, ୨୦୦୮ ।

୩. ଚୌଧୁରୀ, ରମାଦେବୀ, 'ଜୀବନ ପଥେ', ଗ୍ରନ୍ଥ ମନ୍ଦିର କଟକ, ୧୯୮୪ ଏପ୍ରିଲ ।

୪. କର, ସୌରବନ୍ଧୁ, 'ହରେକୃଷ୍ଣ ମହତାବ', ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪,୨୦୦୪ ।

୫. ସାମଲ, ବୈଷ୍ଣବ ଚରଣ, 'ହରେକୃଷ୍ଣ ମହତାବ', ସାହିତ୍ୟ ଏକାଡେମୀ, ରବିନ୍ଦ୍ର ଭବନ, ୩୫ ଫିରୋଜଶାହା ରୋଡ, ନୂଆଦିଲ୍ଲୀ, ୨୦୦୦ ।

୬. ମହତାବ, ହରେକୃଷ୍ଣ, 'ସାଧନର ପଥେ', ଡ଼କ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେସନ, କଟକ-୨, ୧୯୮୨ ।

୭. ଆଚାର୍ଯ୍ୟ, ପ୍ରୀତୀଶ (ସମ୍ପାଦନା), 'ଓଡ଼ିଶା ଇତିହାସ', ଆମ ଓଡ଼ିଶା ଭୁବନେଶ୍ୱର-୨, ଅଗଷ୍ଟ ୨୦୧୧ ।

୮. ମହତାବ, ହରେକୃଷ୍ଣ, 'ଉଣେଇଶ ପଞ୍ଚସ୍ତରୀ', ସମାବେଶ ପ୍ରକାଶନୀ ଭୁବନେଶ୍ୱର, ନଭେମ୍ବର ୧୯୭୮ ।

୯. ଦାସ, ଚିତ୍ତରଂଜନ, 'ଗାନ୍ଧୀ –ଗୋପବନ୍ଧୁ', ପଥିକ ପ୍ରକାଶନୀ, ଭୁବନେଶ୍ୱର, ୨୦୦୦ ।

୧୦. ଚୌଧୁରୀ, ଗୋପବନ୍ଧୁ, 'ଗାନ୍ଧୀ ଓ ଉତ୍କଳ', ଉତ୍କଳ ଖଦୀ ମଣ୍ଡଳ କେଦାର ଲେନ୍, ଭୁବନେଶ୍ୱର, ୨୦୦୯ ।


❖ ❖ ❖

DOI :https://doi.org/10.5281/zenodo.14915035 ମୂଳ ପ୍ରବନ୍ଧ

# ଗାଳ୍ପିକ ଚନ୍ଦ୍ରଶେଖର ରଥ ଏବଂ ପାରାମନସ୍ତ୍ୱ

**ସ୍ୱପ୍ନାରାଣୀ ସିଂ**

**ସକ୍ଷିପ୍ତସାର :**

ଓଡିଆ କଥା ସାହିତ୍ୟର ଧୂରନ୍ଧର ବିନ୍ଧାଣୀ ମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖର ରଥ ହେଉଛନ୍ତି ଅନ୍ୟତମ। ବିଶେଷତଃ ଶ୍ରୀଯୁକ୍ତ ରଥଙ୍କର ଗଳ୍ପର ଶୈଳୀ ଏବଂ ଭାବବସ୍ତୁ ହେଉଛି ନିଆରା। ଯାହା ତାଙ୍କୁ ଓଡିଆ ଗଳ୍ପ ସାହିତ୍ୟ ଜଗତରେ ପ୍ରଦାନ କରିଛି ଏକ ସ୍ୱତନ୍ତ୍ର ସ୍ଥାନ। ଶ୍ରୀଯୁକ୍ତ ରଥଙ୍କର ଗଳ୍ପରେ ରାଜନୈତିକ ବ୍ୟଙ୍ଗ, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ସାମାଜିକ ସ୍ତରରେ ଧନୀ ଓ ଦରିଦ୍ର ମଧ୍ୟରେ ରହିଥିବା ବିରାଟ ବ୍ୟବଧାନ, ମାଓ ଓ ନକ୍ସଲ ସମସ୍ୟା, ଜାତି ପ୍ରଥା, ସାମ୍ପ୍ରଦାୟିକ ସମସ୍ୟା, ସଭ୍ୟତା ଓ ସଂସ୍କୃତିର ବିଲୟ, ପରିସଂସ୍ଥୀୟ ସମସ୍ୟା,ବିଜ୍ଞାନ, ମନ୍ତ୍ର ତନ୍ତ୍ରର ସାମାଜିକ ପ୍ରଭାବ ଆଦି ସାମାଜିକ ସମସ୍ୟା ଗୁଡିକ ଗୁରୁତ୍ୱ ଲାଭକରିଥିଲେ ହେଁ, ବିଶେଷକରି ମଣିଷ ମନର ଅତଳ ଗଭୀରତାର କଥା କହିବାରେ ସେ ସିଦ୍ଧହସ୍ତ। ମଣିଷର ଅବଚେତନ ମନର ସ୍ୱର , ମାନବିକତାର ମୃତ୍ୟୁ, ଭାବାତୀତବାଦ, ଅସ୍ତିତ୍ୱବାଦୀ ଚେତନା, ଅଲୌକିକତା, ମିଥ୍, ପ୍ରତୀକ, ମନସ୍ତ୍ୱ ବିଶେଷ କରି ପୁରୁଷ ମନସ୍ତ୍ୱ ଭଳି ଚେତନାରୁ ତାଙ୍କ ଗଳ୍ପଗୁଡିକର ଗଭୀରତାକୁ ଅନୁମାନ କରିହୁଏ। ଏହି ଦୃଷ୍ଟିକୋଣରୁ ଚନ୍ଦ୍ରଶେଖର ରଥ ତାଙ୍କ ଗଳ୍ପଗୁଡିକରେ ମଣିଷର ବାହ୍ୟ ସମସ୍ୟା ଅପେକ୍ଷା ଅଧିକ ଗୁରୁତ୍ୱ ଦେଇଛନ୍ତି ତାର ଅନ୍ତଃ ସମସ୍ୟା ଉପରେ।

**ପ୍ରମୁଖ ଶବ୍ଦାବଳୀ :**

ପ୍ରମୁଖ ଶବ୍ଦ: ପାରା , ମନସ୍ତ୍ୱ, ବିଜ୍ଞାନ, ଈଶ୍ୱର, ରହସ୍ୟ

**ଉପକ୍ରମ :**

ମନସ୍ତାତ୍ତ୍ୱିକ ବିଶ୍ଳେଷଣ ନାମକ ସିଦ୍ଧାନ୍ତଟି ବିଶିଷ୍ଟ ମନସ୍ତ୍ୱବିତ୍ 'ସିଗମଣ୍ଡ ଫ୍ରଏଡ୍' (Sigmund Freud) ଙ୍କ ଦ୍ୱାରା ଊନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରଦ ହୋଇଥିଲା । ମନୋବିଜ୍ଞାନର 'Psycho Analytical Theory' ଅଥବା 'Psychodynamic Theory'ରେ ଫ୍ରଏଡ Conscious (ସଚେତନ), Sub-Conscious/Pre-Concious (ଅଚେତନ) ଏବଂ Un-Conscious (ଅବଚେତନ) (୧) ମନ ସଂପର୍କରେ ସୂଚନା ଦେଇଛନ୍ତି । ଏହା ସହିତ 'Structure Of Personality (ବ୍ୟକ୍ତିତ୍ୱର ଗଠନ) ପର୍ଯ୍ୟାୟରେ ମଣିଷ ଭିତରର ତିନୋଟି ପ୍ରବୃ ଯଥା- 'ତତ୍କାଳିକ ଆନନ୍ଦ ଜନିତ ସିଦ୍ଧାନ୍ତ' (Id/Instant Pleasure Principle), 'ବାସ୍ତବତା ଜନିତ ସିଦ୍ଧାନ୍ତ ବା ନୀତି' (Ego/Reality Principle) ଏବଂ 'ନୈତିକତା ଜନିତ ସିଦ୍ଧାନ୍ତ' (Super Ego/Morality Principle) (୨) ଏହାସହିତ ମଣିଷ ଭିତରେ ଥିବା ଇଦ୍ ପ୍ରବୃତ୍ତିର ଦୁଇଟି ଉପାଦାନ ଯଥା 'ଜୀବନ ବୃତ୍ତି' (Life Instinct) ଏବଂ 'ମୃତବୃତ୍ତି'(Death Instinct)(୩) ଆଦି ସଂପର୍କରେ ମଧ୍ୟ ମତ ଦେଇଛନ୍ତି। ଏହି ତ୍ୱରେ ଆହୁରି ଅନେକ ପ୍ରବୃତ୍ତି ସଂପର୍କିତ ବିଶ୍ଳେଷଣ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.14915035
Article No - BPP00266

**ଯୋଗାଯୋଗ :**
**ଡକ୍ଟର ସ୍ୱପ୍ନାରାଣୀ ସିଂ,** ସହକାରୀ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ
**Email:** swapnaranisingh32@gmail.com
**ORCID ID:** https://orcid.org/0000-0003-0157-0470

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସିଂ, ସ୍ୱପ୍ନାରାଣୀ ; ୨୦୨୫। ଗାଳ୍ପିକ ଚନ୍ଦ୍ରଶେଖର ରଥ ଏବଂ ପାରାମନସ୍ତ୍ୱ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଟ; ପୃଷ୍ଠା :୪୦-୪୪।

ଦେଖିବାକୁ ମିଳେ। ସଂପ୍ରତି ପୁଣି 'କାର୍ଲ ଜଙ୍ଗ' (Carl Jung) ଙ୍କ ଭଳି ମନସ୍ତ୍ୱବିତ୍‌ଙ୍କ ସିଦ୍ଧାନ୍ତ 'ଉର ଫ୍ରଏଡିୟ ଦୃଷ୍ଟିକୋଣ' (Post Freudian approch)(୪) କୁ ମଧ୍ୟ ବିବେଚନା କରାଯାଉଛି। ଏହିପରି ବିଜ୍ଞାନ ଏବଂ ମନସ୍ତ୍ୱର ଏକ ନୂତନ ଗବେଷଣା ସଂପର୍କିତ ବିଷୟ ହେଉଛି 'ପାରା ସାଇକୋଲୋଜି' (Parapsychology) କିମ୍ବା 'ପାରା ମନବିଜ୍ଞାନ' ଅଥବା 'Transpersonal Psychology' । ସଂପ୍ରତି ଏହା ମନସ୍ତ୍ୱର ଏକ ବିଭାଗ ଭାବେ ଗୃହୀତ। ସାଧାରଣତଃ ଏହି ଅଧ୍ୟୟନରେ ମନୁଷ୍ୟ ସହ ଘଟୁଥିବା ବହୁ ଆକସ୍ମିକ, ଅତିଭୌତିକ ଏବଂ ଅଲୌକିକ ଘଟଣାବଳୀର ଅଧ୍ୟୟନ ହୋଇଥାଏ। ଅବଶ୍ୟ ଏହି ପ୍ରସଙ୍ଗଟି ଲୋକସାହିତ୍ୟ ଭଳି ବହୁ ପ୍ରାଚୀନ ହେଲେ ମଧ୍ୟ ସାଂପ୍ରତିକ ସମୟରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାର ସତ୍ୟତା ପରୀକ୍ଷା କରାଯାଉଛି। ଏହି 'Parapsychology' ରେ 'Telepathy' (ଦୂରାନୁଭୂତି), 'Clairvoyance' (ଅର୍ନ୍ତ ଇନ୍ଦ୍ରିୟ ପ୍ରତ୍ୟକ୍ଷାନୁଭୂତି ଅଥବା ସ୍ୱଷ୍ଟ ଦୃଷ୍ଟି), 'Fore Boding' (ପୂର୍ବାଭାଷ), 'Telicynesis' (କୌଣସି ବସ୍ତୁକୁ ନ ଛୁଇଁ ତାହାକୁ ଗତିଶୀଳ କରାଇବା), 'Near Death Experience' (ମୃତ୍ୟୁ ନିକଟ ଅନୁଭୂତି), 'Out Of Body Experience' (ଆତ୍ମା ଶରୀର ତ୍ୟାଗକରିବା ଜନିତ ଅନୁଭୂତି), 'Re Birth' (ପୂର୍ନଜନ୍ମ) ଭଳି ବହୁଗୁଡିଏ ପ୍ରସଙ୍ଗର ଅଧ୍ୟୟନ ହୋଇଥାଏ।(୫,୬,୭) ଯାହା ବାସ୍ତବ ଜଗତରେ ଅସମ୍ଭବ ମନେହୁଏ। ସାଧାରଣତଃ ମନୁଷ୍ୟର ଚର୍ତୁପାର୍ଶ୍ୱରେ ଏକ ଅତିଭୌତିକ ଜଗତର ସ୍ଥିତି ଥିବା ମନୁଷ୍ୟ ବିଶ୍ୱାସ କରିପାରିନଥାଏ। ମାତ୍ର ଅତିଭୌତିକବାଦୀ ପୁସ୍ତକ 'ପରଲୋକବାଦ' ରେ ଲେଖାହୋଇଛି ଯେ, ଆତ୍ମା ଅଥବା ଅତିଭୌତିକ ଜଗତ ମନୁଷ୍ୟ ଜଗତ ପାଖରେ ହିଁ ଉପସ୍ଥିତ ରହିଥାଏ। ମାତ୍ର ବିଡମ୍ବନାର ବିଷୟ ହେଉଛି ଯେ , ଅତିଭୌତିକ ଜଗତର ଲୋକ କାଲ ଏବଂ ମୁକ ହୋଇଥିବା ବେଳେ ଭୌତିକ ଜଗତର ଲୋକ ଅନ୍ଧ ହୋଇଥାଆନ୍ତି। ତେଣୁ ଏହି ଦୁଇଟି ଜଗତ ମଧ୍ୟରେ ସଂପର୍କ ସ୍ଥାପିତ ହୋଇପାରିନଥାଏ। ଏହିସବୁ ଦୃଷ୍ଟିକୋଣରୁ ବିବେଚନା କଲେ ଶ୍ରୀଯୁକ୍ତ ରଥଙ୍କର ଗଳ୍ପଗୁଡିକରେ ପାରା ମନସ୍ତ୍ୱର ବ୍ୟବହାର ଅଧିକ ପରିଲକ୍ଷିତ। ତାଙ୍କ ଦ୍ୱାରା ରଚିତ ଏହିଭଳି ଅନେକ ଗଳ୍ପ କେତେକ ସଂକଳନ 'ଅନେକ ବନ୍ୟାପରେ' (୧୯୭୮), 'ଅଶ୍ୱାରୋହୀର ଗଳ୍ପ' (୧୯୭୯), 'ସମ୍ରାଟ ଓ ଅନ୍ୟମାନେ' (୧୯୮୦), 'ଅନ୍ୟ ଏକ ସକାଳ' (୧୯୮୧), 'ସବୁଯାକ ସ୍ୱପ୍ନ' (୧୯୮୪), 'ଏତେପାଖରେ ସମୁଦ୍ର' (୧୯୮୮), 'ବିକ୍ରିପାଇଁ ଫୁଲମାଳ' (୧୯୯୦), 'ସ୍ୱପ୍ନବାହକ' (୧୯୯୨), 'ସବୁଠାରୁ ଦୀର୍ଘରାତି' (୧୯୯୪), 'ଅନ୍ତିମ' (୧୯୯୬), 'କ୍ରମଶଃ ଗଭୀର ନଈ' (୧୯୯୬), 'ଚନ୍ଦ୍ରଶେଖର କଥାସରିତ' (୨୦୦୦), 'ଶିଖର ଲଙ୍ଘନ' (୨୦୦୨), 'ନାଗାନ୍ତକ ବିଦ୍ୟା' (୨୦୦୫), 'ସନ୍ଧିକାଳ' (୨୦୦୭), 'ଗଳ୍ପ ସମଗ୍ର ପ୍ରଥମ ଓ ଦ୍ୱିତୀୟ ଭାଗ' (୨୦୧୪) ରେ ପ୍ରକାଶିତ।

ଭୌତିକ ଏବଂ ଅତିଭୌତିକ ଜଗତ ମଧ୍ୟରେ ସଂପର୍କକୁ କେନ୍ଦ୍ରକରି ମନସ୍ତତ୍ତ୍ୱ ବିଭାଗରେ ଆଜି Para Psychology ନାମକ ଯେଉଁ ଗବେଷଣା ହେଉଛି ତନ୍ମଧ୍ୟରୁ 'ପୂର୍ନଜନ୍ମ' (Re Birth) ପ୍ରସଙ୍ଗର ବର୍ଣ୍ଣନା ଶ୍ରୀଯୁକ୍ତ ରଥଙ୍କର 'ଯଦି ସେ ଈଶ୍ୱର ନୁହେଁ' ଗଳ୍ପରେ ଦେଖିବାକୁ ମିଳେ। ଏତଦ୍ ବ୍ୟତୀତ ଏହାର ଅନ୍ୟାନ୍ୟ ବିଭାଗ ଗୁଡିକର ସାମାନ୍ୟ ସଂକେତ ମଧ୍ୟ ଗଳ୍ପରେ ଦେଖିବାକୁ ମିଳେ। "ଅଥଚ ହଠାତ୍ ସେଇ ମୁହୁର୍ତ୍ତରେ ତାଙ୍କୁ ମନେହେଲା ଯେ ସେଇଟା ଆଉ କାହା ଘର। ସେ ନୂଆ ହୋଇ ଆସିଛନ୍ତି । ଜମା ଚିହ୍ନିପାରୁନାହାନ୍ତି। କିନ୍ତୁ ସେ ମେଘ ସେ ଲମ୍ବା ପାଣିଟାଙ୍କି, ସେ ଗଛ; ସେ ସମଗ୍ର ଦୃଶ୍ୟଟି ଅବିକଳ ସେମିତି ସେ ନିଶ୍ଚୟ ଆଉଥରେ କେବେ ଦେଖିଛନ୍ତି। ++++ ମାନୁବାବୁ ଦେବୁକୁ ଚାହିଁ କହିଲେ, "ଆଜକୁ ପଚାଶବର୍ଷ ତଳେ ସେଇ କେଉଟ ବୁଢା ମୋତେ 'ମାନା' ବୋଲି ଡାକୁଥିଲା ! ଆମ ବାପାଙ୍କ ଠୁ ବଡ ବୟସରେ। ଖୁବ୍ ସ୍ନେହ କରୁଥିଲା ମୋତେ। ହୁଏତ ତୁ ଯାହା କହୁଚୁ ତା ଠିକ୍।"(ବାଘ ସବାର-ପୃ-୧୦-୨୪) ଏହିପରି ଗାଳ୍ପିକଙ୍କର 'ଘାଟ' ଗଳ୍ପରେ ମଧ୍ୟ ପୂର୍ବଜନ୍ମ ପ୍ରସଙ୍ଗ ବର୍ଣ୍ଣିତ। ଗାଳ୍ପିକଙ୍କର 'ଘାଟ ମହାସୁଲ' ଗଳ୍ପରେ ମଣିଷର ଅବଚେତନ ମନ ଭିତରେ ରହିଥିବା ପାପବୋଧ ଜନିତ ଜନ୍ତ୍ରଣା। ମୃତ୍ୟୁ ପରେ ମଧ୍ୟ ମୃତ ବ୍ୟକ୍ତିର ସ୍ଥିତି ସଂପର୍କିତ ଅଲୌକିକ ଘଟଣା। ଯାହା ଅବଶ୍ୟ Para Psychology ସଂପର୍କିତ ପରୀକ୍ଷଣର ଅନ୍ୟମ ପ୍ରସଙ୍ଗ। ତାହାର ବର୍ଣ୍ଣନା ଉକ୍ତ ଗଳ୍ପରେ ଦେଖିବାକୁ ମିଳେ। "ଆଉ ଜମା ଦିଟା ପାହାଚ। ମୁଣ୍ଡ ପଛରୁ ଗୋଇଠି ଯାଏ ରୁମ ଠିଆ ଠିଆ ହୋଇଗଲା ସୁରେନ୍ଦ୍ରର। ତା ପଛରେ ଆଦୌ ପାଦଶବ୍ଦ ନାହିଁ। ++++ ଦେବେନ୍ଦ୍ର ଥଙ୍ଗେଇଲା ପରି କହିଲା, "ସେ ଶଳା ସୁଦର୍ଶନ ମହାପାତ୍ର ଆଜି ସଞ୍ଜବେଳୁ ମଲାଣି। ମଲାବେଳେ ଶୀନିବାସ ବ୍ରହ୍ମାକୁ ଡାକୁଥିଲା....ହେ....ହେ....ଶାଳେ ଦୋନୋ ବେକୁବ୍ ବୁଢେ। "( ବାଘ ସବାର-ପୃ-୩୨-୩୫) ଗାଳ୍ପିକଙ୍କର ଏହି ଧାରାର ଅନ୍ୟମ ଉଲ୍ଲେଖଯୋଗ୍ୟ ସୃଷ୍ଟି ହେଉଛି 'ପ୍ରାରବ୍ଧ' ଗଳ୍ପ। ତୁଳନା ଦିଗରୁ ବିବେଚନା କଲେ ଗାଳ୍ପିକ ଏଥିରେ ଆହୁରି ଗଭୀରତାକୁ ପ୍ରବେଶ କରିବାପାଇଁ ଉଦ୍ୟମ କରିଛନ୍ତି। ମଣିଷର ଅବଚେତନ ମନରେ ତାହାର ପୂର୍ବ ଜନ୍ମର ପ୍ରସଙ୍ଗ ମଧ୍ୟ ଚାପିହୋଇ ରହିପାରେ ଭଳି ଉକ୍ତିକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି। ଏହା ବ୍ୟତୀତ ମଣିଷ ମନ ଭିତରେ ଅବଦମିତ ପୂର୍ବ ଜନ୍ମର ଅସଂପୂର୍ଣ୍ଣ ଇଚ୍ଛାକୁ ପୂରଣ କରିବାପାଇଁ ସେ ପରବର୍ତୀ ଜନ୍ମରେ ମଧ୍ୟ କ୍ରିୟାଶୀଳ ହୋଇପାରେ ଭଳି ମନସ୍ତତ୍ତ୍ୱର ଗଭୀର ରହସ୍ୟ । ଯାହାକୁ ସାଂପ୍ରତିକ ମନସ୍ତତ୍ତ୍ୱବିତ୍ ମାନେ Para

Psychology ନାମରେ ନାମିତ କରିଛନ୍ତି । ତାହାକୁ ମଧ୍ୟ ଚିତ୍ରଣ କରିଛନ୍ତି । "ଆପଣ ଠିକ୍ କହିଛନ୍ତି । ଆପଣ ଡକ୍ଟର ସ୍ଲୋନ, କଣ ଭାବୁଛନ୍ତି ଏ ଅଦ୍ଭୁତ ବିଷୟରେ ? ଏଇଟା କଣ ପୂର୍ବଜନ୍ମ କଥା । ଏମିତି କଣ ପ୍ରସ୍ତ ପ୍ରସ୍ତ ଜୀବନ ଆମେ ବୁଚେ ?"( ଗଳ୍ପ ସମାହାର-ଦ୍ୱିତୀୟ ଭାଗ-ପୃ-୫୫୯) ଗାଳ୍ପିକଙ୍କର 'ଅମୁକ୍ତ' ଗଳ୍ପରେ ମଣିଷ ଭିତରେ ଥିବା କାମ ପ୍ରବୃତି ( Libido) ର ସୂଚନା ମିଳିଥାଏ । Libido ର ଦୁଇଟି ଉପାଦାନ ଯଥା- Eros (ଜୀବନ ବୃତ୍ତି) ଏବଂ Thanatos (ମୃତ ବୃତ୍ତି) ମଧ୍ୟରୁ ଗାଳ୍ପିକ ଏଥିରେ ମୃତବୃତ୍ତିଟିର ସୂଚନା ଦେଇଥିବା ମନେହୁଏ । ଏତଦ୍ ବ୍ୟତୀତ ମୃତ୍ୟୁ ଜନିତ ଭୟ ମଧ୍ୟ ଦେଇ ମଣିଷ ଭିତରର ଅନେକ କାମନା ଏବଂ ଅସରନ୍ତି ଇଚ୍ଛାର ପ୍ରତିଫଳନ ମଧ୍ୟ ପରିଲକ୍ଷିତ । "ବାଘ ଯଦି ବୁଦା ଉହାଡରୁ ବାହାରିଆସେ, ତା ସାଙ୍ଗରେ ତ ଯିବାକୁ ହବ । ଛାଡିଯିବାକୁ ହବ ମନର ମଣିଷମାନଙ୍କୁ, ସ୍ୱପ୍ନକୁ, ସଂସାରକୁ । ଉପାୟ କଣ ? ଅଗତ୍ୟା ଯିବାକୁ ହିଁ ହେବ । ମୋର ଦୁଃଖ ତ ଅନେକ ! ସବୁଠୁ ବଡ ଅବଶୋଷ ମୁଁ ଜାଣି ପାରିଲି ନାହିଁ କିଛି; ମଣିଷକୁ , ପଥରକୁ, ରଙ୍ଗକୁ,ହସକୁ, କାନ୍ଦକୁ- ସେ ଭିଡିନେଲେ ମୋର ଚାରା କଣ ? କିନ୍ତୁ ଈଶ୍ୱର ଜାଣନ୍ତି ମୋର ଜମା ଇଚ୍ଛା ନାହିଁ ଋଷିକେଶ ଯିବାକୁ ।" ( ଗଳ୍ପ ସମାହାର-ପ୍ରଥମ ଭାଗ-ପୃ-୧୬୧ ) Para Psychology ବିଭାଗର ଅନ୍ୟମ ଗବେଷଣା ସାପେକ୍ଷ ବିଷୟ Precognition (ପୂର୍ବ ଜ୍ଞାନ ଅଥବା ଭବିଷ୍ୟତ ଦୃଷ୍ଟି- ଏହା ଭବିଷ୍ୟତର ଘଟଣା ଦେଖିବାପାଇଁ ଏକ ମାନସିକ ଦକ୍ଷତା । ପାରା ସାଇକୋଲୋଜି ବିଭାଗର ଅନ୍ୟାନ୍ୟ ବିଷୟ ଭଳି ଏହା ସଂପର୍କିତ ବୈଜ୍ଞାନିକ ପ୍ରମାଣର ଅଭାବ ଲକ୍ଷଣୀୟ । ଇତିହାସରେ ଏହାକୁ ବହୁଳ ଭାବରେ ବିଶ୍ୱାସ କରାଗଲେ ମଧ୍ୟ, ବୈଜ୍ଞାନିକ ପ୍ରମାଣ ଅଭାବରୁ ଏହାକୁ Pseudoscience (ଛଦ୍ମ ବିଜ୍ଞାନ) କୁହାଯାଏ । ଏହା ସତ୍ତ୍ୱେ ଅନେକ ଲୋକ ଏହାକୁ ବାସ୍ତବ ମନେକରନ୍ତି । ଏବେ ମଧ୍ୟ ଏହା ପାରାସାଇକୋଲୋଜି ସମ୍ପ୍ରଦାୟ ମଧ୍ୟରେ ଅନୁସନ୍ଧାନ ଏବଂ ଆଲୋଚନାର ବିଷୟ ହୋଇ ରହିଛି) ଏହି ଭବିଷ୍ୟତ ଦୃଷ୍ଟିକୁ କେନ୍ଦ୍ରକରି ରଚିତ ହୋଇଛି ଗାଳ୍ପିକଙ୍କର 'କିଛି ପ୍ରମାଣ ନାହିଁ' ଗଳ୍ପ । ଭବିଷ୍ୟତ ଦୃଷ୍ଟିକୁ ନେଇ ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ଗତିଶୀଳ ଏହି ଗଳ୍ପଟିରେ ଗାଳ୍ପିକ ମଣିଷର ଅବଚେତନ ମନ ସଂପର୍କରେ ମଧ୍ୟ ଧାରଣା ଦେଇଛନ୍ତି । ଏହି ଅବଚେତନ ମନ ଗତ ଇଚ୍ଛା ଓ ଆଶା କିପରି ଦୀର୍ଘକାଳ ପକ୍ଷବିସ୍ତାର କରି ରହିପାରେ ତାହା ମଧ୍ୟ ଗଳ୍ପଟିରେ ବେଶ୍ ଲକ୍ଷଣୀୟ । ଏତଦ୍ ବ୍ୟତୀତ ଏଥିରୁ ଭାଗ୍ୟବାଦ ସଂପର୍କିତ ସାମାନ୍ୟ ସୂଚନା ମଧ୍ୟ ମିଳିଥାଏ । ଅନ୍ୟ କୁ ନୀଚ କରି ନିଜେ ମହତ୍ ହେବା ଭଳି ପ୍ରବୃତ୍ତିର ପ୍ରତିଫଳନ ଘଟିଛି ଗାଳ୍ପିକଙ୍କର 'ମୃତ୍ୟୁଭେଦ' ଗଳ୍ପରେ । ଏଥିରେ ମଣିଷ ଭିତରେ ଥିବା ଇର୍ଷା, ଅହଂକାର ଏବଂ ଅସହିଷ୍ଣୁ ଭଳି ଇଦ୍ (Id) ପ୍ରବୃତ୍ତିର ପ୍ରତିଫଳନ ଦେଖିବାକୁ ମିଳେ ।

"ମୁଁ ଚାହେଁ ବିବାକୁ । ଅମର ହେବାକୁ ସଂସାର ସାରା ଚାରିଆଡ଼ୁ ଘେରି ଜୟ ଜୟକାର କରିବାକୁ । ସେଥିପାଇଁ ଦୁଲିଆକକା ବିଲେ ଚଳିବ ନାହିଁ । ଦୁଲିଆକକା, ମୁଁ ତତେ ହତ୍ୟା ନକଲେ ରହିପାରିବି ନାହିଁ । ତୁ ମୋ ବାଟ ଜଗି ଠିଆ ରହିଛୁ । ମୋ ପାଇଁ ତତେ ମରିବାକୁ ହବ । +++ ତୋ ମୁର୍ଦ୍ଦାର ଉପରେ କେମିତି ଠିଆହେଲେ ମୁଁ ବାଙ୍ଗରା ହେଲେ ବି ଉ ଦିଶିବି, ଉ ଆହୁରି ଉ !"( ସ୍ୱପ୍ନବାହକ-ପୃ-୬୧) ମଣିଷର ପ୍ରବୃତ୍ତି ତଥା ଆତ୍ମାନୁଭୂତି ଆଦିକୁ ଆଧାର କରି ରଚିତ ଗାଳ୍ପିକଙ୍କର 'ସେଇଟା ମୋ ଦୋସ୍ତ' ଏକ ଉଲ୍ଲେଖ ଯୋଗ୍ୟ କୃତି । ଏଥିରେ ଗାଳ୍ପିକ ମଣିଷ ଭିତରେ ଥିବା ଇଦ୍(Id), ଇଗୋ(Ego) ଏବଂ ସୁପରଇଗୋ(Super Ego) ଭଳି ପ୍ରବୃତ୍ତି ସଂପର୍କରେ ସୂଚନା ଦେଇଛନ୍ତି । ଏହି ପ୍ରବୃତ୍ତି ଗୁଡିକ ପ୍ରତ୍ୟେକଟି ମଣିଷ ଭିତରେ ଉପସ୍ଥିତ ରହିଥାଏ ଏବଂ ଏହା ମଧ୍ୟରୁ କେଉଁଟି କେତେବେଳେ ବାହାରକୁ ପରିପ୍ରକାଶ ହୋଇଯିବ ତାହା କହିବା କଷ୍ଟକର । ଏକ ବିଧବା ନାରୀର ଅବଚେତନ ମନ ମଧ୍ୟରେ ଲୁଚି ରହିଥିବା ଅନେକ ଦୁଃଖ, ଯନ୍ତ୍ରଣା, ଅସହାୟତା, ଆଶା, ଆକାଂକ୍ଷା ଓ ସମର୍ପଣ ଭାବ ଆଦିକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଯାତ୍ରୀ' ଗଳ୍ପରେ । ଏତଦ୍ ବ୍ୟତୀତ ଗାଳ୍ପିକ ଏଥିରେ ମୃତ୍ୟୁକୁ ନେଇ ପୂର୍ବା ଭାଷ (Pre cognition) ସଂପର୍କରେ ସୂଚନା ଦେଇଛନ୍ତି । ଯାହାକୁ ମୃତ୍ୟୁ ନିକଟର୍ବୀ ଅନୁଭୂତି(Near Death Experiences) ବୋଲି ସଂପୂର୍ଣ୍ଣ ଭାବେ କୁହାଯାଇ ନପାରିଲେ ମଧ୍ୟ, ସେହିଭଳି ଏକ ଅନୁଭବର ପ୍ରତିଫଳନ ଭାବେ ଗ୍ରହଣ କରାଯାଇପାରେ । ଏତଦ୍ ବ୍ୟତୀତ ଏଥିରେ ଜୀବନରେ ଅନେକ ଯନ୍ତ୍ରଣା ଭୋଗିଥିବା ମଣିଷ ପକ୍ଷ୍ୟରେ ମୃତ୍ୟୁ ପ୍ରତି ତାଚ୍ଛଲ୍ୟ ଭାବ ସହ ଭଗବତ୍ ବିଶ୍ୱାସ ସଂପର୍କିତ ବର୍ଣ୍ଣନା ଦେଖିବାକୁ ମିଳେ । ଭାଇଚାରାରେ ବିଶ୍ୱାସୀ ଏବଂ ଚିରକାଳ ଗୋଷ୍ଠୀରେ ରହିଆସୁଥିବା ମଣିଷର ସ୍ୱଭାବଗତ ପରିବର୍ତ୍ତନ ସ୍ୱରୂପ ଏକାକୀତ୍ୱ ଭାବ ପରିଲକ୍ଷିତ ହୋଇଥାଏ ଗାଳ୍ପିକଙ୍କର 'ସେ ପାଖ ଲୋକ' ଗଳ୍ପରେ । ଏଥିରେ ଗାଳ୍ପିକ ପାରାସାଇକୋଲୋଜି ବିଭାଗ ଅର୍ନ୍ତଭୁକ୍ତ ପୂର୍ନଜନ୍ମ (Re Birth) ସଂପର୍କିତ ପ୍ରସଙ୍ଗ ମଧ୍ୟ ଉତ୍ଥାପିତ କରିଛନ୍ତି । ମୋଟ୍ ଉପରେ ମଣିଷ ଭିତରେ ଥିବା ଅପରାଧବୋଧ, ଏକାକୀତତ୍ତ୍ୱ, ନିଃସଂଗତା ଆଦିକୁ ଗାଳ୍ପିକ ଗୁରୁତ୍ୱ ଦେବାସହ ଏହାକୁ କେନ୍ଦ୍ରକରି ଭବିଷ୍ୟତକୁ କଳନା କରିବାକୁ ଉଦ୍ୟମ କରିଛନ୍ତି ।  ନାରୀର ଅବଚେତନ ମନରେ ପୁରୁଷ ପ୍ରତି ଥିବା ଆକର୍ଷଣ ବା ଅନ୍ୟ ଭାବରେ କହିଲେ Libido (ଶୃଙ୍ଗାର/କାମ) ପ୍ରବୃତ୍ତି  ମୃତ୍ୟୁପରେ ମଧ୍ୟ ବଳବର ରହିବା ଯାହାକୁ 'ପ୍ରେତ ସଙ୍ଗମ'  କୁହାଯାଏ । ତାହାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ନ ହନ୍ୟତେ' ଗଳ୍ପରେ । ମୃତ୍ୟୁପରେ ମୃତବ୍ୟକ୍ତି ନିଜକୁ ପରିପ୍ରକାଶ କରିବାପାଇଁ ଜୀବିତ ବ୍ୟକ୍ତିର ସହାୟତା ନେବା ଭଳି ଅତିଭୌତିକ ପ୍ରସଙ୍ଗ ଯାହା ଅବଶ୍ୟ ସାଂପ୍ରତିକ ସମୟରେ ପାରାସାଇକୋଲୋଜି

(Para Psychology) ବିଭାଗର ଏକ ଗବେଷଣା ସାପେକ୍ଷ ବିଷୟ। ଏହାବ୍ୟତୀତ ମନ୍ତ୍ରତନ୍ତ୍ର, ଗୁଣିଗାରେଡ଼ି ଏବଂ ମୃତ୍ୟୁପରେ ମଧ୍ୟ ପ୍ରତିଶୋଧ ନେବାର ପ୍ରବଣତା ଆଦି ଅତିଭୌତିକ ପ୍ରସଙ୍ଗକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି ଉକ୍ତ କୃତିରେ। "ମୁଁ ଦେଖିଲି, ଫୁଲଟା ହଠାତ୍ ଜିଇଁ ଉଠିଲା। ତା ପାଖୁଡ଼ା ଓସାରି ହୋଇଗଲା ଏବଂ ଫୁଲଟା ଘୁିଲା। ତା ପରେ ଖପ୍‌କିନା ଡେଇଁ ଯନ୍ତ୍ରରେ କଟା ହୋଇଥିବା ପାଖ ଘରା ଭିତରେ ପଡ଼ିଲା', 'ବାଆସ୍ ସେଇଠି ରହ। ଘୁିବୁ ନାହିଁ। କହିଲେ ନରହରି ନନ୍ଦା++++ ସେ ହାତ ବିସ୍ତାରି ମତେ ଜଡ଼େଇ ଧରିଲା। ଲାଖିଗଲା ମୋ ଦେହରେ। ଓଃ, ତା ଦେହ ସାରା କମ୍ପୁଥାଏ। ଗୋଟାଏ ବାଂଫ ବାହାରୁଥାଏ ଦେହରୁ। +++ ... ଏତିକିବେଳେ ସେ ପରଡ଼ାପତ୍ର ପରି ଥରି ଉଠିଲା ତାଳୁରୁ ତଳିପା ଯାଏ ବାରଂବାର ତା ଜାବ ହୁଗୁଳିଗଲା। ଓଦା ଲୁଗାଟି ପରି ସେ ଖସିପଡ଼ିଲା ମୋ ଦେହରୁ।"(ସନ୍ଧିକାଳ-ପୃ-୭୫) ମଣିଷ ଭିତରେ ଥିବା ମୃତବୃତ୍ତି 'Death Istinct' (Thanotos) ଯେଉଁଥିରେ ମଣିଷ ଭିତରର ଅଣାୟ ଏବଂ ଉନ୍ମାଦନା ଆଦି ପ୍ରବୃତ୍ତି ପରିଲକ୍ଷିତ ହୋଇଥାଏ। ତାହାକୁ ଗାଳ୍ପିକ ଚିତ୍ରିତ କରିଛନ୍ତି 'ପପୁତ୍ରର କାହାଣୀ' ଗଳ୍ପରେ। ଗାଳ୍ପିକଙ୍କର 'ପ୍ରଶ୍ନବାଚକ' ଏକ ଭିନ୍ନ ସ୍ୱାଦର ସୃଷ୍ଟି। ଉକ୍ତ ଗଳ୍ପଟି ରହସ୍ୟମୟ, ଅତିଭୌତିକ ଏବଂ କୌତୁହଳ ପ୍ରଦ ମନେହେବା ସହ। ମନ ଭିତରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ। ସ୍ନେହ ଓ ପ୍ରେମର ପ୍ରତିଦାନକୁ ଏକ ପ୍ରହରୀ ମାଧ୍ୟମରେ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ପ୍ରହରୀ' ଗଳ୍ପରେ। ସଭ୍ୟତାର ପରିବର୍ତ୍ତନ ସହ ସାମାଜିକ ଜୀବନର ରୂପରେଖାରେ ପରିବର୍ତ୍ତନ ମଧ୍ୟ ଏଥିରେ ଲକ୍ଷଣୀୟ। ଏହା ସହ ବିଶ୍ୱାସ ଅଥବା ଭାବନା ହେଉ ମୃତ୍ୟୁପରେ ମଧ୍ୟ ମୃତବ୍ୟକ୍ତିର ସାର ଉପସ୍ଥିତି ସଂପର୍କିତ ସୂଚନା ରହିଛି ଗଳ୍ପରେ। "ସେ କଳାଗାଡ଼ିଟା ହୋଇ ସେଇ ବାହାରିଲା- ତା ଆଲୁଅ ଲିଭିଯାଇଛି। ନିଃଶବ୍ଦରେ ଜହ୍ନ ଆଲୁଅରେ ହୋଇ ସେଇ ମେଘଡମ୍ବରୁ ଗାଡ଼ି କେମିତି ପହଁରି ଯାଉଛି ଦେଖନ୍ତୁ! ହେଇ; ସେ ମୋଡ ପାଖରେ ଜହ୍ନ ଆଲୁଅ ତା କାଚରେ ପଡ଼ିଲା, ଦେଖିଲେ; ସେଇଟା ଯାଇ ସେ କୋଠା ପାଖରେ ରହିଯିବ- ମୁଁ କହୁନି! ରହିଗଲା ସେଇଠି, ଦେଖନ୍ତୁ!- ରହନ୍ତୁ ଟିକେ— କବାଟ ଫିଟିବା ଶବ୍ଦ ଏଠିକି ଶୁଭିବ। +++ ଏଣିକି ରାତିସାରା ଜହ୍ନ ବୁଡ଼ିଲା ପର୍ଯ୍ୟନ୍ତ ସକ ସକ କାନ୍ଦ ଶୁଭିବ ସେଇ ଉପର ବଖରାଟାରୁ। ମୁଁ କେତେଦିନ ଶୁଣିଚି। ଭାବିଚି, ଉଠିଯିବି ଉପରକୁ, ହେଲେ ଦାଣ୍ଡ ଦୁଆରେ ସବୁବେଳେ ତାଲାଟାଏ ପଡ଼ିଥାଏ, ଦଶ କି ପନ୍ଦର ବର୍ଷ ନ ଫିଟି ସେମିତି ରହିଥାଏ।" ( ଶ୍ରେଷ୍ଠ ଗଳ୍ପ-ପୃ-୯୭-୯୮) ଏହିପରି ଗାଳ୍ପିକ ନିଜ ଜୀବନର ଅନ୍ତରଙ୍ଗ ଅଭିଜ୍ଞତା ଓ ଅନୁଭୂତିକୁ ପ୍ରତିଫଳିତ କରିଛନ୍ତି 'ସ୍ୱପ୍ନ-ବାହକ' ଗଳ୍ପରେ। ଉକ୍ତ କୃତିରେ ମଧ୍ୟ ଗାଳ୍ପିକ ନିହାତି ପାଖରୁ ଅନୁଭବ କରିଛନ୍ତି ମୃତ ବ୍ୟକ୍ତିର ସାକୁ। ଯାହା ପ୍ରସଙ୍ଗ କ୍ରମେ ବ୍ୟକ୍ତି ସ୍ୱାଧୀନତା ଉପରେ ଆଲୋଚିତ ସ୍ଥିତିବାଦୀ ଚିନ୍ତନର ପରିଚୟ ଦେଇଥାଏ। "ସେଇ ତ ଦୁର୍ଭାଗ୍ୟ! ମଣିଷଟିଏ ସ୍ୱଚ୍ଛନ୍ଦରେ ବିବାଦକୁ ଜନ୍ମ ହୋଇଚି। କିନ୍ତୁ ନିଜେ ନିଜକୁ ବିଭିନ୍ନ ପ୍ରକାରେ ବାନ୍ଧି ରଖିବାରେ ତାର ସାର୍ଥକତା ବୋଲି ସେ ଭାବେ। ଶୋଷକଲେ, ଭୋକକଲେ ସହଜ ଢଙ୍ଗରେ ପିଇବା କିମ୍ବା ଖାଇବା ଆମ ଜାତକରେ ନାଇଁ। ଏମିତି ହୋଇ ହୋଇ ଏ ଶଳା ବେକୁବ ଜନ୍ତୁଟି ତାର ଚମତ୍କାର ସମ୍ଭାବନା ଗୁଡ଼ିକୁ ନିଜ ହାତରେ କବର ଦେଇଦିଏ।" (ଶ୍ରେଷ୍ଠ ଗଳ୍ପ-ପୃ-୧୧୦)। ଏହାସହ ଉକ୍ତ କୃତିରେ ଅନେକତ୍ର ପରମ୍ପରାକୁ କେନ୍ଦ୍ରକରି ଅତିବାସ୍ତବବାଦୀ ଚିନ୍ତନ ମଧ୍ୟ ଲକ୍ଷଣୀୟ। ମୃତ୍ୟୁପରେ ମଧ୍ୟ ରହିଥିବା କିଛି ଆଶା ସଂପର୍କିତ ସୂଚନା ଗଳ୍ପ 'ଅନ୍ତରାଳ'ରେ ଲକ୍ଷଣୀୟ। ଅଲୌକିକତା ସହିତ ମାନବବାଦୀ ଚିନ୍ତନର ପ୍ରତିଫଳନ ଘଟିଛି 'କୁର୍ବାନ୍ ଖାଁ' ଗଳ୍ପରେ। ଯାହା ଗାଳ୍ପିକଙ୍କର ଅନୁଭୂତିର ଅନ୍ୟ ଏକ ପ୍ରତିଫଳନ। ଚନ୍ଦ୍ରଶେଖର ରଥଙ୍କର 'ଛାୟା ପୁରୁଷ' ଗଳ୍ପଟି ଏକ ଅସାଧାରଣ ସୃଷ୍ଟି। ବାସ୍ତବ ମନେହେଉଥିବା ଏହି ଗଳ୍ପଟି ମନୁଷ୍ୟର ବିଚିତ୍ର ସ୍ୱଭାବ ତଥା ମନର ରହସ୍ୟକୁ ଉଦ୍‌ଘାଟିତ କରିବାର ଏକ ପ୍ରୟାସ। "ଆପଣ ପ୍ରତ୍ୟେକ ଥର ସତ୍ୟର ଆବିଷ୍କାର କଲାବେଳେ ଆଶ୍ଚର୍ଯ୍ୟ ହେଉଥିବେ। ବୁଝିପାରୁଥିବେ ଯେ ଉପରେ ଯାହା ଦିଶେ, ଭିତରେ ସତ୍ୟ ସହିତ ତାର ଆଦୌ ସମ୍ପର୍କ ନାହିଁ।— ଏଇ ଧରନ୍ତୁ ମୋ ଚେହେରା! ମୋ ନାଁ ଏଥିରୁ ଆପଣ କଣ ଜାଣିପାରିବେ?" (ଶ୍ରେଷ୍ଠ ଗଳ୍ପ-ପୃ-୧୯୪)। ଏହା ବ୍ୟତୀତ ଗଳ୍ପଟିରେ ମାନବବାଦୀ ଚିନ୍ତନର ସ୍ୱର ଓ ସ୍ୱାକ୍ଷର , ଅତିଭୌତିକତା, ଭୌତିକ ଏବଂ କୁହୁକ ବାସ୍ତବତାବାଦ ଭଳି ପରିବେଶର ଚିତ୍ରଣ ଆହୁରି ଅସାଧାରଣ ମନେହୁଏ। ଗାଳ୍ପିକଙ୍କର 'ଏ ପାଖେ ଅସଂଖ୍ୟ ଲୋକ' ଗଳ୍ପଟି ଏକ ଭିନ୍ନ ସ୍ୱାଦର ସୃଷ୍ଟି। ଏଥିରେ ଗାଳ୍ପିକ ଗୋଟିଏ ଦିଗରେ ଅଲୌକିକତାର ସୂଚନା ଦେଇଥିବା ବେଳେ। ଅନ୍ୟ ଦିଗରେ ରଚନାତ୍ମକ ଦୃଶ୍ୟ (Creative Visualization) ଅଥବା Mind's eye ( ମସ୍ତିଷ୍କର ଚକ୍ଷୁ- ଏହା ହେଉଛି ଏକ ମାନସିକ ଛବି ଅଥବା ମାନସିକ ଚିତ୍ର। ଏକ ଏପରି ଅନୁଭବ ଯାହା ପ୍ରାୟତଃ କୌଣସି ବସ୍ତୁ ଅଥବା ଘଟଣା ଅଥବା ଦୃଶ୍ୟକୁ ଗଭୀରତାର ସହ ଅନୁଧ୍ୟାନ କରିବା ଫଳରେ ହୋଇଥାଏ) ର ପ୍ରୟୋଗ କରିଥିବା ଭଳି ମନେହୁଏ। "ସେ ପାଖେ କେବଳ ସେ ପାହାଡ଼ଟା! ମତେ ସେଇଟା ଦେଖାଯାଏ ମୁହଁପରି। କାହା ମୁହଁପରି କହିପାରିବି ନାହିଁ; କିନ୍ତୁ ସେ ଥୁଣ୍ଟା ପଳାଶ ଗଛ ଡାହାଣ ପାଖେ ଠିଆହୋଇ ଅନେଇଲେ ଅବିକଳ ମଣିଷ ମୁହଁଟାଏ ଦେଖାଯାଏ। ନାକ, ଭୂରୁ, ଓଠ, ଆଖି ସବୁ ବାରିହୋଇ ଦେଖାଯାଏ। ସେଇଠୁ ଘୁିଗଲେ, ଆସ୍ତେ ଆସ୍ତେ ସେଇଟା ତରଳିଯାଏ ଏବଂ ପୁଣି ପାହାଡ଼ ପାହାଡ଼ ହୋଇଯାଏ।" (ସ୍ୱପ୍ନ ବାହକ-ପୃ-୨୦) ମାତ୍ର ଏଥିରେ ବିଶେଷତଃ ସମୟ ସହ ଗତିଶୀଳ ମଣିଷର ବୟସ ତଥା

ବଂଶ, ପରମ୍ପରା ଓ ପିଢି ସଂପର୍କିତ ସୂଚନା ଦେଖିବାକୁ ମିଳେ। ଚିତ୍ର ଜୀବିତ ହୋଇ ବ୍ୟକ୍ତିକୁ ଚିତ୍ର ଭିତରକୁ ଆକର୍ଷିନେବା ଭଳି ଅଦ୍ଭୂତ ଘଟଣା ବର୍ଣ୍ଣିତ ହୋଇଛି ଗାଳ୍ପିକଙ୍କର 'ଛାୟା ପ୍ରବେଶ' ଗଳ୍ପରେ। ଅବଶ୍ୟ ଏହିଭଳି ଏକ କାହାଣୀ ବହୁ ପୂର୍ବରୁ ପ୍ରଚଳିତ ଥିବା ଜଣାଯାଏ। ମାତ୍ର ଉକ୍ତ କୃତି ମାଧ୍ୟମରେ ଗାଳ୍ପିକ ଗଭୀର ଅର୍ନ୍ତଚେତନାକୁ ଗୁରୁତ୍ୱ ଦେବା ସହ ରଚନାତ୍ମକ ଦୃଶ୍ୟ (Creative Visualization) ପ୍ରୟୋଗ କରିଥିବା ମନେହୁଏ। ପୂର୍ବ ଓ ପରଜନ୍ମର ସଂକେତ ସହିତ ଅତିଭୌତିକତା ଏବଂ ଅଲୌକିକତା ଦେଖିବାକୁ ମିଳେ ଗାଳ୍ପିକ ଚନ୍ଦ୍ରଶେଖର ରଥଙ୍କର 'ଆଉ କାହାକୁ କହିବେ ନାହିଁ' ଗଳ୍ପରେ। "ମୁଁ ଆଖି ବୁଜି ପଡିଥାଏ। ପତା କମ୍ପୁଥାଏ। ଭିତରେ ଡୋଳା ବୁଲୁଥାଏ। ନିଶ୍ୱାସ ଦବି ଯାଇଥାଏ, ହାତଗୋଡ କେମିତି ଟାଣିଯାଉଥାଏ- କିନ୍ତୁ ମୁଁ ଆଖି ଖୋଲୁ ନଥାଏ। ମନେହେଲା ମୋର ଗୋଟିଏ ପାଖ ସାମାନ୍ୟ ଉଷୁମ୍ ଲାଗୁଛି। ପୁଷ୍ପଭାର ଦେହଲ୍ଲବୀଟିଏ ଶୋଇରହିଛି କି ଖୁବ୍ ସଂଯତ, ଖୁବ୍ ସନ୍ନିକଟ? ମୋ ଦେହସାରା ପୁଣି ଶୀତେଇଗଲା। ଆଉ ଗୋଟିଏ କୋମଳ ହୃତ୍ପିଣ୍ଡ ସ୍ପନ୍ଦିତ ହେଉଥିଲା କି ମୋ ପାଖରେ?"(କ୍ରମଶଃ ଗଭୀର ନଇ-ପୃ-୨୧୧-୨୧୨) ଏହି ପଂକ୍ତିଗୁଡିକ ଅତିଭୌତିକ ଓ ଅଲୌକିକ ମନେହେଲେ ମଧ୍ୟ, ଡୋଳା ବୁଲିବା ଭଳି ବର୍ଣ୍ଣନା ମଣିଷର ଶୟନର ପମ ଚରଣ The rapid eye movement stage (REM) କୁ ସୂଚିତ କରେ। ଯେଉଁ ଅବସ୍ଥାରେ ସାଧାରଣତଃ ମଣିଷ ସ୍ୱପ୍ନ ଦେଖିଥାଏ। ତେଣୁ ଏହାକୁ ଅଲୌକିକତା ଅପେକ୍ଷା ଅବଚେତନ ମନର କାର୍ଯ୍ୟକଳାପ କୁହାଯିବା ବିଶେଷ ଯଥାର୍ଥ ମନେହୁଏ। ଏହିପରି ବିଜ୍ଞାନର ଏକ ବିଭାଗ (ଯାହା ଅବଶ୍ୟ ଛଦ୍ମ ରୂପେ ଗ୍ରହଣୀୟ) କୁ ଗାଳ୍ପିକ ନିଜ ଗଳ୍ପଗୁଡିକରେ ବେଶ୍ ସଫଳ ରୂପେ ପ୍ରୟୋଗ କରିପାରିଛନ୍ତି।

## ସହାୟକ ଗ୍ରନ୍ଥସୂଚୀ :


1. Geraskou, Emil Asenov ( November 1 , 1994) " The Internal Condition and the un Conscious Source of Activity" Journal of Psychology 128 (6): 625-634.
2. Geraskou, Emil Asenov ( November 1 , 1994) " The Internal Condition and the un Conscious Source of Activity" Journal of Psychology 128 (6): 625-634.
3. Kendra Cherry, Freud's Theories of Life and Death Instincts, on April 04,2020.
4. Jung, C.G ([1959] 1969). The Archetypes and the Collective UnconScious, Collected Works, Volume 9, part 1, Princeton, N.J: Princeton University Press. ISBN 0-691-01833-2. Par.259.
5. Reber, Arthur; Alcock, James (2019). "Why Parapsychological Claims cannot be true". Skeptical Inquirer. 43(4):8-10.
6. Gross, Paul R ; Levitt, Norman; Lewis, Martin W. (1996). The Flight from Science and Reason.p.565. ISBN 978-0801856761.
7. Friedlander, Michael W. (1998). At the Fringes of Science. Boulder, Colorado: Westview Press. P.119. ISBN 978-0-8133-2200-1.


❖ ❖ ❖

DOI :https://doi.org/10.5281/zenodo.14915047 ମୂଳ ପ୍ରବନ୍ଧ

# ପରମ୍ପରା ଓ ଆଧୁନିକତା: ଏକ ଦୃଷ୍ଟିପାତ

**ମନୋରଞ୍ଜନ ବିଷୋୟୀ**

**ସଂକ୍ଷିପ୍ତସାର :**

ଅତୀତ ପ୍ରତି ଏକ ବିହ୍ୱଳ ସଂପୃକ୍ତିକୁ ପରମ୍ପରା ଏବଂ ଏହି ବିହ୍ୱଳ ଚେତନାର ବିକାଶ ଧାରାରେ ଏକ ମୋହମୁକ୍ତ ବୌଦ୍ଧିକ ପର୍ଯ୍ୟାୟକୁ ଆଧୁନିକତା କହିଲେ ଅତ୍ୟୁକ୍ତି ହେବନାହିଁ । ସଂକ୍ଷେପରେ କହିଲେ ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା । ଅନେକ; ଆଧୁନିକତାକୁ ପରମ୍ପରାହୀନ ପରମ୍ପରା ଭାବରେ ଚିତ୍ରଣ କରିଥାନ୍ତି । କିନ୍ତୁ ବାସ୍ତବ ପକ୍ଷେ କହିବାକୁ ଗଲେ ପରମ୍ପରାହୀନ ପରମ୍ପରା ଆଧୁନିକତା ନୁହେଁ । ବସ୍ତୁତଃ ପରମ୍ପରାପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା ।

**ପ୍ରମୁଖ ଶବ୍ଦାବଳୀ :**

ମୁକ୍ତ ଅନ୍ୱେଷା, ପରମ୍ପରା ପ୍ରତି ଏକ ସଚେତନ ମୂଲ୍ୟାୟନ, ଅତୀତର ଇତିବୃତ୍ତ, ମାଟିର ମୋହ, ସମୟର ଆହ୍ୱାନ, ବ୍ୟକ୍ତିଗତ ଆକାଂକ୍ଷା, ରୁଚିରେ ପରିବର୍ତ୍ତନ, ପରମ୍ପରାର ନବୀକରଣ, ଜାତିର ମାନସିକତା, ମୌଳିକ ଦୃଷ୍ଟିଭଙ୍ଗୀ ।

ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବ ଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଂଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ । ସଂକ୍ଷିପ୍ତରେ କହିଲେ- ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ 'ସଂସ୍କୃତି' କୁହାଯାଏ । ଏହା ସହ ଧାରାବାହିକ ନିତ୍ୟ ଆଚରଣର ପରିମାର୍ଜିତ ପରିଭାଷାକୁ ସଂସ୍କୃତି କହିଲେ ଅତ୍ୟୁକ୍ତି ହେବନାହିଁ । ପରମ୍ପରା ହେଉଛି ଏକ ପରିବ୍ୟାପ୍ତ ବୈଶିଷ୍ଟ୍ୟର କ୍ଷେତ୍ର । ଏହା ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୁଏନାହିଁ । କଠିନ ଶ୍ରମ ମାଧ୍ୟମରେ ଏହା ଉପଲବ୍ଧ ହୁଏ । ପରମ୍ପରା ଅନ୍ତରାଳରେ ଥାଏ ଐତିହାସିକ ବିଚାରବୋଧ ଯାହାକୁ ବାଦ୍ ଦେବା ସମ୍ଭବପର ନୁହେଁ । ଏହି ଐତିହାସିକ ବିଚାରବୋଧ, ବ୍ୟକ୍ତିକୁ ଦିଏ ଏକ ଉପଲବ୍ଧି ଯାହା ଅତୀତର ଇତିବୃତ୍ତ ହେବା ଅପେକ୍ଷା ଏହାର ସାଂପ୍ରତିକତାକୁ ସୂଚେଇଥାଏ । ଫଳରେ ବ୍ୟକ୍ତି ତାର ସମକାଳର ଅଭିବ୍ୟକ୍ତି ଅପେକ୍ଷା ସର୍ବକାଳୀନ ଅନୁଭୂତିକୁ ଆଧାର କରି କାଳଜୟୀ ରୂପ ପରିଗ୍ରହଣ କରିଥାଏ । ଅଳୀକ ଓ ମହାକାଳର ସମନ୍ୱୟରେ ପରମ୍ପରାର ପ୍ରବକ୍ତା ହୁଏ ବ୍ୟକ୍ତି ।

ପରମ୍ପରା ଓ ଆଧୁନିକତାର ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟର- ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14915047

Article No - BPP00267

**ଯୋଗାଯୋଗ :**
**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଂଜାମ
**Email:** bisoyee.manoranjan@gmail.com
**ORCID ID:** https://orcid.org/0009-0006-5926-7617

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବିଷୋୟୀ, ମନୋରଞ୍ଜନ;୨୦୨୫ । ପରମ୍ପରା ଓ ଆଧୁନିକତା: ଏକ ଦୃଷ୍ଟିପାତ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଟ, ପୃଷ୍ଠା :୪୫-୫୦ ।

କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ ସମୟର ଆହ୍ୱାନରେ ଆକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତିପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଢ଼ିଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ଉଜ୍ଜ୍ୱଳ । ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକତାର ଯଥାର୍ଥ ଲକ୍ଷ୍ୟ ।

ବାସ୍ତବିକ ପରମ୍ପରା ଆଗାମୀକୁ ଅନୁପ୍ରେରିତ କରିଥାଏ । ପରମ୍ପରାର ପୁଞ୍ଜିକୁ ସଂସ୍କୃତି ଧାରଣ କରିଥାଏ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ତେଣୁ ସଂସ୍କୃତି ଶବ୍ଦର ବ୍ୟାଖ୍ୟା କରି କହେ- ସମ୍+କୃ+ତି: ସଭ୍ୟତା, ଶିକ୍ଷା, ଭଦ୍ରତା ଓ ସାମାଜିକତା ଆଦିରେ ଧାରାବାହିକ ଅନୁଧ୍ୟାନ, ଅନୁଶୀଳନ ଓ ଅନୁଗମନ । ମାନବୀୟ ଆଚରଣ ଓ ଉଚ୍ଚାରଣ ଆଧାରରେ ଗଢ଼ିଉଠେ ପରମ୍ପରା ଓ ପରମ୍ପରାର ସଜ୍ଜିକରଣରେ ସଂସ୍କୃତି ଜନ୍ମନିଏ । ତେଣୁ କୁହାଯାଏ- "ସଂସ୍କୃତି ହେଉଛି ଏକ ପ୍ରେରଣା- ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା । ସଂସ୍କୃତି ହେଉଛି ଏକ ଗୁଣାତ୍ମକ ଆସ୍ପୃହା ××× ସଂସ୍କୃତି ଏକ ଅନ୍ୱେଷଣ, ଏକ ସତତ ଉଦ୍ୟମ, ସତତ ଆହ୍ୱାନ ଗୁଡ଼ିକୁ ଆବିଷ୍କାର କରି ସେଗୁଡ଼ିକର ସମ୍ମୁଖିନ ହେବାର ଏକ ଉଦ୍ୟମ ।"[୧] ମାନବ ସଭ୍ୟତାର ଶୈଶବ କାଳୀନ ଅନୁଭୂତିଠାରୁ ସାମାଜିକ ବିକାଶଧାରାର ଇତିବୃତ୍ତକୁ ଆଧାର କରି ପାରମ୍ପରିକ ଦୃଷ୍ଟିଭଙ୍ଗୀର ସୁସଜ୍ଜିତ ବିନ୍ୟାସରେ ବିକାଶ ଲାଭ କରିଛି ସଂସ୍କୃତି ।

ଏ ପରିପ୍ରେକ୍ଷୀରେ କହିରଖେ ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ, ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରାଥାଏ ଜୀବନର ଲକ୍ଷ୍ୟ । ତେଣୁ ସଂଭ୍ରାନ୍ତ ବଣିକ କିମ୍ବା ପ୍ରତାପୀ ରାଜା ମହାରାଜା ଅପେକ୍ଷା ଏଇ ସଂସ୍କୃତିର ମୂଳ ଆଧାର ମୁନି ଋଷିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଲକ୍ଷ୍ୟ କରିହୁଏ ।

ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା ହିନ୍ଦୁଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । ଏଣୁ ଭାରତୀୟ ଦର୍ଶନରେ ବେଦର ଆଧିପତ୍ୟକୁ ଅସ୍ୱୀକାର କରି ନାସ୍ତିକ ଧାରାରେ ଚାର୍ବାକ, ବୌଦ୍ଧ ଓ ଜୈନ ଦର୍ଶନ ଯେଭଳି ଜନାଦୃତ, ଅନୁରୂପ ଭାବରେ ଆସ୍ତିକ ଧାରାରେ ସାଂଖ୍ୟ, ନ୍ୟାୟ, ବୈଶେଷିକ, ଯୋଗ ସେହିପରି ପ୍ରାଧାନ୍ୟ ଲାଭ କରିଥାଏ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ । ବେଦର 'ଅଗ୍ନିମିଳେ ପୁରୋହିଂତ' ବାଣୀ ଆଦିମ କାଳରୁ ଏଯାବତ୍ ଭାରତୀୟ ପରମ୍ପରାରେ ଅନୁସୃତ ହୋଇଆସିଛି ।

ଏହିଧାରାରେ ମହାଭାରତୀୟତାର ଅଭିନ୍ନ ଅଂଶ ଭାବରେ ଉତ୍କଳୀୟ ସାଂସ୍କୃତିକ ଚେତନାକୁ ଅନୁଧ୍ୟାନ କରାଯାଇପାରେ । କପିଳ ସଂହିତା କହେ- ''ବର୍ଷଣାମ୍ ଭାରତ ଶ୍ରେଷ୍ଠ ଦେଶନାଂମୁତ୍କଳଶ୍ରୁତ୍ୟ/ ଉତ୍କଳସ୍ୟ ସମୋଦେଶ, ଦେଶୋ ନାସ୍ତି ମହୀତଳେ ।'' ବାସ୍ତବିକ କହିବାକୁ ଗଲେ ମହାଭାରତୀୟ ମୌଳିକ ଦୃଷ୍ଟିଭଙ୍ଗୀକୁ ଅକ୍ଷୁଣ୍ଣ ରଖି ଉତ୍କଳୀୟ ସଂସ୍କୃତି ଆପଣାର ମହନୀୟତାରେ ଦୀପ୍ତିମାନ୍ । ଲକ୍ଷ୍ୟ କଲେ ଦେଖାଯାଏ ଯେ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ମୁଖ୍ୟତଃ ଆଦିବାସୀମାନଙ୍କ ଦ୍ୱାରା ପ୍ରଭାବିତ । ଓଡ଼ିଶାର ଆଦିମ ଅଧିବାସୀମାନେ ଥିଲେ ଶବର । ପରବର୍ତ୍ତୀ ସମୟରେ ଏଠାକୁ ଆସିଥିଲେ ଦ୍ରାବିଡ଼ । ଓଡ଼ିଶାର ଉତ୍ତର ଦିଗରୁ ଆର୍ଯ୍ୟମାନେ ପ୍ରଥମେ ସମତଳ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ବହୁ ଆଦିମ ଅଧିବାସୀ ଜଙ୍ଗଲକୁ ସେମାନଙ୍କ ବାସସ୍ଥାନ ଭାବେ ବାଛିନେଇଥିଲେ ଏବଂ ଅନେକ ବଶ୍ୟତା ସ୍ୱୀକାର କରି ସେମାନଙ୍କ ସେବାକାରୀ ଭାବରେ ଜୀବନ ଅତିବାହିତ କରିଥିଲେ । ପ୍ରାଚୀନ ଓଡ଼ିଶା ଥିଲା ଜୈନ ଏବଂ ବୁଦ୍ଧଧର୍ମ ଦ୍ୱାରା ପ୍ରଭାବିତ । ପରବର୍ତ୍ତୀ ସମୟରେ ଏଠାରେ ଶୈବ, ଶାକ୍ତ ଓ ଗାଣପତ୍ୟଙ୍କ ପ୍ରଭାବ ପରିଲକ୍ଷିତ ହୋଇଥିଲା କିନ୍ତୁ ଓଡ଼ିଶାର ରାଷ୍ଟ୍ରଦେବତା ଭାବରେ ଶବର ପୂଜିତ ଜଗନ୍ନାଥ ପ୍ରତିଷ୍ଠା ଲାଭ କରିଥିଲେ । ସୌଭାଗ୍ୟର କଥା ଓଡ଼ିଶାର ଅବସ୍ଥିତି ହେଉଛି ଉତ୍ତର ଓ ଦକ୍ଷିଣ ଭାରତର କେନ୍ଦ୍ରବିନ୍ଦୁ । କେବଳ ଭୌଗଳିକ ଦୃଷ୍ଟିରୁ ନୁହେଁ; ଭାଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଏହା ହେଉଛି ଉତ୍ତର ଓ ଦକ୍ଷିଣ ମଧ୍ୟରେ ଏକ ସେତୁ ।

ଓଡ଼ିଶାର ସଂସ୍କୃତିକୁ ଅଧ୍ୟୟନ କଲାବେଳେ ମହାଭାରତୀୟ ପରମ୍ପରାର ଏକ ଅଂଶ ଭାବରେ ଏହାକୁ ଆଲୋଚନା କରାଯିବା ବିଧେୟ । ପ୍ରଥମତଃ ଏ ଜାତିର ଇତିହାସକୁ ଖୋଜିବା ଆବଶ୍ୟକ । ଅନେକ ଆଲୋଚକ ପ୍ରାଚୀନ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ଅର୍ଥାତ୍ 'ପଳାୟନ କରୁଥିବା ଏକ ଯୂଥ' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲାବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଓକ୍‌କଳ' ଏବଂ ସେହିଧାରାରେ 'କନ୍ନଡ଼'ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଆ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ବାସ୍ତବିକ କହିବାକୁ ଗଲେ ଓଡ଼ିଶା କ୍ଷୁଦ୍ରକ୍ଷୁଦ୍ର ଆଞ୍ଚଳିକ ଶାସକମାନଙ୍କ ଦ୍ୱାରା ଶାସିତ ହେଉଥିଲା । ମୁଖ୍ୟତଃ ଆଦିବାସୀ ମୁଖ୍ୟମାନେ ଥିଲେ ଏହାର ଶାସକ । ପ୍ରଶାସନିକ କେନ୍ଦ୍ରବିନ୍ଦୁର ଅଭାବରେ ଜନତା ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ନାନା ଶାସକମାନଙ୍କ ଦ୍ୱାରା ଉତ୍ପୀଡ଼ିତ ହେଉଥିଲେ । ତେଣୁ ଏକ ସମୃଦ୍ଧ ଜନପଦ ଓ ସଂସ୍କୃତି ସଂପନ୍ନ ଜନଗୋଷ୍ଠୀ ମଧ୍ୟରୁ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଖୋଜିବା ସମ୍ଭବ ନୁହେଁ । ଏପରିକି ସାନ୍ଧ୍ୟ ଭାଷା 'ଚର୍ଯ୍ୟାପଦ' କେବଳ ଓଡ଼ିଆ ସାଧକମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ମଧ୍ୟ ବିଶ୍ୱାସ କରାଯାଇନପାରେ । ପୁଣି ସାରଳା ଦାସ 'ମହାଭାରତ' କିମ୍ବା 'ଚଣ୍ଡିପୁରାଣ' ସୃଷ୍ଟି କଲାବେଳେ ଆପେ ଆପେ ଶବ୍ଦ ପୁଞ୍ଜ ଗଢ଼ିନଥିଲେ । ରାଜ ଅନୁକମ୍ପା କିମ୍ବା ପଣ୍ଡିତମାନଙ୍କ ସୌଭାଗ୍ୟ ପାଇନଥିବା ଲୋକମୁଖର ଭାଷାକୁ କେବଳ ଆଦରି ନେଇଥିଲେ । ରାଜା ଓ ପଣ୍ଡିତମାନେ ସାଧାରଣ ଲୋକଙ୍କଠାରୁ ଆପଣାକୁ ଉଚ୍ଚରେ ରଖିବା ପାଇଁ ସଂସ୍କୃତକୁ ମାନ୍ୟତା ପ୍ରଦାନ କରିଥିଲେ । ଏହା କେବଳ ଓଡ଼ିଆ ନୁହେଁ ଭାରତର ପ୍ରତ୍ୟେକ ଅଞ୍ଚଳର ଭାଷାକୁ ଅନୁଧ୍ୟାନ କଲାବେଳେ ଜାଣିହୁଏ । କିନ୍ତୁ ଏସବୁ ସତ୍ତ୍ୱେ ଜନପ୍ରଚଳିତ ଭାଷା ସବୁ ଉପେକ୍ଷା ଭିତରେ ମଧ୍ୟ ବଞ୍ଚିରହିଥିଲା ଏବଂ ତାହାହିଁ ଦେଇଥିଲା ବଞ୍ଚିବାର ସରଳତମ ସୂତ୍ର । ଏହିଧାରାରେ ଲୋକସାହିତ୍ୟର ମହତ୍ତ୍ୱକୁ ମଧ୍ୟ ଅନୁଧ୍ୟାନ କରାଯାଇପାରେ । ଲୋକଅଭିବ୍ୟକ୍ତି ଭିତରେ ଜାତିର ପ୍ରାଣସ୍ପନ୍ଦନ ଥିଲା ଅଧିକ ଜୀବନ୍ତ । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଓଷା ବ୍ରତ, ଯାତ୍ରା ମାଧ୍ୟମରେ ଲୋକଭାଷା, ସଂସ୍କୃତି ଓ ପରମ୍ପରାର ଧାରାଟିକୁ ଅଧିକ ପ୍ରସାରିତ କରିଥିଲା । କିନ୍ତୁ ଗଭୀର ଭାବରେ ଅନୁଧ୍ୟାନ କଲେ ଏହି ପରମ୍ପରା ଅନ୍ତରାଳରେ ଥିବା ଆଭିମୁଖ୍ୟଟି ଅଧିକ ଜାଣି ହୁଏ । ଏସବୁ ସତ୍ତ୍ୱେ ସାରଳା ଦାସ ଯେପରି ଭାବରେ ଏକ ନୀରବ ପ୍ରତିବାଦ ମାଧ୍ୟମରେ ସଂସ୍କୃତ ସମସ୍ପର୍ଦ୍ଧି ଏକ ଦେଶଜ ପରମ୍ପରା ସୃଷ୍ଟି କଲେ, ତାହା ଦେଶଜ ଭାଷାରେ ଏକ ନୂଆ ପରମ୍ପରା ସୃଷ୍ଟି କରିଥିଲା । ସାରଳା ପରବର୍ତ୍ତୀ ପଞ୍ଚଦଶ ଶତାବ୍ଦୀ ବେଳକୁ ପ୍ରାନ୍ତୀୟ ଭାଷାଗୁଡ଼ିକ ଅପୂର୍ବ ସାମର୍ଥ୍ୟ ନେଇ ସମାଜରେ ଭିନ୍ନ ଏକ ପରମ୍ପରା ସୃଷ୍ଟି କରିବାର ପ୍ରୟାସ ଆରମ୍ଭ କରିସାରିଥିଲା । ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ଅଚ୍ୟୁତାନନ୍ଦଙ୍କ 'ହରିବଂଶ', ଜଗନ୍ନାଥ ଦାସଙ୍କ 'ଶ୍ରୀମଦ୍ ଭାଗବତ' ଏହାର ଏକ ଏକ ଶ୍ରେଷ୍ଠ ଉଦାହରଣ । ପିଣ୍ଡ ଭିତରେ ବ୍ରହ୍ମାଣ୍ଡର ପରିକଳ୍ପନା କରି ଆଧାତ୍ମିକତାର ପୃଷ୍ଠଭୂମି ଉପରେ ସମତାର ସମାଜ ଗଠନରେ ଏମାନେ ଥିଲେ ବ୍ରତୀ । ଜାତିଭେଦ, ଉଚ୍ଚନୀଚକୁ ଅସ୍ୱୀକାର କରି ଏକ ଅଭିନବ ଉପାୟରେ ମାନବର ଜୟଗାନ ଏମାନେ କରିଥିଲେ । ବିଷ୍ଣୁ ଉପାସନାର ଧାରାକୁ ଗୌଣ କରି ଗଣଦେବତା କୃଷ୍ଣଙ୍କୁ ମୁଖ୍ୟ ସ୍ଥାନ ଦେଇଥିଲେ । ତାଙ୍କ ଦୃଷ୍ଟିରେ – ''ନାହିଁ ମୋହର ବିପ୍ରବର୍ଣ୍ଣେ ଆଶା, କ୍ଷତ୍ରିୟ ବୈଶ୍ୟରେ ନାହିଁ ଭରସା । ସାନ ହେଲେ ମନ ସରୁଆ ହୋଇ, ତହୁଁ ଅଚ୍ୟୁତ ଯେ ଶୂଦ୍ର ବର୍ଣ୍ଣ ହିଁ ।'' ଏବଂ– "ଶୂଦ୍ର ବର୍ଣ୍ଣରେ ସେବାପ୍ରାପ୍ତ ହୁଏ, ଅହଙ୍କାର ନାହିଁ ଶୂଦ୍ରର ଦେହେ । ସେବା ଭକ୍ତିରେ ଗୋଲୋକ ମିଳଇ, ଯେଉଁ ପାଦେ ଚତୁର୍ବର୍ଗ ଯେ ଥାଇ ।'' ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ', 'ଲକ୍ଷ୍ମୀନାରାୟଣ ବଚନିକା' ଓଡ଼ିଆ ପରମ୍ପରାରେ ଜୀବନାନୁସନ୍ଧାନର ଧାରାକୁ କରିଥିଲା ପ୍ରସାରିତ । ପରବର୍ତ୍ତୀ ରୀତିଯୁଗୀୟ ସ୍ରଷ୍ଟା ପୂର୍ବବର୍ତ୍ତୀ ଯୁଗର ସମାଜ ସଂପୃକ୍ତି ମନୋଭାବକୁ ଅତି ଚତୁରତାର ସହ ଗ୍ରହଣ କରିଛନ୍ତି । ସଂସ୍କୃତ ସମସ୍ପର୍ଦ୍ଧୀ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ବଖାଣିବାକୁ ଯାଇ ଉପେନ୍ଦ୍ର ଘୋଷଣା କରିଛନ୍ତି– ''ଘେନ ନୈଷଧେ ପରାୟେ, ଉପଇନ୍ଦ୍ରକହେ/ ବୁଦ୍ଧେ ପ୍ରମାଦ କରାଏ ।'' ତେଲି ଭାଗବତରୁ ନୈଷଧ ସମସ୍ପର୍ଦ୍ଧୀ କାବ୍ୟ ସୃଷ୍ଟିର ଏ ଆସ୍ପର୍ଦ୍ଧାକୁ ଉପେକ୍ଷା କରିହୁଏନାହିଁ । ଦୀର୍ଘକାଳ ଧରି ପ୍ରାକୃତ ଭାଷାର ଅବହେଳା ଏବଂ ପ୍ରାକୃତ ସ୍ରଷ୍ଟାର ଦୁର୍ବଳ ମାନସିକତାକୁ ପରାହତ କରି ସଂସ୍କୃତ ସମସ୍ପର୍ଦ୍ଧୀ କାବ୍ୟ ସୃଷ୍ଟିର ଏକ ଅନୁପମ ଧାରାଟିଏ ଏ ସମୟରେ ସୃଷ୍ଟିଲାଭ କରିଛି । ବସ୍ତୁତଃ କୁହାଯାଇପାରେ ଏହାର ଶୀର୍ଷବିନ୍ଦୁରେ କବିସୂର୍ଯ୍ୟ, ବନମାଳୀ ଓ ଗୋପାଳକୃଷ୍ଣ ଅଧିକ କୁଶଳତାର ସହ ପରମ୍ପରାକୁ ଆଗେଇ ନେଇଛନ୍ତି ।

୧୮୦୩ ମସିହାରେ ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ଓଡ଼ିଶା ଉପରେ ବିସ୍ତାରଲାଭ କରିଥିଲା । ଓଡ଼ିଶା ଅଧିକାର ପରେ ନୂତନ ଶିକ୍ଷା ନୀତି ପ୍ରଣୟନ, ମୁଦ୍ରଣ ଶିଳ୍ପର ବିକାଶ, ପତ୍ରପତ୍ରିକାର ପ୍ରକାଶନ, ଡାକ ଓ ରେଳ ବ୍ୟବସ୍ଥା ଓଡ଼ିଶାକୁ ଅଭ୍ୟୁଦୟ ପଥରେ ଅବସ୍ଥାପିତ କରିଥିଲା । କିନ୍ତୁ ଇଂରେଜମାନଙ୍କ ଦ୍ୱୈତଶାସନ ନୀତି, ଅର୍ଥନୈତିକ ଶୋଷଣ, ନୂତନ ଜମିଜମା ବନ୍ଦୋବସ୍ତ ତଥା ଖ୍ରୀଷ୍ଟଧର୍ମ ପ୍ରଚାର ସମାଜରେ ସୃଷ୍ଟି କରିଥିଲା ଘୋର ଜନ ଅସନ୍ତୋଷ । ୧୮୬୬ ମସିହା ପ୍ରଳୟଙ୍କରୀ 'ନଅଙ୍କ ଦୁର୍ଭିକ୍ଷ' ସମୟରେ ଶାସକ ଗୋଷ୍ଠୀର ଅନୁଦାର ମନୋବୃତ୍ତି ଏ ଜାତିକୁ ପୁନଃ ସଂଗଠିତ ହେବା ଦିଗରେ ଅନୁପ୍ରେରିତ

କରିଥିଲା । ଦୈବୀ ଅପେକ୍ଷା ମାନବକୃତ ଅବହେଳା ଫଳରେ ଓଡ଼ିଶାର ଜନଜୀବନ କ୍ରମେ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ପରିଣତି ସ୍ୱରୂପ ଓଡ଼ିଶାର ଜାତୀୟ ଜୀବନରେ ସଂଗଠିତ ଭାବରେ ବିଦ୍ରୋହ କରିବା ମନୋବୃତ୍ତି କ୍ରମେ ଉଗ୍ରରୂପ ଧାରଣ କରିଥିଲା । ଏହାର ରୂପଚିତ୍ରକୁ ଇତିହାସରୁ ଅନୁଧ୍ୟାନ କରାଯାଇପାରେ । ଓଡ଼ିଶା ଇତିହାସରେ 'ସିପାହୀ ବିଦ୍ରୋହ'ର ଚାଳିଶ ବର୍ଷ ପୂର୍ବରୁ 'ପାଇକ ବିଦ୍ରୋହ' ଆରମ୍ଭ ହୋଇଥିଲା । ବ୍ରିଟିଶ ମାନଙ୍କ ଶୋଷଣ ନୀତି ଓ ଅସାଧୁ କର୍ମଚାରୀଙ୍କ ଅତ୍ୟାଚାରରେ ଓଡ଼ିଶା ତଳିତଳାନ୍ତ ହୋଇଯାଇଥିଲା । ଏପରିକି ନୂତନ ଶାସନ ବ୍ୟବସ୍ଥା ସଂପର୍କରେ ଅନଭିଜ୍ଞ ଓଡ଼ିଶାର ଜମିଦାର ଶ୍ରେଣୀ ସୂର୍ଯ୍ୟାସ୍ତ ଆଇନ ବଳରେ ହରାଇଥିଲେ ସେମାନଙ୍କ ପ୍ରତିଷ୍ଠା । କଲିକତାର ଫୋର୍ଟ ଉଇଲିୟମ୍ ଦୁର୍ଗଠାରେ ସ୍ୱଳ୍ପ ମୂଲ୍ୟରେ ନିଲାମ ହୋଇଥିଲା ଓଡ଼ିଶାର ଜମିଦାରୀ । ମଧ୍ୟବିତ୍ତ ଶ୍ରେଣୀ ଜମିଦାରୀ ହାସଲ କରି ପ୍ରଜାମାନଙ୍କୁ ନିର୍ମମ ଭାବରେ ଶୋଷଣ କରିବା ଆରମ୍ଭ କରିଥିଲେ ।

ଇଂରେଜମାନଙ୍କ କୂଟନୀତି ଓ ହୀନ ଚକ୍ରାନ୍ତ ବିରୁଦ୍ଧରେ ୧୮୦୫ ମସିହାରେ ବିପ୍ଳବୀ ଜୟୀ ରାଜଗୁରୁ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର 'ଖୋର୍ଦ୍ଧା ପାଇକ ବିଦ୍ରୋହ' ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ବିପ୍ଳବର ବହ୍ନି କ୍ରମେ ବାଣପୁରର ବିପ୍ଳବୀ ନେତା କୃତ୍ତିବାସ ପାଟଶାଣୀ, ଘୁମୁସରର ଚକ୍ରା ବିଶୋଇ ଓ ଦୋହରା ବିଶୋଇ ଏବଂ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ମାଧ୍ୟମରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ରଣକୌଶଳ ତଥା ଅସ୍ତ୍ରଶକ୍ତିରେ ଇଂରେଜମାନେ ଥିଲେ ଅଧିକ ଶକ୍ତିଶାଳୀ । ଫଳତଃ ଅଚିରେ ଏ ବିଦ୍ରୋହ ପ୍ରଶମିତ ହୋଇଥିଲା । କିନ୍ତୁ ୧୮୬୬ ମସିହାରେ 'ନ'ଅଙ୍କ ଦୁର୍ଭିକ୍ଷ' ଓଡ଼ିଆ ଜନଜୀବନ ନିମନ୍ତେ ଥିଲା ଦାରୁଣ ଦୁଃସ୍ୱପ୍ନ । ଶାସକ ଗୋଷ୍ଠୀର ଅପାରଗତା କାରଣରୁ ଏକ ବିଶାଳ ଜାତି ଚରମ ଦୁଃଖ, ଦୁର୍ଦ୍ଦଶା ଭୋଗ କରିଥିଲା ।

ସମୟାନୁକ୍ରମେ ଊନବିଂଶ ଶତକର ବିଭିନ୍ନ ସମୟରେ ପ୍ରାଚୀନ ଓଡ଼ିଶାର ଅଙ୍ଗଚ୍ଛେଦ ସଙ୍ଗେ ସଙ୍ଗେ ଓଡ଼ିଆଭାଷାର ସ୍ୱାତନ୍ତ୍ର୍ୟ ଲୋପ ଦିଗରେ ସୁଚିନ୍ତିତ ଉଦ୍ୟମ କରାଯାଇଥିବା ଲକ୍ଷ୍ୟ କରିହୁଏ । ୧୮୬୮ ମସିହା ଡିସେମ୍ବର ମାସରେ କଟକ ଡିବେଟିଂ କ୍ଲବ୍‌ରେ ଏକ ଅଭିଭାଷଣ ପ୍ରଦାନ କରି ଐତିହାସିକ ତଥା ପ୍ରତ୍ନତତ୍ତ୍ୱବିତ୍ ରାଜେନ୍ଦ୍ରଲାଲ୍ ମିତ୍ର କହିଥିଲେ ଯେ– "ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବ, ସେ ପ୍ରଥମେ ଓଡ଼ିଆ ଭାଷା ଉଠାଇ ଦେଇ ବଙ୍ଗ ଭାଷା ପ୍ରଚଳନ ପାଇଁ ଚେଷ୍ଟା କରିବ । କାରଣ, ମାତ୍ର କୋଡ଼ିଏ ଲକ୍ଷ ବାସ କରୁଥିବା ଏକ ରାଜ୍ୟରେ ଏକ ସ୍ୱତନ୍ତ୍ର ଭାଷା ରହିଲେ ଉକ୍ତ ଭାଷା – ସାହିତ୍ୟର ଉନ୍ନତି ହେବା ସମ୍ଭବପର ନୁହେଁ ।"[୨] ଓଡ଼ିଆ ଭାଷା ବିଲୋପ ଦିଗରେ ଭିନ୍ନ ଭାଷାଭାଷୀଙ୍କ ଚକ୍ରାନ୍ତ ଜାତୀୟ ଜୀବନରେ ସୃଷ୍ଟି କରିଥିଲା ଘୋର ପ୍ରତିକ୍ରିୟା । ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ନିମନ୍ତେ ବଙ୍ଗବାସୀଙ୍କ ପକ୍ଷରୁ ଉଦ୍ୟମ ତଥା ବାଲେଶ୍ୱର ଭର୍ଣ୍ଣାକୁଲାର ସ୍କୁଲର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ଏ ଜାତିକୁ ଆତ୍ମଜାଗୃତି ଦିଗରେ ପ୍ରରୋଚିତ କରିଥିଲା । ଶିକ୍ଷିତ ଓଡ଼ିଆମାନଙ୍କ ସାମୂହିକ ଉଦ୍ୟମ ଫଳରେ କେବଳ ଏ ଭାଷା ସ୍ୱୀକୃତି ଲାଭ କରିନଥିଲା; ଅନ୍ୟପକ୍ଷରେ ଆତ୍ମଜାଗୃତି ନିମନ୍ତେ ଏହା ଏକ ଉନ୍ନତ କ୍ଷେତ୍ର ପ୍ରସ୍ତୁତ କରିଥିଲା ।

ବସ୍ତୁତଃ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଜନସାଧାରଣଙ୍କ ରୁଚିରେ ପରିବର୍ତ୍ତନ ଆଣିଥିଲା । ଶିକ୍ଷାୟତନରେ ମାତୃଭାଷାରେ ଶିକ୍ଷାଦାନ ଓ ବିବିଧ ପ୍ରକାରର ପାଠ୍ୟପୁସ୍ତକ ଅଧ୍ୟୟନ ଦ୍ୱାରା ସେ ସମୟରେ ଏକ ଶିକ୍ଷିତ ମଧ୍ୟବିତ୍ତ ସମାଜର ସୃଷ୍ଟି ସମ୍ଭବ ହୋଇଥିଲା । ଏଇ ଶିକ୍ଷିତ ମଧ୍ୟବିତ୍ତ ସମାଜ ସେ ସମୟରେ ସାମାଜିକ ପୁର୍ନଗଠନର ନେତୃତ୍ୱ ନେଇଥିଲେ । ସାହିତ୍ୟ କ୍ଷେତ୍ରରେ ନବ୍ୟ ଶିକ୍ଷିତ ଗୋଷ୍ଠୀ ନୂତନତାର ସ୍ୱପ୍ନ ଦେଖିଥିଲେ । ଲୋକମାନଙ୍କ ଚିତ୍ତରେ ଏକ ଅଭିନବ ରୁଚିବୋଧ ଓ ଜୀବନପ୍ରତି ଏକ ନୂତନ ଦୃଷ୍ଟିକୋଣ ବିକାଶଲାଭ କରିଥିଲା । ଏଇ ନୂତନ ରୁଚିବୋଧ ଓ ଦୃଷ୍ଟିକୋଣ ପାଶ୍ଚାତ୍ୟ ଚେତନା ସହ ପ୍ରାଚ୍ୟ ଚେତନାର ସମନ୍ୱୟ ସଂସ୍ଥାପିତ କରି ଆଧୁନିକ ସାହିତ୍ୟ ସୃଷ୍ଟି ନିମନ୍ତେ କ୍ଷେତ୍ରପ୍ରସ୍ତୁତ କରିଥିଲା । ଭାରତୀୟ ସର୍ଜନାଧାରାରେ ଉଭୟ ଆତ୍ମିକ ଓ ଆଙ୍ଗିକ ପରିବର୍ତ୍ତନ ପଥରେ ଯାତ୍ରା ଆରମ୍ଭ କରିଥିଲା । ସଙ୍ଗୀତ, ଛାନ୍ଦ, ଆବୃତ୍ତି ଧର୍ମିତାକୁ ନେଇ ପ୍ରଭାବ ବିସ୍ତାର କରିଥିବା ପଦ୍ୟ ସାହିତ୍ୟ ବଦଳରେ କ୍ରମେ ଗଦ୍ୟ ସାହିତ୍ୟ ମୁଖ୍ୟ ପ୍ରକାଶ ଧାରା ଭାବରେ ଉଭା ହୋଇଥିଲା । ମୁଖ୍ୟତଃ କହିବାକୁ ଗଲେ ଗଦ୍ୟ ସାହିତ୍ୟର ବିକାଶ ହେଉଛି ଆଧୁନିକତାର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ।

ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପାଶ୍ଚାତ୍ୟ ଚେତନାରେ ଆଧୁନିକତାର ସ୍ୱର ଏକ ବସ୍ତୁବାଦୀ ଦୃଷ୍ଟିକୋଣର ବିକାଶ, ସାମାଜିକ ସଂପର୍କର ଶିଥିଳତା, ଆଧ୍ୟାତ୍ମିକ ବିଶ୍ୱାହୀନତାର ଯନ୍ତ୍ରଣା ଓ ପାରମ୍ପରିକ ଜୀବନଚର୍ଯ୍ୟାର ବିଚ୍ୟୁତି ମଧ୍ୟରେ ଆରମ୍ଭ ହୋଇଥିଲା । ପ୍ରାଚ୍ୟ ଜୀବନରେ କିନ୍ତୁ ଆଧୁନିକତା ଓ ସେହି ଦାୟରେ ନୂତନତାର ସ୍ପର୍ଶ ଥିଲା ଭିନ୍ନ ପର୍ଯ୍ୟାୟର ଅନୁଭୂତି । ଏଠାରେ ଅବଶ୍ୟ ଇଂରେଜମାନଙ୍କ ଆଗମନ ଓ ସେହିଧାରରେ ଜାତୀୟ ଜୀବନରେ ଘଟିଯାଇଥିବା ବିଭିନ୍ନ ପରିବର୍ତ୍ତନ ଆଧୁନିକତାର ସୂତ୍ରପାତ କରିଥିଲା । କିନ୍ତୁ ତାହା ପରମ୍ପରାର ଅସ୍ୱୀକୃତ ନୁହେଁ ବରଂ ପରମ୍ପରାର ନବୀକରଣ ଯାହା ନବ ଅନ୍ୱେଷଣ ଦିଗରେ ଥିଲା ଯତ୍ନଶୀଳ ।

ବସ୍ତୁତଃ ଏତିକି କହିଲେ ଯଥେଷ୍ଟ ହେବ ପରମ୍ପରାର ପୃଥିବୀରେ ବଞ୍ଚିଥିବା ମଣିଷ ଆଜିର ମଣିଷଠାରୁ ବହୁ ଭାବରେ ଭିନ୍ନ । ଅତୀତର ମଣିଷ ଥିଲା ଏକ ସରଳ ଉପତ୍ୟକାର ଅଧିବାସୀ । ସାମୂହିକତା ସୂତ୍ରରେ ଆବଦ୍ଧ ଏହି ମଣିଷ ପାଇଁ ସୌଭାଗ୍ୟ ଥିଲା ସାମୂହିକ । କୃଷିଭିତ୍ତିକ ସଭ୍ୟତାରେ ବିଶ୍ୱାସୀ ପ୍ରାଚୀନ ମଣିଷ ପାଇଁ ଜୀବନ ଥିଲା ବିକାଶର ଏକ ସୋପାନ । ପ୍ରାରବ୍ଧ କର୍ମରେ ବିଶ୍ୱାସ କରୁଥିବା ମଣିଷ ଜନ୍ମମୃତ୍ୟୁର ସୀମିତ ପରିବେଶ ମଧ୍ୟରେ ଜୀବନକୁ ଅବସ୍ଥାପିତ କରିନଥିଲା । ପ୍ରାଚୀନ ମଣିଷ ପାଇଁ ମୃତ୍ୟୁ ଥିଲା ଏକ ନୂତନ ଜୀବନର ପ୍ରସ୍ତୁତିକ୍ଷେତ୍ର । ଆଧୁନିକ ମଣିଷ କିନ୍ତୁ ଏହି ଚେତନାଠାରୁ ବହୁଭାବରେ ଭିନ୍ନ । ସମୟର ଧାରାରେ ଆଜି ପୃଥିବୀ ବହୁଭାବରେ ପରିବର୍ତ୍ତିତ । ବ୍ୟକ୍ତି ଆପଣାର ଜ୍ଞାନ ବଳରେ ବହୁ ଅସାଧ ସାଧନ କରିବା ସହିତ ସମଗ୍ର ବିଶ୍ୱକୁ ଅନୁଧ୍ୟାନ କରିବାର ଶକ୍ତି ସଂଗ୍ରହ କରିପାରିଛି । ପରମ୍ପରାର ରୂପଚିତ୍ର ବଦଳିଛି ଏବଂ ବଦଳିଛି ମଧ୍ୟ ଜୀବନକୁ ବୁଝିବାର ଦୃଷ୍ଟିଭଙ୍ଗୀ । ଦିନେ ଦେବଶିଶୁ ଭାବେ ସୃଷ୍ଟିର ଶ୍ରେଷ୍ଠତ୍ୱ ଦାବି କରୁଥିବା ମଣିଷ ଡ଼ାରଉଇନ୍‌ଙ୍କ 'ବିବର୍ତ୍ତନବାଦ' ତତ୍ତ୍ୱବଳରେ ମର୍କଟର ବଂଶଧରରେ ରୂପାନ୍ତରିତ ହୋଇଛି । ମାର୍କସଙ୍କ 'ସମାଜବାଦ', ଫ୍ରଏଡଙ୍କ 'ଯୌନତତ୍ତ୍ୱ', ଆଇନଷ୍ଟାଇନ୍‌ଙ୍କ 'ଆଣବିକ ତତ୍ତ୍ୱ'; ଯୁଗ ଓ ଜାତିର ଚେତନାରେ ତୋଳିଛି ଅଭୂତପୂର୍ବ ପରିବର୍ତ୍ତନ । ନବ୍ୟ ଐତିହାସିକ ଅତୀତକୁ ଏକ ନୂଆ ଆଖି ନେଇ ଦେଖିବାର ଖୋରାକ୍ ଯୋଗାଇଛି । ଏକଦା ଚିହ୍ନା ଅଚିହ୍ନା ଉପତ୍ୟକାର ସମାହାର ଭାବରେ ପରିକଳ୍ପିତ ବିଶ୍ୱ ଆଜି କ୍ରମଶଃ ସଂକୁଚିତ ହୋଇପଡ଼ିଛି । ପୃଥିବୀର କୋଣଅନୁକୋଣରେ ଘଟିଯାଉଥିବା ଘଟଣା ପ୍ରଯୁକ୍ତିବିଦ୍ୟା ଦ୍ୱାରା ମୁହୂର୍ତ୍ତକରେ ଆମ ବିଚାରଧାରାକୁ ପ୍ରଭାବିତ କରୁଛି । ମୁକ୍ତ ଅର୍ଥନୀତି ଏବଂ ଜଗତୀକରଣର ରାହୁଗ୍ରାସରେ ଆଜିର ଜୀବନ ସଂପୂର୍ଣ୍ଣଭାବେ କବଳିତ । ଗତାନୁଗତିକ ଧାରାରେ ଗଢ଼ିଆସୁଥିବା ମହାଭାରତୀୟ ପରମ୍ପରା ଇଂରେଜମାନଙ୍କ ଆଗମନ ପରବର୍ତ୍ତୀ ସମୟରେ ପରିବର୍ତ୍ତନ ଦିଗରେ ପାଦ ଥାପିଛି । ଇଂରେଜମାନଙ୍କ ଭାରତ ଅଧିକାର ରାଜନୈତିକ ଦୃଷ୍ଟିରୁ କେବଳ ଗୁରୁତ୍ୱ ନୁହେଁ, ଏହା ପାରମ୍ପରିକ, ଆଧ୍ୟାତ୍ମିକ, ସାମାଜିକ, ଅର୍ଥନୈତିକ, ନୈତିକ ଆଦି ସ୍ତରରେ ଆଣିଛି ଅପୂର୍ବ ପରିବର୍ତ୍ତନ ।

ପରମ୍ପରା ଓ ଆଧୁନିକତା ସଂପର୍କରେ ଆଲୋଚନା କଲାବେଳେ ସ୍ୱତଃ ଆଲୋଚକ ସ୍ତବ୍ଧ ଚକିତ ହୋଇଥାଏ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ ଆଧୁନିକତା ଭିନ୍ନ ଭିନ୍ନ କ୍ଷେତ୍ରକୁ ଆଧାର କରି ଗଢ଼ି ଉଠିଛି । କହିବାର ଲକ୍ଷ୍ୟ ହେଲା ସଭ୍ୟତାର ଆଦ୍ୟ ପର୍ଯ୍ୟାୟରୁ 'ଅନ୍ୱେଷଣ'ର ଧାରାରେ ପ୍ରାଚ୍ୟମାନବ ଗଢ଼ିଛି ପରମ୍ପରା । ଏହା ଆଧିଭୌତିକତାରୁ ବାସ୍ତବ ସ୍ତରକୁ ଆସିଲା ବେଳକୁ ମନୁଷ୍ୟର ଯାତ୍ରାପଥ ଭିନ୍ନ ମନେ ହୋଇଛି । ତେଣୁ ମାଧବ ବନ୍ଦନାରୁ ମାନବ ବନ୍ଦନା ପ୍ରାଚ୍ୟ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଅନ୍ୟପକ୍ଷରେ ପାଶ୍ଚାତ୍ୟ ଦୃଷ୍ଟିକୋଣରେ ଭୌତିକ ବିକାଶର ପରିଣତି ସ୍ୱରୂପ ସାମାଜିକ ବିଚ୍ୟୁତି ହୋଇଛି ଆଧୁନିକ ମାନବର କ୍ଷେତ୍ର । ତେଣୁ ଯୁଗ ଓ ଜାତିର ମାନସିକତାକୁ ଆଧାର କରି ଏହାର ରୂପକୁ ଅନୁଧ୍ୟାନ କରାଯାଇପାରେ ।

ଏ ପରିପ୍ରେକ୍ଷୀରେ କହିରଖେ ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ସତତ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶିଳ୍ପୀ ଆପଣାର ସର୍ଜନା କର୍ମରେ ଅପରୂପ କୌଶଳ ପ୍ରଦର୍ଶନ କଲାଭଳି; କୃଷକ ନିଥର ମୃତ୍ତିକାକୁ ସବୁଜ ଶ୍ୟାମଳିମାରେ ପୂର୍ଣ୍ଣ କଲାଭଳି ଶବ୍ଦମାନଙ୍କୁ ସ୍ରଷ୍ଟା ତା' ସୃଷ୍ଟି କର୍ମରେ ପୁଞ୍ଜି କରି ଶୈଳୀ ମାଧ୍ୟମରେ ପାଠକମାନଙ୍କ ନିକଟରେ ଉପସ୍ଥାପିତ କରିଥାଏ । ଯଥାର୍ଥରେ ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍‌ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ଏହା ମାନବ ମନର ସୂକ୍ଷ୍ମଚେତନାକୁ ସ୍ପନ୍ଦିତ କରିଥାଏ ।

ବସ୍ତୁତଃ କହିବାକୁ ଗଲେ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ । ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ । ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟିଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । ଲକ୍ଷ୍ୟକଲେ ଜଣାଯାଏ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାଙ୍କୁ ଉଦ୍‌ବେଳିତ କରିଥାଏ; ତା'ର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ ।

ପରିଶେଷରେ କହିରଖେ 'ଆଧୁନିକ' ଶବ୍ଦଟି ଏକ ଆପେକ୍ଷିକ ଶବ୍ଦ । ପୁରାତନ ବେଷ୍ଟନୀ ଭିତରୁ ମୁକ୍ତିଲାଭ କରି ଏକ ନୂତନ ବାତାବରଣ ମଧ୍ୟରେ ମୌଳିକ ଦୃଷ୍ଟିଭଙ୍ଗୀକୁ ଅଭିନବ ଢ଼ଙ୍ଗରେ ପ୍ରକାଶ କରିବା ହେଉଛି 'ଆଧୁନିକତା' । ଏହି ପରିପ୍ରକାଶ ଯୁଗୀୟ ଅଭିରୁଚିକୁ ନୂତନ ଚିନ୍ତାଧାରାରେ ସମନ୍ୱିତ କରି ରୂପାୟିତ କରିଥାଏ । ପରମ୍ପରାରୁ ଭିନ୍ନ ଅଥଚ ପାରମ୍ପରିକ ମୂଲ୍ୟବୋଧର ଅନୁରଣନରେ ଅନୁରଣିତ ହୋଇଥାଏ ଏହି ଅଭିବ୍ୟକ୍ତି । ତେଣୁ ଐତିହ୍ୟଚ୍ୟୁତ ବା ପରମ୍ପରାଠାରୁ ବିଚ୍ଛିନ୍ନତା ଆଧୁନିକତା ନୁହେଁ । ପ୍ରକୃତପକ୍ଷେ କହିବାକୁ ଗଲେ-

"ଆଧୁନିକତା ହେଉଛି ଏକ ଚେତନା । ଆଲୋକ ଦିଗକୁ, ଅନ୍ୱେଷାର ମାର୍ଗକୁ ମାନବର ଜୟଯାତ୍ରାର କାହାଣୀ ହେଉଛି ଆଧୁନିକତାର ପରମ୍ପରା । ପୃଥିବୀର ପ୍ରଥମ ସକାଳରେ, ପ୍ରଥମ ମଣିଷଟିଏ ଆଲୋକକୁ ଦେଖି, ଆକାଶକୁ ଦେଖି, ମାଟି, ଜଳ, ବାୟୁକୁ ଅନୁଭବ କରି ଯେଉଁ ପ୍ରଶ୍ନିଳ ମନରେ ସମାଧାନ ନିମନ୍ତେ ବ୍ୟାକୁଳ ହୋଇଛି, ସତ୍ୟ ପ୍ରତି ଅନୁରକ୍ତି ପ୍ରଦର୍ଶନ କରିଛି; ସେହି ମୁହୂର୍ତ୍ତରୁ ହିଁ ଆଧୁନିକ ଦିଗକୁ ଯାତ୍ରାର ପଥ ଉନ୍ମୁକ୍ତ ହୋଇପଡ଼ିଛି । ତେଣୁ ଆଧୁନିକତା ଏକ ନବୀନତମ ଅଭିବ୍ୟକ୍ତି ନୁହେଁ । ଅତୀତରୁ ମୁକ୍ତି, ଗତାନୁଗତିକାର ନିର୍ମୋକ ପରିତ୍ୟାଗର କଥା ନୁହେଁ । ଆଧୁନିକତା ହେଉଛି ଏକ ପରମ୍ପରା ଯାହା ଆବଦ୍ଧତାରୁ ମୁକ୍ତି ଦିଗକୁ ମାନବର ଯାତ୍ରାପଥକୁ ଚିହ୍ନିତ କରିଥାଏ ।"[୩] ତେଣୁ ଆଧୁନିକତା କୌଣସି ନିର୍ଦ୍ଦିଷ୍ଟ ସମୟ ଖଣ୍ଡର ଦ୍ୟୋତନା ନୁହେଁ । ବସ୍ତୁତଃ ଆଧୁନିକତା ହେଉଛି ଏକ ମାନସିକ ବିପ୍ଳବ । ଅନ୍ୱେଷା ହିଁ ହେଉଛି ଏହି ଆଧୁନିକ ଚେତନାର ମୁଖ୍ୟଆଧାର । ଆଧୁନିକତା ଏକ ସ୍ୱୟଂସଂପୂର୍ଣ୍ଣ ଚେତନା ନୁହେଁ । ବ୍ୟକ୍ତିର ଐତିହ୍ୟ, ପରମ୍ପରା ଆଧାରରେ ବିଶ୍ୱାସ ଓ ଜୀବନଧାରାକୁ ଆବୋରି ନେଇ ଏହା ଗତିଶୀଳ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ଚିତ୍ତରଞ୍ଜନ, ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୧୯୮୧, ପୃ.୩

୨. ମହାନ୍ତି, ପ୍ରସନ୍ନ କୁମାର, ଓଡ଼ିଆ ସାହିତ୍ୟର ଇତିହାସ, ଆଦ୍ୟପ୍ରୟାଶ, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ୨୦୦୭, ୪୮

୩. ପଟ୍ଟନାୟକ ଦେବୀପ୍ରସନ୍ନ, ନୂଆ ମଣିଷର ଛବି ଓ ଅନ୍ୟାନ୍ୟ ପ୍ରବନ୍ଧ, ପ୍ରତୀଚି ପ୍ରକାଶନ, ବ୍ରହ୍ମପୁର, ୨୦୦୩, ପୃ.୫


❖ ❖ ❖

DOI : https://doi.org/10.5281/zenodo.14915058 ମୂଳ ପ୍ରବନ୍ଧ

# 'ବୁଲାଦାସ' - ସାମାଜିକ ଚରିତ୍ରର ଅନନ୍ୟ ରୂପକାର

**ଜ୍ୟୋତିରଞ୍ଜନ ମହାନ୍ତି**

**ସଂକ୍ଷିପ୍ତସାର :**

ପ୍ରତି ଜୀବନର ଅଭିଳକ୍ଷିତ ଲକ୍ଷ୍ୟ -ସୁଖ ପ୍ରାପ୍ତି। ଏଇ ସୁଖ ପ୍ରାପ୍ତି ପାଇଁ ତମାମ ଜୀବନ ମଣିଷ ସଂଘର୍ଷ କରେ। ଏ ସଂଘର୍ଷର ପଥ ସବୁବେଳେ ସୁଗମ ନଥାଏ। ଏଇ ପ୍ରଲମ୍ବିତ ରାସ୍ତାର ପ୍ରସ୍ଥେପ୍ରସ୍ଥେ ମଣିଷ ଭେଟେ ଅନେକ ଚରିତ୍ର ଓ ଘଟଣାକୁ। ଯେଉଁ ଚରିତ୍ର ଓ ଘଟଣାସବୁ ତାକୁ ଦେଇଥାନ୍ତି କେତେକେତେ ଅସରନ୍ତି ବିପର୍ଯ୍ୟୟ ତ ଆଉ କେତେବେଳେ ସାମାନ୍ୟ ସନ୍ତୋଷ। ବୁଲା ଦାସର ଅନ୍ତହୀନ ସଂଘର୍ଷ, ସଂଗ୍ରାମ ପଥରେ ପ୍ରତାରଣା ଓ ତା ଜୀବନର ଅନ୍ତିମ ପରିଣତିର ଏକ କାରୁଣ୍ୟଭରା କଥାରୂପକୁ ଆଧାର କରି ରଚିତ ଔପନ୍ୟାସିକ ଶରତ କୁମାର ସାହୁଙ୍କ 'ବୁଲାଦାସ' ଉପନ୍ୟାସ।

**ପ୍ରମୁଖ ଶବ୍ଦାବଳୀ :**

ଏକ, କାରୁଣ୍ୟଭରା, କଥାରୂପ, ବୁଲାଦାସ, ଉପନ୍ୟାସ।

ଅସହାୟତାର ଦୁର୍ଲଂଘ୍ୟ ପ୍ରାଚୀରକୁ ଡେଇଁଯିବା ପାଇଁ ମଣିଷର ସମଗ୍ର ଜୀବନକାଳ ମଧ୍ୟ ସମର୍ଥ ହୋଇପାରେନା । ପରିସ୍ଥିତି ଉପରେ ବିଜୟପ୍ରାପ୍ତିର କରୁଣ ଜୀବନପ୍ରବାହ ଏବଂ ଶେଷରେ ମୃତ୍ୟୁ ହୁଏ ତା'ର । ଔପନ୍ୟାସିକ ଶରତ ସାହୁଙ୍କ ଉପନ୍ୟାସ 'ବୁଲାଦାସ' ସଚେତନ ମଣିଷର ଅସାବଧାନତାରୁ ଉତ୍ପନ୍ନ ଏକ ଭୟଙ୍କର ଚିତ୍ରାୟନ ।

'ବୁଲାଦାସ' (୨୦୨୪) ଔପନ୍ୟାସିକ ଶ୍ରୀଯୁକ୍ତ ଶରତ କୁମାର ସାହୁଙ୍କ ନବମ ଉପନ୍ୟାସ । ଔପନ୍ୟାସିକଙ୍କ ପ୍ରଥମ ଉପନ୍ୟାସ 'ଭୋର ଆକାଶ' (୨୦୧୫) - ଜଣେ ସଂଘର୍ଷରତା ଯୁବତୀକୁ ନେଇ ଗତିଶୀଳ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ତାଙ୍କର ଏକ ପ୍ରୟାସ ଫୁଟିଉଠିଛି ଏଥିରେ । ଦ୍ୱିତୀୟ ଉପନ୍ୟାସ 'ଦର୍ଜିର ଝିଅ' (୨୦୧୬) - ଏ ଉପନ୍ୟାସରେ ଜାତି, ଧର୍ମଭତ୍ତିକ ସାମାଜିକ ବ୍ୟବସ୍ଥାର ଚିତ୍ରାୟନ କରିବାକୁ ଯାଇ ସେ ପ୍ରୟାସ କରିଛନ୍ତି ଚରିତ୍ର ମାଧ୍ୟମରେ ମାନବିକତାର ଛାପ ଛାଡ଼ିଦେବା ପାଇଁ ।

'କଳାପୁରୁଷ' (୨୦୧୭) - ଏ ଉପନ୍ୟାସରେ ସେ ଏକ ନିଛକ, ସତ୍ୟନିଷ୍ଠ ଜୀବନ ଦର୍ଶନକୁ ଉପଜୀବ୍ୟ କରି, ଚରିତ୍ରର ସୂକ୍ଷ୍ମ ବ୍ୟବଚ୍ଛେଦ କରିଛନ୍ତି । ଦେହର ଦେହଳିରେ ମଣିଷର ଅନ୍ତଃସତ୍ତାକୁ ଖୋଜୁଥିବା ଏହା ଏକ ବୈଚିତ୍ର୍ୟପୂର୍ଣ୍ଣ ଉପନ୍ୟାସ । ଔପନ୍ୟାସିକଙ୍କ ସୃଜନ ଯାତ୍ରାପଥରେ ଏକ ସଫଳ ଫଳଶ୍ରୁତି ହେଉଛି ତାଙ୍କର ଚତୁର୍ଥ ଉପନ୍ୟାସ 'ମୋ ବୋଉ' (୨୦୧୮) । ଏ ଉପନ୍ୟାସରେ ସେ ଆଇମା କାହାଣୀ ଓ ଆଳିମାଳିକା ଗଳ୍ପ କଥନ ପରଂମ୍ପରାକୁ ଭାଙ୍ଗି କାହାଣୀ ଓ ଚରିତ୍ରକୁ ନୂଆ ଦିଗ ଓ ଦିଶା ଦେବାରେ ତାଙ୍କର ପାରଦର୍ଶିତା ପ୍ରମାଣିତ କରିଛନ୍ତି । 'ଅଗ୍ନିସ୍ନାନ' (୨୦୧୯)ରେ ଦେହ ଦହନର ଗହନ କଥା ଫୁଟିଉଠିଛି । ଶରତ ସାହୁଙ୍କ ଉପନ୍ୟାସର ପରିକ୍ରମାରେ ଚରିତ୍ରର ଚିତ୍ରକଳା ଭିତର କଥନର ସୂକ୍ଷ୍ମ ଆବେଦନଟି ପରିଦୃଷ୍ଟ । ଏଇ ଉପନ୍ୟାସ ତାଙ୍କର ଚିତ୍ର ନିର୍ମାଣର ଏକ ଔଜଲ୍ୟମୟ ଫର୍ଦ୍ଦ । 'ମୃଣ୍ମୟୀ' (୨୦୨୦) ମଧ୍ୟ ଏକ ଅସାଧାରଣ ରୂପ କଥନ । ସମାଜର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
|---|---|
| | DOI: https://doi.org/10.5281/zenodo.14915058 Article No - BPP00268 |

**ଯୋଗାଯୋଗ :**
**ଜ୍ୟୋତିରଞ୍ଜନ ମହାନ୍ତି,** ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ବହୁଗ୍ରାମ ଜୁନିଅର କଲେଜ, ବହୁଗ୍ରାମ, କଟକ
**Email:** jyotimohanty1993@gmail.com
**ORCID ID:** https://orcid.org/0009-0008-1691-9229

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, ଜ୍ୟୋତିରଞ୍ଜନ, ୨୦୨୫। 'ବୁଲାଦାସ' - ସାମାଜିକ ଚରିତ୍ରର ଅନନ୍ୟ ରୂପକାର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଟ, ପୃଷ୍ଠା :୫୧-୫୫।

ଜାତି ବ୍ୟବସ୍ଥା ଉପରେ ଏହା ଏକ କୁରାଢ଼ି ଚୋଟ । ମୁଣ୍ଣୟୀ ଉପନ୍ୟାସ ଶରତ ସାହୁଙ୍କ ଏକ ଆବେଗିକ ଆବେଦନ ଯାହାକୁ ପାଠକଲେ ପାଠକର ମର୍ମସ୍ଥଳକୁ ଭେଦ କରେ । ଏଇ କ୍ରମରେ ତାଙ୍କ 'ଆହୁତି' (୨୦୨୪) ଓ 'ନୀଳ ଜନ୍ମର ଆକାଶ' (୨୦୨୪) ମଧ୍ୟ ସମାଜ ବ୍ୟବସ୍ଥା ଓ ବ୍ୟକ୍ତି ଚରିତ୍ରର ରୂପ କଥା ।

ବିଷୟବସ୍ତୁକୁ ଆସିବା ପୂର୍ବରୁ ଔପନ୍ୟାସିକଙ୍କ ଜୀବନ ସଂଘର୍ଷ ଉପରେ ମଧ୍ୟ ରେଖାପାତ କରିବାକୁ ଏଇ ଲେଖକ ସମୀଚୀନ ମନେ କରୁଛି । ଔପନ୍ୟାସିକ ଶ୍ରୀଯୁକ୍ତ ଶରତ କୁମାର ସାହୁ ଭିନ୍ନ ବୃତ୍ତିରେ ଥାଇ ମଧ୍ୟ ତାଙ୍କର ସାହିତ୍ୟପ୍ରାଣତା ତଥା ତାଙ୍କର ସାରସ୍ୱତ ବୈଶିଷ୍ଟ୍ୟତାକୁ ଦେଖିଲେ କେହି ଜଣେ ତଟସ୍ଥ ହୋଇ ଯାଇଥାଏ । ଐତିହ୍ୟସମ୍ପନ୍ନ ଯାଜପୁର ଜିଲ୍ଲା, ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ମଲିଆ ଫତେପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀଯୁକ୍ତ ସାହୁଙ୍କ ପିଲାଦିନ ଅତି ବୈଚିତ୍ର୍ୟମୟ ବୋଲି ମନେହୁଏ । ଅତ୍ୟନ୍ତ ଗରିବ ପରିବାରର ଜନ୍ମଗ୍ରହଣ କରିଥିବା ଏଇ ଔପନ୍ୟାସିକ ଆଦୌ ପାଠପଢ଼ା ପ୍ରତି ମନୋନିବେଶ କରିପାରିନଥିଲେ । ବରଂ ପ୍ରକୃତି ସହ ତାଙ୍କର ଚପଳ ଶୈଶବ ଖେଳକୁଦରେ ସମୟ ଅତିବାହିତ କରି ଚାଲିଥିଲା । ବାପା କଲିକତାରେ କୌଣସି ଏକ କାରଖାନାରେ ଥିଲେ ଜଣେ ଶ୍ରମିକ, ଘରେ ନିରକ୍ଷର ମା' ଏବଂ ଛୋଟ ଛୋଟ ଭାଇଭଉଣୀ । ଔପନ୍ୟାସିକଙ୍କ ଫେସ୍‌ବୁକ୍‌ରେ ଏକ ସମୟରେ ପୋଷ୍ଟ ହେଉଥିବା – 'ଜଣେ ବୋକା ଲୋକର ଜୀବନ ଚରିତ'କୁ ଲକ୍ଷ୍ୟ କଲେ ତାଙ୍କର ଶୈଶବ ଓ କିଶୋର ଅବସ୍ଥା ଆଦୌ ପାଠପଢ଼ା ପ୍ରତି ଉପଯୋଗୀ ନଥିଲା ବୋଲି ଜାଣି ହୁଏ । ଅଭାବ, ଅନଟନ ମଧ୍ୟରେ ସେ ଗତି କରିଆସିଥିଲେ । ଯାହା ଜଣାଯାଏ ତାଙ୍କର ମାମୁଘର ରାଜକନିକା ଅଞ୍ଚଳରେ ଥିବାରୁ ସେ ତାଙ୍କର ଗଳ୍ପ ଉପନ୍ୟାସରେ ଏଇ ଅଞ୍ଚଳର ଖୁବ୍ ନିଖୁଣ ଭାବେ ଚିତ୍ରାୟନ କରିଆସିଛନ୍ତି । ଖରସ୍ରୋତା ନଈ ଓ ତାଳତମାଳ ଘେରା ଗାଁ-ଗଣ୍ଡା, ଧୂସର ବିଲ-ପ୍ରାନ୍ତର, ଧୁ-ଧୁ ପାଟ ଓ ଗହମାଗୋଖର ଇତ୍ୟାଦି ବର୍ଣ୍ଣନା ତାଙ୍କ ଗଳ୍ପ ଉପନ୍ୟାସର ପ୍ରସ୍ଥେ ପ୍ରସ୍ଥେ ଦେଖିବାକୁ ମିଳିଥାଏ । ଏଯାବତ୍ ସଂଘର୍ଷରତ ଔପନ୍ୟାସିକଙ୍କ ଜୀବନଧାରା ଏକ ଅଦ୍ଭୁତ ଓ ବିରୋଧାଭାଷାରେ ଗତିଶୀଳ ବୋଲି ମନେହୁଏ ।

ବିଶ୍ୱରେ ଯଦି କେହି ଶକ୍ତିଶାଳୀ ଥାଏ ତାହା ହେଉଛି ସମୟ । ଏକଦା ଅର୍ଜୁନ ଶ୍ରୀକୃଷ୍ଣଙ୍କଠୁ ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ଜ୍ଞାନ ଆହରଣ କରିବାକୁ ଯାଇ ଏଇ ଶିକ୍ଷା ପ୍ରାପ୍ତ ହୋଇଥିଲେ । ସମୟଠୁଁ ବଳିୟାନ କେହି ନୁହେଁ । ସମୟ ସମସ୍ତଙ୍କର ପରୀକ୍ଷା ନିଏ । ସମୟର ମାପକାଠିକୁ ଯିଏ ପରଖି ନେଇଛି; ସେ ଜୀବନକୁ ନେଇ ଝୁମିଛି; ତାକୁ ସମୟ ଆନନ୍ଦ ଦେଇଛି ସଫଳତା ଦେଇଛି ଏବଂ ଦେଇଛି ଅନେକ ଉପଲବ୍ଧି । ଯିଏ ସମୟକୁ ହେୟଜ୍ଞାନ କରି ସମୟର ସଂଜ୍ଞାକୁ ବୁଝିନାହିଁ ଏବଂ ଧୈର୍ଯ୍ୟ ନିକଟରେ ତା'ର ଅଭାବବୋଧ; ତାକୁ ସମୟ ପରୀକ୍ଷା ବଳରେ ଦେଇଛି ଦୁଃଖ, ଯନ୍ତ୍ରଣା ଓ ଏପରିକି ଜୀବନର କଣ୍ଟକିତ ଦୁର୍ଦ୍ଦଶା ପଥରେ ସମୟ ତାକୁ ଛନ୍ଦି ଦେଇଥାଏ । ଏଇ ସମୟର ଚକ୍ରବ୍ୟୂହରେ ପେଶି ହୋଇଯାଇଛି ଉପନ୍ୟାସର ନାୟକ 'ବୁଲାଦାସ' । ପ୍ରଥମରୁ ବିଶ୍ୱସ୍ତ, ସଚ୍ଚୋଟ, ଦରଦୀ ବୁଲାଦାସ ପରବର୍ତ୍ତୀ ସମୟରେ ତା' ମାନସିକ ଓ ଚେତନା ଜଗତରେ ଘଟାଇଛି ଦାରୁଣ ବିପର୍ଯ୍ୟୟ, ତେଲଲୁଣର ସଂସାର ଭିତରେ ତା'ର ଗଣିତ ଫେଲ୍ ମାରିଛି । ପୁଅଝିଅଙ୍କ ପାଠପଢ଼ା ଏବଂ ଝିଅର ବାହାଘର ପାଇଁ ଆବଶ୍ୟକ ଅର୍ଥକୁ ସେ ଚିନ୍ତାକଲାବେଳେ ତା'ର ମୁଣ୍ଡ ବିଗିଡ଼ି ଯାଇଛି । ତା'ର ସ୍ୱଳ୍ପ ନାମକୁ ମାତ୍ର ରୋଜଗାର ଆଦୌ ଏ ସବୁ ପାଇଁ ଯଥେଷ୍ଟ ନୁହେଁ । ତେଣୁ ସେ ଦ୍ୱନ୍ଦ୍ୱରେ ପଡ଼ିଛି ଏବଂ ଏଇ ଗଣିତର ସମାଧାନ ପାଇଁ ସେ ଅଣ୍ଟାଭିଡ଼ିଛି । ସ୍ତ୍ରୀକୁ, ପୁଅଝିଅକୁ ଭଲ ପାଉଥିବା ବୁଲାଦାସ ପରବର୍ତ୍ତୀ ସମୟରେ ଏଇମାନଙ୍କ ପାଇଁ ମାଲିକ ଘରେ ତା'ର କର୍ତ୍ତବ୍ୟକୁ ଛଳନାପୂର୍ଣ୍ଣ କରିଛି । ଔପନ୍ୟାସିକ ଏଇ କ୍ରମରେ ଆଦୌ ବୁଲାଦାସକୁ ନିନ୍ଦା କରିନାହାନ୍ତି । ମଣିଷ ଅସୁବିଧାର ସମ୍ମୁଖୀନ ହୋଇ ଖରାପ ବାଟଟିକୁ ଆପଣେଇ ନିଏ – ତାହା ହିଁ ଘଟିଛି ବୁଲାଦାସ ଜୀବନରେ । ପରିବାରର ସ୍ତ୍ରୀ, ପୁଅ, ଝିଅଙ୍କ ଆବଶ୍ୟକତା ମେଣ୍ଟେଇବାକୁ ଯାଇ ବୁଲାଦାସ ୨୩ ବର୍ଷର ବିଶ୍ୱାସକୁ ତା'ର ମାଲିକ ନିକଟରେ ହରେଇଛି ଏବଂ ହରେଇଛି ତା'ର ସଚ୍ଚୋଟପଣିଆକୁ । ପରେ ବିପଥଗାମୀ ବୁଲାଦାସ ମନରେ ପୁନଶ୍ଚ ଉତ୍ତରଣ ଘଟିଛି । ସେଇ ଉତ୍ତରଣଟି ହେଉଛି – ସେ ଅନୁଭବ କରିଛି ତା'ର କର୍ମରେ ଲାଗିଥିବା କଳା ଦାଗଟିକୁ । ସେ ମାଡ଼ ଖାଇଛି, ଅକଥନୀୟ କଥା ଶୁଣିଛି, ଦରିଦ୍ରତର ଜୀବନକୁ ଆପଣେଇଛି । ତା'ର ଶରୀର ଜୀର୍ଣ୍ଣଶୀର୍ଣ୍ଣ ହୋଇଛି । ତଥାପି ସେ ସମାଜର ଓ ମଣିଷପଣିଆର ମୂଲ୍ୟବୋଧକୁ ବୁଝିଛି । ବୁଝିଛି ମଧ୍ୟ ତା'ର ସ୍ତ୍ରୀର ପରବର୍ତ୍ତୀକାଳୀନ ମାୟାଜାଲକୁ । ସେ ନିଜକୁ ଧିକ୍କାର କରିଛି ଏବଂ ତାକୁ ଚତୁର୍ଦ୍ଦିଗ ଅନ୍ଧକାର ଦିଶିଛି । ତା' କର୍ମରେ ଲାଗିଥିବା କଳାଦାଗ ତାକୁ ଅସହ୍ୟ ମନେହୋଇଛି । ସେ ନିଜର ସତ୍ତାକୁ ଖୋଜିଛି ଓ ଖୋଜି ପାଇଛି ମାନବିକତାରେ ଛଳଛଳ ତା'ର ମାଲିକ ନରହରି ଶୁକ୍ଳ ଓ ସର୍ବହରା ମଣିଷ ରିକ୍ସାବାଲା, ତା'ର ବୁଢ଼ୀମାକୁ ।

ଗ୍ରାମର ଜଣେ ସରଳ ଦରିଦ୍ର ମଣିଷ ବୁଲାଦାସ । ସେ ବିବାହ କରିଛି କମଳାକୁ । ତା'ର ଦୁଇଟି ସନ୍ତାନ କହିଲେ ପୁଅ ରତନ ଓ ଝିଅ ମଞ୍ଜୁ । ଛୋଟିଆ ସଂସାରଟିଏ ହେଲେ ମଧ୍ୟ ବୁଲାଦାସ ଭଲ ପାଇଛି ତା'ର ପ୍ରାଣପ୍ରୀୟା ସ୍ତ୍ରୀ ଓ ପିଲାଙ୍କୁ । ତାଙ୍କୁ ନେଇ ମନରେ ବାନ୍ଧିଛି ସେ ମେଞ୍ଚା ମେଞ୍ଚା ସ୍ୱପ୍ନ । ଏପାଇଁ ପ୍ରେରିତ କରିଛି ତା'ର ସ୍ତ୍ରୀ କମଳା । ବୁଲାଦାସ ଜୀବିକାନିର୍ବାହ ନିମନ୍ତେ ସୁଦୂର ଅହମ୍ମଦାବାଦର ଜନୈକ ଧନୀ ବ୍ୟକ୍ତି ନରହରି ଶୁକ୍ଳାଙ୍କ ଘରେ ଚାକିରି କରିଛି । ନରହରି ବାବୁ ଜଣେ ଭଦ୍ର ବ୍ୟକ୍ତି; ଉଦାର, ସମାଜନିଷ୍ଠ ବ୍ୟକ୍ତି ଅଟନ୍ତି । ହୀରା ବ୍ୟବସାୟ କରି ନରହରିବାବୁ ସମାଜରେ ବେଶ୍ ପ୍ରତିଷ୍ଠିତ ।

ସେ ବ୍ୟବସାୟୀ ହୋଇ ମଧ୍ୟ ତାଙ୍କ ନିକଟରେ ମାନବିକତାର ଅଭାବ ନାହିଁ । ସେ ବୁଲାଦାସକୁ ନିଜର ଜଣେ ପରିବାରର ସଦସ୍ୟ ରୂପେ ଗ୍ରହଣ କରନ୍ତି ଏବଂ କିଛି ବର୍ଷ ବ୍ୟବଧାନରେ ବୁଲାଦାସ ତାଙ୍କ ନିକଟରେ ହୋଇଯାଇଛି ଅତ୍ୟନ୍ତ ବିଶ୍ୱାସର ପାତ୍ର । ନରହରିବାବୁ ବୁଲାଦାସର କର୍ମରେ ମୋହିତ ହୋଇ ସବୈତନିକ ଏକ ମାସଛୁଟି ଦେଇ ତାକୁ ଘରକୁ ପଠାନ୍ତି । ସାମାନ୍ୟ କୌଣସି ଅସୁବିଧା ବେଳେ ସେ ବୁଲାଦାସକୁ ଅଗ୍ରୀମ ଅର୍ଥ ପ୍ରଦାନ କରିଥାନ୍ତି । ଏପରି ମାଲିକ ପାଇ ବୁଲାଦାସ ନିଜକୁ ବେଶ୍ ଭାଗ୍ୟବାନ ମନେକରିଛି । ତେଣୁ ଏହି ପରିପ୍ରେକ୍ଷୀରେ ଔପନ୍ୟାସିକ ଉପନ୍ୟାସରେ ଚିତ୍ରକଳ୍ପ ମାଧ୍ୟମରେ ସୂଚେଇ ଦେଇଛନ୍ତି ଯେ – "ମଣିଷ ଯେତେବେଳେ ହସୁଥାଏ, ଆକାଶ ସେତିକିବେଳେ ହସେ । ମଣିଷ ଯେତେବେଳେ କାନ୍ଦୁଥାଏ, ଆକାଶ ମଧ୍ୟ କାନ୍ଦୁରା ହୋଇଉଠେ । ମଣିଷକୁ ଯେତେବେଳେ ସଂସାର-ନିଶା ଘାରେ, ଆକାଶ ମଧ୍ୟ ଝୁଲିପଡ଼େ ତା'ର ମଥା ଉପରେ । ଆକାଶ ଯେତେବେଳେ ଝୁଲିପଡ଼େ ତା' ମଥା ଉପରେ, ସେ ନିଶାଗ୍ରସ୍ତ ହୋଇପଡ଼େ । ତା ମୁଣ୍ଡ ଭାରି ଭାରି ଲାଗେ" । (ପୃଷ୍ଠା-୨୦) ଏହିପରି ଘଟଣା ବୁଲାଦାସ ଜୀବନରେ ଘଟିଛି । ତା' ସ୍ତ୍ରୀ କମଳା ଚିଠି ମାଧ୍ୟମରେ ବିଭିନ୍ନ ଅସୁବିଧା ଓ ସମସ୍ୟା କଥା କହି ବୁଲାଦାସ ନିକଟରୁ ଟଙ୍କା ନେଇଛି । ପୁଅର ପାଠ ପଢ଼ା, ବନ୍ଧୁବାନ୍ଧବଙ୍କ ବିବାହଘର ଓ ଶୁଦ୍ଧିକ୍ରିୟା ବାବଦକୁ ଖର୍ଚ୍ଚ ଏବଂ ଝିଅ ମଞ୍ଜୁର ବିଭାଗର କଥା କହି କମଳା ବୁଲାଦାସ ଉପରେ ଅର୍ଥଚାପ ପକେଇଛି । ଅର୍ଥଚାପ ମଧ୍ୟରେ ରହି ବୁଲାଦାସ ମନଭିତରେ ସଂଧାନ କରିଛି ତାକୁ କେଉଁମାନେ ଅର୍ଥ ସହଯୋଗ କରିବେ । ତେଣୁ ସେ ତା'ର ଆତ୍ମୀୟ ସହୋଦର ବନ୍ଧୁବାନ୍ଧବ ଏବଂ ମାଲିକ ନରହରିବାବୁଙ୍କୁ ମିଶାଇ ଏକ ସହଯୋଗୀମାନଙ୍କର ଚିଠା ପ୍ରସ୍ତୁତ କରିଛି । ସେଇ ଚିଠାକ୍ରମେ ସେ ତା'ର ଆତ୍ମୀୟସ୍ୱଜନଙ୍କ ନିକଟରୁ ଉତ୍ତର ପାଇଛି – ଭିଣୋଇ କହିଛି – ପାଞ୍ଚରୁ ଦଶ ହଜାର ଦେବ, ଶଳା କହିଛି ସୁନା ମୁଦି ଦେବ, ପିଉସୀ କହିଛି – ପାଞ୍ଚ ହଜାର ଟଙ୍କା ସାହାଯ୍ୟ କରିବ, ମାଉସୀ କହିଛି – ଚିନ୍ତାକର ନାହିଁ, ମଉସାକୁ କହି ପାଞ୍ଚ ହଜାର ଟଙ୍କା ସାହାଯ୍ୟ କରିବି, ମାମୁ ଘର ଲୋକେ କହିଛନ୍ତି ପଖାଳଖିଆରେ ଜୋଇଁକୁ ମୁଦିଟିଏ ଦେବୁ ଏବଂ ଅନ୍ୟପଟରେ ନରହରିବାବୁ ଆଶ୍ୱାସନା ଦେଇଛନ୍ତି ବୁଲାଦାସକୁ ଅଗ୍ରୀମ ଦୁଇମାସ ଛୁଟି ଓ ତା ସାଙ୍ଗକୁ କୋଡ଼ିଏରୁ ପଚିଶି ହଜାର ଟଙ୍କା" (ପୃଷ୍ଠା-୨୪) କିନ୍ତୁ ସମସ୍ତେ ପ୍ରତିଶ୍ରୁତି ବୁଲାଦାସକୁ ଦେଇଥିଲେ ମଧ୍ୟ ଝିଅ ବିଭାଘରରେ ସୁନାରୂପାକୁ ଛାଡ଼ି ତିନିରୁ ଚାରି ଲକ୍ଷ ଖର୍ଚ୍ଚ ହେବ ବୋଲି ସେ ମନରେ ହେଜୁଥାଏ ଏବଂ ନୀରବରେ ବସି ଭାବିଛି ଏତେ ଟଙ୍କା ସେ ଆଣିବ କେଉଁଠୁ ? ତାକୁ ଦେବ ବା କିଏ ? ପ୍ରାୟତଃ ନରହରି ବାବୁ ଓ ତାଙ୍କ ପତ୍ନୀ ବାହାରକୁ ବୁଲିବାକୁ ଗଲାବେଳେ ବିଶ୍ୱସ୍ତ ବୁଲାଦାସ ହାତରେ ଘର ଓ ଟ୍ରେଜେରୀର ଚାବି ଦେଇ ଯାଆନ୍ତି । ତାହାର ସୁଯୋଗ ନେଇ ସ୍ତ୍ରୀ ଆବଶ୍ୟକତା ଓ ଝିଅର ବିଭାଘର ଖର୍ଚ୍ଚ ମେଣ୍ଟାଇବା ପାଇଁ ବୁଲାବାସ ନରହରି ବାବୁଙ୍କର ଟ୍ରେଜେରୀରୁ କିଛି ସୁନା ବିସ୍କୁଟକୁ ଚୋରି କରିଛି ଏବଂ ତାକୁ ନେଇ କମଳାକୁ ଦେଇଛି । ଏଥିରେ କମଳା ଖୁସି ହୋଇଛି । ସେ ବୁଲାଦାସକୁ ଆଗାମୀ ଦିନମାନଙ୍କରେ ଆହୁରି ସୁନା ବିସ୍କୁଟ୍ ଆଣିବାକୁ ପ୍ରବର୍ତ୍ତାଇଛି । ସ୍ତ୍ରୀ ପ୍ରେମରେ ଅନ୍ଧ ଏପରିକି ସଂସାର ମାୟା ଜାଲରେ ମୋହଗ୍ରସ୍ତ ବିଚରା ବୁଲାଦାସ ତା'ର କଥାରେ ରାଜି ହୋଇଛି । ଏହି ପ୍ରସଙ୍ଗରେ ଔପନ୍ୟାସିକ ସୂଚେଇ ଦେଇଛନ୍ତି ଆଧୁନିକ ଯୁଗରେ ପୁରୁଷ ନାରୀର ବଶ ହୋଇଗଲେ ବା ସଂସାର ମୋହଗ୍ରସ୍ତ ହୋଇଗଲେ, ସେ ଯେତେ ସତ୍ୟନିଷ୍ଠ ହୋଇଥିଲେ ମଧ୍ୟ ନାରୀର ପ୍ରଲୋଭନ ନିକଟରେ ଏବଂ ସଂସାରର ମୋହମାୟା ନିକଟରେ ସେ ହୋଇଥାଏ ପରାଜିତ । ଫଳରେ ସେ ଅସତ୍ ପଥରେ ଗତି କରେ । ତେଣୁ ତିନିପ୍ରାଣୀଙ୍କୁ ସୁଖ ଦେବାପାଇଁ ଅସତ୍ ମାର୍ଗଦେଇ ଗତି କରିଛି ଉପନ୍ୟାସର ନାୟକ 'ବୁଲାଦାସ' ।

ବୁଲାଦାସ ଦେଇଥିବା ଅର୍ଥ ଓ ସୁନାକୁ ନେଇ ତା'ର ସ୍ତ୍ରୀ କମଳା ଅସତ୍ ମାର୍ଗରେ ବିନିଯୋଗ କରିଛି । କମଳା ଅୟସ୍ କରିଛି । ସାଇକେଲ୍ ଚଳଉଥିବା ପୁଅ ରତନ ଏବେ ମଟର ସାଇକେଲ ଚଳାଉଛି । ଜୀବନକୁ ଉପଭୋଗ କରିଛନ୍ତି ସ୍ତ୍ରୀ କମଳା ଓ ତା'ର ପିଲା ଦୁହେଁ । ନୂଆ ଶାଢ଼ି, ସୁନା ଅଳଙ୍କାର ପିନ୍ଧି ପରପୁରୁଷ ରୁଦ୍ରବଣିଆ ସଙ୍ଗେ କମଳା ରାତି କଟେଇଛି । ଶେଷରେ ଫେରିଲାବେଳକୁ କମଳା ସାଥିରେ ଆଣିଛି ପୁଳେପୁଳେ ଟଙ୍କା । ପୁଅ, ଝିଅକୁ କହିଛି – ବ୍ୟସ୍ତ ହୁଅନି, ଆମର ଆଉ ଅସୁବିଧା ରହିବ ନାହିଁ । କିଛିଦିନ ପରେ ଆମେ ହେବା ବଡ଼ଲୋକ । ଟଙ୍କା ସୁନାର କୌଣସି ଅଭାବ ରହିବ ନାହିଁ । ଅନ୍ୟପଟରେ ଦ୍ୱିତୀୟବାର ମାଲିକ ନରହରି ବାବୁଙ୍କ ଟ୍ରେଜେରୀରୁ ଆଉ କିଛିସୁନା ବିସ୍କୁଟ୍‌କୁ ଚୋରି କରି ସେମାନଙ୍କଠୁଁ ସବୁଦିନ ଲାଗି ବିଦାୟ ନେବାର ମାନସିକତାରେ ଟ୍ରେନ୍‌ରେ ଫେରିଛି ବୁଲାଦାସ । ସେ ଟ୍ରେନ୍‌ରେ ଆସୁଥିବା ବେଳେ ଭଣ୍ଡ ଶ୍ରମିକ ନେତା ରାଣାସିଂ ତା ନିକଟରୁ ସୁନାବିସ୍କୁଟ୍ ଥିବା ବ୍ୟାଗଟିକୁ ଛଡ଼ାଇ ନେଇଛି । ବୁଲାଦାସ ପଛରେ ଦୌଡ଼ି ତା'ର ଗୋଡ଼ ହାତ ଧରିଛି କିନ୍ତୁ ପ୍ରତିବଦଳରେ ତାକୁ ମିଳିଛି ବିଧା, ମାଡ଼ ଓ ନିର୍ଯ୍ୟାତନା । ବୁଲାଦାସକୁ ନେଇ ତପନ ରାଣାସିଂ ତା'ର ଘରେ ଗୋଟିଏ ଅନ୍ଧକାର କୋଠରି ଭିତରେ ବନ୍ଦୀ କରିରଖିଛି ।

ତପନ ରାଣାସିଂର ସ୍ତ୍ରୀ ପରପୁରୁଷଙ୍କ ସହିତ ସଂଭୋଗ କରେ । ତା' ଝିଅ ମଧ୍ୟ ତଦ୍ରୂପ ଏବଂ ସେ ମଧ୍ୟ ପରପୁରୁଷଙ୍କ ସହିତ ସଂପର୍କ ରଖେ । ପୁଅ ଦୁଇଜଣ ଗୁଣ୍ଡା ବଦମାସ୍ । ତେଣୁ ଶ୍ରୀଯୁକ୍ତ ଶରତ ସାହୁ ଏହିପରି ଚିତ୍ରକୁ ଦର୍ଶାଇଦେଇ କହିବାକୁ ଚାହିଁଛନ୍ତି – ନାରୀ ଚରିତ୍ର କମଳା ହେଉ ବା ତପନ ରାଣାସିଂର ସ୍ତ୍ରୀ ରତ୍ନପ୍ରଭା ଓ ତା'ର ଝିଅ – ନାରୀ ସ୍ୱାତନ୍ତ୍ର୍ୟ ନାମରେ ସମାଜରେ କିଭଳି ଭାବରେ ପ୍ରତିବ୍ରତା

ନହୋଇ ଘରର ଏରୁଣ୍ଡି ବନ୍ଧକୁ ଟପିଯାଇ ଦେହର କାମନା ବାସନାକୁ ଚରିତାର୍ଥ କରୁଛନ୍ତି ଏବଂ ବିଳାସବ୍ୟସନରେ ସମୟ କାଟୁଛନ୍ତି । ଏହା ହିଁ ଚଳନ୍ତି ସମାଜର ବାସ୍ତବ ପ୍ରତିଛବିକୁ ଉପନ୍ୟାସରେ ଫୁଟାଇ ସଫଳ ହୋଇଛନ୍ତି କଥାକାର ।

ଆଧୁନିକ ନାରୀ ବା ହିନ୍ଦୁ ରମଣୀମାନେ ପରକୀୟା ପ୍ରୀତିରେ ହୋଇ ଯାଉଛନ୍ତି ମସଗୁଲ । ତେଣୁ କଥାରେ ଅଛି - ସୃଷ୍ଟିର ଆରମ୍ଭରେ ନାରୀ ଓ ସୃଷ୍ଟିର ବିନାଶରେ ମଧ୍ୟ ନାରୀ । କମଳା, ରତ୍ନପ୍ରଭାଙ୍କ ପରି ନାରୀ ଚରିତ୍ର ସମାଜରେ ବିଚରଣ କରୁଛନ୍ତି । ଏମାନେ ହିନ୍ଦୁ ନାରୀ ହେଲେ ମଧ୍ୟ ସ୍ୱାମୀର ସୁଖଦୁଃଖର ସାଥିଟିଏ ହୁଅନ୍ତି ନାହିଁ । ବରଂ ଘୃଣ୍ୟ ପରକୀୟା ପ୍ରୀତିକୁ ଆଦରି ନେଉଛନ୍ତି । ସେହିପରି ଆଜିର ଆଧୁନିକ ସମାଜରେ ପୁରୁଷମାନେ ନାରୀର ଦେହକୁ ଉପଭୋଗ କଲାବେଳେ ସେମାନେ ତିଳେ ହେଲେ ମନରେ ବିଚାର କରୁନାହାନ୍ତି - ସେ କହାର ଝିଅ ହୋଇଥିବ ବା କାହାର ସ୍ତ୍ରୀ ହୋଇଥିବ ବୋଲି । ସେମାନେ ପାପକୁ ଏକ ପ୍ରକାର ପୁଣ୍ୟ ବୋଲି ଗ୍ରହଣ କରି ନେଉଛନ୍ତି ଓ ସ୍ୱାଗତ କରୁଛନ୍ତି ଭୋଗବାଦକୁ । କଥାକାର ଏପରି ନାରୀ ଓ ପୁରୁଷ ଚରିତ୍ର ମାଧ୍ୟମରେ ସମାଜ ସଂସ୍କାର ଆଣିବା ପାଇଁ ଉପନ୍ୟାସରେ ଚେଷ୍ଟା କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ଅପରପାର୍ଶ୍ୱରେ ତପନ ରାଣାସିଂର ଅନ୍ଧକାର କୋଠରି ମଧ୍ୟରେ ନିର୍ଯ୍ୟାତନା ପାଉଥିବା ବୁଲାଦାସ ତା କର୍ମ ପାଇଁ ନିଜ ବିବେକ ତାକୁ ଧିକାର କରିଛି । ତା'ର ଅନ୍ତରାତ୍ମା ତା ଅପକର୍ମ ପାଇଁ ବାରମ୍ବାର ତାକୁ ଚେତେଇ ଦେଇଛି । ଖାଇବାକୁ ନପାଇ ଦେହହାତ ତା'ର ରୁଗ୍ଣ ଓ ମୁଖମଣ୍ଡଳ ତାର ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଛି । ଏହା ମଧ୍ୟରେ ସେ ଉପଲବ୍ଧି କରିଛି ଐଶ୍ୱରୀୟ ଭାବସତ୍ତାକୁ । ନିଜକୁ ଦୋଷୀ ବୋଲି ଭାବି ସେ କ୍ଷମା ପ୍ରାର୍ଥନା କରିଛି ଈଶ୍ୱରଙ୍କ ନିକଟରେ । ତେଣୁ ଏହି କଥାବସ୍ତୁ ମାଧ୍ୟମରେ କଥାକାର ସୂଚାଇଛନ୍ତି - 'ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ' । ବୁଲାଦାସ ଚୋରି କରି ଆଣିଥିବା ବାବୁଙ୍କ ଘରୁ ବିସ୍କୁଟ, ତା'ର ହୋଇପାରି ନାହିଁ । ତା'ର ପ୍ରତିବଦଳରେ ସେ ପାଇଛି ଯନ୍ତ୍ରଣା, ଦଣ୍ଡ, ଏପରିକି ଦୁଃଖ । ସେ ଆଣିଥିବା ସୁନାବିସ୍କୁଟ୍‌କୁ ଭଣ୍ଡ ସମାଜସେବୀ ନେତା ତପନ ରାଣାସିଂ ଲୁଟି ନେଇଛି । ସେହିପରି ଔପନ୍ୟାସିକ ଉପନ୍ୟାସରେ ସମାଜର ତଥାକଥିତ ମାର୍କ୍ସବାଦୀ ବା ସାମ୍ୟବାଦୀ ଚେତନାର ପ୍ରତିନିଧିତ୍ୱ କରୁଥିବା ଭଣ୍ଡ ସମାଜସେବୀ ଟାଉଟର୍ ତପନ ରାଣାସିଂ ଚରିତ୍ରକୁ ବେଶ୍ ବ୍ୟଙ୍ଗ ଓ ବିଦ୍ରୁପ କରିଛନ୍ତି । ଶ୍ରମିକ ନେତା ତପନ ରାଣାସିଂ ଦଳିତ ଓ ଅବହେଳିତ ଜନତାଙ୍କ ସ୍ୱାର୍ଥରେ ନିଜକୁ ନିୟୋଜିତ କରିବା ବଦଳରେ ଆପଣାର ସ୍ୱାର୍ଥକୁ ଚରିତାର୍ଥ କରିଛି । ଦଳିତ ଓ ନିଷ୍ପେଷିତ ଜନତାକୁ ସେ ଲୁଣ୍ଠନ କରିଛି; ତାହାର ଚିତ୍ର ଉପନ୍ୟାସରେ ବେଶ୍ ଜୀବନ୍ତ ହୋଇଛି । ତେଣୁ ଭାରତ ସ୍ୱାଧିନତା ହାସଲ କଲାପରେ ଗଣତନ୍ତ୍ର ଶିକ୍ଷା ଦେଇଥିଲା ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ । ଏହି ପରିପ୍ରେକ୍ଷୀରେ କାର୍ଲମାକ୍ସ ଓ ସାମ୍ୟବାଦର ଧ୍ୱଜା ସାରା ଭାରତବର୍ଷର କେତେକ ସମାଜସେବିମାନେ ଉଡ଼ାଇଥିଲେ ଓ ପରବର୍ତ୍ତୀ ସମୟଖଣ୍ଡରେ ସାମ୍ୟବାଦର ଚିନ୍ତା ଚେତନାକୁ ପ୍ରତ୍ୟାଖ୍ୟାନ କରି ଆପଣାର ସ୍ୱାର୍ଥକୁ ସର୍ବସ୍ୱ ମନେ କଲେ - ତାହାର ପ୍ରତିଫଳନ ଘଟିଛି 'ବୁଲାଦାସ' ଉପନ୍ୟାସର ତପନ ରାଣାସିଂ ଚରିତ୍ର ମାଧ୍ୟମରେ ।

ଯନ୍ତ୍ରଣାରେ ଛଟ୍‌ପଟ୍ ହେଉଥିବା ବିଚରା ବୁଲାଦାସ ଅନ୍ଧାରୀ କୋଠରି ମଧ୍ୟରୁ ଭାଗ୍ୟବଶତଃ ମୁକ୍ତିପାଇ ଚାଲିଆସିଛି ତା ବାଟରେ । ସେଇ ବାଟରେ ତାକୁ ସାହାର୍ଯ୍ୟ କରିଛନ୍ତି ଜନୈକ ରିକ୍ସାବାଲା ଓ ତା'ର ବୁଢ଼ୀମା । ସେମାନଙ୍କର ସାହାଯ୍ୟ ସହାନୁଭୂତି ନିକଟରେ ତା'ର ମୁଣ୍ଡ ନଇଁ ଯାଇଛି । ପ୍ରକୃତ ମଣିଷପଣିଆ ଯେ ଏହି ସର୍ବହରାବର୍ଗର ମଣିଷ ପାଖରେ ଅଛି ତାହା ସେ ଉପଲବ୍ଧି କରିଛି । ରିକ୍ସାବାଲା ଓ ତା'ର ବୁଢ଼ୀମା'ର ମଣିଷପଣିଆ ସହ ବୁଲାଦାସ ନିଜକୁ ତୁଳନା କରିଛି । ଫଳରେ ନିଜର କର୍ମକୁ; ୨୩ ବର୍ଷର ବିଶ୍ୱାସରେ ଭରି ଦେଇଥିବା ଅବିଶ୍ୱାସନୀୟ କାର୍ଯ୍ୟକୁ ବୁଲାଦାସ ହୃଦ୍‌ବୋଧ କରିଛି । ବିଗଳିତ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ସେ ଈଶ୍ୱରଙ୍କୁ ତ୍ରାହି ତ୍ରାହି କହି କ୍ଷମା ପ୍ରାର୍ଥନା କରିଛି । ମାନବିକତାର ପ୍ରତୀକ ରିକ୍ସାବାଲା ଓ ତା'ର ବୁଢ଼ୀମା'ର ଅର୍ଥ ସହଯୋଗରେ ବୁଲାଦାସ ଫେରିଛି ତା' ଘରକୁ ।

ବୁଲାଦାସ ଘରେ ପହଞ୍ଚି ଦେଖେ ତ ତା'ର ସ୍ତ୍ରୀ ଘରେ ନାହିଁ । ପୁଅଝିଅଙ୍କୁ ପଚାରି ବୁଝିଛି କମଳାର ଅନୁପସ୍ଥିତି ବିଷୟରେ । ହେଲେ କୌଣସି ଉତ୍ତର ତାକୁ ମିଳିନାହିଁ । ଯେତେବେଳେ ରାତିପାହି ସକାଳ ହୋଇଛି ସ୍ତ୍ରୀ ଘରକୁ ଫେରିଆସିଛି । ବୁଲାଦାସ ଦେଖିଛି ସେ ସୁନା ଅଳଙ୍କାରରେ ବିଭୂଷିତା ହୋଇଛି । ରୁଦ୍ରବଣିଆ ସହିତ ଗୋପନରେ ଯୌନସଂପର୍କ ମଧ୍ୟ ରଖିଛି । ଏହା ଉପଲବ୍ଧୀକରି ବୁଲାଦାସ ମନରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇଛି । କୁଆଡ଼େ ଯିବ କ'ଣ କରିବ କିଛି ବୁଦ୍ଧିବାଟ ତାକୁ ଦିଶୁ ନାହିଁ । ଏ ସମୟରେ ମଣିଷ ପକେଟରେ ବଡ଼ କେବଳ ଟଙ୍କା, ସୁନା । ସେ ପୁଣି ହୃଦ୍‌ବୋଧ କରିଛି - ଏଠି ସ୍ନେହ ନାହିଁ, ପ୍ରେମ ନାହିଁ, ମଣିଷପଣିଆ ନାହିଁ । ତା'ର ଏଇନେ ଦେଖିବାକୁ ଆଖିନାହିଁ, ଶୁଣିବାକୁ କାନ ନାହିଁ, ଘର ନାହିଁ, ସ୍ତ୍ରୀ ନାହିଁ, ପିଲାଛୁଆ ନାହିଁ । ସେ ଏବେ ସ୍ୱାଧୀନ କିନ୍ତୁ ସ୍ୱାଧୀନ ହୋଇ ବି ମୃତ । ସେ ନିଜକୁ ଏବେ ପର୍ବତ, ଝରଝର କୁଳୁକୁଳୁ ଶବ୍ଦ କରୁଥିବା ଝରଣା, ପଶୁପକ୍ଷୀଙ୍କ ସହ ତୁଳନା କରିଛି । ବୁଲାଦାସ ଏବେ ଦୌଡୁଛି ପ୍ରାୟଶ୍ଚିତ ପାଇଁ । ସତେଯେମିତି ତା ପଛରେ ରହି ଦିବ୍ୟପୁରୁଷ ତାକୁ ଚେତେଇ ଦେଇଛନ୍ତି - "ଯା ଯା ବୁଲାଦାସ ! ମଣିଷ କ'ଣ ବନବାସୀ ପଶୁ ? ମଣିଷ ଈଶ୍ୱର ! ସେ ହିଁ ଗଢ଼ିଛି ଏ ବିଶ୍ୱକୁ । ଏହି ମଣିଷ ବିନା ବିଶ୍ୱର କଳ୍ପନା ବା କିଏ କରିପାରେ ? ଏ ଗ୍ରହଟି ତା'ର ବାସସ୍ଥାନ । ଏ ହିଁ ତା'ର ସ୍ୱର୍ଗ । ମଣିଷ ପଶୁତୁଲ୍ୟ ଜନ୍ମନିଏ, ମାତ୍ର ବଞ୍ଚେ ଦେବତାଙ୍କ ଭଳି ।

ମଣିଷ ନିଜର ଲୋଭ ପାଇଁ ପାପ କରେ । ଜନ୍ମ ଯେହେତୁ ସତ୍ୟ ହେଲେବି ମୃତ୍ୟୁ ପର୍ଯ୍ୟନ୍ତ ମିଛରେ ସେ ବଂଚେ ।" (ପୃଷ୍ଠା-୭୦-୭୧) ବୁଲାଦାସ ପାପର ଭାରଟିକୁ ମୁଣ୍ଡେଇ ଚାଲିଛି କେତେବେଳେ କଅଁଳିଆ ଖରାରେ ତ କେତେବେଳେ ମଧ୍ୟାହ୍ନର ପ୍ରଚଣ୍ଡ ତାତିରେ, କେତେବେଳେ ଅପରାହ୍ନର ଶୀତଳ ସମୀରଣରେ ତ କେତେବେଳେ ଅନ୍ଧାର ରାତିରେ । ଏପରିକି ବୁଲାଦାସ ଏକ ଅଶରୀରୀ ଆତ୍ମାପରି ଚାଲିବାରେ ଲାଗିଛି ଏବଂ ଅନୁତାପ କରିଛି ଯେ ଦେବୋପମ ମାଲିକର ଅନୁପସ୍ଥିତିରେ ସେ କିପରି ଚୋରି କରିଛି । ତେଣୁ ବୁଲାଦାସ ଚାଲିଚାଲି, ଦୌଡ଼ିଦୌଡ଼ି ଆସିଛି ଅଭୁକ୍ତ ଅବସ୍ଥାରେ । ସେତେବେଳକୁ ସେ ବିଷର୍ଣ୍ଣ ହୋଇଗଲାଣି; ଦୁର୍ବଳ ହୋଇଗଲାଣି । ଅନୁତାପଗ୍ରସ୍ତ ହୃଦୟରୁ ତା'ର ଅଶ୍ରୁଝରି ପଡ଼ିଛି । ସେ ପାପ କରିଛି । ସେଇ ପାପରୁ ତା'ର ମୁକ୍ତି ନାହିଁ । ଯେପରି ବ୍ୟାସକବି ଫକୀରମୋହନଙ୍କ ଉପନ୍ୟାସ 'ଛ ମାଣ ଆଠଗୁଣ୍ଠ'ରେ ରାମଚନ୍ଦ୍ର ମଙ୍ଗରାଜ ପରସ୍ୱ ସଂପତ୍ତିକୁ ଲୁଣ୍ଠନ କରି ଅନୁତାପ ଜ୍ୱାଳାରେ ଦଗ୍ଧ ହୋଇଛି, ଯେପରି 'ମାମୁ' ଉପନ୍ୟାସରେ ବିଧବା ଭଉଣୀ ଚାନ୍ଦମଣୀର ସମସ୍ତ ସଂପତ୍ତିକୁ ହରଣକରି ନେଇ ଭଣଜାକୁ ଶୋଷଣ କରି ମାମୁ ନାଜର ନଟବର ଚରିତ୍ରଟିର ଅନୁତାପ ଫଳରେ ପରିବର୍ତ୍ତନ ହୋଇଛି; ଠିକ୍ ସେହିପରି ବୁଲାଦାସ ଉପନ୍ୟାସର ମୁଖ୍ୟ ଚରିତ୍ରଟିର ଅନୁତାପ ଘଟିଛି । ତେଣୁ ବ୍ୟାସକବି ଫକୀରମୋହନଙ୍କ ପରି ଓ୍ୟପନ୍ୟାସିକ ଶରତ ସାହୁ ସୂଚେଇ ଦେଇଛନ୍ତି ଯେ - ପାପକୁ ଘୃଣା କର ପାପୀକୁ ନୁହେଁ । ଅନୁତାପ ମାଧ୍ୟମରେ ପାପୀ ପାପମୁକ୍ତ ହୋଇଯାଏ ଓ ତା ଭିତରେ ନୂଆ ମଣିଷଟିଏ ଆବିର୍ଭୁତ ହୁଏ । ତେଣୁ ବୁଲାଦାସ ରାତି ଅଧରେ ପହଞ୍ଚିଛି ମାଲିକଙ୍କ ଫାଟକ ନିକଟରେ ସେ ଫାଟକକୁ ଧରି ନୀରବ ନିଷ୍ପନ୍ଦ ଭାବରେ ମରିପଡ଼ିଛି ।

ବାସ୍ତବିକ୍ ପ୍ରତି ଜୀବନର ଅଭିଳକ୍ଷିତ ଲକ୍ଷ୍ୟ ହେଉଛି ସୁଖପ୍ରାପ୍ତି । ଏଇ ସୁଖପ୍ରାପ୍ତି ପାଇଁ ତମାମ ଜୀବନ ମଣିଷ ସଂଘର୍ଷ କରେ । ଏ ସଂଘର୍ଷର ପଥ ସବୁବେଳେ ସୁଗମ ନ ଥାଏ । ବେଳେବେଳେ ତାହା କଣ୍ଟକିତ ଏବଂ ଯନ୍ତ୍ରଣାରେ ପରିପୂର୍ଣ୍ଣ ଥାଏ । ଏଇ ପ୍ରଲମ୍ବିତ ରାସ୍ତାର ପ୍ରସ୍ଥେପ୍ରସ୍ଥେ ମଣିଷ ଭେଟେ ଅନେକ ଚରିତ୍ର ଓ ଘଟଣାକୁ । ଯେଉଁ ଚରିତ୍ରମାନେ ଓ ଘଟଣାସବୁ ତାକୁ ଦେଇଥାଆନ୍ତି କେତେବେଳେ ଅସରନ୍ତି ବିପର୍ଯ୍ୟୟ ତ ଆଉ କେତେବେଳେ ସାମାନ୍ୟ ସନ୍ତୋଷ । ତେଣୁ ଜଣେ ମଣିଷ ଜୀବନର ଅନ୍ତଃହୀନ ସଂଘର୍ଷ, ସଂଗ୍ରାମ ପଥରେ ପ୍ରତାରଣା ଓ ତା' ଜୀବନର ଅନ୍ତିମ ପରିଣତିର ଏକ କାରୁଣ୍ୟଭରା କଥାରୂପ ହେଉଛି ଉପନ୍ୟାସ 'ବୁଲାଦାସ' । ବୁଲାଦାସ ଚରିତ୍ର ମାଧ୍ୟମରେ ଔପନ୍ୟାସିକ ଦର୍ଶାଇଛନ୍ତି ଯେ - ମଣିଷ ଯେତେବେଳେ ପତ୍ନୀପ୍ରତି ଓ ସଂସାରପ୍ରତି ମୋହଗ୍ରସ୍ତ ହୋଇଯାଏ, ସେତେବେଳେ ସେ ପତ୍ନୀର ଆକାଂକ୍ଷା ଓ ସୁଖକୁ ପୂରଣ କରିବା ପାଇଁ ଯେ କୌଣସି ପାପାଚରଣ କରେ ଏବଂ ଚୋରି ମଧ୍ୟ କରେ । ଅଥଚ ପତ୍ନୀ ଯେତେବେଳେ ତା' ଦେବତା ତୁଲ୍ୟ ସ୍ୱାମୀକୁ ଭୁଲି ପରପୁରୁଷ ସହିତ ପ୍ରଣୟରେ ଲିପ୍ତ ରହେ, ତାହା ଜାଣିଲା ପରେ ସ୍ୱାମୀର ହୁଏ ମୋହମୁକ୍ତି । ତେଣୁ ସେ ତା'ର ପାପକର୍ମ ପାଇଁ ଅନୁତାପ କରେ । ସେହିପରି ଉପନ୍ୟାସରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂଘର୍ଷ ପଥରେ ଗତି କରିଛି ମୁଖ୍ୟ ଚରିତ୍ର 'ବୁଲାଦାସ' । କିନ୍ତୁ ଶେଷରେ ନିଜସ୍ୱ ପ୍ରତାରଣା ପାଇଁ ସେ ଅନୁତାପ କରିଛି ଓ ମୃତ୍ୟୁବରଣ କରିଛି ।

ଲୋଭାସକ୍ତ, ଛଳନାସର୍ବସ୍ୱ ମଣିଷଙ୍କର ପାରିବାରିକ ଜୀବନ ଯେ କଳୁଷିତ ହୋଇଯାଏ ତାହାକୁ ଔପନ୍ୟାସିକ ଉପନ୍ୟାସଟିରେ ସୂଚେଇଦବା ସଙ୍ଗେ ସଙ୍ଗେ, ସୂଚେଇ ଦେଇଛନ୍ତି ବୁଲାଦାସର ପତ୍ନୀ ମୂଲ୍ୟବୋଧହୀନତାକୁ । କମଳା ପରି ନାରୀ ଚରିତ୍ର ଚଳନ୍ତି ସମାଜରେ ମନେ କରୁଛନ୍ତି ନିଜକୁ ପଣ୍ୟ । ଠିକ୍ ଏହିପରି ଆଦର୍ଶରେ ଅନୁପ୍ରାଣିତ ବୁଲାଦାସର ପତ୍ନୀ କମଳା ଅଥଚ ମଣିଷପଣିଆକୁ ପ୍ରତୀକ ସାଜି ବହନ କରୁଥିବା ରିକ୍ସାବାଲା ଓ ତା'ର ବୁଢ଼ୀମା ପ୍ରତି ଲେଖକ ଜ୍ଞାପନ କରିଛନ୍ତି ଗଭୀର ସମ୍ବେଦନଶୀଳତା ଓ ହୃଦୟରୁ ସମ୍ମାନ । ଏହି ଉପନ୍ୟାସରେ ବୁଲାଦାସ ମୁଖ୍ୟ ଚରିତ୍ର ସହିତ ସମସ୍ତ ଚରିତ୍ର ଯୋଡ଼ି ହୋଇ ଯାଇଛନ୍ତି । କୌଣସି ନା କୌଣସି ପରିସ୍ଥିତିରେ ବୁଲାଦାସ ଚରିତ୍ରଟି ପ୍ରଥମେ ମୋହଗ୍ରସ୍ତ ହୋଇଥିଲେ ସୁଦ୍ଧା, ପରବର୍ତ୍ତୀ ମୁହୂର୍ତ୍ତରେ ତା'ର ଚେତନା ଜଗତରେ ଘଟିଛି ଉତ୍ତରଣ । ଅନୁତାପର ଜର୍ଜ୍ଜରିତ ବୁଲାଦାସର ଶେଷରେ କରୁଣ ମୃତ୍ୟୁ ଘଟିଛି । ଶେଷରେ କେବଳ ସହାନୁଭୂତି ଓ ସମ୍ବେଦନା ଝରିଆସିଛି ନରହରିବାବୁଙ୍କ ନିକଟରୁ । ଯାହାଫଳରେ ଉପନ୍ୟାସଟି ହୋଇଯାଇଛି ଯଥାର୍ଥରେ ଏକ ଟ୍ରାଜିକ୍ ଉପନ୍ୟାସ । ଏହା ସାଂପ୍ରତିକ ମଣିଷର ତୀବ୍ର ଅର୍ଥ ଲାଳସା, ଯୌନ ପିପାସା ଓ ମୂଲ୍ୟବୋଧହୀନତାର ଏକ ଜବରଦସ୍ତ ବିଦ୍ରୂପ ଏବଂ ମଣିଷପଣିଆର ନୂତନ ଅଭିଷେକ ପାଇଁ ଏକ ଆହ୍ୱାନ ମଧ୍ୟ ।

**ସହାୟକ ଗ୍ରନ୍ଥସୂଚୀ :**


୧. ସାହୁ, ଶରତ କୁମାର-ବୁଲାଦାସ, ବିଜୟିନୀ ପବ୍ଲିକେଶନ୍ସ, କଟକ, ପ୍ରଥମ ସଂସ୍କରଣ- ୨୦୨୪ ।

୨ ସାହୁ, ଶରତ କୁମାର-ଆହୁତି, ବିଜୟିନୀ ପବ୍ଲିକେଶନ୍ସ, କଟକ, ପ୍ରଥମ ସଂସ୍କରଣ- ୨୦୨୪ ।

୩. ପଟ୍ଟନାୟକ, ପଠାଣି, ରାଉତ ଭୋଳାନାଥ- ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ଦ୍ୱିତୀୟ ସଂସ୍କରଣ- ୨୦୧୯ ।

୪. ସାହୁ, ନାରାୟଣ- ଓଡ଼ିଆ ଉପନ୍ୟାସର ପରିଚିତି, ସତ୍ୟନାରାୟଣ ପବ୍ଲିକେଶନ୍ସ, କଟକ,ପ୍ରଥମ ସଂସ୍କରଣ- ୨୦୨୨ ।


❖ ❖ ❖

DOI : https://doi.org/10.5281/zenodo.14915062 ମୂଳ ପ୍ରବନ୍ଧ

# ପ୍ରାକୃତିକ ବିପର୍ଯ୍ୟୟ ମୂଳକ ଚର୍ଚ୍ଚିତ ଉପନ୍ୟାସ : ବଢ଼ିପାଣିର ଦାନ୍ତ

**ସିମ୍ରନ୍ ରାଉତ**

**ସକ୍ଷିପ୍ତସାର :**

ସାହିତ୍ୟର ଅନ୍ୟାନ୍ୟ ବିଭାଗ ଠାରୁ ଉପନ୍ୟାସ ଏ ଦୃଷ୍ଟିରେ ସ୍ୱତନ୍ତ୍ର ଯେ ଜୀବନର ବ୍ୟାପକତା, ସାମାଜିକ ଦିଗ ଦିଗନ୍ତ, ମଣିଷରରୁଚି, ନୀତି, ଚଳଣି ସାମାଜିକ ସମସ୍ୟ ଆଦି ପୁଙ୍ଖାନୁପୁଙ୍ଖ ଭାବେ ପ୍ରସ୍ତୁତି ହେବାର ଅବକାଶ ଥାଏ ଉପନ୍ୟାସ ରଚନାରେ। ନାଟକ ଏବଂ ଉପନ୍ୟାସ ଉଭୟ ଦୀର୍ଘ ଆୟତନ ବିଶିଷ୍ଟ ସାହିତ୍ୟ ହେଲେ ହେଁ ନାଟକ ମଞ୍ଚାନୁମେଦି ହୋଇଥିବାରୁ ଏଥିରେ ସବୁକଥା ପ୍ରକାଶଯୋଗ୍ୟ ହୋଇପାରେ ନାହିଁ। ଅନେକ କଥା ଉହ୍ୟ ରହିଯାଏ କିନ୍ତୁ ଉପନ୍ୟାସରେ ଟିକିନିଖି ଭାବରେ ପ୍ରକାଶିତ ହୁଏ ସମାଜ ଜୀବନର ବାସ୍ତବତା। ପ୍ରାକୃତିକ ବିପର୍ଯ୍ୟୟ କୌଣସି ବ୍ୟକ୍ତିବିଶେଷ ବା ପରିବାର ଭିତରେ ସୀମିତ ରହେନାହିଁ। ଏହା ଏକ ବୃହତ୍ତମ ସମାଜକୁ ଆକ୍ରାନ୍ତ କରେ। ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ଦ୍ୱାରା ବହୁଲୋକ ପ୍ରପୀଡ଼ିତ ହୁଅନ୍ତି। ଗୋଟିଏ ହାହାକାର ଗ୍ରସ୍ତ ଅବସ୍ଥା ଓ ସଙ୍କଟମୟ ପରିବେଶ ସୃଷ୍ଟି ହୁଏ। ଉପନ୍ୟାସ ଜଗତର ଜଣେ ଚର୍ଚ୍ଚିତ ନାମ ହେଉଛନ୍ତି ପ୍ରସନ୍ନମିଶ୍ର। ତାଙ୍କର 'ବଢ଼ିପାଣିର ଦାନ୍ତ' ଉପନ୍ୟାସଟିରେ ପ୍ରାକୃତିକ ବିପର୍ଯ୍ୟୟ କରାଳଚିତ୍ର ସହିତ ଶିଶୁମନସ୍ତତ୍ତ୍ୱ ପ୍ରଦତ୍ତ। ଏକ ଶିଶୁକନ୍ୟାର ମାନସିକତାକୁ ବଢ଼ିପାଣି କିପରି ଆଚ୍ଛାଦିତ କରିଦେଇଛି ଓ ବନ୍ୟାର ଭୟାବହତା ଜୀବନକୁ କିଭଳି ନିଷ୍ପନ୍ନ କରିଦିଏ ତାହା ବର୍ଣ୍ଣିତ।

**ପ୍ରମୁଖ ଶବ୍ଦାବଳୀ :**

ନଦୀବଢ଼ି,ବଢ଼ି ପାଣି, ପ୍ରସନ୍ନମିଶ୍ର, ପ୍ରାକୃତିକବିପର୍ଯ୍ୟୟ, ପ୍ରାକୃତିକ ବ୍ୟୁତ୍ପାତ,ବନ୍ୟା,ଶିଶୁମନସ୍ତତ୍ତ୍ୱ, ଭୟାବହତା, ଜଳମଗ୍ନ

## ଉପକ୍ରମ :

ପ୍ରକୃତି ହିଁ ଜୀବନର ଚିର ସହଚର। ମନୁଷ୍ୟ ସମେତ ପ୍ରତ୍ୟେକ ପ୍ରାଣୀର ଜୀବନ ପ୍ରକୃତିର କୋଳରେ ହୁଏ ପ୍ରତିପାଳିତ। ପ୍ରାକୃତିକ ସତ୍ତା ବିନା ଜୀବନର ଅସ୍ତିତ୍ୱ କଳନା କରିବା ନିରର୍ଥକ। ତେଣୁ ଯୁଗେ ଯୁଗେ ସାହିତ୍ୟରେ ପ୍ରକୃତିର ବନ୍ଦନା ଓ ନିରାଜନା ପ୍ରତିଭାତ ହୁଏ। ମାତ୍ର ଅଭୟ ପ୍ରଦାୟିନୀ ମାତା ଦୁର୍ଗାଙ୍କ ପରି ସୁରକ୍ଷା ଦାୟିନୀ ପ୍ରକୃତି ବି ଦୁର୍ଗାଙ୍କ ମହିଷ ମର୍ଦ୍ଦିନୀ ଉଗ୍ର ରୂପ ଧାରଣ କରେ। ପ୍ରକୃତିର ସେହି କରାଳ ରୂପ ଜନ ଜୀବନକୁ ଯେପରି ଆତଙ୍କିତ କରେ, ସାହିତ୍ୟରେ ସେହିପରି ତାର ପ୍ରତିଫଳନ ହୁଏ ଅବଶ୍ୟମ୍ଭାବୀ। ଏହି ପୃଷ୍ଠଭୂମିରେ ବିଶିଷ୍ଟ କବି ଓ ନାଟ୍ୟକାର ପ୍ରସନ୍ନ ମିଶ୍ରଙ୍କ 'ବଢ଼ିପାଣିର ଦାନ୍ତ' ଉପନ୍ୟାସର ମହତ୍ତ୍ୱ ଉଲ୍ଲେଖଯୋଗ୍ୟ। ସାହିତ୍ୟ ସାଧକ ଡ. ମିଶ୍ର ଓଡ଼ିଆ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ କଲମ ଚାଳନା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି। ୧୮ ମାର୍ଚ୍ଚ ୧୯୪୧ ମସିହା ପିତେଇପୁର, ଧାମନଗର, ଭଦ୍ରକ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ଡ. ମିଶ୍ର ନିଜ ଜୀବନ କାଳ ମଧ୍ୟରେ ପ୍ରାୟ ୭୦ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। 'ଖରାରେ ବାଙ୍ଗରା ଲୋକ ' ଶୀର୍ଷକ କବିତା ସଂକଳନ ପାଇଁ ସେ ସମ୍ମାନଜନକ ସାରଳା ପୁରସ୍କାର ଓ ନାଟକ ଜନସେବକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି। ସାହିତ୍ୟର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14915062

Article No - BPP00269

**ଯୋଗାଯୋଗ :**
**ସିମ୍ରନ୍ ରାଉତ, ଗବେଷିକା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ**
E-Mail ID - simranraut310@gmail.com
**ORCID ID:** : https://orcid.org/0009-0001-8351-1601

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ରାଉତ, ସିମ୍ରନ୍, ୨୦୨୫। ପ୍ରାକୃତିକ ବିପର୍ଯ୍ୟୟ ମୂଳକ ଚର୍ଚ୍ଚିତ ଉପନ୍ୟାସ : ବଢ଼ିପାଣିର ଦାନ୍ତ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଟ, ପୃଷ୍ଠା : ୫୬-୫୯।

ବିଭିନ୍ନ କ୍ଷେତ୍ରରେ ନିଜର ସଫଳ ସ୍ୱାକ୍ଷର ଛାଡ଼ି ଯାଇଥିବା ଏହି ଯଶସ୍ୱୀ ସାହିତ୍ୟିକ ୭୩ ବର୍ଷ ବୟସରେ ୧୩ ଫେବୃଆରୀ ୨୦୧୪ରେ ଇହଧାମ ତ୍ୟାଗ କରିଥିଲେ।

ସମାଜର ଚାକ୍ଷୁଷ ସତ୍ୟର କଳାତ୍ମକ ଇସ୍ତାହାର ହେଉଛି ଉପନ୍ୟାସ। ତାହାର ବିରାଟ କାୟା ମଧ୍ୟରେ ମଣିଷର ଜୀବନ ଚିତ୍ରକୁ ନିଚ୍ଛକ ଭାବେ ଫୁଟେଇପାରେ ଔପନ୍ୟାସିକ। ଏକ କୋମଳ ଶିଶୁର ପ୍ରତ୍ୟକ୍ଷାନୁଭୂତିରେ ବଢ଼ିପାଣିର କାରୁଣ୍ୟ ହିଁ ଏହି ଉପନ୍ୟାସର ମୁଖ୍ୟ ଉପଜୀବ୍ୟ। ୧୧୦ ପୃଷ୍ଠାର ଏହି ଉପନ୍ୟାସରେ ରହିଛି ୨୯ ଗୋଟି ଅଧ୍ୟାୟ। ଶିଶୁ ମନସ୍ତତ୍ତ୍ୱ ବନ୍ୟା ପୂର୍ବରୁ ବନ୍ୟା ପର ପର୍ଯ୍ୟନ୍ତ କିଭଳି ପରିବର୍ତ୍ତିତ ହୋଇଛି ତାହାକୁ ଉପନ୍ୟାସରେ ଅନୁରଞ୍ଜିତ କରାଯାଇଛି।

ଯାଜପୁର ନିକଟବର୍ତ୍ତୀ ଶିରିଆପୁର ଗ୍ରାମ। ଗ୍ରାମ ପାଖରେ ବୈତରଣୀ ନଈ। ନଈକୁ ନେଇ ଅନେକ କିମ୍ବଦନ୍ତୀ ଓ ଜନଶ୍ରୁତି ଶିଶୁମାନଙ୍କୁ ଶୁଣିବାକୁ ମିଳେ। ତାହା ନଦୀର ମହିମା ବଖାଣିବା ପାଇଁ ହେଉ ଅବା ନଈ ଠାରୁ କୋମଳମତି ଶିଶୁଙ୍କୁ ଦୂରରେ ରଖିବା ପାଇଁ ହେଉ। ଉପନ୍ୟାସରେ ମୁଖ୍ୟ ଚରିତ୍ର ସୁମି। ୮ଗୋଟି ଚରିତ୍ରକୁ ନେଇ ସମ୍ପୂର୍ଣ୍ଣ ଉପନ୍ୟାସ ରଚିତ। ସୁମିର ପିତା ରାମାନନ୍ଦ, ଶିରିଆପୁର ପାଖ ଦୋବଳ ଠାରେ ତାଙ୍କର ଦର୍ଜି ଦୋକାନ, ସୁମି ମା ଗୃହିଣୀ। ସୁମିର ଖେଳ ସାଥୀ ଟୁନି ଓ ବୁଲୁ, ନାଲୁମିଶ୍ରଙ୍କ ପୁଅ ଓ ଝିଅ। ନାଲୁମିଶ୍ରଙ୍କ ସ୍ତ୍ରୀ ଇହଜଗତରେ ନାହାଁନ୍ତି। ନାଲୁ ମିଶ୍ରେ ସଙ୍ଗୀତ ଶିଖାନ୍ତି। ତାଙ୍କ ସଙ୍ଗୀତ ମୂର୍ଚ୍ଛନାରେ ପାଷାଣ ମଧ୍ୟ ପ୍ରାଣ ସ୍ପର୍ଶ ପାରେ। ସୁମି ଓ ଟୁନୀ ଦୁହେଁ ତାଙ୍କ ଠାରୁ ସଂଗୀତ ଶିକ୍ଷା କରନ୍ତି। ସନ୍ଧ୍ୟା ସମୟରେ ତାଙ୍କ ସଙ୍ଗୀତ ମୂର୍ଚ୍ଛନା ପାଖ ପରିବେଶକୁ ନିଜ ମଧୁର ରାଗିଣୀରେ ଆବୋରି ନିଏ। ସୁମି ମା ମଧ୍ୟ ସେ ସଙ୍ଗୀତରେ ବହି ଯାଇ ଏକାଦା ଭାଙ୍ଗି ଦିଅନ୍ତି ଡାଲି ହାଣ୍ଡି କିନ୍ତୁ ପ୍ରକୃତ ଅନ୍ୟମନସ୍କ ହେବାର କାରଣ ଲୁକ୍କାୟିତ ହୋଇ ରହେ। ସୁମି ମା ହୁଏତ ଶିକ୍ଷା କ୍ଷେତ୍ରରେ କିଛି ସହାୟତା ପାଇଥିଲେ ତାଙ୍କ ଅନ୍ତର୍ନିହିତ ପ୍ରତିଭାଟି ପ୍ରସ୍ଫୁଟିତ ହୋଇ ପାରିଥାନ୍ତା। ନାରୀ ଶିକ୍ଷା ପ୍ରତି ଉଦାସୀନତାକୁ ଦର୍ଶାଇ ଔପନ୍ୟାସିକ ଲେଖିଛନ୍ତି - "ପରିବେଶ ଓ ପରିସ୍ଥିତିର ଲଘୁ ଚାପ ସହି ନପାରି ତାଙ୍କ ପ୍ରତିଭା କଳଟି ଶୁଖି ଯାଇଛି ସିନା। ଆମର ଧରାବନ୍ଧା ସମାଜ ବଡ଼ ସାନ ଭେଦ ବାଡ଼ି ଅଯଥାରେ ନିନ୍ଦା ଶୁଣାଣି ଦେଇ, ଆଭିଜାତ୍ୟ ଓ କୁଳଧର୍ମର ଭୟ ଦେଖାଇ ଏପରି ବହୁ ସୁମି- ମାଙ୍କର ଅନ୍ତରରେ କୁହୁଳି କୁହୁଳି ଉଠୁଥିବା ଧ୍ୱନିର ବିଲୟ ଘଟାଇଛି।" (ପୃଷ୍ଠା, ୩୬) ସୁତରାଂ ସମାଜର ଶିକୁଳିରେ ବାନ୍ଧି ହୋଇ ଅନେକ ପ୍ରତିଭା ଶ୍ୱାସରୁଦ୍ଧ ହୋଇ ନିଶେଷ ହୋଇଯାଆନ୍ତି। ବଣମଲ୍ଲୀ ବଣରେ ଫୁଟି ଝଡ଼ିପଡ଼ିବା ପରି ନାରୀ ମନର ଇଚ୍ଛା ଡେଣା ମେଲେଇବା ପୂର୍ବରୁ ତା'ଉପରେ ଲଦି ଦିଆଯାଏ ପରିବାର, ସଂସ୍କୃତି ଓ ସାମାଜିକ ପ୍ରତିବନ୍ଧକରେ ବୋଝ। କର୍ତ୍ତବ୍ୟର ଚାପ୍ ତଳେ ସେ ଉଡ଼ିବା ଭୁଲିଯାଏ, ବାଢ଼ିବା ଭୁଲିଯାଏ। ଭୁଲିଯାଏ ନିଜର ଅସ୍ତିତ୍ୱ ଓ ସମର୍ପିତ କରିଦିଏ ନିଜର ସର୍ବସ୍ୱ ନିଜ କର୍ତ୍ତବ୍ୟକୁ।

ନଅ ବର୍ଷର ସୁମି, ଅଜ୍ଞାତ ଶିଶୁଟିଏ। ତାକୁ ଆଇ ମାଆ ଘରପାଖ ସୁବର୍ଣ୍ଣରେଖା ନଦୀ ବାଲିରୁ ସୁନା ସାଉଁଟିବାକୁ ଭଲ ଲାଗେ। ନିଜ ଘର ପାଖ ବୈତରଣୀ ନଦୀ ବାଲିରେ ସେ ହଳଦିଆ ସୁନା ଖୋଜେ। ଖରାରେ ଚିକ୍ ଚିକ୍ ଦିଶୁଥିବା ବାଲିକୁ ଶୁଙ୍ଘେ, ପରୀକ୍ଷା କରେ । ସୁନା ବୋଲି ଭାବି ଲୁଚାଇ ରଖେ। ବନ୍ଧର ଗୋଟିଏ ପଟରେ ସୁମିର ଘର, ଆଉ ଗୋଟିଏ ପଟରେ ସୁଦୀର୍ଘ ବୈତରଣୀ ନଈ। ଗଙ୍ଗାର ବଡ ଭଉଣୀ ବୋଲି ଔପନ୍ୟାସିକ ସୂଚାଇଛନ୍ତି। ନଈ ପାଣି ପିଲାଙ୍କୁ ଖୁସି ଦିଏ। ପାଣିରେ ଗୋଡ଼ ବୁଡ଼ାଇ ଖେଳିବାରେ ମିଳେ ଅହେତୁକ ଆନନ୍ଦ। ବଢ଼ି ପାଣି ଯେତେବେଳେ ଘର ପାଖ ଯାଏଁ ଆସେ। ପିଲାଏ ସେଥିରେ କାଗଜ ଡଙ୍ଗା ଭସାଇ ମଜା ନିଅନ୍ତି। ପରସ୍ପର ଉପରକୁ ପାଣି ଛାଟି କୌତୁକ କରନ୍ତି। ସୁମିକୁ ନଦୀ ଭଲ ଲାଗେ। ନଦୀର ଐନ୍ଦ୍ରଜାଲିକତାକୁ ବୁଝିନପାରି ସେ ଈଶ୍ୱରଙ୍କୁ ପ୍ରାର୍ଥନା କରେ –"ହେ ମହାପୁରୁ, କାଲି ସକାଳକୁ ଯେମିତି ଦାଣ୍ଡଦୁଆର ମୁହଁରେ ପାଣି ହୋଇଥାଉ। ସମସ୍ତେ କହୁଛନ୍ତି ନଈ ଖୁବ୍ ଜୋର୍ ବଢୁଛି। ବଢ଼ନ୍ତାକି, ବଢ଼ନ୍ତାକି, ବଢ଼ନ୍ତାକି।" ( ପୃଷ୍ଠା.୨୨) ସତେକି ଅଜ୍ଞାନ ଶିଶୁର ପ୍ରାର୍ଥନା ଈଶ୍ୱର ଶୁଣିଛନ୍ତି। ଘାଇ ଭାଙ୍ଗି ଶିରିଆପୁର ରେ ପାଣି ପଶିଛି। କେତେ ଘର ଅଗଣାରେ ବଢ଼ିପାଣି ନିଜ କାୟା ମେଲିଛି। ପ୍ରଥମେ ବଢ଼ିପାଣି ଦେଖି ପିଲାଏ ଖୁସି ହୋଇଛନ୍ତି। କାଗଜ ଡଙ୍ଗା ଭସେଇ, ପିଣ୍ଡାରେ ବସି ଗୋଡ଼ ଝୁଲେଇ ବଢ଼ିପାଣିର ଆନନ୍ଦ ନେଇଛନ୍ତି କିନ୍ତୁ ଭାସୁଥିବା ତାଳ ଧରିବାକୁ ଯାଇ ଦେଖିଛନ୍ତି କାଣ୍ଡନଳ ସାପକୁ ଓ ବାରଣ୍ଡାକୁ ଖାଉଥିବା ଅତଡ଼ା ମାଟିକୁ। ଭୟ ପାଇଛନ୍ତି। ବଢ଼ିପାଣିର ମଜା ଧୀରେ ଧୀରେ ତାଙ୍କୁ ଭୀତତ୍ରସ୍ତ କରିଛି। ଯେଉଁ ନଈର ଶାନ୍ତ ସରଳ ରୂପକୁ ଦେଖି ଘର ଦାଣ୍ଡ ପର୍ଯ୍ୟନ୍ତ ଡାକି ଆଣିଥିଲା ତାହାର ଅନ୍ୟ ଏକ ସ୍ୱରୂପ ତାଙ୍କ ସାମ୍ନାରେ ଉଭାସିତ ହୋଇଛି। ନଦୀର କରାଳତା ଦୃଶ୍ୟାୟିତ ହୋଇଛି। ସୁମି ଝରକା ଫାଙ୍କରୁ ବଢ଼ିକୁ ଦେଖିଛି – ଠିକ୍ ସାପଟେ ପରି –"ବଢ଼ିପାଣି ବାଡ଼ି ଭିତରେ କାୟା ବିସ୍ତାର କରି ଶୋଇଛି। ତାର ମୁନିଆ ତୀକ୍ଷ୍ଣ ବିଷଦାନ୍ତଗୁଡ଼ିକ କଟ କଟ କରି ଦିଶୁଛି। ସେ ଝରକା ପାଖରୁ ଘୁଞ୍ଚି ଆସିଲା ଓ ଟୁନୀ କି ଆସିବାକୁ ଠାରି ଚୁପ୍ rahilaam ତଥାପି କଳା ମୁଖ ତା'ମନରେ ତାଣ୍ଡବ ନୃତ୍ୟ ଦେଖାଉଥାଏ। ମନେ ହେଲା – କାଣ୍ଡନଳ ସାପଟା ଯେମିତି ଘର ଭିତରେ ସଟ୍ ପଟ୍ ହୋଇ ବୁଲୁଛି। କାମୁଡ଼ିବ କି ?"( ପୃଷ୍ଠା .୫୧) ଭୟଭୀତ ଶିଶୁ ମନ ନିଜକୁ ଘର ଭିତରେ ମ୍ଭ ସୁରକ୍ଷିତ ମଣି ପାରୁନି। ମାଆ କୋଳ ଛଡ଼ା ସବୁଠୁ ବଢ଼ି ପାଣି ନିଜର କରାଳ ଜିହ୍ୱା କାଢ଼ି ସାହୁ ଚାଟିନେବାକୁ ଉଦ୍‌ବିଗ୍ନ ହୋଇପଡ଼ିଛି।

ରାତିରେ ଆହୁରି କରାଳ ରୂପ ଧାରଣ କରିଛି ବଢ଼ି। ବର୍ଷା ଓ ଝଡ଼ର ସାଙ୍ଗ ପାଇ ନଈ ପାଣି ଗର୍ବରେ ଫୁଲି ଉଠିଛି। ଘର

ଉପରର ଛାତ ଝଡ଼ ଉଡ଼େଇ ନେବା ବେଳେ ଦାଉ ସାଧିଛି ବଢ଼ି ପାଣିରେ ସନ୍ତେଇ ଯାଇଥିବା ମାଟି କାନ୍ଥ। ଘର୍ ବୋଲି ଯେଉଁ ଆଶ୍ରୟସ୍ଥଳ ଥିଲା ତାହା ନିଜର ଅସ୍ତିତ୍ୱ ହରାଇଛି। ମଣିଷର ଅବସ୍ଥା ଏପରି ବେଳେ ଗୃହପାଳିତ ପଶୁଙ୍କ ଅବସ୍ଥା ଆହୁରି ଶୋଚନୀୟ। ମଣିଷ ସିନା ପ୍ରାକୃତିକ ବିପଦ ବେଳେ ତାଙ୍କ ପଘା ଖୋଲିଦିଏ କିନ୍ତୁ ଏଭଳି ସମୟରେ ସେମାନେ ବା ଯିବେ କୁଆଡେ ? ପଶୁ ହେଲେ ମଧ୍ୟ ଏଭଳି ବିପଦ ସମୟରେ ସେମାନେ ଚାହାଁନ୍ତି ନିଜ ମାଲିକ ଠାରୁ ସୁରକ୍ଷା, କିନ୍ତୁ ପ୍ରକୃତି ନିଜ ଉଗ୍ରରୂପ ଦେଖାଇ ମଣିଷ ଠାରୁ ଇତର ପ୍ରାଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୃହହୀନ କରିଦିଏ।ପଶୁ ପକ୍ଷୀ, ମଣିଷ, ଘରଦ୍ୱାର ସବୁକୁ ଆବୋରି ନେଇ ଯାଏ ନିଜ ସ୍ରୋତରେ। ଯେଉଁ ମାନେ ବଞ୍ଚି ଯାଆନ୍ତି ବନ୍ୟାରେ, ବନ୍ୟା ପରର ଅବସ୍ଥା ତାଙ୍କୁ ପ୍ରତିକ୍ଷଣ ମାରୁଥାଏ। ଭୋକ ଶୋଷ, ରୋଗ ବ୍ୟାଧି ସବୁ ଗୋଟେ ପରେ ଗୋଟେ ହାତ ଧାରା ଧରି ହୋଇ ଆସନ୍ତି, ଦାଉ ସାଧନ୍ତି। ଜୀବ ଜଗତ ନିରୁପାୟ ହୋଇ କେବଳ ବିକଳ ଆର୍ତ୍ତନାଦ କରେ।

ଏହି ପରିପ୍ରେକ୍ଷୀରେ ଔପନ୍ୟାସିକ ମନେ ପକାଇଛନ୍ତି। କଟକକୁ ବନ୍ୟାରୁ ବଞ୍ଚାଇବାକୁ ଯାଇ ପଥର ବନ୍ଧ ନିର୍ମାଣ କରାଇଥିବା ରାଜା ମର୍କତକେଶରୀଙ୍କୁ। ତାଙ୍କ ପଥର ବନ୍ଧ ପାଇଁ ଏକ ବିରାଟ ନଗରୀ ନିଜକୁ ରକ୍ଷା କରିପାରିଥିଲା ବନ୍ୟା ଦାଉ ରୁ। କଳା ସ୍ଥାପତ୍ୟ ଭୁଲି ଉପାର୍ଜନ ଲୋଭରେ ଓଡ଼ିଶା ତ୍ୟାଗ କରିଛି। ପଥର ଆଉ ସ୍ୱର୍ଶ କରିପାରୁନି ନିହାଣ ମୁନକୁ। ଓଡ଼ିଆ ଶିଳ୍ପୀ ଯେ ଶିଳ୍ପ ବିମୁଖ ହୋଇ ପଡ଼ିଛି ଭାବି ଉପନ୍ୟାସିକ ସମାଲୋଚନା କରିଛନ୍ତି। ନାଲୁମିଶ୍ରଙ୍କ ଅନ୍ତର ମଧ୍ୟରୁ ଔପନ୍ୟାସିକ ଖୋଦ୍ ଏ ପ୍ରଶ୍ନ ଉଠାଇଛନ୍ତି ପ୍ରତ୍ୟେକ ଓଡିଆଙ୍କୁ। ଓଡ଼ିଶା ଆଉ ପଥର ଦେଶ ହୋଇ ନାହିଁ କେବଳ ନିର୍ଲ୍ଲଜ ମହାନଦୀ ବାଲିର ଦେଶ ହୋଇ ରହିଯାଇଛି ବୋଲି ସ୍ୱଗୋକ୍ତି କରିଛନ୍ତି।

ବାସହୀନ ହୋଇ ପଡିଛନ୍ତି ଶିରିଆପୁରର ଅଧିବାସୀ। ପ୍ରକୃତିର ଏଭଳି ଦାଉ ସାଧିବାକୁ ଲେଖକ ବିଶ୍ୱଯୁଦ୍ଧ ସହ ତୁଳନା କରି ଲେଖିଛନ୍ତି –"ଟପ୍ ଟପ୍ ଗତିରେ ଧାଇଁ ଆସିଲା ବର୍ଷା। କଦଳୀ ପତ୍ରର ଚଉଡ଼ା ଛାତି ଗୁଡ଼ାକ ତାର ପଦାଘାତରେ ଫାଟିଗଲେ। ଗତି ଓ ଶକ୍ତି ପ୍ରଖର ଏବଂ ପ୍ରବଳ। ଯେମିତି କ୍ରୁଦ୍ଧ ରାକ୍ଷାସର ବାରୁଣାସ୍ତ୍ର। ଶିରିଆ ପୁର ଗାଆଁ ଯେମିତି ବାରୁଣବାନ୍ତ ନଗରୀ। ଇନ୍ଦ୍ରଥିବା ଉଦ୍ଧତ ବୃତାସୁରକୁ ମାରିବା ଲାଗି ସୈନ୍ୟ ସଜାଇ ବୋମା ପକାଉଛି, ଯାହା ଜାପାନୀ ବୋମା ପରି ବିଷାକ୍ତ। ଶିରିଆ ପୁର ଗାଁରେ ଯେମିତି ବୃତାସୁର ଆସି ଲୁଚିଛି, ଆଉ ଇନ୍ଦ୍ର ପାଇଛି ତାର ସନ୍ଧାନ।"( ପୃଷ୍ଠା .୬୯) ବସ୍ତୁତଃ କଥାକାର ପ୍ରକୃତିର ଧ୍ୱଂସାଭିମୁଖୀ ସ୍ୱରୂପକୁ ଅପ୍ରତିରୁଦ୍ଧ୍ୟ ବୋଲି ପ୍ରକାଶ କରିଛନ୍ତି ଯାହା ଆଗରେ ଜୀବଜଗତ ନିମିତ୍ତ ମାତ୍ର। ପ୍ରତିପାଳିତା ମାଆ ହୋଇ ପ୍ରକୃତି ଯଦି ଅସ୍ତ୍ର ଧରି ଶାସନ କରିବାକୁ ଆଗେଇ ଆସେ, ସମଗ୍ର ଜୀବଜଗତ ନିରୁପାୟ ହୋଇପଡ଼େ।

ବାସହୀନ ସୁମି ଓ ଟୁନୀର ପରିବାର ବନ୍ୟା କବଳରୁ ଜୀବନ ବଞ୍ଚାଇ ଶିରିଆ ପୁଟ ରୁ କିଞ୍ଚିତ ଆଗକୁ ବଢ଼ି ଆସିଛନ୍ତି ସତ କିନ୍ତୁ ରାତି ସାରାର ସଂଗ୍ରାମ ପରେ ତାଙ୍କୁ ଗ୍ରାସିଛି କ୍ଷୁଧା। ନିରୀହ ଶିଶୁ ମାନଙ୍କ ତୁଣ୍ଡରେ ଆହାର ଦେବାପାଇଁ ଅନେକ ପରିଶ୍ରମ କରି ରାମାନନ୍ଦ ଖାଦ୍ୟ ଜୁଟାଇଛନ୍ତି। ସେ ଖାଦ୍ୟକୁ ଶିଶୁଙ୍କ ମୁଖ ପର୍ଯ୍ୟନ୍ତ ନେବା ପୂର୍ବରୁ ବାଟରେ ଭେଟିଛନ୍ତି ଅନେକ କ୍ଷୁଧାର୍ତ୍ତ ଆଖି। ପେଟର ଭୋକ ମଣିଷକୁ ହିତାହିତ ଜ୍ଞାନ ଭୁଲାଇଦିଏ। ଖାଦ୍ୟ ଛଡ଼ାଇ ନେବାକୁ କ୍ଷୁଧାର୍ତ୍ତ ମାନେ ରାମନନ୍ଦ କୁ ଆକ୍ରମଣ କରିଛନ୍ତି। କିନ୍ତୁ ନିଜ ଝିଅ ପାଇଁ ନେଉଥିବା ଖାଦ୍ୟକୁ ଅନ୍ୟ କାହାକୁ ଦେବାକୁ ଚାହିଁନାହାଁନ୍ତି ସେ। କିଂକର୍ତ୍ତବ୍ୟ ବିମୂଢ଼ ହୋଇ ବିଭୁକ୍ଷୁ ମାନଙ୍କ ଠାରୁ ନିଜକୁ ବଞ୍ଚାଇବା ପାଇଁ କ୍ଷୁଧାର କରାଳ ଜିହ୍ୱା ଦେଖାଇ କୂଳ ଲଂଘୁଥିବା ବୈତରଣୀକୁ। ପିତାର ବଳ ହାର ମାନିଛିମ ବୈତରଣୀ ଆଗରେ। ନିଜ କନ୍ୟାର ଭୋକ ମେଣ୍ଟେଇବାକୁ ଯାଇ ରାମାନନ୍ଦ ହୋଇଛନ୍ତି ବଢ଼ି ପାଣିର ଖାଦ୍ୟ।

**ଆଲୋଚନା :**

ସୁତରାଂ ଉପନ୍ୟାସରେ ତିନୋଟି ପ୍ରମୁଖ ଦିଗର ଚିତ୍ରାୟନ ପରିଦୃଷ୍ଟ ହୁଏ। ପ୍ରଥମତଃ ଉପନ୍ୟାସଟି ପ୍ରାକୃତିକ ବିପର୍ଯ୍ୟୟ ଆଧାରିତ ବନ୍ୟାର ତାଣ୍ଡବ ଲୀଳା ଉପର ପର୍ଯ୍ୟବସିତ। କ୍ରୁର କରାଳ ପ୍ରକୃତି ନିକଟରେ ମାନବ ତଥା ଜୀବସତ୍ତାର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଧୂଳିସାତ ହୋଇଯାଏ। ଦୁର୍ବାର ପ୍ରକୃତି ଗଛଲତା ପଶୁପକ୍ଷୀ ନର ବାନର ସମସ୍ତଙ୍କୁ କରେ ବିପନ୍ନ। ବସ୍ତୁବାଦୀ ସମାଜ ସହିତ ମହାମୂଲ୍ୟ ଜୀବନ ବଢ଼ିପାଣିର ଦାନ୍ତରେ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଏ। ଏ ସତ୍ୟ ବହୁ ଓଡ଼ିଆ ଉପନ୍ୟାସରେ ପାଠକ ଦେଖିବାକୁ ପାଏ। ପ୍ରକୃତି ଜୀବନ ପାଇଁ ଯେପରି ଆହ୍ଲାଦକର, ତାହାର ଭୟଙ୍କର ରୂପ ସେହିପରି ବିନଷ୍ଟକାରୀ। ଝଡ଼ଝଞ୍ଜା, ବନ୍ୟାବାତ୍ୟା ପରି ବିଧ୍ୱଂସକାରୀ ପ୍ରକୃତିର ରୁଦ୍ରମୂର୍ତ୍ତୀ ନିକଟରେ ମଣିଷର ନାଚାରପଣ ସର୍ବତ୍ର ପରିଦୃଷ୍ଟ ହୁଏ। ଧନୀ ଗରିବ ନିର୍ବିଶେଷରେ ପ୍ରକୃତି ପାଖରେ ପାତରଅନ୍ତର ନଥାଏ। ସଚ୍ଚି ରାଉତରାୟଙ୍କ ଝଡ଼ କବିତା, ସୁରେନ୍ଦ୍ର ମହାନ୍ତିଙ୍କ କାଳାନ୍ତର ଉପନ୍ୟାସ ବା କ୍ଷୁଧିତ ବ୍ରହ୍ମପୁତ୍ର ପରି ଗଦ୍ୟ ରଚନାରେ ମଧ୍ୟ ଦୁର୍ବାର ପ୍ରକୃତିର ଏହି ସାର୍ବଭୌମିକ ଅତ୍ୟାଚାରର ଚିତ୍ର ପରିଲକ୍ଷିତ ହୋଇଥାଏ। ବଢ଼ିପାଣିର ଦାନ୍ତ ଉପନ୍ୟାସରେ ଧନଜୀବନ କ୍ଷୟକାରୀ ବନ୍ୟାର ହୃଦୟ ବିଦାରକ ଚିତ୍ର ଉପସ୍ଥାପିତ। ଅନ୍ୟ ପକ୍ଷରେ ଜୀବନ ଧାରଣାର ମୌଳିକ ଉପାଦାନ ଆହାରର ଅଭାବରେ ମଣିଷ ମଣିଷ ମଧ୍ୟରେ ସମ୍ପର୍କ କିପରି ତୁଚ୍ଛ ପାଲଟିଯାଏ । ତାହା ଔପନ୍ୟାସିକ ପ୍ରଦର୍ଶନ କରିଛନ୍ତି। କୁହାଯାଏ ପ୍ରତ୍ୟେକ ପ୍ରାଣୀ ପାଇଁ ପେଟର କ୍ଷୁଧା ଓ ଦେହର କ୍ଷୁଧା ସବୁଠୁ ପ୍ରଭାବଶାଳୀ। ଅଭାବ, ସଙ୍କଟ ପରିବେଶ ମଧ୍ୟରେ ପ୍ରାଣୀ ଜଗତରେ ତ ଟଣା ଓଟରା ହୁଏ, ମୁଠାଏ ଖାଦ୍ୟ ପାଇଁ କୁକୁର, ବିରାଡ଼ି, କାଉ କୋଇଲି ବା ବାଘ ସିଂହ ସମସ୍ତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା

ଚାଲେ। କିନ୍ତୁ ପ୍ରକୃତି ପ୍ରଭାବିତ ଜୀବନର ଘୋର ସଙ୍କଟ କାଳରେ ମଣିଷ ଭିତର ସେହି ପଶୁତ୍ୱ ବସା ବାନ୍ଧେ। ସେ ମଣିଷର ଓହ୍ଲାଇ ଯାଏ ଏକ ପ୍ରାଣୀ ସ୍ତରକୁ। ଏହା ଜୀବନରେ ଏକ ଅବଧାରିତ ସତ୍ୟ। ତାହାକୁ ଔପନ୍ୟାସିକ ସୂଚେଇ ଦେଇଛନ୍ତି ରାମାନନ୍ଦର ହାତରୁ ଖାଦ୍ୟ ଅନ୍ୟମାନେ ଛଡ଼ାଇ ନେବା ଘଟଣାରେ। ଭୋକର ଦାଉ ସମ୍ଭାଳିନପାରେ ଗାଆଁର ଆତ୍ମୀୟମାନେ ମାନେ ବିଲୁଆ କୁକୁର ପରି ତା ହାତରୁ ଖାଦ୍ୟ ଓଟାରି ନେବା ଯଥାର୍ଥରେ ସେହି ସତ୍ୟକୁ ପ୍ରମାଣିତ କରିଥାଏ।

ଜୀବିଧର୍ମର ତିନି ମୌଳିକ ଆବଶ୍ୟକତା ମଧ୍ୟରେ କ୍ଷୁଧାର ସ୍ଥାନ ସର୍ବାଗ୍ରେ। ଆହାର,ନିଦ୍ରା, ମୈଥୁନ ପ୍ରତ୍ୟେକ ପ୍ରାଣୀର ଚିରନ୍ତନ ଚାହିଦା। ତେବେ କ୍ଷୁଧା ନିକଟରେ ମାନବିକତା ଓ ମଣିଷ ପଣିଆର ପ୍ରଶ୍ନ ଉଠେ ନାହିଁ। କାହ୍ନୁ ଚରଣଙ୍କ ଶାସ୍ତି ଉପନ୍ୟାସ ହେଉ ବା ରାଧାନାଥଙ୍କ ପାର୍ବତୀ କାବ୍ୟ ହେଉ, ସବୁଠି ମାନବତ୍ୱକୁ ହତ୍ୟାକରି କ୍ଷୁଧା ହିଁ ନିଜର ପ୍ରାଧାନ୍ୟ ବିସ୍ତାର କରିଛି। ପ୍ରସନ୍ନ ମିଶ୍ରଙ୍କ ଶଂସିତ ଉପନ୍ୟାସଟି ବିପର୍ଯ୍ୟୟ ପୀଡ଼ିତ ମଣିଷର ସେହି କ୍ଷୁଧା କବଳିତ ରୂପଟିକୁ ଇଙ୍ଗିତ ପ୍ରଦାନ କରିଛି।

**ଉପସଂହାର :**

ଉପନ୍ୟାସର ପ୍ରକାଶଭଙ୍ଗୀ ଓ ଉପସ୍ଥାପନା ଶୈଳୀକୁ ଦେଖିଲେ ଗୋଟିଏ ଶିଶୁ ଚରିତ୍ରର ମନସ୍ତାତ୍ତ୍ୱିକ ଦିଗଟି ବେଶ୍ ପ୍ରଭାବଶାଳୀ ସରଳ ଶିଶୁ ଜାଣେନା ବନ୍ୟାର ପ୍ରକୋପ ବା କଳନା କରି ପାରେନା ବଢ଼ିପାଣିର ଦାନ୍ତର କରାମତି। ଶାନ୍ତ, ସରଳ, କୋମଳ ପ୍ରକୃତିର କୋଳରେ ହଜିଯିବା ଓ ମଜୀ ଯିବା ତାର ଧର୍ମ। ହସି ଖେଳି ଜୀବନ ବିତାଉ ଥିବା ଶୈଶବର ସ୍ୱପ୍ନ ଅନ୍ତରାଳରେ ନିଷ୍ଠୁର ବାସ୍ତବତାର ବିଘ୍ନ ବା ବିପନ୍ନ ସ୍ଥିତି ଲୁକ୍କାୟିତ ଥାଇପାରେ - ଏହି ଅଦୃଷ୍ଟ ଭବିଷ୍ୟତର ସଂକେତ ମଧ୍ୟ ଏଠି କଳନା କରିହୁଏ। ସୁତରାଂ ଶିଶୁ ମନସ୍ତତ୍ତ୍ୱ, ତାର ବନ୍ୟା ଆବାହନ, ବାସ୍ତବରେ ବନ୍ୟାର ବିଭୀଷିକା ଓ ସେହି ଶିଶୁ ମନର ସ୍ୱପ୍ନ ଉଜୁଡ଼ିଯିବାର ଦୁର୍ବିସହ ସ୍ଥିତି ଉପନ୍ୟାସକୁ କରିଛି କରୁଣ ରସାଦ୍ର।

ବାସ୍ତବରେ ଡ. ପ୍ରସନ୍ନ ମିଶ୍ର ଜଣେ ପ୍ରସିଦ୍ଧ କବି ଓ ନାଟ୍ୟକାର। ଉତ୍ତର ଷାଠିଏ ଓଡ଼ିଆ କବିତାର ଜଣେ ଶକ୍ତିଶାଳୀ କାବ୍ୟ ଶିଳ୍ପୀ ଭାବେ ତାଙ୍କର ସିଦ୍ଧି ଯେପରି ରହିଛି, ନବ୍ୟନାଟ୍ୟ ଆନ୍ଦୋଳନ ପରବର୍ତ୍ତୀ ଓଡ଼ିଆ ନାଟକକୁ ସମୃଦ୍ଧିବନ୍ତ କରିବାରେ ସେହିପରି ତାଙ୍କର ଅବଦାନ ସ୍ୱୀକାର୍ଯ୍ୟ। ତେବେ ଓଡ଼ିଆ ଉପନ୍ୟାସ କ୍ଷେତ୍ରକୁ ତାଙ୍କର ଅବଦାନ ଯଥେଷ୍ଟ ନହେଲେ ହେଁ ବଢ଼ି ପାଣିର ଦାନ୍ତ ପରି ରଚନା ତାଙ୍କ କଥା କାରିଗରିର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ, ଏଥିରେ ସତ୍ୟର ଅପଳାପ ନାହିଁ।

**ପୃଷ୍ଠଟୀକା :**

୧. ମିଶ୍ର, ପ୍ରସନ୍ନ କୁମାର, ବଢ଼ିପାଣିର ଦାନ୍ତ, ପେନ୍ ଇନ୍ ବୁକ୍ସ, ଏମ -୬/୫୧, ଆର୍ଚାର୍ଯ୍ୟ ବିହାର, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୨୨, ପୃଷ୍ଠା -୩୯।
୨. ତତ୍ରୈବ, ପୃଷ୍ଠା -୨୨।
୩. ତତ୍ରୈବ, ପୃଷ୍ଠା -୫୧।
୪. ତତ୍ରୈବ, ପୃଷ୍ଠା -୬୯।

**ସହାୟକ ଗ୍ରନ୍ଥସୂଚୀ :**

୧. ମିଶ୍ର, ପ୍ରସନ୍ନ କୁମାର, ବଢ଼ିପାଣିର ଦାନ୍ତ, ପେନ୍ ଇନ୍ ବୁକ୍ସ, ଏମ -୬/୫୧, ଆର୍ଚାର୍ଯ୍ୟ ବିହାର, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୨୨।
୨. ପଟ୍ଟନାୟକ, ପଠାଣି, ରାଉତ, ଭୋଳାନାଥ, ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ(ପ୍ରଥମ ଭାଗ), ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ କଟକ, ତୃତୀୟ ସଂସ୍କରଣ,୨୦୧୯।
୩. ପାଣିଗ୍ରାହୀ, ସୁରେନ୍ଦ୍ର ନାଥ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍ ଷ୍ଟୋର ବିନୋଦ ବିହାରୀ କଟକ, ଦ୍ୱିତୀୟ ସଂସ୍କରଣ,୨୦୨୦।
୪. କର, ବାଉରୀବନ୍ଧୁ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ କଟକ, ଦ୍ୱିତୀୟ ସଂସ୍କରଣ,୨୦୧୮।
୫. ପଟ୍ଟନାୟକ, କଇଳାଶ, ଓଡ଼ିଆ ଉପନ୍ୟାସର ସମାଜ ତତ୍ତ୍ୱ, ବିଦ୍ୟାପୁରୀ, ବାଲୁବଜାର କଟକ, ଦ୍ୱିତୀୟ ସଂସ୍କରଣ, ୨୦୧୯।

❖ ❖ ❖

DOI : https://doi.org/10.5281/zenodo.14915072

ମୂଳ ପ୍ରବନ୍ଧ

# ସନ୍ଥକବି ଭୀମଭୋଇଙ୍କ ଭଜନମାଳା ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ

**ବାପିନା ସ୍ୱାଇଁ ଏବଂ ଆଲୋକ ବରାଳ**

**ସକ୍ଷିପ୍ତସାର :**

ଅଲୋଚ୍ୟ ଆଲେଖ୍ୟଟି ଓଡିଶାର ପ୍ରମୁଖ ସନ୍ଥ କବି ଭୀମ ଭୋଇଙ୍କ ରଚିତ ପ୍ରମୁଖ ଗ୍ରନ୍ଥ ଭଜନମାଳାକୁ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ପ୍ରେକ୍ଷାରେ ଆଲୋଚନା କରାଯାଇଛି। ଭୀମ ଭୋଇଙ୍କ ଆଦ୍ୟଜୀବନ, ମହିମାସ୍ୱାମୀଙ୍କ ପ୍ରେରଣାରେ ମହିମା ଧର୍ମ ଦୀକ୍ଷା ଗ୍ରହଣ କବି ଜନ୍ମସ୍ଥାନକୁ ନେଇ ଗବେଷକମାନଙ୍କ ଆଲୋଚିତମତ ଆଦି ଉକ୍ତ ପ୍ରବନ୍ଧରେ ଗ୍ରଥିତ ସର୍ବଭାରତୀୟ ସନ୍ଥ କବିମାନଙ୍କ ପରିପ୍ରେକ୍ଷୀରେ କବି ଭୀମଭୋଇଙ୍କ ସମ୍ବନ୍ଧରେ ବିମର୍ଶ ଉକ୍ତ ପ୍ରବନ୍ଧରେ ପ୍ରଦତ୍ତ। ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱର ପ୍ରାଚୀନତା ଏବଂ ତାହାର ବିଭିନ୍ନ ବିଭାବ ସମୂହର ଆଲୋଚନା ଉକ୍ତ ଆଲେଖ୍ୟରେ ପରିଦୃଷ୍ଟ । ସନ୍ଥ ସାହିତ୍ୟ ତାତ୍ତ୍ୱିକ ଦିଗ ସମୂହ ସହିତ ମହିମାଧର୍ମର ତତ୍ତ୍ୱଆଦି କବିଙ୍କ କବିତ୍ୱର ପ୍ରତିଫଳନ ହୋଇଛି ।

**ପ୍ରମୁଖ ଶବ୍ଦାବଳୀ :**

ସନ୍ଥକବି ,ଭୀମଭୋଇ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ଭଜନମାଳା,ପିଣ୍ଡ ବୃକ୍ଷ,ଏକାକ୍ଷର ଭଜନ,ଅବନାମନ୍ଦିର, ଆତ୍ମଜ୍ୟୋତି , ନିର୍ଗୁଣବ୍ରହ୍ମ ଜ୍ଞାନ ।

ଭୀମ ଭୋଇ ୧୮୫୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ମାତାଙ୍କର ସମ୍ପୂର୍ଣ୍ଣ ପରିଚୟ ଏ ପର୍ଯ୍ୟନ୍ତ ମିଳିନାହିଁ । ଆଲୋଚକ କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ କବି ଭୀମ ଭୋଇ ପ୍ରବନ୍ଧରେ ଶ୍ରୀ ହରିପଣ୍ଡାଙ୍କ ଧର୍ମ ପ୍ରକାଶ ଗୀତାରୁ କବି ସୋନପୁରରେ ଆବିର୍ଭୁତ ହୋଇଥିବାର ମତ ଦିଅନ୍ତି । ତାଙ୍କର ପାଳିତ ପିତାମାତା ଦାନର ଭୋଇ ଓ ଗୁରୁବାରୀ ଭୋଇ ଶିଶୁ ଭୀମଙ୍କୁ, ବର୍ତ୍ତମାନର ବଲାଙ୍ଗୀରର ଜଟସିଙ୍ଗାର ତାଳବଣରୁ ଉଦ୍ଧାର କରିଥିବାରୁ ଜନଶ୍ରୁତି ଅଦ୍ୟାପି ପ୍ରଚଳିତ । ଦନାର ଭୋଇଙ୍କ ଅକାଳ ମୃତ୍ୟୁପରେ ଗୁରୁବାରୀ ଧନେଶ୍ୱରକୁ ଦ୍ୱିତୀୟ ହେଲେ ସେହି ଦିନଠାରୁ ଭୀମଙ୍କ ଜୀବନ ଅମା ଅନ୍ଧକାରରେ ଆଚ୍ଛାଦିତ ହୋଇଗଲା । ପୁନଶ୍ଚ ଗୁରୁବାରୀଙ୍କ ଅକାଳ ମୃତ୍ୟୁ ବୋଟ୍ ଉପରେ ଲଳିତା ବିଡା ସଦୃଶ୍ୟ ଭୀମଙ୍କ ଉପରେ ନିପତିତ ହେଲା । ଭୀମଙ୍କ ପ୍ରତି ସାବତ ମାଆ ସେବତୀଙ୍କ ଅବିଚାର ଓ ଅବହେଳା ଯୋଗୁଁ, ଭୀମ ଗୃହ ତ୍ୟାଗ କରି କାଙ୍କଣପଡାସ୍ଥ ଗୌନ୍ତିଆ ଚୈତନ୍ୟ ପ୍ରଧାନଙ୍କ ଗୋରୁ ଜଗୁଆଳି ଭାବେ କାର୍ଯ୍ୟକଲେ । ଭୀମଭୋଇ ବାଲ୍ୟକାଳରୁ ନିରକ୍ଷର ଥିଲେ । ମାଲିକ ଧର୍ମପ୍ରାଣ ଚୈତନ୍ୟ ପ୍ରଧାନରେ ଆଶ୍ରିତ ହୋଇ ସମସ୍ତ ପୁରାଣ ଭାଗବତ ଆଦି ଶ୍ରବଣ କରି ତାହାକୁ ମୁଖସ୍ଥ କରିଥିଲେ । ଭୀମଙ୍କ ଦୁର୍ବିସହ ଜୀବନର ଅୟମାରମ୍ଭ ୩ ବର୍ଷରୁ ଆରମ୍ଭ ହୋଇ ଯାଇଥିଲା । ମହିମା ଧର୍ମର ସ୍ଥାପୟିତ ମହିମା ଗୋସ୍ୱାଇଁଙ୍କ ସଂସ୍ପର୍ଶରେ ଆସିବା ପର୍ଯ୍ୟନ୍ତ ଜୀବନତୀର ଏକ ଲକ୍ଷ୍ୟାହୀନ ପଥରେ ଗତି କରୁଥିଲେ । ମହମା ସ୍ୱାମୀ ଭୀମଙ୍କ ଜୀବନକୁ ମହନୀୟ ଆଦର୍ଶ ସ୍ଥାନୀୟ କରିଦେଇଥିଲେ ।

ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁ କବି ଭୀମ ଭୋଇଙ୍କ ପଥ ପ୍ରଦର୍ଶକ ରୂପେ ଭୀମଙ୍କୁ ସାଧାରଣ ମାନବ ସ୍ତରରୁ ତାଙ୍କୁ ମହାମାନବ,ବିଶିଷ୍ଟ ଦାର୍ଶନିକ, ମାନବବାଦ, ବିଚାରକ ଓ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14915072

Article No - BPPP00270

**ଯୋଗାଯୋଗ :**
**ଶ୍ରୀ ବାପିନା ସ୍ୱାଇଁ,** (ଗବେଷକ)
ଓଡ଼ିଶା କେନ୍ଦ୍ରିୟ ବିଶ୍ୱ ବିଦ୍ୟାଳୟ, କୋରାପୁଟ
**E mail** -bapinaswain329@gmail.com
**ORCID ID**-://orcid.org/0009-0007-7710-6347

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୨.୨୦୨୪ | ୨୫.୦୧.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସ୍ୱାଇଁ, ବାପିନା, ବରାଳ, ଆଲୋକ; ୨୦୨୫ । ସନ୍ଥକବି ଭୀମଭୋଇଙ୍କ ଭଜନମାଳା ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଟ, ପୃଷ୍ଠା :୬୦-୬୫ ।

କାଳଜୟୀ କବି କରିବାରେ ପ୍ରେରଣା ପ୍ରଦାନ କରିଥିଲେ । ମହିମା ଧର୍ମକୁ ଜଣ ଧର୍ମରୁ ଗଣ ଧର୍ମକୁ ରୂପାନ୍ତରିତ କରିବାରେ ସନ୍ଥକବି ଭୀମ ଭୋଇ ଶକ୍ତିଶାଳୀ ଲେଖନୀ ମୁଖ୍ୟତଃ ଦାୟୀ ଥିଲା । ସେହି କବିକୁଚାଳ ଭୀମ ଭୋଇଙ୍କ ଲେଖନୀ ନିସୃତ ଗ୍ରନ୍ଥରାଜି ଗୁଡିକ ହେଲା ଯଥାକ୍ରମେ ସ୍ତୁତି ଚିନ୍ତାମଣୀ, ଅଷ୍ଟାକବିହାରୀଗୀତା ଶୃତିନିଷେଧଗୀତା, ନିର୍ବେଦ ସାଧନ, ମହିମା ବିନୋଦ, ବ୍ରହ୍ମ ନିରୂପଣ ଗୀତା, ଚଉଦିଶା ମଧୁଚକ୍ର, ବ୍ରହ୍ମ ସଂଯୁକ୍ତ ଗୀତା, ଆଦି ଅନ୍ତ ଗୀତା ଓ ଭଜନମାଳା ଆଦି:-

ଭୀମ, ମଧ୍ୟ ଗୁରୁଙ୍କୁ ତାଙ୍କ କୃତିତ୍ୱ ଶ୍ରେୟ ପ୍ରଦାନ କରି ନିଜକୁ ଦୀନ ହୀନ ଭାବେ ଗ୍ରନ୍ଥ ରାଜିରେ ଉପସ୍ଥାପିତ କରିଛନ୍ତି । ଆର୍ତ୍ତବଲ୍ଲଭ ମହାନ୍ତି କର୍ତୃକ ପ୍ରକାଶିତ ବ୍ରହ୍ମ ନିରପଣଗୀତା ୧୯୨୨ ମୁଖବନ୍ଧରେ ବୀର ମିତ୍ରଦୋୟ ଲେଖିଛନ୍ତି । "କେହି ପ୍ରଶଂସା କଲେ ଭୀମ ଭୋଇ କୁହନ୍ତି" ମୁଁ ତ ଜନ୍ମାନ୍ଧ ଗୁରୁ କୃପାର ଫଳ ଏସବୁ ଭଜନ ମାଳା ଭୀମଙ୍କ ସମଗ୍ର ରଚନାବଳୀ ମଧ୍ୟରେ ସ୍ତୁତି ଚିନ୍ତାମଣୀ ବ୍ୟତିରିକ ଏକ ଅଦ୍ୱିତୀୟ ରଚନା ସମସ୍ତ ସନ୍ଥ କବି ମାନଙ୍କ ପରି ଭୀମ ଭୋଇ ହୃଦୟର ସମସ୍ତ ଭାବଦ୍ୱାରା ଭଜନ ଗୁଡିକ ରସସିକ୍ତ ହୋଇ ଉଠିଛି । କବୀର, ମୀରାବାଇ, ତୁକାରାମ, ସାଲବେଗ, ଗୌରଚରଣ ଓ ବନମାଳୀଙ୍କ ସହ ଭୀମଙ୍କ ଭଜନ ଗୁଡିକ ତୁଳନୀୟ ଏପରିକି ସ୍ଥାନେ ସ୍ଥାନେ ଏହିସବୁ କାମିକୁ ଉପରୋକ୍ତ କବିମାନଙ୍କୁ ମଧ୍ୟ ଅତିକ୍ରମ କରିଯାଇଛି ।

ପ୍ରଥମେ ୧୯୨୬ ମସିହାରେ ପ୍ରକାଶିତ ଭଜନମାଳାରେ ୩୦୦ ରୁ ଉର୍ଦ୍ଧ ଭଜନମାଳା ସ୍ଥାନିତ, ବିଶିଷ୍ଟ ସମାଲୋଚକ କବି ମାୟାଧର ମାନସିଂହଙ୍କ ଭାଷାରେ ଏହି ଗ୍ରନ୍ଥ କବିଙ୍କର ସରଳୀକୃତ ଉପନିଷଦ । ଉପନିଷଦର ଗୁହ୍ୟ ଅର୍ଥ ଜନଗଣଙ୍କୁ ଜନଗଣଙ୍କ ଭାଷାରେ ପ୍ରାଞ୍ଜଳ ଭାବେ ବୋଧଗମ୍ୟ କରାଇଛନ୍ତି । ଭଜନ ଗୁଡିକର ସଂଖ୍ୟା ଓ ଗୁରୁତ୍ୱ ଦୃଷ୍ଟିରୁ ମହିମା ଧର୍ମ ପ୍ରରିପ୍ରେକ୍ଷୀରେ ଏଗୁଡିକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହାଦ୍ୱାରା ଭୀମ ଭୋଇ ମହିମାଧର୍ମର ନିୟମ ଗୁଡିକୁ ବର୍ଣ୍ଣନା କରିଛନ୍ତି । ନିଜ ଭାଷାରେ ଯଥା "ନୁହଇ ଉଶ୍ୱାସ ବୋଝ, କହିବାକୁ ବଡ ସଜ, ନେବା ଆଣିବାକୁ କେହୁଅଛି ସମର୍ଥ "ଏହି ଭଳି ଲୋକ ଭାଷାରେ ସମଗ୍ର ଭଜନ ମାଳା ପ୍ରତିଧ୍ୱନିତ୍ୱ ।

ସମଗ୍ର ଭଜନମାଳାର ଗୋଟିଏ ଆଙ୍ଗିକ ବୈଶିଷ୍ଟ୍ୟ ହେଉଛି ଯେ, ଛଅ ଗୋଟି ଭଜନ ଛାଡି ଅନ୍ୟସବୁ ଭଜନର ପଦସଂଖ୍ୟା ଛଅ, ଭଜନ ଗୁଡିକର ପାଦସଂଖ୍ୟା ଏପରି ହେବାର କାରଣ ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ମତରେ ଶରୀରସ୍ଥ ଷଡଚକ୍ରକୁ ଲକ୍ଷକରି ରଚନା କରାଯାଇଛି । କାରଣ ଅନ୍ୟ ଭଜନଗୁଡିକ ପରି ମହିମାଭଜନକୁ ମଧ୍ୟ ପ୍ରେମ ପୁଲକରେ ଗାଇବାକୁ ପଡେ । ସେତେବେଳେ ଶରୀରସ୍ଥ ଷଡଚକ୍ର ପ୍ରତିଧ୍ୱନିତ ହୁଏ । (୨) ଭଜନ ଅର୍ଥାତ୍ ଭଜିବା, ଗୁଣ କୀର୍ତ୍ତନ କରିବା; କାରଣ ସେହି ସ୍ରଷ୍ଟା ଅବ୍ୟକ୍ତ ସର୍ବଶକ୍ତିମାନ ଶକ୍ତିକୁ; ଯିଏ ଏଇ ଦୃଶ୍ୟମାନ ଜଗତର ଇଶ୍ୱର ବୋଲି ସନ୍ଥ ମାନେ ଯହାକୁ ବିଚାର କରନ୍ତି । ଅନ୍ୟ କବି ମାନେ ଭଜନ ପାଇଁ ଛନ୍ଦ ଓ ରାଗ ରାଗିଣୀର ବ୍ୟବହାର କରିଥିଲେ କିନ୍ତୁ ସନ୍ଥକବି ଏଥିରେ ବ୍ୟତିକ୍ରମ ସ୍ୱଚ୍ଛନ୍ଦ, ସ୍ୱାଭାବିକ ନିଷ୍କାମ ଭକ୍ତିର ସ୍ୱତଃସ୍ଫୁର୍ତ୍ତ ଅନାହତ ଧାରାକୁ ଭଜନ ଗାୟନ ସମୟରେ ଅନୁଭବ କରାଯାଇ ଥାଏ ।

ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଏକ ପ୍ରାଚୀନ ମତବାଦ, ଶ୍ରୁତି ଓ ସ୍ମୃତି ମଧ୍ୟ ଦେଇ ସେହି ଧାରା ଅଦ୍ୟାବଧି ପ୍ରବାହିତ । ଯଦିଓ ଅଧୁନା ସେହି ନିରଝରଣୀର ଧାର ସଦୃଶ୍ୟ ଶୁଷ୍କ ପ୍ରାୟ ହୋଇଗଲାଣି । ବିଶିଷ୍ଟ ସନ୍ଥ ସାହିତ୍ୟର ତତ୍ତ୍ୱଦର୍ଶୀ ସମାଲୋଚକ ଚିତରଞ୍ଜନ ଦାସଙ୍କ ମତରେ ସାଧନାତତ୍ତ୍ୱର ପରିଭାଷାରେ କହିଲେ ବ୍ରହ୍ମାଣ୍ଡରେ ଯାହା ଅଛି, ଏହି ପିଣ୍ଡରେ ମଧ୍ୟ ତାହା ହିଁ ରହିଛି । ଗୋଟିକର ପରିଚୟ ପାଇଲେ ଆମକୁ ଦୁଇଟି ଯାକର ପରିଚୟ ଅବଶ୍ୟ ମିଳିଯାଇ ପାରିବ । ଯିଏ କେବଳ ପିଣ୍ଡରେ ଦେଖି ପାରେନାହିଁ । ଅଥଚ କେବଳ ବ୍ରହ୍ମାଣ୍ଡରେ କିଛି ଦେଖିପାରେ ନାହିଁ ଓ ଆପଣାର ଖଣ୍ଡିତ ମନ ଓ ବୁଦ୍ଧିଦ୍ୱାରା ଆପଣାର ଅନୁଭବ ଖଣ୍ଡିତ କରି ରଖିଥାଏ । (୩) ଏହା ହିଁ ଭାରତୀୟ ସାଧନର ମୂଳତତ୍ତ୍ୱ । କୁହାଯାଏ ପରମସତ୍ତା ପରଂବ୍ରହ୍ମ କେବଳ ମହାଶୂନ୍ୟରେ ନଥାନ୍ତି, କେବଳ ବାହାରେ ନିଖିଳ ବ୍ୟାପି ହୋଇଥିବାରୁ ସିଏ ପ୍ରତ୍ୟେକ ପିଣ୍ଡରେ ମଧ୍ୟ ପୁରି ରହିଛନ୍ତି । ନିଖିଳ ବ୍ୟାପୀ ହୋଇଥିବାରୁ ସିଏ ପୃଥିବୀର ପ୍ରତ୍ୟେକ ପିଣ୍ଡରେ ପୁରିଛନ୍ତି । (୪) ତେଣୁ ସେ ଏହି ମନୁଷ୍ୟ କାୟା ମଧ୍ୟରେ ରହିଛନ୍ତି । ଉପନିଷଦର ବ୍ରହ୍ମ, ବୌଦ୍ଧ ଦର୍ଶନର ଶୂନ୍ୟ, ନାଥ ଦର୍ଶନର ଶିବ, ମହିମା ଧର୍ମର ମହିମା ବା ଅଲେଖ ପିଣ୍ଡରେ ଓ ବ୍ରହ୍ମାଣ୍ଡରେ ସମାହିତ; ଏହାକୁ ହିଁ ପିଣ୍ଡ ବ୍ରହ୍ମାଣ୍ଡତତ୍ତ୍ୱ କୁହାଯାଇପାରେ । ସହଜିଆ ସିଦ୍ଧାଚାର୍ଯ୍ୟଙ୍କ ଗୀତିକାରେ କାୟାସାଧନା ଦ୍ୱାରା ଶରୀର ମଧ୍ୟରେ ବ୍ରହ୍ମାଣ୍ଡର କଳ୍ପନାର ବହୁଳ ବର୍ଣ୍ଣନା ଦିଆଯାଇଛି । ସେହିପରି ନାଥ ଦର୍ଶନରେ ଯୋଗ ସାଧନା ଦ୍ୱାରା ହଂସ ମନ୍ତ୍ରକୁ ଜପକରି ପିଣ୍ଡ ମଧ୍ୟରେ ଆତ୍ମ ଜ୍ୟୋତିକୁ ଦର୍ଶନ କରାଯାଇପାରେ ବୋଲି ବର୍ଣ୍ଣିତ । ସନ୍ଥକବି ଭୀମ ଭୋଇଙ୍କ ସମଗ୍ର ରଚନା ବଳୀରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ବ୍ୟବହାର ପ୍ରତୁଳ । ବିଶେଷ ଭାବରେ ଭଜନମାଳା ଏହାର ପ୍ରୟୋଗର ଅଭିନବତ୍ୱ ଓ ସ୍ୱାତନ୍ତ୍ର୍ୟ ପରିଦୃଷ୍ଟ। ପିଣ୍ଡ ବ୍ରହ୍ମାଣ୍ଡକୁ କବି ଭୀମଭୋଇ ସନ୍ଥ ସାହିତ୍ୟର ବିଭିନ୍ନ ତତ୍ତ୍ୱ ସହ ସମନ୍ୱିତକରି ଭଜନ ଗୁଡିକୁ ଭକ୍ତି ଭାବରେ ରସାଣିତ କରିଛନ୍ତି । ଉକ୍ତ ତତ୍ତ୍ୱ ଗୁଡିକ ନିମ୍ନରେ ଆଲୋଚିତ ।

ଏକାକ୍ଷର ଭଜନ- ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡ ସ୍ୱରୂପକୁ ଦର୍ଶନ କରିବାକୁ ହେଲେ ଏକାକ୍ଷରକୁ ଭଜନ କରିବାକୁ ପଡେ । ଏକାକ୍ଷର ଅର୍ଥାତ୍ ଏକ ଅକ୍ଷର ଓ ଏହାକୁ ଜଗତ ସମ ବା ସମଗ୍ର ଜଗତର ଧ୍ୱନିଭାବେ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି, ସେଥିପାଇଁ ରାମଗୀତା କହନ୍ତି "ଜଗତ

ଓଁ ବାଚକ ଏବଂ ଓଁ କାର ଜଗତର ବାଚକ । ଓଁକାର ଆଦ୍ୟସ୍ଥିତା ଆକାର ବିଶ୍ୱବ୍ରହ୍ମାଣ୍ଡର ବାକ୍ୟ ବୋଲି ନିର୍ଣ୍ଣିତ ହୁଏ। ଏକାକ୍ଷର ଜଗତଦ୍ୱାରା ବ୍ରହ୍ମାଣ୍ଡ ଓ ଶରୀର ଏକତ୍ୱ ହୁଏ ତେଣୁସନ୍ଥ କବି ଗାଇଛନ୍ତି

"ଚଳୁଛି ଏକାକ୍ଷର ଭଜନ ପାଦେ
ନିଜ ଅବତାର ହୋଇଅଛନ୍ତି ଉଦେ
ଏକାକ୍ଷର ପାଦଚିହ୍ନି ଭଜୁଛନ୍ତି ବ୍ରହ୍ମଜ୍ଞାନୀ
ଭୀମ ଅରକ୍ଷିତ ଭଣେଧ୍ୟାୟୀ ଅନାଦି ସିଦ୍ଧଙ୍କୁ"

କବିଙ୍କ ବର୍ଣ୍ଣନାରେ ଗୁରୁ ମହିମା ସ୍ୱାମୀ ନିଜେ ଆଦେଶ ପରଂବ୍ରହ୍ମଙ୍କ ଅବତାର ତେଣୁ ସେ ସ୍ୱୟଂ ହିଁ ଏକାକ୍ଷର ଏବଂ ଯେଉଁ ଭକ୍ତ ମାନେ ତାଙ୍କ ମାର୍ଗରେ ଅନୁସରଣ କରି ଆଶ୍ରିତ ହୋଇଛନ୍ତି ସେମାନେ ସମସ୍ତେ ବ୍ରହ୍ମଜ୍ଞାନୀ ।

### ଅବନାବାଇ ବା ଅଜପାଜପ:

କବି ଭୀମ ଭୋଇଙ୍କ ବର୍ଣ୍ଣନାରେ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱକୁ ଆଲେଖ୍ୟରେ ରୂପାୟିତ କରିବା ପାଇଁ ଅଜପାଜପକୁ ମଧ୍ୟ ଏକ ଉପାଦନ ଭାବେ ବ୍ୟବହାର କରିଛନ୍ତି । ପ୍ରାଣବାୟୁ ଅନବରତ ପ୍ରବାହିତ ହେଉଛି ତେଣୁ ତାହାକୁ ଅନାହତ ବାୟୁ ବା ପ୍ରାଣ ବାୟୁ; ସେଥିପାଇଁ ମହାନିର୍ବାଣତନ୍ତରେ ମହାଦେବଶିବ କହୁଛନ୍ତି,"ମୁଁ କିପରି ଅଜପା ବାୟୁର ମହାତ୍ମ୍ୟ ବର୍ଣ୍ଣନା କରିବି ? କାରଣ ସର୍ବଦା ପିଣ୍ଡର ଭିତରୁ ବାହାରକୁ ଏବଂ ବାହାରରୁ ଭିତରକୁ ପ୍ରବାହିତ ହେଉଅଛି, ଆସିବା ସମୟରେ ପ୍ରାଣବାୟୁ 'ହଂ' ଏବଂ ଯିବା ସମୟରେ 'ସ' ତେଣୁ ଏହାକୁ ହଂସ ମନ୍ତ୍ର କୁହାଯାଏ" । (୫) ଏହାକୁ ଜପ କରିବାକୁ ପଡେ ନାହିଁ ତେଣୁ ଏହା ଅଜପା ଗାୟତ୍ରୀ ଭାବେ କଥିତ । କବିଙ୍କ ଭାଷାରେ

"ବହୁଛି ଅବନାବାଇ ଦିବାନିଶି ଏକ ହୋଇ
କେ ପାଇଛ ଆଦ୍ୟ ଅନ୍ତ ଚିହ୍ନି ରଖି ଅଛି କାହିଁ"

ପ୍ରାଣ ବାୟୁର ଗମନାଗମନ ପଥ ଇଡା, ପିଙ୍ଗଳା ଓ ସୁଷମା ନାଡୀ ମଧଦେଇ ହୋଇଥାଏ। ଏହି ତିନିଗୋଟି ନାଡୀ ଶରୀର ବା ପିଣ୍ଡ ମଧ୍ୟରେ ଅବସ୍ଥିତ । ଏହି ନାଡୀ ଗୁଡିକ ପ୍ରାଣାଦିବାୟୁର ବହନକ୍ରିୟା କରେ । ଏହାଙ୍କ ଅଧିଷ୍ଠାତା ଦେବତା ଯଥାକ୍ରମେ ଚନ୍ଦ୍ର, ସୂର୍ଯ୍ୟ ଓ ଅଗ୍ନି । ବୌଦ୍ଧ ଧର୍ମର ମହାଯାନ ଶଖାର ଯୋଗାଚାର ପନ୍ଥୀଙ୍କ ମତକୁ ମହିମାଧର୍ମ -ଦର୍ଶନ ସାମାନ୍ୟ ଭାବେ ଗ୍ରହଣ କରିଥିବା ଅନୁମାନ କରାଯାଇପାରେ । ବୌଦ୍ଧତନ୍ତ୍ର ସହଜଯାନର ପ୍ରଭାବ ମହିମା ଧର୍ମରେ କିଛି ମାତ୍ରରେ ପରିଦୃଷ୍ଟ ।

### ଶରୀର ବୃକ୍ଷ ବା ପିଣ୍ଡବୃକ୍ଷ:

ଧର୍ମ ପଦରେ ଶରୀର ରୂପକ ଦେବତାକୁ ଉପାସନା କରିବାପାଇଁ ଉପଦେଶ ରହିଛି । ସେହିପରି ଶ୍ୱେତ ଉପନିଷଦ ଓ ମଣ୍ଡୁକୋପନିଷଦ୍ ମଧ୍ୟ ଶରୀର ଏକ ବୃକ୍ଷରୂପେ କଳ୍ପିତ । ଶରୀର ରୂପକ ବୃକ୍ଷରେ ପରମାତ୍ମା ଓ ଜୀବାତ୍ମା ରୂପେ ଦୁଇଟି ପକ୍ଷୀ ବାସ କରନ୍ତି । ଜୀବାତ୍ମା ରୂପୀ ପକ୍ଷୀଟି ନିଜର ଆସକ୍ତି ଯୋଗୁଁ ସାଂସାରିକ ସୁଖଦୁଃଖ ଲିପ୍ତ ରହି କର୍ମଫଳ ରୂପକ ଫଳକୁ ଭକ୍ଷଣ କରିଥାଏ । ପରମାତ୍ମା ରୂପୀ ଅନ୍ୟ ପକ୍ଷୀଟି କେବଳ ସ୍ଥିର ଭାବରେ ସବୁକିଛିକୁ ଦେଖୁଥାନ୍ତି । (୬) ଅର୍ଥାତ୍ ପରାମାତ୍ମା ରୂପୀ ପକ୍ଷୀଟି ସାଂସାରକ ସୁଖଭୋଗ ଆଦି ସହିତ କୌଣସି ସମ୍ପର୍କ ସ୍ଥାପନ ନକରି ନିର୍ଲିପ୍ତ ଭାବେ ସାକ୍ଷୀରୂପେ ଅବସ୍ଥାନ କରିଛନ୍ତି । ତେଣୁ ସେ ଆନନ୍ଦ ସ୍ୱରୂପରେ ରହିଛନ୍ତି । ସାଧକ ଶରୀର ରୂପକ ବୃକ୍ଷରେ ଅବସ୍ଥାନ କରୁଥିବା ପରମାତ୍ମା ରୂପୀ ପକ୍ଷୀକୁ ନିଜର ସୁହୃଦ୍ ଜ୍ଞାନ ଦୃଷ୍ଟିରେ ଦେଖିଲେ ଜଗତରେ ପ୍ରକଟିତ ହୋଇଥିବା ତାଙ୍କର ଆଶ୍ଚର୍ଯ୍ୟମୟୀ ମହିମାକୁ ପ୍ରତ୍ୟକ୍ଷ ଅନୁଭବ କରି ପାରନ୍ତି । ପରମାତ୍ମାଙ୍କ ଦିବ୍ୟ ପ୍ରକାଶକୁ ପ୍ରତ୍ୟକ୍ଷ କରିସାରିବାପରେ ଜୀବାତ୍ମା ପରମ ନିର୍ମଳ ବିଶୁଦ୍ଧ ଚିତ୍ତରେ ପରିଣତ ହୁଏ । ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ମତରେ ଶରୀର ଏକ ବୃକ୍ଷ ସ୍ୱରୂପ । ଉକ୍ତ ବୃକ୍ଷରେ ଜୀବାତ୍ମା ରୂପୀ ହଂସ ବାସକରେ । ହଂସରୂପୀ ଜୀବାତ୍ମା ସହ ବିଷୟ ଭାବରେ ଭୋଳା ଜୀବାତ୍ମାକୁ ପରମାତ୍ମାରେ ଲୀନ କରାଇଲେ ହଂସ ସ୍ଥିରହେବ । ଜୀବ ପରମଶାଶ୍ୱତ ଶାନ୍ତି ପ୍ରାପ୍ତ କରିବା କବି ଭୀମ ଭୋଇଙ୍କ ପିଣ୍ଡକୁ ବୃକ୍ଷ ଭାବେ ତାଙ୍କ ଭଜନମାଳାର ସ୍ଥାନେ ସ୍ଥାନେ ବର୍ଣ୍ଣିତ । ଜୀବାତ୍ମା ଶରୀର ବୃକ୍ଷରେ ଅବସ୍ଥାନ କରେ। ତାଙ୍କ ସହିତ ପରମ ମଧ୍ୟ ସଖା ଭାବେ ଉପସ୍ଥିତ ଥାଏ । ଆଲୋଚ୍ୟ ପ୍ରବନ୍ଧରେ ଯଥା ସ୍ଥାନରେ ସଂକ୍ଷେପରେ ଆଲୋଚିତ ପୁନଶ୍ଚ ତାର ଆଲୋଚନାରୁ ବିରତ ନେଲୁ। କବିଙ୍କ ଭାଷାରେ-

"ଭଣିଲେ ଭୀମ ଭୋଇ ପରମାର୍ଥରେ କହି
କଦମ୍ବ ବୃକ୍ଷ ଯେହି ଓଲଟେ ଅଛି ରହି"
(ଭଜନ ନଂ- ୨୮୯, ଭଜନ ମାଳା)

କବି ପିଣ୍ଡ ବୃକ୍ଷକୁ କଦମ୍ବ ବୃକ୍ଷ ସହ ତୁଳନା କରିଛନ୍ତି । ଉକ୍ତ ବର୍ଣ୍ଣନ ସଦୃଶ ଗୀତାରେ ମଧ ସଂସାରକୁ ବୃକ୍ଷ ସଦୃଶ କଳ୍ପିତ । ପିଣ୍ଡ ରୂପକ ବୃକ୍ଷରେ ଜୀବାତ୍ମା ରୂପୀ ପକ୍ଷୀ ଅବସ୍ଥାନ ଏବଂ ତତ୍ ସମ୍ବନ୍ଧୀୟ ଜ୍ଞାନ ଭୀମ ଭୋଇ ପରମାର୍ଥ ଜ୍ଞାନ ବା ବ୍ରହ୍ମଜ୍ଞାନ ଭାବେ ଉପସ୍ଥାପିତ । ପୁନଶ୍ଚ ସନ୍ଥକବି କହନ୍ତି –

"ଛାଇ ପଡିଅଛି ନାହିଁ ବୃକ୍ଷମୂଳ
ପୁଷ୍ପ କଢି ନାହିଁ 'ଲିଅଛି 'ଳ
ଫୁଟିଛି ପତର ଡମ୍ଫ ନାହିଁତାର
ଅସାଧନା ମାର୍ଗେ ପାଇହେ"
(ଭଜନମାଳା,ଭଜନ ନଂ-୫୩)

ଶରୀର ବା ପିଣ୍ଡରେ ଜୀବାତ୍ମାର ସ୍ଥିତିକୁ ଫଳ ଓ ପତ୍ର ରୂପକ ଦ୍ୱାରା ଉଲ୍ଲେଖିତ । ଅସାଧନା ମାର୍ଗ ଅର୍ଥାତ୍ ମନୁଷ୍ୟ ଯେଉଁ ଅଜପା ଗାୟତ୍ରୀ ଜପୁଛି ତାହାଦ୍ୱାରା ନିଗମ ଭବନକୁ ଗମନ କରି ଶାଶ୍ୱତାନନ୍ଦ ପ୍ରାପ୍ତ କରେ । ଏହା ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ଅନ୍ୟଏକ

ବିଭାବ ଯାହାଦ୍ୱାରା ପିଣ୍ଡବ୍ରହ୍ମାଣ୍ଡ ତତ୍ୱର ଉପସ୍ଥାପନା ଅତି ମନୋମୁଗ୍ଧକର ।

**ଅବନା ମନ୍ଦିର :**

'ଅବନା' ଅଥାର୍ତ୍ ବନାନ ହୀନ ଅକ୍ଷର । ଅବନା ମନ୍ଦିର ଅର୍ଥାତ ଯେଉଁ ମନ୍ଦିରକୁ ଧ୍ୱନି ଓ ଅକ୍ଷର ସମୂହର ପ୍ରବେଶ ନିଷେଧ । ପ୍ରକାରନ୍ତରେ ଅବର୍ଣ୍ଣ, ଅନାଦ, ଓ ଅଲେଖଙ୍କ ମନ୍ଦିର ବା ପୁରକୁ ସୂଚାଉ ଅଛି । ପିଣ୍ଡ ମଧ୍ୟରେ ଷଡଚକ୍ରର ଶେଷଚକ୍ର ସହସ୍ରାର । ଏହାକୁ ବୌଦ୍ଧ ତନ୍ତ୍ର ମତବାଦରେ ମହାସୁଖଚକ୍ର ,ନଳୀନବନ,ଆଦି ନାମରେ ବର୍ଣ୍ଣିତ । ମସ୍ତଷ୍କ ବା ଶୀର ଦେଶର ସର୍ବଶେଷ ସ୍ଥାନ ତାଲୁକାରେ ଅବସ୍ଥିତ । ଓଡିଶୀ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟରେ ଏହାକୁ ଶ୍ରୀହଟପାଟଣା, ଅଲେଖପୁର, ଗୋଲାହାଟ ପାଟଣା ଓ ଅବନାମନ୍ଦିର ଭାବେ ବର୍ଣ୍ଣିତ । (୭) ସହସ୍ର ଦଳ କମଳର କର୍ଣ୍ଣିକା ଚନ୍ଦ୍ର ମଣ୍ଡଳର ସ୍ଥାନ ଭାବେ ଓଡିଶୀ ସନ୍ଥଙ୍କ ଦ୍ୱାରା ଗୃହୀତା ଚନ୍ଦ୍ର ମଣ୍ଡଳପରେ ସୂର୍ଯ୍ୟମଣ୍ଡଳ ତା ଉପରେ ମହାବାୟୁ ମଣ୍ଡଳ ତତ୍ପରେ ହିଁ ସର୍ବଶେଷରେ ମହାନିତ୍ୟ ମହାଶୂନ୍ୟ ଅଲେଖପୁର । ଅଲେଖପୁରର ନିମ୍ନରେ ଅବସ୍ଥିତ ସ୍ଥାନକୁ ବ୍ରହ୍ମରନ୍ଧ୍ର କୁହାଯାଏ । ଯାହାକୁ ଓଡିଆ ସାଧକ ଭ୍ରମର ଗୁମ୍ଫାକହିଛନ୍ତି । କାରଣ ଏଠାରୁ ଭ୍ରମରର ଗୁଞ୍ଜନପରି ଅନାହତ ନାଦ ଫୁରିତ ହେଉଥାଏ ।

ଗୋଲାହାଟ ଅବନା ମନ୍ଦୀରର ଅନ୍ୟନାମ । ନାଥସିଦ୍ଧ ଗୋରଖ ନାଥଙ୍କ ଦ୍ୱାରା ରଚିତ ସିଦ୍ଧାନ୍ତ ପଦ୍ଧତିରେ ଗୋଲାର୍ଟ ମଣ୍ଡପ ଭାବେ ଗୋଲାହାଟ ପରିଚିତ । ପୁନଶ୍ଚ ବିଷ୍ଣୁଙ୍କ ପୁରକୁ ଗୋଲକ ବୈକୁଣ୍ଠ କୁହାଯାଏ । ବୋଧହୁଏ । ଏହା ନାଥ ସାହିତ୍ୟ ଦ୍ୱାରା ପ୍ରଭାବିତ ଶବ୍ଦ ହୋଇପାରେ । ଗୋଲାଟ ଶବ୍ଦର ଅର୍ଥ ଉଜ୍ଜ୍ୱଳ ଆଲୋକ ଜାଜୁଲ୍ୟମୟ ଜ୍ୟୋତି ,କୋଟି ସୂର୍ଯ୍ୟଓ ଚନ୍ଦ୍ରଙ୍କ କାନ୍ତିର ସମରୂପ ଆଦି ଭାବେ ଗ୍ରନ୍ଥରେ ରୂପାୟିତ କରିଛନ୍ତି । (୮) ପିଣ୍ଡ ମୂସ୍ଥ ଅବନା ମନ୍ଦିର ନିମ୍ନଭାବେ ବର୍ଣ୍ଣିତ ।

"ଅବନା ମନ୍ଦିରରେ ମହିମା ସାଗରବ୍ରହ୍ମ ପୁରୀ
ଉତ୍ତର ଦକ୍ଷିଣ ମନ୍ଦିର ପାରିଆ
ଉଦେ ଅସ୍ତ ମେରୁ ହୋଇଛି ତୁଳିଆ ।"

ଏଶରୀର ମଧ୍ୟରେ ତାଲୁକା ଦୁଆରରେ ମହିମାଙ୍କ ବ୍ରହ୍ମପୁରୀର ବର୍ଣ୍ଣନା କବି ଲେଖନୀରେ ଛଳଛଳ ହୋଇ ଉଠିଛି । ସେଠାପୂର୍ବ ପଶ୍ଚିମ ଦିଗ ଘରର ତୁଳୀ ହୋଇଛନ୍ତି। ଅମନ ମନ୍ଦିରରେ ଅଲେଖ ପରଂବ୍ରହ୍ମଙ୍କ ଅବସ୍ଥିତିକୁ କବି ବର୍ଣ୍ଣନା କରିଛନ୍ତି। ଯଥା:-

"ବିନ୍ଧାଣୀ ରହିଛି ଯାଇ ନିଗମ ଭୁବନ
ଅମନମନ୍ଦିର ତହିଁ ନଚଳଇ ମନଗୋ ।"

(ଭଜନମାଳା)

ପିଣ୍ଡର ନିୟାମକ ଶରୀରର ଶୀର୍ଷସ୍ଥାନରେ ଅବସ୍ଥାନ କରିଛନ୍ତି । ନିଗମ ଭୁବନ ଓ ଅମନ ମନ୍ଦିର ଅଥାର୍ତ ସେ ହିଭୁବନ କୁ ଗମନ କରାଯାଇପାରେ ନାହିଁ । ସେଠାରେ ମନର ପ୍ରବେଶ ମଧ ଅବାଧ ନୁହେଁ । କେବଳ ଶ୍ୱାସବାୟୁ ଉତ୍ତୋଳିତ ଶରୀରସ୍ଥ ଚକ୍ରକୁ ସମାଧି ଅବସ୍ଥାରେ ଭେଦ କରିପାରିଲେ। ସେହି ମହାନିତ୍ୟପୁରରେ ସାଧନ ପ୍ରବେଶ କରେ । ପୁନଶ୍ଚ କବିଙ୍କ ବର୍ଣ୍ଣନା ରେ ପିଣ୍ଡସ୍ଥ ବ୍ରହ୍ମପୁରୀ ଭିନ୍ନ ଭାବେ ଉପସ୍ଥାପିତ ଯଥା-

"ତୋଳିଛି ମନ୍ଦିର ନାହିଁ ଖୁମ୍ବାପାଟି
ଛାଉଣୀ କରିଛି ଚୂନକୁ ନଛାଟି ।"

(ଭଜନମାଳା)

ଅବନା ମନ୍ଦିରର ସ୍ଥଳ ମନ୍ଦିର ସଦୃଶ କୌଣସି ଖୁମ୍ବନାହିଁ । କି ତାର ଛାଉଣୀ ନାହିଁ । ଏପରିକି ସେଥିରେ ଚୂନ ଧଉଳା ଯାଏ ନାହିଁ। ପିଣ୍ଡର ସର୍ବଶେଷ ସ୍ଥାନରେ ଥିବା ବ୍ରହ୍ମମଣ୍ଡଳର ବର୍ଣ୍ଣନା ବିସ୍ମୟାବିଷ୍ଟ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଭଳି ଶୁଷ୍କ ଦାର୍ଶନିକ ତତ୍ୱକୁ ଚିର୍ତାକର୍ଷକ ଭାବେ କବି ଲେଖନୀରେ ରୂପାୟିତ ।

**ଆତ୍ମ ଜ୍ୟୋତି/ଜୀବାତ୍ମା :**

ଶରୀର ରୂପକ ଗୃହର ସ୍ୱାମୀ ଜୀବାତ୍ମ ଅଟେ । ଜୀବାତ୍ମାକୁ କ୍ଷେତ୍ରଜ୍ଞ ଓ ଶରୀରକୁ କ୍ଷେତ୍ର ଭାବେ ଗୀତା ପ୍ରତପାଦିତ କରେ । ମନୁଷ୍ୟ ଶରୀର ରଥ ସଦୃଶ୍ୟ କଳ୍ପିତ ହୋଇ ତାର ସାରଥୀ ଭାବେ ଆତ୍ମାକୁ ଅନେକ ଶାସ୍ତ୍ରରେ ଉପସ୍ଥାପିତ, ଚକ୍ଷୁ ଦ୍ୱୟ, ନାସାଦ୍ୱୟ, କର୍ଣ୍ଣଦ୍ୱୟ, ମୁଖ, ନାଭି, ଉପଓ୍ୱୀ,ଗୁହ୍ୟ ଏବଂ ବ୍ରହ୍ମରନ୍ଧ୍ର ବିଶିଷ୍ଟ ଏକାଦଶ ସ୍ୱରୂପ ଗୃହ ଅର୍ଥାତ୍ ଶରୀରରେ ଆତ୍ମା ରାଜା ବାସ କରେ । (୯)

ଦୁଇଚକ୍ଷୁ, ନାସିକ ଦୁଇ,ଦୁଇକାନ,ମୁଖ,ଗୃହ୍ୟ ଓ ଉପସ୍ଥ - ଆଦି ନବଦ୍ୱାର ବିଶିଷ୍ଟ ଦେହ ସ୍ୱରୂପ ପୁରରେ ଜୀବରୂପୀ ହଂସ ବିଜ୍ଞାନମୟ ଆତ୍ମା ସ୍ୱରୂପରେ ବାସ କରିଛନ୍ତି । ସେହି ଆତ୍ମା ପୁରୁଷ ସକଳ ଭୁବନର ଅଧିଶ୍ୱର ଏବଂ ଚରାଚରର ବାହାର ଓ ଭିତରେ ବାସ କରନ୍ତି ବୋଲି ଶ୍ୱେତାଶ୍ୱେତର ଉପନିଷତ୍ରେ ବର୍ଣ୍ଣିତା ଦେହ ରୂପକ ଦେବାଳୟରେ ଜୀବାତ୍ମା ଶିବସ୍ୱରୂପ ଅବସ୍ଥାନ କରନ୍ତି । ତାଙ୍କ ଦ୍ୱାରା ହିଁ ଦେହ କର୍ତ୍ତାପଦ ପ୍ରାପ୍ତ ହୋଇ ସଂସାରର ଜ୍ଞାନା ବିଧି କ୍ରିୟାରେ ସଂଯୁକ୍ତ ବିଷୟା ଭୋଗ କରେ । ଦେହ ସର୍ବସ୍ୱ ହୋଇ ଅମୃତ ତୁଲ୍ୟ ପରମଙ୍କ ଅଂଶ ବୋଲି ଜୀବାତ୍ମା ଭୁଲିଯାଏ । କବି ଭୀମଭୋଇ ପିଣ୍ଡବ୍ରହ୍ମାଣ୍ଡ ମଧ୍ୟରେ ସମଗ୍ର ଦୃଶ୍ୟମାନ ଜଗତରେ ସେହି ଅଲେଖ ପରଂବ୍ରହ୍ମଙ୍କୁ ଦର୍ଶନ କରନ୍ତି ପୁନଶ୍ଚ ସେହି ଆତ୍ମାଜ୍ୟୋତି ରୂପକ ଜୀବାତ୍ମା ସ୍ୱଶରୀର ମଧ୍ୟରେ ସେଠାବ କରି ବିସ୍ମୟ ବିମୁଗ୍ଧ ହୋଇ ଗାଇ ଉଠନ୍ତି-

"ଅତି ଚିକଣରେ ବତୀ ଜଳୁଛି ଅଛି ନିତିଗୋ
କେତେ ଦୂର ଗମନ କରୁଛି ତେଜ" । (ଭଜନମାଳା)

ଭଜନ ସ୍ୱରୂପ ପରମାତ୍ମା ସର୍ବତ ବିରାଜମାନ କରିଛନ୍ତି । କବିଙ୍କୁ ସେ ପ୍ରଥମେ ଭାବେ ବ୍ରାହ୍ମମୂରତି ଦର୍ଶନ ଦେଇଛନ୍ତି । ସେହି ପରମାତ୍ମା ସବୁ ସ୍ଥାନରେ ତାଙ୍କ ପାଦ ଓ ହସ୍ତକୁ ବିସ୍ତାର କରିରଖିଛନ୍ତି ।

ସବୁ ସ୍ଥାନରେ ତାଙ୍କ ଆଖି ,ମୁଖ ଏପରିକି ତାଙ୍କ କାନ ରହିଛି । ତେଣୁ ସେ ସବୁ ଜାଗାରେ ବିରାଜିତ । ଜୀବାତ୍ମାଙ୍କୁ ସ୍ୱଦେହରେ ଏପରକି ବାହାରେ ସଂଦର୍ଶନ କରିଛନ୍ତି କବି । ଜୀବାତ୍ମା ବା ଆତ୍ମଜ୍ୟୋତିକୁ ଭଜନମାଳାର ପ୍ରତ୍ୟେକ ପ୍ରସ୍ତରେ ପିଣ୍ଡବ୍ରହ୍ମାଣ୍ଡ ଦୃଷ୍ଟିରୁ ଅଭିନବ ବାଖ୍ୟା ପରିଦୃଷ୍ଟ ।

**ନାହତ ବ୍ରହ୍ମଧୂନି :**

ପ୍ରଜ୍ୱଳିତ ଧୁନିରେ ଅଲେଖ ପରଂବ୍ରହ୍ମ ନାମ ଉଚ୍ଚାରଣ ପୂର୍ବକ ଘୃତାହୂତି ପ୍ରଦାନ କରିବା ଏବଂ ସେହି ଧ୍ୱନି ପ୍ରଜ୍ୱଳିତ କରିବା ପାଇଁ ଝକମକି ପଥରର ବ୍ୟବହାର କରାଯାଏ । ଧୁନି ସାଂଯ ବ୍ରାହ୍ମ ମୁହୁର୍ତ୍ତରୁ ପ୍ରାତଃ ମୁହୁର୍ତ୍ତ ପର୍ଯ୍ୟନ୍ତ 'ଅନାହତ' ଅର୍ଥାତ୍ ଅକ୍ଷତ ଭାବରେ ପ୍ରଜ୍ୱଳିତ ରହୁଥିବାରୁ ଏହି ଧୁନିକୁ ଅନାହତ ଧୁନି ବା ଅନାହତ ବ୍ରହ୍ମଧୁନି ଭାବେ ମହିମାଧର୍ମରେ ଗ୍ରହଣ କରାଯାଏ । ଅଲେଖ ପରଂବ୍ରହ୍ମ ସାକ୍ଷାତ୍ ସ୍ୱରୂପ ଭାବେ ଅନାହତ ଧୁନିକୁ ମହିମା ସମାଜ ଦ୍ୱାରା ଗୃହୀତ । ଅନାହତ ବ୍ରହ୍ମଧୁନି ମହିମା ଧର୍ମ ପ୍ରଚାରର ଅଗ୍ରଗ୍ରସ୍ତ ଭାବେ କାର୍ଯ୍ୟ କରିଥିଲା । ମହିମା ଦର୍ଶନ ଅନୁସାରେ ମହାଶୂନ୍ୟରେ ସର୍ବଉର୍ଦ୍ଧ୍ୱରେ ଅଲେଖ ପୁରମଣ୍ଡଳ ରହିଛି । ସେଠାରେ ଅହର୍ନିଶ ବ୍ରହ୍ମାଧୁନି ଜଳୁଛି ଏବଂ ତାହା ବ୍ରହ୍ମାଣ୍ଡରେ ପାପତାପକୁ ପୋଡୁଛି । ଯେ ହେତୁ ପିଣ୍ଡ ଓ ବ୍ରହ୍ମାଣ୍ଡ ଗୋଟିଏ ତତ୍ତ୍ୱର ଦୁଇଟି ପରିପ୍ରକାଶ । ତେଣୁ ଯେଉଁ ବ୍ରହ୍ମଧୁନି ଅଲେଖ ପୁରରେ ଜଳୁଛି ସେହି ବ୍ରହ୍ମଧୁନି ଜୀବାତ୍ମା ରୂପେ ଅଲେଖପୁର ସହସ୍ରାସର ଚକ୍ରରେ ପ୍ରଜ୍ୱଳିତ ବୋଲି କବି ତାଙ୍କ ଭଜନ ମାଧମରେ ବର୍ଣ୍ଣନା କରିଛନ୍ତି । ମହିମାଧର୍ମର ପ୍ରବର୍ତ୍ତକ ଗୁରୁ ମହିମା ଗୋସାଇଁ ପ୍ରଥମେ ବ୍ରହ୍ମଧୁନିକୁ କଟକ ଜିଲ୍ଲାର ବାଙ୍କୀ ନିକଟସ୍ଥ ମାଳବିହାର ପୁରରେ ସ୍ଥାପିଥିଲେ । ଏହି ଧୁନି ୧୮୬୪ ମସିହା କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ସ୍ଥାପିତ ହୋଇଥିବା ବିଶ୍ୱନାଥ ବାବାଙ୍କ ପ୍ରଣୀତ ମହିମା ଧର୍ମ ଇତିହାସ ଉଲ୍ଲେଖ ରହିଛି । ପରେ କିଛି କାରଣ ବଶତଃ ତାହା ସେହିଧୁନି ବନ୍ଦରହିଲା । ମହିମା ଗୋସାଇଁ ମହିମା ଧର୍ମର ପ୍ରଚାର ସମୟରେ ପ୍ରତ୍ୟେକ ଶୁକ୍ଳଚତୁର୍ଦ୍ଦଶୀରେ ଗୋଟିଏ ଗୋଟିଏ ଟୁଙ୍ଗୀରେ ଧୁନି ସ୍ଥାପନ କରି ଆହୋରାତ୍ର ନାମ ଭଜନ କରୁଥିଲେ । ତତ୍ ସହିତ ମହିମା ପ୍ରସାଦ ବାଲ୍ୟଲୀଳା ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ଉପସ୍ଥିତ ଜଗତଭଗତକୁ ବିତରଣ କରୁଥିଲେ । ଯେପରି ମାଳବିହାରିପୁରରେ କିଛି ବର୍ଷ ପାଇଁ ବ୍ରହ୍ମଧୁନି ସ୍ଥାୟୀ ଭାବେ ମନ୍ଦିରରେ ରହିଥିଲା। ପରବର୍ତ୍ତୀ ସମୟରେହି ହିନ୍ଦୋଳ ବ୍ରହ୍ମପୁର, ଅଙ୍ଗାରବନ୍ଧ, ଜକା (କାମାକ୍ଷାନଗର) ଯୋରନ୍ଦା ଠାରେ ବ୍ରହ୍ମଧୁନି ରହିଛି । ଯେପରି ଅନାହତ ବାୟୁ, ଅକ୍ଷତ ବା ଅବାଧରେ । ଉଭୟ ଶରୀରରୁ ବାହ୍ୟଜଗତ ଏବଂ ବାହ୍ୟ ଜଗତରୁ ଶରୀରକୁ ପ୍ରାଣବାୟୁ ଅବାଧରେ ହେଉଥିବାରୁ ଏହାକୁ ଅନାହତ ଓ ବାୟୁ ଭାବେ କଳ୍ପନା କରିଛନ୍ତି । ଏହା କବିଙ୍କ ଓଡିଆ ସନ୍ଥ ସାହିତ୍ୟ ପରଂପରାରେ ଏକ ଅପୂର୍ବ ସୃଜନାତ୍ମକ ବିଚାର । କବିଙ୍କ ଭାଷାରେ ଅନାହତ ଧୁନି –

"ବ୍ରହ୍ମଜ୍ଞାନ ବତାଇ କହିଲେ
ବୀରବଧୂ ବାନା ଉଡାଇଲେ
ଅନାହତ ଧୁନିକୁ ସ୍ଥାପିଲେ ଯେ"
"ଧୁନି ଲଗାଇଛି କୁଣ୍ଡକୁ ନଖୋଳି
କାଠ ପୋଡୁଅଛି ପାଉଁଶ ନପଡି ,
ଉଠୁଛି ହୁତାଶ ବ୍ରହ୍ମତେଜ ଝାସ
ନଦିଶଇ ଧୂମମଯେ ହୋ (ଭଜନମାଳା)

ଉପରୋକ୍ତ ପଂକ୍ତିରେ କବି ମହିମାଧର୍ମର ମତବାଦକୁ ବ୍ରହ୍ମଜ୍ଞାନ, ଭେକ ବାନା ଯଥା-ବକ୍କଳ,କୈପୁନୀ ଓ କଷାୟବସ୍ତ୍ରକୁ ଧାରଣ କରିବାର ପ୍ରେରଣା ଦେଇଥିଲେ । ଅନାହତ ବ୍ରହ୍ମଧୁନିକୁ ସ୍ଥାପନ କରି ମହିମା ଧର୍ମ ପ୍ରଚାର କରିବା ବିଷୟ ବର୍ଣ୍ଣିତ । ପୁନଶ୍ଚ ବ୍ରହ୍ମଧୁନିକୁ ଶରୀରସ୍ଥ ଜୀବାତ୍ମା ସହ ସାଦୃଶ୍ୟ କଳ୍ପିତ କରି କବି ଧୁନିର ସ୍ୱରୂପକୁ ଉପରୋକ୍ତ ଭଜନ ପଂକ୍ତି ରେ ରୂପାୟିତ । ଜୀବାତ୍ମା ଧୁନି ସଦୃଶ୍ୟ ହୋଇଥିଲେ ହେଁ ଧୂନିର ସ୍ଥଳ ରୂପ ପରିନୁହେଁ । ଇନ୍ଦ୍ରୟାନୁଭୂତିରେ ଅଗମ୍ୟ, ଅନୁଭବର ସୂତ୍ରରେ ସୂତ୍ରାୟିତ ଏବଂ ଭକ୍ତିରସରେ ରସାଣିତ ଭାବଚ୍ଛୋଳ ବର୍ଣ୍ଣନାରେ ବ୍ରହ୍ମଧୁନି ଉପସ୍ଥାପିତ । କବି ମହିମାଧର୍ମର ସମସ୍ତ ଦାର୍ଶନିକ ତତ୍ତ୍ୱକୁ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱରେ ବାତାୟନରେ ନୂତନ ଦୃଷ୍ଟିକୋଣରୁ ବାଖ୍ୟା କରିଛନ୍ତି ।

**ନିର୍ଗୁଣ ବ୍ରହ୍ମଜ୍ଞାନ :**

ଅସୀମ,ଅବ୍ୟକ୍ତ,ଅବର୍ଣ୍ଣନୀୟ,ଅରୂପକୁ ଉପାସନା କରିବାପାଇଁ ନିର୍ଗୁଣ ବ୍ରହ୍ମଙ୍କ ପାଦତଳେ ଭକ୍ତି ଅର୍ଘ୍ୟ ନିବେଦନ କରିବା । ଜଡ ଉପାସନା, ପୌତ୍ତଳିକତା, କର୍ମକାଣ୍ଡ ଜନିତ ପୁରୋହିତ କର୍ତ୍ତୃକା ଉପାସନା ପଦ୍ଧତି ମନୁଷ୍ୟ ସମାଜକୁ ନାନବିଧି ଜାତି ,ଗୋଷ୍ଠୀରେ ବିଭକ୍ତ ଅର୍ଥନୈତିକ ଓ ସାମାଜିକ ସମାନତ ର ପଥରୋଧ କରେ । ଏହାକୁ ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁ ଆଗ୍ରାହ୍ୟକରି ଜାତିବିହୀନ ନୂତନ ସମାଜ ପ୍ରତିଷ୍ଠା କରିଥିଲେ । ନିର୍ଗୁଣ ଉପାସନା ହିଁ କାଳେ କାଳେ ସମାଜରେ ସମାନତା ପ୍ରଚାର କରିଆସିଛି । କବୀର ରାମାନନ୍ଦ, ଦାଦୂ,ନାନକ, ଖ୍ୱାଜା ମଇଉଦ୍ଦିନ ଚିସ୍ତି ଆଦି ସନ୍ଥମାନେ ନିର୍ଗୁଣ ଭକ୍ତିର ମାର୍ଗ ପ୍ରଚାର ସହ ସମାନତାର ମତକୁ ଜନମାନସରେ ପ୍ରେରିତ କରିଥିଲେ। ମହିମା ଗୋସାଇଁ ମହିମା ଧର୍ମର ଅନୁଗାମୀ ମାନଙ୍କୁ ଆରୂପ, ଶୂନ୍ୟ, ଅସୀମ, ଅବ୍ୟକ୍ତ, ନିରାକାର, ନିରାବୟବ, ଅଲେଖ ପରଂବହ୍ମ ହିଁ ଉପାସ୍ୟ ବୋଲି । ସେ ସମସ୍ତ ସଚରାଚର ଦୃଶ୍ୟମାନ ଜଗତର ଏକ ମାତ୍ର କର୍ତ୍ତା। ସମସ୍ତ ଜୀବ ତାଙ୍କ ଶକ୍ତିରେ ଶକ୍ତିମାନ, ଗ୍ରହନକ୍ଷତ୍ର ଆଦି ତାଙ୍କୁ ଜ୍ୟୋତିରେ ଉଦ୍ଭାସିତ ସେହି ନିର୍ଗୁଣ ପରଂବ୍ରହ୍ମ ସମସ୍ତ ସଚରାଚରରେ ପରିବ୍ୟାପ୍ତ । ପୁନଶ୍ଚ ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାଉର୍ଦ୍ଧ୍ୱ ମହାଶୂନ୍ୟରେ ଅବର୍ଣ୍ଣ ଜ୍ୟୋତି ଭାବେ

ବିରାଜିତ ଅଛନ୍ତି । ତେଣୁ ତାଙ୍କୁ ମନ୍ଦିର,ଦେବାଳୟ ଆଦିରେ ଖୋଜିବା ବୃଥା । କାୟାସାଧନା, ଅଜପାଜପ ଅନୁଭବ ସୂତ୍ର, ସ୍ୱରସାଧନା ଆଦି ନିର୍ଗୁଣ ତତ୍ୱ ଦ୍ୱାରା ଅଲେଖ ମହିମାଙ୍କୁ ଉପାସନା କରିବାକୁ ମହିମା ଧର୍ମୀଙ୍କୁ ନିର୍ଦ୍ଦେଶ ରହିଛି । ଗୁରୁଙ୍କ ପ୍ରକୃତ ଶିଷ୍ୟ ଭାବେ କବି ଭୀମ ଭୋଇ ତାଙ୍କ ରଚନାରେ ଗୁରୁଙ୍କ ପ୍ରଦତ୍ତ ବହ୍ମଜ୍ଞାନକୁ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ମଧ ଦେଇ ରୂପାୟିତ କରିଛନ୍ତି । କବିଙ୍କ ଭାଷାରେ

"ନିର୍ଗୁଣ ଯେ ବ୍ରହ୍ମଜ୍ଞାନ ଏବେ ସ୍ୱଦେହରେ ଚିହ୍ନ"
ନାଗାନ୍ତୀ ଯୋଗାନ୍ତୀ, ବେଦ ସିଦ୍ଧକୁ ଜିଣି"
" ଅନାଦି ଅଲେଖ ବ୍ରହ୍ମ, ତୁମ୍ଭେ ରଖ ତୁମ୍ଭ ଧର୍ମ
ନିର୍ଗୁଣ ପଥ ଦେଇଛ ବତାଇ ନିର୍ବେଦ କର୍ମ ।

ନିର୍ଗୁଣ ଭଗତିମୂଳ ସତ୍ୟ ଆଚାରରେ ଠୁଳ
ନିତ୍ୟେ ଥାନ୍ତି ଭକ୍ତଭାବେ ରସି ଗୋ ।"
(ଭଜନମାଳା)

ନିର୍ଗୁଣ ଭକ୍ତି କାୟାମଧରେ ସମ୍ପାଦିତ ହୁଏ । ଅନ୍ୟ ସମସ୍ତ ମତବାଦ ଅପେକ୍ଷା ଏହା ମନୁଷ୍ୟ ପାଇଁ ସର୍ବାଧିକ ଶ୍ରେୟସ୍କର । ଗୁରୁଙ୍କ ଦ୍ୱାରା ପଦତ୍ତ ନିର୍ଗୁଣ ମାର୍ଗ ହିଁ ଜୀବାତ୍ମାର ମୁକ୍ତିର ପଥ । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱକୁ ଉପସ୍ଥାପିତ କରିବା ପାଇଁ କବି ନିର୍ଗୁଣ ବ୍ରହ୍ମଜ୍ଞାନକୁ ଭଜନମାଳାରେ ବିଶେଷ ଉପାଦାନ ଭାବେ ଗ୍ରହଣ କରିଛନ୍ତି ।

ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱର ବିଭିନ୍ନ ଉପାଦାନ ପ୍ରାଚୀନ ସନ୍ଥ କବି ମାନଙ୍କ ମନକୁ ମୁଗ୍ଧ ପ୍ରଚୋଦିତ କରିଛି ନୂତନ ଢଙ୍ଗରେ ସନ୍ଥ ସାହିତ୍ୟ ରଚନା କରିବା ପାଇଁ । ରହସ୍ୟାତ୍ମକ ସଂଗୁପ୍ତ ଗୁରଘର ଜ୍ଞାନକୁ ଶରୀର ତତ୍ତ୍ୱ ଏବଂ ସାମାଜିକ ଅନୁଷ୍ଠାନରେ ପ୍ରତୀକ ସମସ୍ତ ଗ୍ରନ୍ଥରେ ଅଙ୍କ ବହୁତେ ପିଣ୍ଡବ୍ରହ୍ମାଣ୍ଡତତ୍ୱର ପରିଦୃଷ୍ଟ ।କବିଙ୍କ ରଚନା ବଳୀ ମଧରେ ଭଜନମାଳା ଏକ ସ୍ୱତନ୍ତ୍ର ଆସନରେ ଆସୀନ । ପିଣ୍ଡବ୍ରହ୍ମାଣ୍ଡ ତତ୍ୱକୁ ମହିମାଦର୍ଶନ, ସନ୍ଥ ସାହିତ୍ୟର ତାତ୍ୱିକ ଦିଗ, ସାମାଜିକ ଅନୁଷ୍ଠାନ ଓ ସାମାଜିକ ପ୍ରତୀକ ଆଦି ମଧ ଦେଇ କବିଙ୍କ ରଚନାବଳୀରେ ରୂପାୟିତ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପାଣିଗ୍ରାହୀ,କୁମୁଦରଞ୍ଜନ ,କବିଭୀମଭୋଇ ,ସପ୍ତର୍ଷି,ଜୁଲାଇ-ଅଗଷ୍ଟ-୧୯୮୧,ପୃ-୩
୨. ନାଥ,ଶତ୍ରୁଘ୍ନ ,ବୃହତ ଭଜନମାଳା,ମୁଖ୍ୟବନ୍ଧ,୨୦୨୪ ,ପୃ-୩
୩. ଦାସ ,ଚିତରଞ୍ଜନ,ସନ୍ଥଭକ୍ତି ସାହିତ୍ୟ,୨୦୧୫ ,ପୃ-୩୬୪
୪. ତତ୍ରୈବ ,ପୃ-୩୬୨
୫. ବାବା, ବିଶ୍ୱନାଥ,ମହିମାଧର୍ମ ପ୍ରତିପାଦକ,୨୦୧୧, ପୃ-୧୧୦,୧୧୧
୬. ଶ୍ୱେତା ଶ୍ୱେତାର ଉପନିଷଦ୪/୬
୭. ଦାସ, ପ୍ରଦୀପ କୁମାର, ଓଡିଆ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟରେ ପିଣ୍ଡ-ବ୍ରହ୍ମାଣ୍ଡ ବାଦ, ୨୦୧୪ , ପୃ-୫୩
୮. ତତ୍ରୈବ , ପୃ-୫୦
୯. ବାବା, ବିଶ୍ୱନାଥ, ଅଲେଖ ପରଂବ୍ରହ୍ମ ଦର୍ଶନ,୨୦୧୧ , ପୃ-୨୬୮


❖ ❖ ❖

DOI : https://doi.org/10.5281/zenodo.14915080 ମୂଳ ପ୍ରବନ୍ଧ

# ସାମାଜିକ ପ୍ରେକ୍ଷାପଟ୍ଟରେ ସାମ୍ପ୍ରଦାୟ ଓ ଓଡ଼ିଆ କ୍ଷୁଦ୍ରଗଳ୍ପ

**ଶୁଭଶ୍ରୀ ଜେନା**

**ସକ୍ଷିପ୍ତସାର :**

ଆମ ସମାଜରେ ଅନେକ ଧରଣର ଲୋକ ବସବାସ କରନ୍ତି । ତାଙ୍କ ମଧ୍ୟରେ ଗୋଷ୍ଠୀ ବା ସଂପ୍ରଦାୟ ସୃଷ୍ଟି ହେବା ସ୍ୱାଭାବିକ କଥା । ଗୋଟିଏ ଗୋଷ୍ଠୀ ବା ସଂପ୍ରଦାୟର ଲୋକ ଅନ୍ୟ ଗୋଷ୍ଠୀ ବା ସଂପ୍ରଦାୟର ଲୋକ ପ୍ରତି ସମାନ ଆଚରଣ ବା ବ୍ୟବହାର କରିପାରେ ନାହିଁ । ଉଭୟଙ୍କ ମଧ୍ୟରେ ଚାଲି ଚଳନି, ଆଚାର ବ୍ୟବହାର, ଖାଦ୍ୟ ପେୟ, ପୋଷାକ ଏବଂ ପାଠ ପୂଜାରେ ଭିନ୍ନତା ଦେଖାଯାଏ । ନିଜ ନିଜର ଧର୍ମ ଓ ସଂସ୍କୃତିକୁ ନେଇ ସମସ୍ତେ ବଡ଼ । ଏହି ଧର୍ମ ଓ ସଂସ୍କୃତିକୁ ନେଇ ଯେଉଁ ବିବାଦ ସୃଷ୍ଟି ହୁଏ ତାହାକୁ ଆମେ ସାମ୍ପ୍ରଦାୟିକତା ବୋଲି କହିଥାଉ । ଆଜିର ସମାଜରେ ଜାତି, ଧର୍ମ ଓ ବର୍ଣ୍ଣକୁ ନେଇ ବହୁ ମତ ବାଦ୍ ସୃଷ୍ଟି ହେଉଛି । ଏହି ମତବାଦରୁ ସୃଷ୍ଟି ହେଉଛି ହିଂସା କାଣ୍ଡ । ହିଂସା କାଣ୍ଡର ଚରମ ସୀମା ହେଉଛି ରକ୍ତପାତ ।

**ପ୍ରମୁଖ ଶବ୍ଦ :**

ସାମ୍ପ୍ରଦାୟିକ, ଧର୍ମ, ସଂସ୍କୃତି, ଦଙ୍ଗା, ଗୋଷ୍ଠୀ, ଗଳ୍ପ

ସାଂପ୍ରଦାୟିକତା କହିଲେ ଆମେ ଧର୍ମ ଧର୍ମ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦକୁ ବୁଝାଏ । ଆମେ ବାସ କରୁଥିବା ସମାଜରେ ଅନେକ ଧର୍ମର ଲୋକ ବସବାସ କରୁଛନ୍ତି । ସମସ୍ତଙ୍କ ମଧ୍ୟରେ ଜାତି ବର୍ଣ୍ଣ ଭେଦରେ ବହୁ ତାରତମ୍ୟ ଦେଖିବାକୁ ମିଳେ । ଏହି ଜାତି ଓ ଧର୍ମକୁ ନେଇ ଅନେକ ସମୟରେ ଅନେକ ବିବାଦ ସୃଷ୍ଟି ହେବାରେ ଲାଗିଛି । ପ୍ରତ୍ୟେକ ଜାତିର ଲୋକ ଯେପରି ନିଜ ନିଜର ସଂଗଠନ ସୃଷ୍ଟି କରୁଛନ୍ତି ସେହିପରି ବିଭିନ ଧର୍ମର ଲୋକମାନଙ୍କ ମଧ୍ୟରେ ମଧ ସଂଗଠନ ରହିଛି । ଧର୍ମକୁ କେନ୍ଦ୍ର କରି ଦେଶ ଦେଶ, ଜାତି ଜାତି, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ମତଭେଦ ସୃଷ୍ଟି ହେଉଛି । ଏହି ମତବାଦରୁ ସୃଷ୍ଟି ହୁଏ ରକ୍ତପାତ ।

ସାଂପ୍ରଦାୟିକତା ମୁଖ୍ୟତଃ ତିନୋଟି ଦିଗରୁ ସୃଷ୍ଟି ହୋଇଥାଏ । (୧) Religion (ଜାତି) (୨) Racialism (ରଙ୍ଗ / ବର୍ଣ୍ଣ) (୩) Sectarianism (ଏକ ଧର୍ମ ମଧ୍ୟରେ ଛୋଟ ବଡ଼ ଜାତି) । ସାଂପ୍ରଦାୟିକତାକୁ ବହୁ ମତ ପ୍ରକାଶ ପାଇଛି । ଯଥା –

**Harbans Mukhia** : Communalism is the phenomenon of religious differences between groups, often leading to tension and even rioting between them . (ସାଂପ୍ରଦାୟିକତା ହେଉଛି ଗୋଷ୍ଠି ମଧ୍ୟରେ ଧାର୍ମିକ ପାର୍ଥକ୍ୟର କାରଣ, ଯାହା ପ୍ରାୟତଃ ଉତ୍ତେଜନା ସୃଷ୍ଟି କରିଥାଏ ଏବଂ ଏପରିକି ସେମାନଙ୍କ ମଧ୍ୟରେ ଦଙ୍ଗା ମଧ୍ୟ ଘଟାଇ ଥାଏ ।)

**D.E Smith** – Communalism as the function of religions communities in a way, generally considered detrimental to the interests of other groups or of the nation as a whole . (ସାଂପ୍ରଦାୟିକତା ଏକ ଧାର୍ମିକ ସଂପ୍ରଦାୟର ଉପାୟ ଭାବରେ କାର୍ଯ୍ୟ କରେ, ସାଧାରଣତଃ ଗୋଟିଏ ଗୋଷ୍ଠୀ କିମ୍ୱା ସମଗ୍ର ଦେଶର ସ୍ୱାର୍ଥ ପାଇଁ କ୍ଷତି କାରକ ବୋଲି ବିବେଚନା କୋଇଥାଏ ।)

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
| --- | --- |
| | DOI: https://doi.org/10.5281/zenodo.14915080 Article No - BPP00271 |

**ଯୋଗାଯୋଗ : ଶୁଭଶ୍ରୀ ଜେନା,** ଗବେଷିକା,
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
**Email -** jenasushree45@gmail.com
**ORCID ID -** https://orcid.org/0009-0000-6094-6971

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, ଶୁଭଶ୍ରୀ; ୨୦୨୫ । ସାମାଜିକ ପ୍ରେକ୍ଷାପଟ୍ଟରେ ସାମ୍ପ୍ରଦାୟ ଓ ଓଡ଼ିଆ କ୍ଷୁଦ୍ରଗଳ୍ପ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୮, ପୃଷ୍ଠା :୬୬-୭୯ ।

**T.K Oomen** ସାଂପ୍ରଦାୟିକତାର ୬ଟି ଦିଗ ଅଛି ବୋଲି ମତ ଦିଅନ୍ତି ।

୧ . Communist communalism ( ସାମ୍ୟବାଦୀ ସାଂପ୍ରଦାୟିକତା )

୨ . Welfarist communalism (କଲ୍ୟାଣକାରୀ ସାଂପ୍ରଦାୟିକତା)

୩ . Retreatist communalism (ନିବର୍ତ୍ତନ ସାଂପ୍ରଦାୟିକତା)

୪ . Retaliatory communalism (ପ୍ରତିଶୋଧ ସାଂପ୍ରଦାୟିକତା)

୫ . Separatist communalism (ପୃଥକତାବାଦୀ ସାଂପ୍ରଦାୟିକତା)

୬ . Secessionist communalism ( ବିଚ୍ଛିନ୍ନତାବାଦୀ ସାଂପ୍ରଦାୟିକତା)

ସାଂପ୍ରଦାୟିକତାର ମୁଖ୍ୟ ଲକ୍ଷଣ ହେଉଛି –

- ଏହା ଏକ ଆଦର୍ଶଗତ ଧାରଣା ।
- ଏହା ଏକ ନୀତି ଉପରେ ଆଧାର କରି ଗଢ଼ି ଉଠିଥାଏ ।
- ଏହା ଅସହିଷ୍ଣୁତା ଉପରେ ଆଧାରିତ ।
- ନିଜ ଧର୍ମକୁ ଶ୍ରେଷ୍ଠ ବୋଲି ବିଚାର କରିବା ଏବଂ ଅନ୍ୟ ଧର୍ମ ପ୍ରତି ତୀବ୍ର ନା ପସନ୍ଦ ପ୍ରଚାରରୁ ଗଢ଼ି ଉଠିଥାଏ ।
- ଅନ୍ୟ ଧର୍ମ ଏବଂ ସେମାନଙ୍କର ମୂଲ୍ୟବୋଧକୁ ଦୂର କରିବା ଦିଗରେ କାର୍ଯ୍ୟ କରିବା ।
- ସମାନ ଧର୍ମର ଅନୁଗାମୀମାନଙ୍କର ସାଧାରଣତଃ ରାଜନିତିକ, ଅର୍ଥନୀତିକ ଏବଂ ସାମାଜିକ ସ୍ୱାର୍ଥ ରହିଥା, ଯାହା ଅନ୍ୟ ସମ୍ପ୍ରଦାୟର ବିଶ୍ୱାସ ଠାରୁ ଭିନ୍ନ । ଅନ୍ୟ ଧର୍ମର ଅନୁଗାମୀମାନଙ୍କୁ ସଂପୂର୍ଣ୍ଣ ଅସଂଗତ, ବିରୋଧୀ ଏବଂ ଶତ୍ରୁ ବୋଲି ମନେ କରିବା ।
- ସାମ୍ପ୍ରଦାୟିକ ଜାତୀୟ ସ୍ୱାର୍ଥଠାରୁ ଉନ୍ନତ ବୋଲି ବିଶ୍ୱାସ ରଖେ । ଅନ୍ୟ ଦେଶର ନାଗରିକଙ୍କୁ ନାଗରିକ ଭାବରେ ନୁହେଁ ବରଂ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ସମ୍ପ୍ରଦାୟର ସଦସ୍ୟ ଭାବରେ ବ୍ୟବହାର କରେ । ଏହାର ଚରମ ରୂପରେ, ଏହା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପାଇଁ ପୃଥକ ରାଷ୍ଟ୍ର ଦାବି କରେ । ଏହା ଫଳରେ ହିଂସା କାଣ୍ଡ ଏବଂ କ୍ଷମତାର ଅପବ୍ୟବହାର ଘଟେ ।
- ଆଭିଜାତ୍ୟ ବର୍ଗର ଲୋକମାନେ ନିଜନିଜ ଧର୍ମର ଗରିବ ଶ୍ରେଣୀର ଲୋକମାନଙ୍କ ଠାରୁ ଶୋଷଣ କରିବା ମଧ୍ୟ ଏକ ପ୍ରକାର ସାମ୍ପ୍ରଦାୟିକତା ଭାବରେ ଗ୍ରହଣ କରାଯାଇ ପାରେ
- ଶେଷରେ ଏହା ଗଣତନ୍ତ୍ର, ଧର୍ମନିରପେକ୍ଷତା ଏବଂ ଜାତୀୟ ଏକୀକରଣର ମୂଳଦୁଆକୁ ଦୁହୁଲାଇଦିଏ ।
- ବାସ୍ତବରେ ସାମ୍ପ୍ରଦାୟିକତା ଧର୍ମନିରପେକ୍ଷତା ଏବଂ ମାନବବାଦକୁ ମଧ୍ୟ ବିରୋଧ କରେ । ସାଂପ୍ରଦାୟିକତା ଶବ୍ଦଟି ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ମଧ୍ୟରେ ତିକ୍ତତା ସହିତ ଜଡ଼ିତ ।

ସାଂପ୍ରଦାୟିକତା ହେଉଛି ଏକ ଆଦର୍ଶ, ଯାହା କେବଳ ଭାରତରେ ନୁହେଁ, ଆଫ୍ରିକା, ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଏବଂ ଏସିଆର ଅନ୍ୟାନ୍ୟ ଅଂଶରେ ମଧ୍ୟ ଅନନ୍ୟ ବୋଲି ବିବେଚନା କରାଯାଏ । ସାଂପ୍ରଦାୟିକତା ପ୍ରାୟତଃ ଆଧୁନିକ ଘଟଣା ଭାବରେ ପରିଗଣିତ ହୁଏ ଯାହା ଆଧୁନିକରଣ ଏବଂ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାର ଫଳ ସ୍ୱରୂପ । ବାଙ୍ଗଲାଦେଶ, ଭାରତ, ପାକିସ୍ତାନ, ମିଆଁମାର, ଶ୍ରୀଲଙ୍କା, ନେପାଳ ପରି ଦେଶମାନଙ୍କରେ ଏହାକୁ ସାମାଜିକ, ଅର୍ଥନୀତିକ ଓ ରାଜନୀତିକ ପ୍ରସଂଗରେ ପରିଗଣିତ କରାଯାଏ । ସାଂପ୍ରଦାୟିକତାର ଏକ ମୂଳ ପ୍ରକାଶ ହେଉଛି ସାମ୍ପ୍ରଦାୟିକ ଦଙ୍ଗା । ଭାରତରେ ଏକାଧିକ ଧର୍ମ ଏବଂ ପ୍ରଥାର ବିଶ୍ୱାସ କରାଯାଏ ଯାହା ପ୍ରାୟତଃ ବିଭିନ୍ନ ଧାର୍ମିକ ସଂପ୍ରଦାୟ ମଧ୍ୟରେ ହିଂସା ଏବଂ ଘୃଣା ଭାବ ସୃଷ୍ଟି କରିଥାଏ । ଯେଉଁ ବ୍ୟକ୍ତିମାନେ ଧାର୍ମିକ ହିଂସା ବିସ୍ତାର କରନ୍ତି ସେମାନେ ଧର୍ମକୁ ଏକ ନୈତିକ ଆଦର୍ଶ ଭାବରେ ଗ୍ରହଣ କରନ୍ତି ନାହିଁ ।

ଭାରତରେ ହିନ୍ଦୁ, ମୁସଲମାନ, ଶିଖ ଭିନ୍ନ ଭିନ୍ନ ଧାର୍ମିକ ସଂସ୍ଥା ଥିବାରୁ ଏଠାରେ ସାମାଜିକ, ରାଜନୀତିକ ଏବଂ ସାସ୍କୃତିକ ସ୍ୱାର୍ଥ ସମସ୍ତଙ୍କ ଠାରେ ଭିନ୍ନ ଭିନ୍ନ ଅଟେ । ତେଣୁ ଯଦି ଗୋଟିଏ ସାମ୍ପ୍ରଦାୟିକ ଗୋଷ୍ଠୀ ଏହାର ସାମାଜିକ, ରାଜନୀତିକ ଏବଂ ଅର୍ଥନୀତିକୁ ଉନ୍ନତ କରିବାକୁ ଚେଷ୍ଟା କରନ୍ତି ତେବେ ଏହା ଅନ୍ୟ ଗୋଷ୍ଠୀ ପାଇଁ କ୍ଷତି ହୋଇଥାଏ । ଏହି ଠାରୁ ଆରମ୍ଭ ହୁଏ ଉଭୟ ଧର୍ମ ମଧ୍ୟରେ ହିଂସାର କାଣ୍ଡ । ଯେଉଁ ବ୍ୟକ୍ତିମାନେ ଧର୍ମ ନାମରେ ରାଜନୀତି କରନ୍ତି, ସେମାନେ ରାଜନୀତିକ ସମର୍ଥନ ହାସଲ କରିବା ପାଇଁ ଭଗବାନ ଏବଂ ଧର୍ମକୁ ଉପକରଣ ଭାବରେ ବ୍ୟବହାର କରନ୍ତି । ଯାହା ଫଳରେ ବହୁ ପୁରାତନ ମନ୍ଦିର, ମସ୍‌ଜିତ ଏବଂ ଚର୍ଚ୍ଚ ଗୁଡ଼ିକର ପତନ ଘଟେ । ଯାହା ବର୍ତ୍ତମାନ ସମୟରେ ଦେଖିବାକୁ ମିଳୁଛି । ବହୁ କ୍ଷେତ୍ରରେ ଦେଖିବାକୁ ମିଳେ ଏହି ପ୍ରତିଦ୍ୱନ୍ଦ୍ୱିତା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସଦସ୍ୟଙ୍କୁ କ୍ଷତି ପହଂଚାଇବା ଏବଂ ଅପମାନିତ କରିବା ଏବଂ ଚରମ ପରିସ୍ଥିତିରେ ମହିଳାମାନଙ୍କୁ ଅସମ୍ମାନ କରିବା ଏବଂ ଏପରିକି ଲୋକମାନଙ୍କୁ ହତ୍ୟା କରିବା ପର୍ଯ୍ୟନ୍ତ ଯାଇଥାଏ । ଅନେକ ସ୍ଥାନରେ ରାଜନୀତିକ କ୍ଷମତା

ହାସଲ କରିବା ପାଇଁ ଧାର୍ମିକ ଏବଂ ସାଂସ୍କୃତିକ ପାର୍ଥକ୍ୟକୁ ବ୍ୟବହାର କରନ୍ତି ।

ସାଂପ୍ରଦାୟିକତାବାଦ ଏକ ସାମାଜିକ ସମସ୍ୟା । ମାତ୍ର ବିଗତ କିଛି ଦଶନ୍ଧି ଧରି ସାଂପ୍ରଦାୟିକତା ଏକ ବିଶୃଙ୍ଖଳାର ମାଧ୍ୟମ ପାଲଟିଛି । ସାଂପ୍ରଦାୟିକତା ଆଜି ମଧ୍ୟ ଭାରତ ପାଇଁ ଏକ ପ୍ରତିବନ୍ଧକ । ଯେତେବେଳେ ଦୁଇଟି ସାଂପ୍ରଦାୟର ଧାର୍ମିକ ପର୍ବ ସମକକ୍ଷ ହୁଏ ସେତେବେଳେ ଅସନ୍ତୋଷ ଦେଖାଯାଏ । ଯେତେବେଳେ ସାଂପ୍ରଦାୟିକ ଅସନ୍ତୋଷ ଘଟିଥାଏ ସେତେବେଳେ ଧାର୍ମିକର ପ୍ରତୀକ ଏବଂ ଶାସ୍ତ୍ରଗୁଡ଼ିକର ଅପମାନିତ ହୁଏ ।

ସାଂପ୍ରଦାୟିକତାବାଦର ମୁଖ୍ୟ କାରଣ ଦଳୀୟ ରାଜନୀତି । ନିଜ ରାଜନୀତିକ ଦଳ ଗଠନ କରିବା ଉଦ୍ଦେଶ୍ୟରେ ଦେଶକୁ ତଳକୁ ନେବା ପାଇଁ ମଧ୍ୟ ପଛାଉ ନାହାନ୍ତି । ଏତଦ୍ ଦ୍ୱାରା ସାଧାରଣ ଜନତା କେବଳ ପ୍ରାଣ ହରାଉଛନ୍ତି । ଏହାର ପ୍ରଭାବ ମଧ୍ୟ ଓଡ଼ିଶାରେ ଦେଖିବାକୁ ମିଳେ । ଏଠାରେ ସାଂପ୍ରଦାୟିକ ଦଙ୍ଗା ବଡ଼ ଧରଣରେ ନହେଲେ ମଧ୍ୟ ଛୋଟ ଛୋଟ ଧରଣ ଦଙ୍ଗା ଦେଖିବାକୁ ମିଳେ । ଏହାର ପ୍ରଭାବ ସାହିତ୍ୟରେ ମଧ୍ୟ ଦେଖିବାକୁ ମିଳେ । ଏହି ଦଙ୍ଗାକୁ ନେଇ ଅନେକ ଉପନ୍ୟାସ, କବିତା, ନାଟକ ଏବଂ ଗଳ୍ପ ମଧ୍ୟ ରଚନା କରାଯାଇଛି । ଗାଳ୍ପିକ ଭୀମ ପୃଷ୍ଟିଙ୍କ ମାନନୀୟ ଶ୍ରୀଯୁକ୍ତ ଗଳ୍ପ ସଂକଳନରେ ଥିବା ଗଳ୍ପଟି ସାଂପ୍ରଦାୟିକତାବାଦର ବଡ଼ ଉଦାହରଣ । ଗଳ୍ପରେ ଖ୍ରୀଷ୍ଟ ଧର୍ମର ଲୋକମାନଙ୍କୁ କିପରି ହିନ୍ଦୁ ଧର୍ମର ଲୋକମାନେ ଅତ୍ୟାଚାର କରିଛନ୍ତି ତାହାର ଚିତ୍ର ଦେଖିବାକୁ ମିଳେ । କନ୍ଧମାଳ ଅଂଚଳରେ ଜଣେ କନ୍ଧ ଆଦିବାସୀ ତାର ପୂର୍ବପୁରୁଷ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ । ବର୍ତ୍ତମାନ ପୂର୍ବପୁରୁଷ କରିଥିବା ଭୁଲ୍ ଯୋଗୁଁ ସେ ଅତ୍ୟାଚାରର ଶିକାର ହୋଇଛି । ହିନ୍ଦୁଧର୍ମର ଲୋକମାନେ ଏକ୍‌ଜୁଟ ହୋଇ ଖ୍ରୀଷ୍ଟଧର୍ମର ଲୋକମାନଙ୍କୁ ମାରିବା ସହିତ ତାଙ୍କର ବାସଗୃହକୁ ଜାଳି ପୋଡ଼ି ଧ୍ୱଂସ କରିଦେଇଛନ୍ତି । ସ୍ୱାମୀ ଲକ୍ଷ୍ମଣାନନ୍ଦ ସାରସ୍ୱତୀଙ୍କ ହତ୍ୟା ପରେ କନ୍ଧମାଳ ଦଙ୍ଗାରେ ଆଦିବାସୀ ଖ୍ରୀଷ୍ଟିୟାନମାନଙ୍କୁ ଲକ୍ଷ୍ୟକରି ବିଭତ୍ସ ନର ହତ୍ୟା ଘଟିଛି । ଏହି ଗଳ୍ପ ଏକ ସତ୍ୟ ଘଟଣା ଉପରେ ଆଧାରିତ । ବାଧ୍ୟତାମୂଳକ ଭାବରେ ହିନ୍ଦୁ ଧର୍ମ ଗ୍ରହଣ କରିବାକୁ କହିଛନ୍ତି । ନିଜ ଧର୍ମ ଶାସ୍ତ୍ର ବାଇବେଲକୁ ନିଜ ହାତରେ ପଡ଼ିବା ପାଇଁ ମଧ୍ୟ ବାଧ କରିଛନ୍ତି । ଗାଳ୍ପିକ ଛୋଟ ପିଲାଟି ମୁଖରେ କହିଛନ୍ତି – "ଜୀବନ ବଂଚେଇବାକୁ ଚାହଁ ଯଦି ଏ ଗାଁ ଏ ଘର ଛାଡ଼ି ପଳା । ସେମାନେ ପ୍ଲାନ କରି ଆସିଛନ୍ତି । ତତେ ହିନ୍ଦୁ କରିବେ । ସେମାନେ ଜାଣିଛନ୍ତି ତୁ କେବେ ବି ପ୍ରାଣରେ ହିନ୍ଦୁ ହେବୁନୁ । ତୋରି ଧର୍ମକୁ ତୋରି ଦ୍ୱାରା ଅପମାନିତ କରାଇ ତୋତେ ମାରିବେ, ତୋ ସ୍ତ୍ରୀ, ଝିଅକୁ ରେପ୍ କରିବେ, ତୋ ପୁଅକୁ ନିଆଁରେ ଫିଙ୍ଗିବେ ।" ( ଶ୍ରେଷ୍ଠ ଗଳ୍ପ, ଭୀମ ପୃଷ୍ଟି –ପୃଷ୍ଠା ୨୭) ସ୍ୱାଧୀନତାର ଅନେକ ବର୍ଷ ପରେ ମଧ୍ୟ ଆଜି ବି ଧର୍ମକୁ ନେଇ ବିବାଦ ସୃଷ୍ଟି ହେବାରେ ଲାଗିଛି । ମଣିଷ ତାର ବଂଚିବାର ନିଜସ୍ୱ ଅଧିକାର ମଧ୍ୟ ହରାଇବାରେ ଲାଗିଛି । ଉକ୍ତ ଗଳ୍ପରେ ଗେରୁଆ ଓ ଲାଲ୍ ପତାକା ମଧ୍ୟରେ ଲଢ଼େଇ ଲାଗି ହଜାର ହଜାର ଗାଁ ଲୋକ ବାସହରା ହୋଇଛନ୍ତି । ଲୋକମାନେ ଅତ୍ୟାଚାରର ଶିକାର ହୋଇ ଭୟରେ ଜଙ୍ଗଲ ମଧ୍ୟରେ ପ୍ରବେଶ କରିଛନ୍ତି । ଭୋକ ଦାଉରୁ ରକ୍ଷା କରିବା ପାଇଁ ସାହା ହୋଇଛି କେବଳ ଝରଣା ପାଣି ।

ଯୋସେଫ୍ ଦିଗଲକୁ ବେନାମୀ ଚିଠି ମିଳିବାର କିଛି ଦିନ ପରେ ଆରମ୍ଭ ହୋଇଛି ଦଙ୍ଗା । ଚିଠିରେ ତାକୁ ଧର୍ମ ପ୍ରଚାର ନକରିବା ପାଇଁ ଧମକ୍ ଦିଆ ଯାଇଥିଲା ଏବଂ ଘରଛାଡ଼ି ଚାଲିଯିବାକୁ କୁହାଯାଇ ଥିଲା । ଲିଙ୍ଗାଗଡ଼ ଗାଁର ଆକ୍ରମଣ ବିଭତ୍ସ ଏବଂ ଜୀବନ୍ତ ମନେ ହୁଏ । "ଉପାସନା ଘରର ଆଜବେଷ୍ଟ ଉପରେ ଚଢ଼ି ଦଳେ ହାମର୍‌ରେ ଆଜବେଷ୍ଟ ଭାଙ୍ଗି କଣା କରି ଦେଲେ ଆଉ ଦଳେ ଉପାସନା ଘର ଭିତରେ ଖ୍ରୀଷ୍ଟଙ୍କ ଫଟୋ, ବାଇବେଲ, ମହମବତୀ, ପାର୍ଥନା ପାଇଁ ବାଜୁଥିବା ବାଦ୍ୟ, ସତରଂଜୀ, ଚେୟାର ବେଂଚ୍, ଗୋଟିଏ ଜାଗାରେ ଠୁଳ କରି ନିଆଁ ଲଗେଇ ତା ଉପରେ ପେଟ୍ରୋଲ୍ ଘିଅ ଧରି ଢାଳିଲେ ।" (ଶ୍ରେଷ୍ଠ ଗଳ୍ପ, ଭୀମ ପୃଷ୍ଟି – ପୃଷ୍ଠା– ୨୨) ଆଦିବାସୀ ଯୋସେଫ୍ ଥିଲା ସେହି ଅଂଚଳର ଛୋଟକାଟିଆ ନେତା । ତାର ମୂଳଧର୍ମ ଆଦିବାସୀ । ଏହି ଦଙ୍ଗା ମଧ୍ୟରେ ରାଜନୀତିକ ଦିଗକୁ ମଧ୍ୟ ଗାଳ୍ପିକ ନିଖୁଣ ଭାବରେ ଚିତ୍ରିତ କରିଛନ୍ତି ।

ତାଙ୍କର ଅନ୍ୟ ଏକ ଗଳ୍ପ ହେଉଛି ଶୁଭ ଓ ଲାଭ ରେ ମଧ୍ୟ ଏହି ସାମ୍ପ୍ରତିକ ଦଙ୍ଗାର ଚିତ୍ର ବେଶ୍ ସ୍ପଷ୍ଟ । ଗୁଜୁରାଟରେ ଧ୍ୱଂସ ହୋଇ ଯାଇଥିବା ଅନେକ ସ୍ଥାନର ଚିତ୍ର ଗାଳ୍ପିକ ଦେଖାଇଛନ୍ତି । ଅହମଦ୍‌ବାଦ ଠାରେ ସାବରମତୀ ଆଶ୍ରମ ଥିଲା ଦିନେ ସବୁ ଧର୍ମର ବାସସ୍ଥଳୀ, ହେଲେ ଦିନେ ଟିକିଏ ଆଶ୍ରା ପାଇବାକୁ ଆଶାକରି ଆସିଥିବା ୧୫୦ ଜଣ ଲୋକଙ୍କ ଦେହରୁ ରକ୍ତ ବୋହିଯାଇଥିଲା ଗେଟ୍ ସାମ୍ନାରେ । ମୁସଲିମ୍ ଝିଅଟି ସବୁ ସ୍ଥାନର ପରିଚୟ କରାଉଥିବା ବେଳେ ଗୋଟେ ପଥରର ଶ୍ମଶାନକୁ ଦେଖାଇ କହିଲା – "କେବଳ ଏ ଈଶାନ୍ ମଲ୍ଲିକ୍ ମସ୍‌ଜିଦ୍‌କୁ ଭାଙ୍ଗିବେ ବୋଲି ଏହି ଅଣଓସାରିଆ ବଜାରର ଅନେକ ଦୋକାନକୁ ଭାଙ୍ଗି ଭାଙ୍ଗି ଏ ପାଖକୁ ବୁଲଡୋଜର୍ ଧରି ପଶିଲେ । ଅଧଘଣ୍ଟାରେ ଏ ସାତଶହ ବର୍ଷର ପୁରୁଣା ମସ୍‌ଜିଦ୍‌କୁ ଗଡ଼େଇ ପକାଇଲେ ।" ଏତଦ୍ ବ୍ୟତୀତ ତାଙ୍କ ଗଳ୍ପରେ ଆଦିବାସୀ ଗୁଳିକାଣ୍ଡ, ଆଦିବାସୀ ଅଂଚଳର ହିଂସା, କେନ୍ଦ୍ରାପଡ଼ା ଜିଲ୍ଲାର କେରଡ଼ା ଗଡ଼ ଗାଁରେ ହରିଜନ ମନ୍ଦିର ପ୍ରବେଶ, ବିରଜାଙ୍କ ମୂର୍ତ୍ତି ବଦଳ, ଇତ୍ୟାଦି ସାମ୍ପ୍ରଦାୟିକ ସମସ୍ୟା ଚିତ୍ରକୁ ନେଇ ଗଳ୍ପମାନ ରଚନା କରିଛନ୍ତି ।

ଅରବିନ୍ଦ ରାୟଙ୍କ 'ଦୁର୍ଗା' ଗଳ୍ପରେ ଗାଳ୍ପିକ ହିନ୍ଦୁ ଓ ମୁସଲମାନଙ୍କ ଦଙ୍ଗା ପ୍ରସଙ୍ଗକୁ ବର୍ଣ୍ଣନା କରିଛନ୍ତି । ସିଦ୍ଧେଶ୍ୱର ମନ୍ଦିରରେ କିଏ ଗୋରୁ ମାଂସ ପକାଇ ଦେବାରୁ; ତା ପରଠୁ ଆରମ୍ଭ ହୋଇଛି

ହିଂସାର ସ୍ୱର । ଦୁଇଟି ସଂପ୍ରଦାୟର ଲୋକମାନଙ୍କ ମଧ୍ୟରେ ଦିନେ ଥିଲା ଭାଇଚାରା ଭାବ । ପରସ୍ପରକୁ ଭାଇ ଡାକି କଥାହେଉଥିବା ଲୋକମାନଙ୍କ ମନରେ ଘୃଣା ଭାବ ସୃଷ୍ଟି ହେଲା । ଲୋକମାନେ କେବଳ ଘରେ ରହି ଟିଭିରେ ପୋଲିସମାନଙ୍କର ମାଳମାଳ ଚିତ୍ର ଦେଖିଲେ । ସଂଧ୍ୟାରେ ବଡ଼ବଡ଼ ବାବୁଙ୍କର ଭାଷଣ ଶୁଣି ସାବିତ୍ରୀ ମନରେ ବିଶ୍ୱାସ ଜାଗ୍ରତ ହେଲା । ପୁଅର ଦେହ ଖରାପ ଥିବାରୁ ଅଳ୍ପ ବୟସର ବ୍ରାହ୍ମଣ ବିଧବା ବୋହୂ ସାବିତ୍ରୀ ରାସ୍ତାକୁ ବାହାରି ଥିଲା ଔଷଧ ନେବା ପାଇଁ । ଔଷଧ ଆଣି ନପାରି ଘରକୁ ଫେରିବା ସମୟରେ ଅନ୍ଧାର ସ୍ଥାନରୁ ଦୁଇ ଜଣ ରାକ୍ଷାସ ତାକୁ ଶୂନ୍ୟରେ ଉଠାଇ ନେଲେ । ଛାଡ଼ି ଦେବା ପାଇଁ ଯେତେ ନେହୁରା ହେଲେ ମଧ୍ୟ ତାକୁ ସେମାନେ ଛାଡ଼ିଲେ ନାହିଁ । ଜଣେ କହିଲା – "ବେଃ ବନ୍ଦ କର । କହିଲି ପରା ଥରେ, ଦଙ୍ଗା ହେଲେ ସବୁ ଚଳିବ । ଭାଇ-ଭଉଣୀ, ବାପା-ମାଆ ସମସ୍ତେ ଦଙ୍ଗାରେ ପୂରା ସମାନ । ଦଙ୍ଗା ମାନେ ଯିଏ ଯାହା ପାରିବ କରିବ । କେହି କିଛି ରୋକି ପାରିବେ ନାହିଁ । ବୁଝିଲୁ ?"(ଜୋକର, ପୃ-୩୧) ରାତି ପାହିଲା ବେଳକୁ ସମସ୍ତେ ଦେଖିଲେ କଂସାଇଖାନାରେ ମରି ପଡ଼ିଛନ୍ତି ଦୁଇଜଣ । ଲୋକ ମାନେ କିଏ କ'ଣ ଭାବିଲେ, ପୋଲିସ ମଧ୍ୟ ତା' କଥାକୁ ବିଶ୍ୱାସ କରିପାରିଲା ନାହିଁ । କିଛି ଦିନ ପରେ ସମସ୍ତେ ସେ କଥାକୁ ଭୁଲି ଯାଇ ଦୁର୍ଗା ପୂଜା ପାଇଁ ମୂର୍ତ୍ତି ତିଆରି କଲେ । ଦୁର୍ଗାଙ୍କ ପାଦ ତଳେ ସଜେଇ ଦେଲେ ତ୍ରିଶୂଳବିଦ୍ଧ ହୋଇ ପଡ଼ିଥିବା ମହିଷାସୁରକୁ ।

ପରେଶ ପଟ୍ଟନାୟକଙ୍କ 'ସ୍ୱର୍ଗଦ୍ୱାର' ଗଳ୍ପରେ ଅଜୟ ଓ ଅଭୟ ବାପାଙ୍କ ଶବଦାହ ପାଇଁ ପୁରୀ ସ୍ୱର୍ଗ ଦ୍ୱାରା ନେଉଥିବା ସମୟରେ ଉତ୍ୟକ୍ତ ଜନତା ତାଙ୍କ ଗାଡ଼ିକୁ ପୋଡ଼ି ଦେଇଛନ୍ତି । ଗାଡ଼ି ସହିତ ତାଙ୍କ ବାପାଙ୍କ ଶବ ମଧ୍ୟ ଜଳିଯାଇଛି । ବଙ୍ଗରେ ଗୋଟିଏ ହିନ୍ଦୁ ମନ୍ଦିର ଭାଙ୍ଗି ଦେଇଥିବାରୁ ଓଡ଼ିଶାର ତାର ପ୍ରଭାବ ଦେଖାଯାଇଛି । ଏଥିରେ ମଧ୍ୟ ସାମ୍ପ୍ରଦାୟିକତା ଦଙ୍ଗାର ଚିତ୍ର ଦେଖିବାକୁ ମିଳେ ।

ଏହି ଭଳି ଭାବରେ ଓଡ଼ିଆ ଗଳ୍ପ ସାହିତ୍ୟରେ ବହୁ ଗାଳ୍ପିକଙ୍କ ଗଳ୍ପରେ ସାମ୍ପ୍ରଦାୟିକତାର ଚିତ୍ର ଦେଖିବାକୁ ମିଳେ । ଧର୍ମର ଦ୍ୱାହିଦେଇ ଏହି ଯେଉଁ ହିଂସା କାଣ୍ଡ ସୃଷ୍ଟି ହେଉଛି ତାହା ସାଧାରଣ ଜନତା ଉପରେ ପ୍ରଭାବ ପଡ଼ିବା ସହିତ, ସାଧାରଣତଃ ବେଶୀ ଅତ୍ୟାଚାରର ଶିକାର ହୋଇଛନ୍ତି ନାରୀ ମାନେ । ଏହି ସବୁ ସମସ୍ୟାକୁ ନେଇ ଗାଳ୍ପିକମାନେ ସଫଳ ଗଳ୍ପ ରଚନା କରିବାରେ ସକ୍ଷମ ହୋଇଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ବାରିକ, ବନଜବାସିନୀ, ଓଡ଼ିଆ ଗଳ୍ପରେ ନବଚେତନ, ଅଗ୍ରଦୂତ, କଟକ, ୨୦୧୭ ।

୨. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୮ ।

୩. ପୃଷ୍ଟି, ଭୀମ, ଶ୍ରେଷ୍ଠ ଗଳ୍ପ, ଟାଇମ୍ ପାସ୍, ୨୦୧୭

୪. ରାୟ, ଅରବିନ୍ଦ, ଜୋକର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୭

**ଇଣ୍ଟରନେଟ୍ :**

୫. www.britannica.com


❖ ❖ ❖

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

ଖୁସିର ସହିତ ଜଣାଉଛୁ ଯେ,
ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।







**PRACHEE SAHITYA SAMAJ PUBLICATION**
At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name..........................................................................................................

Address......................................................................Pin code ..........................

Mobile No.........................................E-Mail.........................................................

I am sending, Rs......................,(Bank Draft) Postal extra

Check Number..................................................................Date..........................................

Bank...........................................................Place..............................................................

Date..............................................Signature.......................................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ